
# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର,ଏପ୍ରିଲ ୨୨/୨୦୧୯ ( ୨୦ ପୃଷ୍ଠା) Dhenkanal, Monday, April 22 / 2019 ★★★★★

୧୫ଶ ଭାଗ ୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-







ଜାତୀୟ ନିରାପତ୍ତା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ ନିଯୁକ୍ତି ଏବଂ କୃଷି ସମସ୍ୟା ମୁଖ୍ୟ ନିର୍ବାଚନ ପ୍ରସଙ୍ଗ।

-ପି. ଚିଦାମ୍ବରମ, କଂଗ୍ରେସ ନେତା





ଶ୍ରୀଲଙ୍କାର କୋଚ୍ଚିକେଡ୍‌ସ୍ଥିତ ସେଣ୍ଟ ଆନ୍ଥୋନି ଚର୍ଚ୍ଚରେ ବିସ୍ଫୋରଣ ପର ଦୃଶ୍ୟ।



କଲମ୍ବୋରେ ଶ୍ରୀଲଙ୍କା ବାୟୁସେନା ପକ୍ଷରୁ ହେଲିକପ୍ଟରରେ ଆତଙ୍କବାଦୀଙ୍କ ତଲାସି ଚାଲିଛି।



ବିସ୍ଫୋରଣରେ ନିଜ ଆତ୍ମୀୟସ୍ୱଜନଙ୍କୁ ହରାଇ ମ୍ରିୟମାଣ ଲୋକେ।

## ସଂକ୍ଷେପରେ

### ଚିତାବାଘ ମୁହଁରୁ ଶିଶୁପୁତ୍ରକୁ ଉଦ୍ଧାର କଲେ ମହିଳା

**ପିମ୍ପ୍ରି ଚିଞ୍ଚୱାଡା,୨୧।୪:** ଚିତାବାଘ ମୁହଁରୁ ଜଣେ ମହିଳା ତାଙ୍କର ୧୮ ମାସର ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି। ଏହି ଘଟଣା ଘଟିଛି ମହାରାଷ୍ଟ୍ରର ପୁନେ ଜିଲା ଅନ୍ତର୍ଗତ ଜୁନ୍ନାର ସହର ନିକଟସ୍ଥ ଏକ ଗ୍ରାମରେ। ଶୁକ୍ରବାର ରାତି ସାଢ଼େ ଗୋଟାଏ ବେଳେ ଶିଶୁଟି ତାଙ୍କ ମାଆ ସହିତ ଘର ଅଗଣାରେ ଶୋଇଥିଲା। ଏହି ସମୟରେ ଏକ ଚିତାବାଘ ଚାଲିଆସି ଶିଶୁଟିର ମୁଣ୍ଡକୁ ପାଟିରେ କାମୁଡି ଥରିଥିଲା। ମହିଳା ଜଣକ ଖାଲି ହାତରେ ବାଘକୁ ଆକ୍ରମଣ କରିବାରୁ ସେ ଶିଶୁକୁ ଛାଡି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ତେବେ ମହିଳା ଜଣଙ୍କ ଜୋରରେ ଚିତ୍କାର କରିବାରୁ ବାଘ ସେଠାରୁ ପଳାଇଯାଇଥିଲା। ଶିଶୁଟିର ବେକ, ବାମ ଆଖି ଓ କାନ ପାଖରେ ଚିତାବାଘ ଦାନ୍ତ ଚିହ୍ନ ରହିଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ମନ୍ଦିରରେ ଦଳାଚକଟା: ୭ ମୃତ

**ତ୍ରିଚି,୨୧।୪:** ତାମିଲନାଡୁର ତ୍ରିଚି ଜିଲାରେ ଥିବା କାରୁପାସ୍ୱାମୀ ମନ୍ଦିରରେ ରବିବାର ଦଳାଚକଟା ଘଟି ୪ ମହିଳାଙ୍କ ସମେତ ୭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ୧୦ରୁ ଊର୍ଦ୍ଧ୍ୱ ଆହତଙ୍କୁ ଥୁରାୟୁରସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚୈତ୍ର ପୂର୍ଣ୍ଣିମା ଅବସରରେ ପୂଜାର୍ଚ୍ଚନା ପାଇଁ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପୂଜକଙ୍କଠାରୁ ଟଙ୍କିକିଆ ମୁଦ୍ରା ସଂଗ୍ରହ ଲାଗି ଠେଲାପେଲାରୁ ଦଳାଚକଟା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ପ୍ରକାଶ ଯେ ଚୈତ୍ରପୂର୍ଣ୍ଣିମାରେ ମନ୍ଦିର ହୁଣ୍ଡିରୁ ବାହାରିଥିବା ମୁଦ୍ରା ପୂଜକଙ୍କଠାରୁ ନେଇ ଘରେ ରଖିଲେ ଧନସମ୍ପତ୍ତି ବଢ଼ିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି।

### ଟାୟାର ଭିତରୁ ଜବତ ହେଲା ୨.୩ କୋଟି

**ବେଙ୍ଗାଲୁରୁ,୨୧।୪:** କର୍ଣ୍ଣାଟକର ବେଙ୍ଗାଲୁରୁରୁ ଶିବମୋଗା ଏବଂ ଭଦ୍ରାବତୀ ଅଭିମୁଖେ ଯାଉଥିବା ଏକ କାରର ସ୍ପେୟାର ଟାୟାରରୁ ଆୟକର ଅଧିକାରୀମାନେ ୨.୩ କୋଟି ଟଙ୍କା ଜବତ କରିଛନ୍ତି। ଲୋକ ସଭା ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ଲାଗି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ରାଜନୈତିକ ଦଳ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ଗାଡି ଯାଞ୍ଚ କରାଯାଉଛି। ଶନିବାର କର୍ଣ୍ଣାଟକ ଓ ଗୋଆରୁ ଆୟକର ବିଭାଗ ୪.୫ କୋଟି ଟଙ୍କା ଜବତ କରିଥିଲା। ଟାୟାର ଭିତରୁ ଆୟକର ଅଧିକାରୀମାନେ ଟଙ୍କା ବାହାର କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ୧୭ ତାରିଖ ସୁଦ୍ଧା ବିଭିନ୍ନ ସ୍ଥାନରୁ ୨୬୦୦ କୋଟି ଟଙ୍କାରୁ ଅଧିକ ଜବତ ହୋଇଥିଲା। ଏହା ୨୦୧୪ ନିର୍ବାଚନ ବେଳେ ଜବତ ହୋଇଥିବା ଟଙ୍କାର ଦୁଇ ଗୁଣରୁ ଅଧିକ। ୨୦୧୪ ଲୋକସଭା ନିର୍ବାଚନ ବେଳେ ୧୨୦୦ କୋଟି ଟଙ୍କା ଜବତ ହୋଇଥିଲା।

### ଇତିହାସର ଆଇନାରେ

### ଏପ୍ରିଲ ୨୨ର ପ୍ରମୁଖ ଘଟଣା

୧୯୭୦ ଏପ୍ରିଲ ୨୨ରେ ପ୍ରଥମକରି ଧରିତ୍ରୀ ଦିବସ ପାଳନ କରାଯାଇଥିଲା। ଏହି ଦିବସ ପ୍ରତିବର୍ଷ ଏପ୍ରିଲ ୨୨ରେ ବିଶ୍ୱବ୍ୟାପୀ ପାଳିତ ହୋଇଆସୁଛି। ପରିବେଶର ସୁରକ୍ଷା ପାଇଁ ଏହା ଏକ ଅଭିଯାନ।

୨୦୧୪ ଏପ୍ରିଲ ୨୨ରେ ଦି ଡେମୋକ୍ରାଟିକ ରିପବ୍ଲିକ୍ ଅଫ୍ କଙ୍ଗୋର କାଟାଙ୍ଗା ପ୍ରଦେଶରେ ଟ୍ରେନ୍ ଦୁର୍ଘଟଣା ଯୋଗୁ ୬୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୮୦ ଲୋକ ଗୁରୁତର ଆହତ ହୋଇଥିଲେ।

## ହୋଟେଲକୁ ଆତଙ୍କବାଦୀଙ୍କ ଟାର୍ଗେଟ

# ପ୍ରଭାବିତ ହେବ ଶ୍ରୀଲଙ୍କା ପର୍ଯ୍ୟଟନ

**କଲମ୍ବୋ,୨୧।୪ (ପି.ଟି./ ଆଇଏଏନ୍‌ଏସ୍)**

ଶ୍ରୀଲଙ୍କାରେ ରବିବାର ଇଷ୍ଟର ପାଳନ ବେଳେ ଆତଙ୍କବାଦୀ ଆକ୍ରମଣ ଦେଶର ପର୍ଯ୍ୟଟନ ଶିଳ୍ପ ଉପରେ ପ୍ରଶ୍ନଚିହ୍ନ ଲଗାଇଦେଇଛି। ଗ୍ରୀଷ୍ମ ଅବକାଶ ସମୟରେ ଶ୍ରୀଲଙ୍କାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱର ଅନେକ ଦେଶରୁ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗିରହିଥାଏ। ହେଲେ ଏହି ଋତୁରେ ପର୍ଯ୍ୟଟନସ୍ଥଳୀ, ହୋଟେଲ ବ୍ୟବସାୟ ଓ ଟୁର୍ ଅପରେଟରଙ୍କ ବେପାରକୁ ସଦ୍ୟ ଆକ୍ରମଣ ପ୍ରଭାବିତ କରିବ ବୋଲି କୁହାଯାଉଛି।

୨୦୧୨ ଜନଗଣନା ଅନୁସାରେ ଶ୍ରୀଲଙ୍କାର ମୋଟ ଜନସଂଖ୍ୟା ହେଉଛି ୨୨ ନିୟୁତ। ସେମାନଙ୍କ ମଧ୍ୟରୁ ୭୦% ବୌଦ୍ଧ ହୋଇଥିବାବେଳେ ୧୨.୬% ହିନ୍ଦୁ, ୯.୭% ମୁସଲମାନ ଓ ୭.୬% ହେଉଛନ୍ତି ଖ୍ରୀଷ୍ଟିୟାନ। ୨୦୧୮ରେ ଶ୍ରୀଲଙ୍କାକୁ ୨.୩ ନିୟୁତ ବିଦେଶୀ ପର୍ଯ୍ୟଟକ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪,୫୦,୦୦୦ ହେଉଛନ୍ତି ଭାରତୀୟ। ଦ୍ୱୀପରାଷ୍ଟ୍ର ପାଇଁ ଭାରତ ସବୁଠୁ ବଡ଼ ବଜାରର ଉତ୍ସ ହୋଇଥିବାରୁ ଚଳିତ ବର୍ଷ ସେଠାକୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ପର୍ଯ୍ୟଟନ ପାଇଁ ଯିବେ ବୋଲି ଶ୍ରୀଲଙ୍କା ଆଶା କରିଥିଲା। କିନ୍ତୁ ଯାତ୍ରା ଋତୁ ଆରମ୍ଭରେ ଏହି ସିରିଜ ବିସ୍ଫୋରଣ ଘଟିଥିବାରୁ ବାର୍ଷିକ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବ। ଆଗାମୀ ମାସଗୁଡ଼ିକରେ ପର୍ଯ୍ୟଟନ ଶିଳ୍ପ ବହୁଳ ଭାବେ ପ୍ରଭାବିତ ହେବ ବୋଲି ସେଠାକାର କର୍ତ୍ତୃପକ୍ଷ କହିଛନ୍ତି। ଏକ ଆକଳନ ଅନୁସାରେ ପର୍ଯ୍ୟଟନ କ୍ଷେତ୍ରରୁ ୨୦୧୮ ଅକ୍ଟୋବରରେ ଶ୍ରୀଲଙ୍କା ୨୮୪ ନିୟୁତ ଡଲାର ଆୟ କରିଥିବାବେଳେ ନଭେମ୍ବରରେ ଏହା ୩୬୨.୭ ନିୟୁତ ଡଲାରକୁ ବୃଦ୍ଧି ପାଇଥିଲା। ହେଲେ ଏବେ ପର୍ଯ୍ୟଟନରେ ଅଭିବୃଦ୍ଧିର ଏହି ଧାରା ପ୍ରଭାବିତ ହେବ ବୋଲି ସେଠାକାର ପ୍ରଧାନମନ୍ତ୍ରୀ ରନିଲ୍ ୱିକ୍ରମସିଂହେ କହିଛନ୍ତି। ସେହିପରି ୩୦ ବର୍ଷ ପରେ ପ୍ରଥମଥର ପାଇଁ ତିନୋଟି ହୋଟେଲକୁ ଏପରି ଟାର୍ଗେଟ କରାଯାଇଛି ବୋଲି ଶ୍ରୀଲଙ୍କା ଆସୋସିଏଶନ୍ ଅଫ୍ ଇନ୍‌ବାଉଣ୍ଡ ଟୁର୍ ଅପରେଟର୍ସ (ଏସ୍‌ଏଲ୍‌ଏଆଇଟିଓ) ଅଧ୍ୟକ୍ଷ ହରିଥ୍ ପେରେରା କହିଛନ୍ତି।



ଶାଙ୍ଗ୍ରି-ଲା ଷ୍ଟାର ହୋଟେଲର କାଚ୍ଚ ବିସ୍ଫୋରଣରେ ଉଡ଼ିଯାଇଛି।

### ୧୦ ଦିନ ପୂର୍ବରୁ ମିଳିଥିଲା ସୂଚନା

**କଲମ୍ବୋ,୨୧।୪(ପି.ଟି.):** ଶ୍ରୀଲଙ୍କାର କେତେକ ଚର୍ଚ୍ଚରେ ରବିବାର ଆତ୍ମଘାତୀ ଆକ୍ରମଣ ହୋଇପାରେ ବୋଲି ସେଠାକାର ପୋଲିସ ମୁଖ୍ୟ ପୁଜୁଥ୍ ଜୟସୁନ୍ଦରା ୧୦ ଦିନ ପୂର୍ବରୁ ସତର୍କ ସୂଚନା ଜାରି କରିଥିଲେ। ଏନେଇ ଗତ ୧୧ ତାରିଖରେ ସେ ଗୋଇନ୍ଦା ବିଭାଗକୁ ପତ୍ର ଲେଖି ଆକ୍ରମଣ ଏଡାଇବାକୁ ଜଣାଇଥିଲେ। ନ୍ୟାଶନାଲ୍ ଥୋୱିଥ୍ ଜମାତ୍ (ଏନ୍‌ଟିଜେ) କେତେକ ପ୍ରମୁଖ ଚର୍ଚ୍ଚ ଏବଂ କଲମ୍ବୋସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ଅଫିସରେ ଆକ୍ରମଣ କରିପାରେ ବୋଲି ଏକ ବିଦେଶୀ ଗୋଇନ୍ଦା ସଂସ୍ଥା ମଧ ପୂର୍ବରୁ ସୂଚନା ଦେଇଥିଲା।

### ମୃତକଙ୍କ ମଧରେ ୩ ଭାରତୀୟ



**ନୂଆଦିଲ୍ଲୀ,୨୧।୪:** ଶ୍ରୀଲଙ୍କାରେ ରବିବାର ହୋଇଥିବା ସିରିଜ ବିସ୍ଫୋରଣରେ ୨୧୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୩ ଜଣ ଭାରତୀୟ ଅଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଟୁଇଟ୍ କରି ଏହା ଜଣାଇଛନ୍ତି। ଶ୍ରୀଲଙ୍କାର ଜାତୀୟ ହସ୍ପିଟାଲ ସୂତ୍ରରୁ ଏହି ସୂଚନା ଦିଆଯାଇଥିବା ସେଠାରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ସୁଷମାଙ୍କୁ ଅବଗତ କରାଇଥିଲେ। ମୃତକମାନେ ହେଲେ ଲୋକାଶିନୀ, ନାରାୟଣ ଚନ୍ଦ୍ରଶେଖର ଏବଂ ରମେଶ। ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ସୁଷମା ଟୁଇଟ୍ କରିଛନ୍ତି।

### ଭୁଲ୍ ଟୁଇଟ୍ କଲେ ଟ୍ରମ୍ପ୍

**ୱାଶିଂଟନ,୨୧।୪(ପି.ଟି.)**




ଶ୍ରୀଲଙ୍କାରେ ଇଷ୍ଟର ପାଳନ ବେଳେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁ ୨୧୫ ନିହତ ଓ ୫୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ଏହାକୁ ନେଇ ଶୋକବ୍ୟକ୍ତ କରିବାକୁ ଯାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭୁଲ୍ ଟୁଇଟ୍ କରିଛନ୍ତି। ଟ୍ରମ୍ପ୍ ନିଜ ଟୁଇଟର୍ ଆକାଉଣ୍ଟରେ ଲେଖିଛନ୍ତି, ଶ୍ରୀଲଙ୍କାରେ ବିସ୍ଫୋରଣରେ ଅନ୍ୟୂନ ୧୩୮ ନିୟୁତ ପ୍ରାଣ ହରାଇଛନ୍ତି ଓ ୬୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କୁ ଆମେରିକାବାସୀଙ୍କ ପକ୍ଷରୁ ସମବେଦନା ଜଣାଉଛି। ଶ୍ରୀଲଙ୍କାକୁ ସାହାଯ୍ୟ ପାଇଁ ଆମେ ପ୍ରସ୍ତୁତ!

## ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

**ନୂଆଦିଲ୍ଲୀ,୨୧।୪**



ଆସନ୍ତା ୨୩ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ୧୧୫ ଲୋକ ସଭା ଆସନ ପାଇଁ ମତଦାନ ହେବ। ସେଗୁଡିକ ହେଲା ଆସାମର ୪ଟି ଆସନ, ବିହାରର ୫, ଛତିଶଗଡ଼ର ୭, ଗୁଜରାଟର ୨୬, ଗୋଆର ୨, ଜମ୍ମୁ-କଶ୍ମୀରର ଗୋଟିଏ, କର୍ଣ୍ଣାଟକର ୧୪, କେରଳର ୨୦, ମହାରାଷ୍ଟ୍ରର ୧୪, ଓଡିଶାର ୬, ଉତ୍ତରପ୍ରଦେଶର ୧୦, ପଶ୍ଚିମବଙ୍ଗର ୫, ଦାଦ୍ରା ଓ ନଗର ହାଭେଲିର ଗୋଟିଏ ଏବଂ ଡାମନ ଓ ଡିଉର ଗୋଟିଏ ଆସନ। ଏଥିସହିତ ଓଡିଶାର ୪୨ଟି ବିଧାନସଭା ଆସନ ଲାଗି ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଭାଜପା ଅଧ୍ୟକ୍ଷ ଅମିତ ଶାହ(ଗାନ୍ଧୀନଗର), କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ(ୱାୟନାଡ୍), ସମାଜବାଦୀ ପାର୍ଟିର ପୃଷ୍ଠପୋଷକ ମୁଲାୟମ ସିଂ ଯାଦବ (ମୈନପୁରୀ), ମଲ୍ଲିକାର୍ଜୁନ ଖାର୍ଗେ(ଗୁଲ୍‌ବର୍ଗା), ସୁପ୍ରିୟା ସୁଲେ, ସୁଜୟ ଭିଖେ ପାଟିଲ।

ତୃତୀୟ ପର୍ଯ୍ୟାୟରେ ଗୁଜରାଟର ସମସ୍ତ ୨୬ ଆସନରେ ମତଦାନ ହେବାକୁ ଥିବାରୁ ରବିବାର ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଟନରେ ର୍‍ୟାଲି ଏବଂ ଅମିତ ଶାହା ଗାନ୍ଧୀନଗରରେ ରୋଡ୍ ଶୋ କରିଥିଲେ। ୪ଟି ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ପାଇଁମଧ ପ୍ରଚାର ରବିବାର ଶେଷ ହୋଇଛି। ଛତିଶଗଡର ୭ ଆସନ ପାଇଁ ୧୨୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ମଙ୍ଗଳବାର ମହାରାଷ୍ଟ୍ରର ୧୪ ଆସନରେ ୨୪୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ଏହି ପର୍ଯ୍ୟାୟରେ ଗୋଆର ୨ ଲୋକ ସଭା ଆସନରେ ନିର୍ବାଚନ ସାଙ୍ଗକୁ ତିନୋଟି ବିଧାନସଭା ଆସନରେ ଉପନିର୍ବାଚନ ହେବ। ଦୁଇ ଲୋକ ସଭା ଆସନରେ ୧୨ ପ୍ରାର୍ଥୀ ଏବଂ ୩ ବିଧାନସଭା ଆସନ ଲାଗି ୧୮ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ପଶ୍ଚିମବଙ୍ଗର ୫ ଆସନରେ ଟିଏମ୍‌ସି, ଭାଜପା, କଂଗ୍ରେସ ଏବଂ ବାମଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

## ବାବ୍ରି ମସ୍‌ଜିଦ ଭଙ୍ଗାକୁ ନେଇ ଗର୍ବିତ



### ପୁଣି ବିବାଦରେ ପ୍ରଜ୍ଞା ଠାକୁର

### ଦ୍ୱିତୀୟ ନୋଟିସ ପଠାଇଲେ ଇସି

**ଭୋପାଳ,୨୧।୪(ପି.ଟି.)**

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ମହାରାଷ୍ଟ୍ର ଏଟିଏସ୍ ମୁଖ୍ୟ ହେମନ୍ତ କର୍‌କରେଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇ ବିବାଦକୁ ଆସିଥିବା ଭୋପାଳ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ଶନିବାର ଆଉ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଅଯୋଧ୍ୟାର ବାବ୍ରି ମସ୍‌ଜିଦ ଭାଙ୍ଗିବାରେ ଭାଗନେଇଥିବାରୁ ଏହା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଜ୍ଞା କହିବା ପରେ ନିର୍ବାଚନ କମିଶନ(ଇସି) ଦ୍ୱିତୀୟ ଥର ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନୋଟିସ ପାଇବା ସତ୍ତ୍ୱେ ସେ ତାଙ୍କ ମନ୍ତବ୍ୟରେ ଅଟଳ ରହିବେ ଏବଂ ଆଇନ ଅନୁଯାୟୀ ଏହାର ଜବାବ ଦିଆଯିବ ବୋଲି ମାଲେଗାଓଁ ବିସ୍ଫୋରଣର ଅଭିଯୁକ୍ତ କହିଛନ୍ତି। ଏକ ଟିଭି ଚ୍ୟାନେଲକୁ ପ୍ରଜ୍ଞା କହିଥିଲେ, ସେ ବାବ୍ରି ଢ଼ାଞ୍ଚା ଉପରେ ଚଢ଼ି ଏହାକୁ ଭାଙ୍ଗିଥିବାରୁ ଖୁବ୍ ଗର୍ବିତ। ଦେଶର କଳଙ୍କ ହଟାଇବାକୁ ତାଙ୍କୁ ଭଗବାନ ଶକ୍ତି ଦେଇଥିଲେ। ସେଠାରେ ଭବ୍ୟ ରାମମନ୍ଦିର ନିର୍ମାଣ ହେବ। ଶହୀଦ କର୍‌କରେ ତାଙ୍କ ଅଭିଶାପରେ ମରିଥିଲେ ବୋଲି କହିଥିବା ପ୍ରଜ୍ଞାଙ୍କୁ ପୂର୍ବରୁ ଇସି ନୋଟିସ ଜାରି କରିଥିଲେ। କର୍‌କରେଙ୍କ ସମ୍ପର୍କରେ ପ୍ରଜ୍ଞାଙ୍କ ଘୃଣିତ ମନ୍ତବ୍ୟକୁ ରବିବାର ୮ ଜଣ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଦୃଢ଼ ନିନ୍ଦା କରିଛନ୍ତି। ଦେଶ କର୍‌କରେଙ୍କ ନିକଟରେ ଋଣୀ। ଦେଶ ପାଇଁ ଜୀବନ ଦେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାକୁ ସେମାନେ ଦାବି କରିଛନ୍ତି।

## 'ରାହୁଲ କହିଲେ ବାରାଣସୀରୁ ଲଢ଼ିବି'

**ୱାୟାନାଡ୍,୨୧।୪**



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଲେ ବାରାଣସୀ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରବିବାର କହିଛନ୍ତି। ରାହୁଲ ପ୍ରାର୍ଥୀ ହୋଇଥିବା କେରଳର ୱାୟନାଡ୍‌ରେ ପ୍ରଚାର ପାଇଁ ୨ ଦିନିଆ ଗସ୍ତରେ ଭଉଣୀ ପ୍ରିୟଙ୍କା ଯାଇଥିଲେ। ଫେରିବା ବେଳେ ପ୍ରିୟଙ୍କା ଗଣମାଧ୍ୟମକୁ କହିଛନ୍ତି, ସେ ବାରାଣସୀରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି। ତେବେ ଏଥିପାଇଁ ରାହୁଲଙ୍କ ଅନୁମତି ଆବଶ୍ୟକ। ପ୍ରକାଶ ଯେ ବାରାଣସୀ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ କ୍ଷେତ୍ର।

### ରାଣୀ ଏଲିଜାବେଥ୍‌ଙ୍କୁ ୯୩


**ଲଣ୍ଡନ,୨୧।୪**

ବ୍ରିଟେନ ରାଣୀ ଏଲିଜାବେଥ୍ ଦ୍ୱିତୀୟ ରବିବାର ୯୩ ବର୍ଷରେ ପଦାର୍ପଣ କରିଛନ୍ତି। ପଶ୍ଚିମ ଲଣ୍ଡନର ସେଣ୍ଟ ଜର୍ଜ ଚାପେଲରେ ରାଜ ପରିବାର ସଦସ୍ୟମାନଙ୍କ ଗହଣରେ ରାଣୀ ଜନ୍ମଦିନ ଓ ଇଷ୍ଟର ପର୍ବ ପାଳନ କରିଥିଲେ। ପ୍ରତିବର୍ଷ ରାଣୀଙ୍କର ଦୁଇଟି ଜନ୍ମଦିନ ପାଳନ କରାଯାଇଥାଏ।

## ଲକ୍ଷାଧିକ ଲୋକଙ୍କ ପାସୱାର୍ଡ '୧୨୩୪୫୬'

**ଲଣ୍ଡନ,୨୧।୪(ପି.ଟି)**

ବିଶ୍ୱର ଲକ୍ଷଲକ୍ଷ ଲୋକ ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟ ପାଇଁ ସହଜରେ ମନେରହିବା ଭଳି ପାସୱାର୍ଡ '୧୨୩୪୫୬' ଏବଂ 'କ୍ୟୁଡବ୍ଲ୍ୟୁଇଆରଟିୱାଇ' ବ୍ୟବହାର କରୁଥିବା ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ବ୍ରିଟେନ୍‌ର ନ୍ୟାଶନାଲ ସାଇବର ସିକ୍ୟୁରିଟି ସେଣ୍ଟର (ଏନ୍‌ସିଏସ୍‌ସି) ଦ୍ୱାରା ତଥ୍ୟ ବିଶ୍ଳେଷଣରୁ ଏହି ସୂଚନା ମିଳିଛି। ଜନସାଧାରଣ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟଗୁଡିକ ପାଇଁ ପାଖାପାଖି ଡିଜିଟ୍ ସହିତ ସ୍ମରଣଯୋଗ୍ୟ ଶବ୍ଦକୁ ଯୋଡି ଏକ ବଳିଷ୍ଠ ପାସୱାର୍ଡ ପ୍ରସ୍ତୁତ କରିବା ଉଚିତ। ଉକ୍ତ ସଂସ୍ଥା ଏହାର ପ୍ରଥମ ସାଇବର-ସର୍ଭେରେ ଜନସାଧାରଣଙ୍କ ଡାଟାବେସ୍‌କୁ ବିଶ୍ଳେଷଣ କରିଥିଲା। କେଉଁ ଶବ୍ଦ, ଫ୍ରେଜ୍ ଓ ଡିଜିଟ୍‌ଗୁଡିକୁ ଲୋକେ ପାସୱାର୍ଡ ଭାବେ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି ତାହା ପରୀକ୍ଷାନିରୀକ୍ଷା କରାଯାଇଥିଲା। ଉକ୍ତ ତାଲିକାର ଶୀର୍ଷରେ ରହିଥିଲା '୧୨୩୪୫୬'। ବିଶ୍ୱରେ ୨୩ ନିୟୁତରୁ ଅଧିକ ଲୋକ ଏଭଳି ପାସୱାର୍ଡ ବ୍ୟବହାର କରନ୍ତି। ଦ୍ୱିତୀୟ ସର୍ବାଧିକ ବ୍ୟବହୃତ ପାସୱାର୍ଡ ହେଉଛି '୧୨୩୪୫୬୭୮୯'। ଏହାକୁ ମନେପକାଇବା ଏତେ କଷ୍ଟକର ନୁହେଁ। ଏହା ପଛକୁ ଅନ୍ୟ ୩ଟି ହେଉଛି 'କ୍ୟୁଡବ୍ଲ୍ୟୁଇଆରଟିୱାଇ', 'ପାସୱାର୍ଡ' ଏବଂ '୧୧୧୧୧୧୧'।




## ସଂଘର୍ଷରେ ଗଲାଣି ୨୨୦ ଜୀବନ

### ଲିବ୍ୟାରେ ସଙ୍କଟ

**ବେଙ୍ଘାଜି,୨୧।୪**



ଲିବ୍ୟାରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ଜାତିସଂଘ ସମର୍ଥିତ ସରକାରଙ୍କୁ କ୍ଷମତାଚ୍ୟୁତ କରି ରାଜଧାନୀ ତ୍ରିପୋଲିକୁ କବ୍‌ଜା କରିବା ଲାଗି ସରକାରୀ ସୈନ୍ୟବାହିନୀ ଓ ବିଦ୍ରୋହୀଙ୍କ ମଧ୍ୟରେ ଦୁଇ ସପ୍ତାହ ଧରି ସଂଘର୍ଷ ଲାଗି ରହିଛି। ଏଥିରେ ୨୨୦ ଜଣଙ୍କ ମୃତ୍ୟୁ ହେବା ସହ ୧୦୬୬ ଆହତ ହେଲେଣି। ପୂର୍ବ ତ୍ରିପୋଲିରେ ଫିଲ୍ଡ ମାର୍ଶାଲ ଖଲିଫା ହିଫ୍‌ଟରଙ୍କ ନେତୃତ୍ୱରେ ଲିବ୍ୟା ଜାତୀୟ ସୈନ୍ୟବାହିନୀ (ଏଲ୍‌ଏନ୍‌ଏ) ଏବଂ ବିଦ୍ରୋହୀ ଲିବ୍ୟା ବାହିନୀ ମଧ୍ୟରେ ଗତ ୫ ତାରିଖରୁ ଏହି ସଂଘର୍ଷ ଜାରି ରହିଛି। ଜାତିସଂଘ ସମର୍ଥିତ ସରକାର ସହ ମେଣ୍ଟ କରିଥିବା ମିଲିସିଆମାନେ ଅଲୱାତ୍ୟାର ଏୟାରବେସ୍ ଏବଂ ଘେରିଆନ୍ ସହରରେ ଆକାଶମାର୍ଗରୁ ବୋମାବର୍ଷଣ କରିଛନ୍ତି। ଜନବସତି ଅଞ୍ଚଳରେ ମଧ ସଂଘର୍ଷ ଜାରି ରହିଛି। ଉଭୟ ଗୋଷ୍ଠୀ ଭାରୀ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସହ ଆକାଶମାର୍ଗରୁ ଆକ୍ରମଣ କରୁଛନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇ କରୁଥିବା ନେତାମାନଙ୍କୁ ଆମେରିକାର ସମର୍ଥନ ଜାରି ରହିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫିଲ୍ଡ ମାର୍ଶାଲ ହିଫ୍‌ଟରଙ୍କୁ ଫୋନ ଯୋଗେ କହିଛନ୍ତି। ଅନ୍ୟପକ୍ଷରେ ସଂଘର୍ଷ ଲାଗି ରହିଥିବାବେଳେ ସହଯୋଗୀ ରାଷ୍ଟ୍ରଗୁଡିକ ନୀରବ ରହିଥିବାରୁ ଲିବ୍ୟା ପ୍ରଧାନମନ୍ତ୍ରୀ ଫୟେଜ୍ ଅଲ୍-ସେରା ଏହାର ନିନ୍ଦା କରିଛନ୍ତି। ସଂଘର୍ଷ ଲାଗି ରହିଥିବାରୁ ସୁରକ୍ଷାଗତ କାରଣରୁ ତ୍ରିପୋଲିକୁ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ଦୁଇଟି ବିମାନକୁ ମିଟିଗା ବିମାନ ବନ୍ଦରରୁ ପୂର୍ବରେ ଥିବା ମିସ୍ରାଟାକୁ ନିଆଯାଇଛି। ଲକ୍ଷାଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ତ୍ରିପୋଲିରେ ଥିବା ୫୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ତୁରନ୍ତ ପଳାଇ ଆସିବାକୁ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଦୁଇ ଦିନ ତଳେ ଟ୍ୱିଟ୍ କରି ପରାମର୍ଶ ଦେଇଥିଲେ। ସେଠାରେ ପରିସ୍ଥିତି ଦିନକୁ ଦିନ ଖରାପ ହେଉଛି। ବିମାନ ଚଳାଚଳ ବନ୍ଦ ହେବା ଆଶଙ୍କା କରି ଅଧିକ ଦିନ ସେଠାରେ ରହିଲେ ଆସିବା ସହଜ ହୋଇ ନ ପାରେ ବୋଲି ସୁଷମା କହିଥିଲେ।

# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର,ଏପ୍ରିଲ ୨୨/୨୦୧୯ Dhenkanal, Monday, April 22 / 2019





## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ଅନନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଭାଜପାରେ ୫ ନେତାଙ୍କୁ ମୁଖପାତ୍ର ଦାୟିତ୍ୱ

**ଭୁବନେଶ୍ୱର, ୨୧।୪ (ବ୍ୟୁରୋ):** ରାଜ୍ୟରେ ଦୁଇଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଯାଇଛି। ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ବାକି ରହିଛି। ତୃତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବ। ଏଭଳି ସ୍ଥିତିରେ ମଧ୍ୟ ଭାଜପା ବିଭିନ୍ନ ନେତାମାନଙ୍କୁ ନୂଆନୂଆ ଦାୟିତ୍ୱ ବାଣ୍ଟି ଚାଲିଛି। ଭାଜପା ରବିବାର ଦଳର ସାଙ୍ଗଠନିକ କାର୍ଯ୍ୟ ଅଧିକ କ୍ରିୟାଶୀଳ କରିବା ପାଇଁ ବିଷ୍ଣୁ ଦାସ, ଉମାକାନ୍ତ ପଟ୍ଟନାୟକ, ଉର୍ମିଳା ମହାପାତ୍ର, ସୋନାଲି ସାହୁ ଏବଂ ଚିତ୍ରଲେଖା ମହାନ୍ତିଙ୍କୁ ରାଜ୍ୟ ମୁଖପାତ୍ର ଭାବେ ନିଯୁକ୍ତି ଦେଇଛି। ଦଳର ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ସେମାନଙ୍କୁ ଏହି ଦାୟୀତ୍ୱ ଦେଇଛନ୍ତି। ଏନେଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ନୀଚ ରାଶିରେ ମନକାରକ ଚନ୍ଦ୍ର ଥିଲେ ମଧ୍ୟ ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରେ ସାହସିକ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ରବି ଉଚ୍ଚଭାବରେ ରହି ଚନ୍ଦ୍ରଙ୍କ ସହ ଷଡ଼ାଷ୍ଟକ ହେତୁ ଯୋଜନାନୁଯାୟୀ କାମ କରିବାରେ ଅଶ୍ୱିନୀ ନକ୍ଷତ୍ର ସକାଶେ କେତେକ ସମସ୍ୟା ଆସିବ। ତଥାପି କେତେକ କ୍ଷେତ୍ରରେ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ପରିବାରର ଅର୍ଥନୈତିକ, ସାମାଜିକ କ୍ଷେତ୍ର ବହୁତ ଭଲ ରହିବ।

**ବୃଷ**

ଏକାଦଶସ୍ଥ ଶୁକ୍ର ଓ ବୁଧ ପ୍ରଭାବରୁ ମନୋରଞ୍ଜନକୁ ପ୍ରାଧାନ୍ୟ ଦେଇ କାମକୁ ଅବହେଳା କରିବେ। ବନ୍ଧୁମିଳନ, କଳା, ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ହେବନି ଯାତ୍ରା ମଧ୍ୟ ଫଳପ୍ରଦ ହୋଇପାରେ। ପାରିବାରିକ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନା ମନରେ ଆଶ୍ୱସ୍ତି ଭରିଦେବ।

**ମିଥୁନ**

ଦ୍ୱାଦଶ ଭାବରେ ଚନ୍ଦ୍ର ଆପଣଙ୍କୁ ଆକସ୍ମିକ ଯାତ୍ରା କରିବାକୁ ବାଧ୍ୟ କରିପାରେ। ଏଣେ ପରିସ୍ଥିତିବଶତଃ ଅତ୍ୟଧିକ ବ୍ୟୟବୃଦ୍ଧି ମାନସିକ ଦୁଶ୍ଚିନ୍ତା ସୃଷ୍ଟି କରିବ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ବିରୁଦ୍ଧାତ୍ମକ କଥାବାର୍ତ୍ତା କରିପାରନ୍ତି। ବ୍ୟବସାୟ ଓ ସାହାଯ୍ୟ, ସହଯୋଗ ଅଭାବରୁ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ହେବନାହିଁ।

**କର୍କଟ**


ଚନ୍ଦ୍ରଙ୍କ ଦୁର୍ବଳତା ଆପଣଙ୍କ ଦୈହିକ ଦୁର୍ବଳତା ସଙ୍ଗକୁ ନୈରାଶ୍ୟ ଜନିତ ମନସ୍ତାପର କାରଣ ପାଲଟିଯିବ। ଆଜି ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଦେଖା ଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଆଶାୟୀଥିବା କୌଣସି ସକାରାତ୍ମକ ଖବର ମନକୁ ଆହ୍ଲାଦିତ କରିବାର ସମ୍ଭାବନା ରହିଛି।

**ସିଂହ**

କର୍ମାଧିପତି ଅଷ୍ଟମସ୍ଥ ହୋଇ ବ୍ୟୟାଧିପ ଯୁକ୍ତ କାରଣରୁ ସମସ୍ୟା ଓ ଖର୍ଚ୍ଚାନ୍ତ ମାନସିକ ଅଶାନ୍ତିକୁ ବଢ଼ାଇବ। ଆଜି ଆପଣ ଯାହା ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ସରକାରୀ ସ୍ତରରେ ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯିବାର ଆଶଙ୍କା ବଳବତ୍ତର ରହିବ। ପ୍ରତିଯୋଗିତା, ମାଲିମକଦ୍ଦମା, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳକାମ ହେବେ।


**କନ୍ୟା**

ଭାଗ୍ୟାଧିପତିଙ୍କୁ ଅଷ୍ଟମାଧିପତି ଦେଖୁଥିବାରୁ ଆପଣଙ୍କ ଚେଷ୍ଟା ଫଳବତୀ ହେବାରେ ସମସ୍ୟା ଦେଖାଦେଇପାରେ। ବନ୍ଧୁମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସେମାନଙ୍କ ପ୍ରତି ରହିଥିବା ଭଲ ଧାରଣା କ୍ରମଶଃ ହ୍ରାସ ପାଇବ। ପଦାଧିକାରୀଙ୍କ ଚାପରେ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡ଼ିବାର ଆଶଙ୍କା ରହିଛି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିପାରନ୍ତି।

**ତୁଳା**

ବଳବାନ୍ ଶୁକ୍ରଙ୍କ ସହ ବିପରୀତ ରାଜଯୋଗ ସୃଷ୍ଟିକାରୀ ବୁଧ ପ୍ରତିବନ୍ଧକକୁ ଦୂରେଇ କାର୍ଯ୍ୟ ହାସଲରେ ସମର୍ଥ ହୋଇପାରନ୍ତି। କର୍ମସ୍ଥାନରେ ଧନାଧିପ ଯାତ୍ରା ଓ ବ୍ୟବସାୟିକ ଗ୍ରହ ମଙ୍ଗଳଙ୍କ ଦୃଷ୍ଟିରେ ରହି ଆପଣଙ୍କ ଅଭିଳାଷ ପୂରଣରେ ସହାୟକ ହେବେ । ଆକସ୍ମିକ ଆବଶ୍ୟକୀୟ ଅର୍ଥାଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ।

**ବିଛା**

ଆଜିର ଶ୍ରୀଚନ୍ଦ୍ର ଭାଗ୍ୟାଧିପତି ଯୋଗୁ ଆପଣଙ୍କ ଯାତ୍ରାରେ ବାଧକ ନ ସାଜି କାର୍ଯ୍ୟ ସାଧକର ଭୂମିକା ଗ୍ରହଣ କରିପାରେ। ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ମୂଲ୍ୟବାନ ଦ୍ରବ୍ୟଲାଭ ସଙ୍ଗକୁ ଅର୍ଥ ଓ ସମ୍ମାନ ପାଇବେ। ରାଜନୈତିକ ସ୍ତରରେ ନେତୃ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପାରିବାରିକ, ପରିବହନ, ପ୍ରଶାସନ କ୍ଷେତ୍ର ଭଲ ରହିବ।

**ଧନୁ**

ଆଜିର ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ଷଷ୍ଠଚନ୍ଦ୍ର ହେତୁ ଚେଷ୍ଟା କରୁଥିବା କାମରେ ଖର୍ଚ୍ଚାନ୍ତ ସାଙ୍ଗକୁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଧିକାଂଶ କ୍ଷେତ୍ରରେ ପର ଉପରେ ନିର୍ଭର କରି ଚିନ୍ତାକୁଳ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପାଇଁ ସମୟ ଭଲ ରହିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ସକାଶେ କେତେକ ବ୍ୟତିକ୍ରମ ଦେଖାଦେବ।

**ମକର**

ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ଭ୍ରମଣ,ସମସ୍ୟା ସମାଧାନ ଓ ମନୋରଞ୍ଜନ ମାଧ୍ୟମରେ ଆପଣଙ୍କ ମୁହଁରେ ହସ ଫୁଟାଇପାରେ। ଶନି ଓ ମଙ୍ଗଳଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ଅସମ୍ମାନଜନକ କଥା ଓ ବ୍ୟବହାରରେ ଚିହିଁକି ଉଠି ଅନର୍ଥ ଘଟାଇ ପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ନେଇ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉଚ୍ଚାଶା ପୋଷଣ କରିବେ।

**କୁମ୍ଭ**

ସମସ୍ୟାମୁକ୍ତ ପାରିବାରିକ ସ୍ଥିତି, ଶତ୍ରୁତା ବିହୀନ କାର୍ଯ୍ୟ, ସମାଲୋଚନା ନ ଥାଇ ସହଯୋଗ ଆପଣଙ୍କ ପାଇଁ ଆନନ୍ଦଦାୟକ ରହିବ। କିନ୍ତୁ ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣା ସଙ୍ଗକୁ ନିମ୍ନମାନର ବିଚାରଧାରା ବନ୍ଧୁମାନଙ୍କ ଗ୍ରହଣୀୟ ନ ହୋଇପାରେ। ଦୂରଯାତ୍ରା କରିବାକୁ ପଡ଼ିପାରେ। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ**

ଆଜି ଆପଣଙ୍କ ମନ ଅନୁଯାୟୀ ସମସ୍ତ କାର୍ଯ୍ୟ ରୀତି ସମ୍ପନ୍ନ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସାମାଜିକସ୍ତରରେ ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଅବଶ୍ୟ ଭଲ ନ ହେଲେ ମଧ୍ୟ ବିଶେଷ ମନ୍ଦ ହେବନି। ଯାତ୍ରା, ବାଣିଜ୍ୟ, କଚେରି ମାମଲାରେ ମଧ୍ୟ ସନ୍ତୋଷଜନକ ଫଳ ପାଇବେ ।

ଆଜି ଧରିତ୍ରୀ ଦିବସ,ବୈଶାଖ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ସୋମବାର, ଏପ୍ରିଲ ୨୨ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୬ମି. ମଧ୍ୟେ, ଘ୧।୨୦ମି. ଗତେ, ଘ୨।୫୫ମି. ମଧ୍ୟେ ଅମୃତବେଳା। ଘ୧।୫୧ମି. ଗତେ ଘ୯।୫୬ମି. ମଧ୍ୟେ ଘ୨।୫୫ମି.ଗତେ, ଘ୪।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ପ୍ରାତଃ ଘ୭।୦୨ମି. ଗତେ ଘ୮।୩୬ମି. ମଧ୍ୟେ ରାହୁ କାଳ। (ଆଜି ବୃହସ୍ପତି ଧନୁ ରାଶିରୁ ଜ୍ୟେଷ୍ଠା ନକ୍ଷତ୍ର ବିଛା ରାଶିକୁ ବକ୍ରଗତିରେ ଗମନ କରିବେ। ବୃଷ, କର୍କଟ, ତୁଳା, ମକର ଓ ମୀନ ରାଶି ପାଇଁ ଶୁଭଦାୟକ ହେବେ)।

## ସଂକ୍ଷେପରେ

### ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ହିଂସା ଆଶଙ୍କା କଲା ଭାଜପା

**ଭୁବନେଶ୍ୱର, ୨୧।୪(ବ୍ୟୁରୋ):** ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଜନମତ ଭାଜପା ଆଡକୁ ଢଳିବା ପରେ ବିଜେଡି ହିଂସା ଘଟାଇବା ଆରମ୍ଭ କରିଦେଇଛି। ଶାସକ ଦଳ ନେତାମାନେ ନିର୍ବାଚନ ହାରିବା ଭୟରେ ବୁଥ ରିଗିଂ, କ୍ୟାପଚରିଙ୍ଗ, ଏବଂ ହିଂସା କରିବାର ରାସ୍ତା ଆପଣାଇଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ସମସ୍ତ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍‌ଗୁଡିକ ରହିଛି। ଯେଉଁଠି ଶାସକ ବିଜେଡି ରିଗିଂ ଏବଂ କ୍ୟାପଚରିଂ କରିବାର ସମ୍ଭାବନା ଅଛି। ସେହି ବୁଥ୍‌ଗୁଡିକର ତାଲିକା ପ୍ରସ୍ତୁତ କରି ରବିବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ପ୍ରଦାନ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରି ତୁରନ୍ତ ଉକ୍ତ ସମ୍ବେଦନଶୀଳ ବୁଥ୍‌ର ତାଲିକା ପ୍ରକାଶ କରି ସେହି ସମସ୍ତ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷାବଳକୁ ମୁତୟନ କରନ୍ତୁ। ଏହାସହ ସେହି ସ୍ଥାନଗୁଡ଼ିକରେ ସିସିଟିଭି ଲଗାଇ ତାହାର ଭିଡିଓ ଗ୍ରାଫି କରନ୍ତୁ ବୋଲି ଭାଜପା ପ୍ରତିନିଧି ଦଳ ଦାବି କରିଛନ୍ତି।

# ତାଣ୍ଡବ ରଚିଲା କାଳବୈଶାଖୀ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ରାଜ୍ୟରେ ହ୍ରାସ ପାଉଛି ତାପମାତ୍ରା। ରବିବାର ସବୁ ଜିଲାରେ ପାରଦ ୪୦ଡିଗ୍ରୀ ତଳକୁ ଖସି ଆସିଛି। ତାପମାତ୍ରା ହ୍ରାସ ପାଇବାରୁ ଲୋକେ ତାତିରୁ ମୁକ୍ତି ପାଇଛନ୍ତି, କିନ୍ତୁ ସେପଟେ କାଳବୈଶାଖୀ ସମସ୍ତଙ୍କୁ ଡରାଇ ଦେଇଛି। ସନ୍ଧ୍ୟାରେ ରାଜ୍ୟର ଅନେକ ଜିଲାରେ କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ ବର୍ଷା ସହିତ ଝଡ଼ତୋଫାନ ଓ ବଜ୍ରପାତ ଲୋକଙ୍କୁ ଭୟଭୀତ

### ଖସିଲା ପାରଦ

କରିଦେଇଥିଲା। ଝଡ଼ତୋଫାନରେ ବିଭିନ୍ନ ଜିଲାରେ କ୍ଷୟକ୍ଷତି ହୋଇଛି। ଅନେକ ସ୍ଥାନରେ ଗଛ ଉପୁଡ଼ିଯିବା ସହ ଗଛ ପଡ଼ି ଗାଡ଼ି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଥିଲା। କୋରାପୁଟ, ବୌଦ୍ଧ, କନ୍ଧମାଳ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼ ସହ ଗଞ୍ଜାମ, ଗଜପତି, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ବଲାଙ୍ଗୀର, ବରଗଡ଼ ଓ ନୂଆପଡ଼ା ଆଦି ଜିଲାରେ ୪୦ରୁ ୫୦କିଲୋମିଟର ବେଗରେ ପବନ ବହିଥିଲା। ବର୍ଷା ଓ ବଜ୍ରପାତ ମଧ୍ୟ ହୋଇଥିଲା। ଅନେକ ସ୍ଥାନରେ କୁଆପଥର ବୃଷ୍ଟି ହୋଇଥିବା


ଦଶପଲ୍ଲାଠାରେ ଲଙ୍କାପୋଡ଼ି ନିମନ୍ତେ ନିର୍ମାଣ ହୋଇଥିବା ତୋରଣ ଭାଙ୍ଗିପଡ଼ିଛି।

ଦେଖାଯାଇଥିଲା। ତେବେ ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଆଦି ଜିଲାରେ ଅଧିକ ପରିମାଣର ବର୍ଷା ହୋଇଥିବା ଜଣାପଡ଼ିଛି। କାଳବୈଶାଖୀ ତାଣ୍ଡବରେ ନୟାଗଡ଼ ଜିଲା ଦଶପଲ୍ଲାଠାରେ ଲଙ୍କାପୋଡ଼ି ପାଇଁ ନିର୍ମାଣ ହୋଇଥିବା ତୋରଣ ଭାଙ୍ଗିପଡ଼ିଛି। ଏଥିଯୋଗୁ ଜାତୀୟ ରାଜପଥ ଅବରୋଧ ହୋଇ ଯାତାୟାତ ଠପ୍ ହୋଇଯାଇଥିଲା। ଆସନ୍ତା ଦୁଇଦିନ ଏହିଭଳି କାଳବୈଶାଖୀ ଜାରି ରହିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ସହ ଥଣ୍ଡା ପବନ ବହିବ। ବାକି ଅନ୍ୟ ଜିଲାରେ ପାଗ ଶୁଖିଲା ରହିବ। ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି, ମୟୂରଭଞ୍ଜ ଓ ବାଲେଶ୍ୱରରେ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିପାରେ। ସେହିପରି ମଙ୍ଗଳବାର ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ତେବେ ଉତ୍ତର ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, ଗଞ୍ଜାମ ଓ ଗଜପତି ଜିଲାରେ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୯.୫ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ ୩୮.୫, ଚାନ୍ଦବାଲି ୩୮.୪, ଝାରସୁଗୁଡ଼ା ୩୮, ସମ୍ବଲପୁର ଓ ସୁନ୍ଦରଗଡ଼ ୩୭.୫, ଭୁବନେଶ୍ୱର ୩୭.୪ ଏବଂ କଟକ ୩୭ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ତା'ପରେ ରାଜ୍ୟର ସମସ୍ତ ଜିଲାରେ ୨ରୁ ୩ଡିଗ୍ରୀ ତାପମାତ୍ରା ବଢ଼ିବ। ସୋମବାର ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୩୮ଡିଗ୍ରୀ ଓ ସର୍ବନିମ୍ନ ୨୫ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# କୌଣସି ଜାତୀୟ ଦଳ ସଂଖ୍ୟାଗରିଷ୍ଠତା ପାଇବେ ନାହିଁ : ନବୀନ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

- ଓଡ଼ିଶାର ବଡ ଭୂମିକା ନେଇ ଆକଳନ
- ଭାଜପାର ଅଗ୍ରାହ୍ୟ

ଚଳିତଥର ନିର୍ବାଚନରେ କୌଣସି ଜାତୀୟ ଦଳ ସଂଖ୍ୟାଗରିଷ୍ଠତା ପାଇବ ନାହିଁ। ଭାଜପା ସବୁ ରାଜ୍ୟରେ ହାରୁଛି। ଆଞ୍ଚଳିକ ଦଳଗୁଡିକ ହିଁ କିଙ୍ଗ୍ ମେକର ଭୂମିକା ନିର୍ବାହ କରିବେ। କେନ୍ଦ୍ର ସରକାର ଗଠନରେ ଓଡ଼ିଶାର ବଡ ଭୂମିକା ରହିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜଧାନୀ ଉପକଣ୍ଠସ୍ଥ ଜୟଦେବ ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ସଭାରେ ଯୋଗ ଦେଇ ନବୀନ ଏହି ଆକଳନ କରିଛନ୍ତି। ନବୀନଙ୍କ ଏହି ମନ୍ତବ୍ୟ ଜାତୀୟ ତଥା ରାଜ୍ୟ ରାଜନୀତିକୁ ସରଗରମ କରିଛି। କିଛିଦିନ ପୂର୍ବେ କଟକ ଜିଲାର ଏକ ସଭାରେ ଭାଜପାର ସ୍ଲୋଗାନ ଡବଲ ଇଞ୍ଜିନକୁ ମଧ୍ୟ ତାଚ୍ଛଲ୍ୟ କରିଥିଲେ। ଏମିତି କି ମେ' ୨୩ ଫଳାଫଳ ପରେ ମୁଖ୍ୟ ଇଞ୍ଜିନ୍ ଲାଇନଚ୍ୟୁତ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ସଭାପତି ଅମିତ ଶାହ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୀୟୂଷ ଗୋଏଲ ଓ ରାଜନାଥ ସିଂ ପ୍ରମୁଖ ନବୀନ ଏବଂ ରାଜ୍ୟ ସରକାରଙ୍କୁ ବିଭିନ୍ନ ସଭାରେ ସମାଲୋଚନା କରୁଛନ୍ତି। ଏଥିସହିତ ଓଡ଼ିଶା ସରକାର କେନ୍ଦ୍ର ଦେଉଥିବା ଅନୁଦାନକୁ ଖର୍ଚ୍ଚ କରୁ ନ ଥିବା ଅଭିଯୋଗ କରିଛନ୍ତି। ହେଲେ ଏହା ବିଜେଡି ସଭାପତିଙ୍କ ରଣନୀତିକୁ ବଦଳାଇ ପାରିନାହିଁ। ନବୀନ ବାରମ୍ବାର କେନ୍ଦ୍ର ଅବହେଳା ଏବଂ କାଳିଆ ଯୋଜନା ଅର୍ଥ ପ୍ରଦାନକୁ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରି ଚାଲିଛନ୍ତି। ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ଜାତୀୟସ୍ତରରେ ଭାଜପା



ୟୁପି, ବିହାର, ରାଜସ୍ଥାନ, ଗୁଜରାଟ, ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ରରେ ପୂର୍ବ ସଫଳତା ଦୋହରାଇବ ନାହିଁ। ଅନୁରୂପ ଭାବେ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଆସନ ପାଇଲେ ମଧ୍ୟ ସରକାର ଗଢିବା ଭଳି ସ୍ଥିତି ରହିବ ନାହିଁ। ତେଣୁ ବିଜେଡି, ଏସ୍‌ପି-ବିଏସ୍‌ପି-ଆରଏଲ୍‌ଡି, ଟିଏମ୍‌ସି, ଜେଡି(ଏସ୍), ଟିଆରଏସ୍ ଭଳି ଦଳ ଆଖିଦୃଶିଆ ଆସନ ଜିତି ପାରନ୍ତି। ଏହି ଦଳଗୁଡିକର ସମର୍ଥନରେ କେନ୍ଦ୍ରରେ ସରକାର ଗଠନ କରାଯାଇପାରେ। ତେଣୁ ନବୀନଙ୍କ ରାଜନୈତିକ ମନ୍ତବ୍ୟର ଗୁରୁତ୍ୱକୁ ଅଣଦେଖା କରିହେବ ନାହିଁ। ଅପରପକ୍ଷରେ ଭାଜପା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପୂର୍ବାପେକ୍ଷା ଅଧିକ ଆସନରେ ଭାଜପା ବିଜୟୀ ହେବ ବୋଲି ସମସ୍ତ ଶୀର୍ଷ ନେତା ମତ ରଖିଛନ୍ତି। ରାଜ୍ୟରେ ୧୯ ବର୍ଷର ବିଜେଡି ସରକାର ରହିଥିବାରୁ ଉଭୟ ବିଧାନସଭା ଏବଂ ଲୋକ ସଭାରେ ବହୁ ସଂଖ୍ୟାରେ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି ଭାଜପା ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ରବିବାର ଶେଷ ଦିବସ ଥିବାରୁ ମୁଖ୍ୟମନ୍ତ୍ରୀ ଦଳ ପାଇଁ ମାରାଥନ୍ ପ୍ରଚାର କରିଥିଲେ। ସେ ରାଜଧାନୀ ଉପକଣ୍ଠସ୍ଥ ଜୟଦେବ ସମେତ କୁଚିଣ୍ଡା, ଆଠଗଡ଼, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କୁ ବହୁ ଭୋଟରେ ବିଜୟୀ କରିବାକୁ ନିବେଦନ କରିଛନ୍ତି।

## କାର୍ଯ୍ୟରେ ଯୋଗଦେଲେ ଡିଜିପି

**କଟକ ଅଫିସ, ୨୧।୪:** ସ୍ତ୍ରୀଙ୍କ ଦେହ ଅସୁସ୍ଥ ଓ ପରେ ଦେହାନ୍ତ କାରଣରୁ ଛୁଟିରେ ଥିବା ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରବିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୦ ଦିନ ଛୁଟିରେ ରହିବା ପରେ ସନ୍ଧ୍ୟା ୬ଟାରେ ସେ ପୋଲିସ ମୁଖ୍ୟାଳୟରେ ପହଞ୍ଚି ନିର୍ବାଚନ ସ୍ଥିତି ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଆଉ ୨ଟି ପର୍ଯ୍ୟାୟ ନିର୍ବାଚନ ବାକି ଥିବାବେଳେ ଏହାକୁ କିପରି ସୁରୁଖୁରୁରେ ପରିଚାଳନା କରାଯିବ ସେ ସମ୍ପର୍କରେ ରାଜେନ୍ଦ୍ର ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ସ୍ତ୍ରୀଙ୍କ ଅସୁସ୍ଥତା କାରଣରୁ ଏପ୍ରିଲ ୧ ତାରିଖରୁ ଡିଜିପି ଛୁଟିରେ ଥିଲେ। ପରେ ଗତ ୭ ତାରିଖରେ ସ୍ତ୍ରୀ ତୁଷାର ଶର୍ମାଙ୍କ ଦେହାନ୍ତ ହୋଇଯିବାରୁ ତାଙ୍କର ଛୁଟି ଅବଧି ବଢିଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଗତ ୮ ତାରିଖରେ ଅଗ୍ନିଶମ ବିଭାଗ ଡିଜି ବିଜୟ କୁମାର ଶର୍ମାଙ୍କୁ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଥିଲେ।

## ପୋଲିସ ଗୁଳିରେ ୨ ମାଓବାଦୀ ନିହତ

**ମାଲକାନଗିରି, ୨୧।୪ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁରଠାରେ ପୋଲିସ ଗୁଳିରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ତେଲେଙ୍ଗାନା ରାଜ୍ୟର ଗ୍ରେହଣ୍ଡ ଫୋର୍ସ ଓ ବିଜାପୁର ପୋଲିସର ମିଳିତ କୋମ୍ବିଂ ଅପରେଶନ ବେଳେ ଏପରି ଘଟଣା ଘଟିଛି। ରବିବାର ବିଜାପୁର ପାମେଡ ଗ୍ରାମ ଜଙ୍ଗଲରେ ମାଓବାଦୀମାନେ ଲୁଚି ଥିବା ଖବର ପାଇ ଗ୍ରେହଣ୍ଡ ଫୋର୍ସ ଓ ବିଜାପୁର ପୋଲିସ ମିଳିତ ଭାବେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପୋଲିସର ଜବାବି ଗୁଳିରେ ୨ଜଣ ମାଓବାଦୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

classifieds
0674-2580101
2549302
Every Day


real estate
SALE

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (out-right). 9776934361, 8144706560. D-66317

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

Bhubaneswar ପିତାପଲ୍ଲି ଛକକୁ ଲାଗି BDA Commercial plot ସୁଲଭ ମୂଲ୍ୟରେ ମିଳୁଅଛି। 8339920771. D-66357

କଟକ-ଭୁବନେଶ୍ୱର **Twin city** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Chandrasekar: 9337060334.** D-66353

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952.D-66343

Now Matrimonial ads. only on Wednesday & Sunday
Book 1 Get 1 FREE

KIIT University ନିକଟରେ 30ft. revenue road କୁ ଲାଗି yellowzone ସ୍ଥିତିବାନ 4ଟି ପ୍ଲଟ ବିକ୍ରିହେବ। Sqft. 800/- 9776866520.D-66350

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

**BDAର Southcity IIT Argulଠାରେ Railway Stationରୁ ଅଳ୍ପ ଦୁରତାରେ ପିଚୁ ରାସ୍ତାର ସୁବିଧା ଥାଇ ଘରବାରି plot କିଣନ୍ତୁ। Pravakar: 8847825690.**D-66351

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା


ଅନନ୍ୟା ବେହେରା
ପ୍ରେସ୍ କଲୋନୀ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ଜେଜେ, ଜେଜେ ମା, ବାବା, ମାମା, ଦାଦା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୨୬୮

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା


ସାଇ ସ୍ମୃତିକ୍ଷା ସାହୁ
ଶୁଭେଚ୍ଛାସହ : ବାପା, ମାମା, ଜେଜେ, ଜେଜେମା, ଅଜା, ଆଈ, ଦାଦା, ଖୁଡ଼ି, ବଡ଼ବାପା, ବଡ଼ମା, ମାମୁ, ମାଉସୀ
ଧ-୬୬୨୧୫

### 25th Marriage Anniversary


Bijay & Sarita
Dt. 21.04.19
At- Dhama, Dist.- Sambalpur
Mom and Dad, I cannot begin to describe how blessed I am to have amazing parents in my life. Seeing true love through you both makes my heart happy. As your daughter/son I see perfection in both of you. I love you. Special Regards Sunit, Monika with hearty wishes to having together lifelong - Sumit, Ankit, Sujit, Anjit, Surat, Manisa, Avisek, Ritika, Risika & Choudhry family. D-12267

### ବିବାହ ଅଭିନନ୍ଦନ


ସରୋଜ ସହିତ ସସ୍ମିତା
ବୁଗବୁଗା (ଗମ୍ଭାଟିକ୍ରା)
ଶୁଭେଚ୍ଛା ସହ: ଲିପ୍‌ସା, ଆଲିସା, ସୋନାଲିସା, ରୋଜାଲିସା, ଅଭିଲିପ୍‌ସା, ଅଭିଳାସା, ଆଦ୍ୟାଶା, ଅଭିଜିତ୍, ସତ୍ୟଜିତ୍, ଅଂଶୁମାନ, ଆଭାସ ଓ ଖମାରୀ ପରିବାରବର୍ଗ।
ଧ-୧୨୨୬୬

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର,ଏପ୍ରିଲ ୨୨/୨୦୧୯ | Dhenkanal, Monday, April 22 / 2019 | ( ପୃଷ୍ଠା-୧)




**ଦୂତୀ ଭାଙ୍ଗିଲେ ଜାତୀୟ ରେକର୍ଡ**
ଦୋହାଠାରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ହିଟ୍‌ରେ ୧୧.୨୮ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।

୧୪

୦୫

**ଜାହ୍ନବୀଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର**
'ଧଡକ'ର ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ଶନିବାର ଦାଦାସାହେବ ଫାଲ୍‌କେ ଏକ୍‌ସେଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି।






## ■ ତୃତୀୟ ପର୍ଯ୍ୟାୟ ନିର୍ବାଚନ

# ପ୍ରଚାର ସରିଲା, ମଇଦାନରେ ବହୁ ହେଭିୱେଟ୍ ନେତା

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

- ■ ଦିନକ ପରେ ଭୋଟ
- ■ ୬ ଲୋକ ସଭା, ୪୨ ବିଧାନସଭା ପାଇଁ ମତଦାନ
- ■ ଗତଥର ବିଜେଡି ହାତେଇଥିଲା ସମସ୍ତ ଲୋକ ସଭା
- ■ ତୃଣମୂଳରେ ଭାଜପା ଦେଉଛି କଡ଼ା ଟକ୍କର

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ରବିବାର ପ୍ରଚାର ଶେଷ ହୋଇଛି। ନିର୍ବାଚନରେ ଭାଗ ନେଇଥିବା ସବୁ ଦଳ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ସମସ୍ତ ଚେଷ୍ଟା କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ରାଲି, ବାଇକ ଶୋଭାଯାତ୍ରା, ରୋଡ୍ ଶୋ ଏବଂ ପଥପ୍ରାନ୍ତ ସଭା କରାଯାଇଛି। ଏହି ପର୍ଯ୍ୟାୟରେ ରାଜ୍ୟର ୬ ଲୋକ ସଭା ଏବଂ ୪୨ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ହେବ। ରାଜ୍ୟରେ ଏକ ସଙ୍ଗରେ ବିଧାନସଭା ଓ ଲୋକ ସଭା ଆସନଗୁଡ଼ିକ ପାଇଁ ଭୋଟ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ପୁରୀ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ସମ୍ବଲପୁର, କେନ୍ଦୁଝର ଏବଂ ଏହା ଅଧୀନ ସମସ୍ତ ବିଧାନସଭା କ୍ଷେତ୍ରରେ ନିର୍ବାଚନ ଅନୁଷ୍ଠିତ ହେବ।

୨୦୧୪ ସାଧାରଣ ନିର୍ବାଚନରେ ଉପରୋକ୍ତ ସମସ୍ତ ଲୋକ ସଭା ଆସନରେ ବିଜେଡି ବିଜୟ ହୋଇଥିଲା। ତେଣୁ ଚଳିତଥର ସେହି ଧାରାକୁ ବଜାୟ ରଖିବା ଦଳ ପାଇଁ ଚ୍ୟାଲେଞ୍ଜ ସଦୃଶ। ରାଜ୍ୟ ରାଜନୈତିକ ମହଲର ଆଲୋଚନା ଅନୁଯାୟୀ ଭୁବନେଶ୍ୱର, ପୁରୀ, ସମ୍ବଲପୁର ଏବଂ ଢେଙ୍କାନାଳରେ ବିଜେଡିର ପୂର୍ବସ୍ଥିତି ନାହିଁ। ତେଣୁ ଏହି ଆସନ ଗୁଡ଼ିକରେ ସଫଳତା ଦୋହରାଇବା ପାଇଁ ଦଳ ☞ପୃଷ୍ଠା–୪

## ■ ଆତ୍ମଘାତୀ ବିସ୍ଫୋରଣରେ ଥରିଲା ଶ୍ରୀଲଙ୍କା

# ଆତଙ୍କବାଦୀ ଆକ୍ରମଣରେ ୨୧୫ ନିହତ

**କଲମ୍ବୋ,୨୧।୪(ପି.ଟି./ଆଇଏଏନ୍‌ଏସ୍)**



ନେଗୋମ୍ବୋସ୍ଥିତ ସେଣ୍ଟ ସେବାସ୍ତିଆନ୍ ଚର୍ଚ୍ଚର ଛାତ ବିସ୍ଫୋରଣରେ ଉଡ଼ିଯାଇଛି।

### ଇସ୍‌ଲାମିକ୍ ବର୍ବରତା

- ■ ୮ ସ୍ଥାନରେ ବିସ୍ଫୋରଣ
- ■ ଚର୍ଚ୍ଚ, ହୋଟେଲକୁ ଟାର୍ଗେଟ
- ■ ୪୫୦ରୁ ଉର୍ଦ୍ଧ୍ୱ ଆହତ
- ■ ବଢ଼ିପାରେ ମୃତ୍ୟୁସଂଖ୍ୟା
- ■ ବିଶ୍ୱବ୍ୟାପୀ ନିନ୍ଦା
- ■ ସାରା ଦେଶରେ କର୍ଫ୍ୟୁ
- ■ ସିରିସେନା, ୱିକ୍ରମସିଂହେଙ୍କୁ ଫୋନ୍ କଲେ ମୋଦି
- ■ ଭାରତୀୟ ଦୂତାବାସ ପକ୍ଷରୁ ହେଲ୍‌ପଲାଇନ୍ ନମ୍ବର ଜାରି

ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କାରେ ରବିବାର ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟିଛି। ୮ଟି ସ୍ଥାନରେ ବିସ୍ଫୋରଣ ଘଟି ୨୧୫ ନିହତ ହୋଇଛନ୍ତି। ଏହାସହ ୫୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩୫ ବିଦେଶୀ ନାଗରିକ ମଧ୍ୟ ରହିଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇବା ଆଶଙ୍କା କରାଯାଉଛି। ଇଷ୍ଟର ପାଳନବେଳେ ୩ଟି ହୋଟେଲ ଓ ୩ଟି ଚର୍ଚ୍ଚକୁ ଆତଙ୍କବାଦୀମାନେ ଏକସଙ୍ଗେ ଟାର୍ଗେଟ କରିଥିଲେ। ପରେ ରାଜଧାନୀ କଲମ୍ବୋର ଅନ୍ୟ ଦୁଇଟି ସ୍ଥାନରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ଆତଙ୍କ ଖେଳାଇଥିଲେ। ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ପକ୍ଷରୁ ଏକ ଦଶନ୍ଧି ତଳେ ଗୃହଯୁଦ୍ଧର ଅବସାନ ହେବା ପରେ ଏହି ଆକ୍ରମଣ ଶ୍ରୀଲଙ୍କାକୁ ପୁଣିଥରେ ଅଶାନ୍ତ କରିଦେଇଛି। ଏହାକୁ ଶ୍ରୀଲଙ୍କା ଇତିହାସର ସବୁଠୁ ଘାତକ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି। ଆକ୍ରମଣକୁ ଭାରତ, ଆମେରିକା, ଫ୍ରାନ୍ସ, ରୁଷିଆ ସମେତ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ନିନ୍ଦା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଏବଂ ପ୍ରତିପକ୍ଷ ରନିଲ ୱିକ୍ରମସିଂହେଙ୍କୁ ଫୋନ୍ କରି ସମବେଦନା ଜଣାଇବା ସହ ସବୁ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆକ୍ରମଣର ଷଡ଼ଯନ୍ତ୍ର ବିଦେଶରେ ହୋଇଛି ବୋଲି ଶ୍ରୀଲଙ୍କା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହାସହ କୌଣସି ଗୁଜବକୁ ବିଶ୍ୱାସ ନ କରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସରକାରଙ୍କ ପକ୍ଷରୁ ଦେଶର ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଜରୁରୀ ବୈଠକ ଡାକି ସୁରକ୍ଷା ସ୍ଥିତି ସମୀକ୍ଷା କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହିଁ।

ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କା ପାଇଁ ରବିବାର ପାଲଟିଛି କଳାଦିନ। ସାଧାରଣ ଜନତାଙ୍କ ରକ୍ତରେ ହୋଲି ଖେଳିଛନ୍ତି ଆତଙ୍କବାଦୀ। କୋଚିକେଡ୍‌ସ୍ଥିତ ସେଣ୍ଟ ଆଣ୍ଟୋନି ଚର୍ଚ୍ଚରେ ଇଷ୍ଟର ପାଳନ ଅବସରରେ ଖ୍ରୀଷ୍ଟିୟାନ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରୁଥିବାବେଳେ ପ୍ରଥମ ବିସ୍ଫୋରଣ ଘଟିଥିଲା। ଏହାପରେ ଲଗାତର ଆଉ ୫ଟି ସ୍ଥାନରେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଲା। ନେଗୋମ୍ବୋସ୍ଥିତ ସେଣ୍ଟ ସେବାସ୍ତିଆନ୍ ଚର୍ଚ୍ଚ, ବଟିକୋଲା ଜିଲାର ଜିଓନ୍ ଚର୍ଚ୍ଚ ସମେତ ରାଜଧାନୀ କଲମ୍ବୋର ୩ ବିଳାସପୂର୍ଣ୍ଣ ହୋଟେଲ (ଶାଙ୍ଗ୍ରି–ଲା ଷ୍ଟାର ଏବଂ ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟରେ ଅବସ୍ଥିତ କିଙ୍ଗ୍‌ସବରୀ ଓ ସିନ୍ନାମୋନ୍ ଗ୍ରାଣ୍ଡ)କୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। କାରଣ ପବିତ୍ର ଇଷ୍ଟରବେଳେ ☞ପୃଷ୍ଠା–୪

### ଆଜିର ମନ୍ତବ୍ୟ

"କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିବା ଆଶା ରଖିନାହିଁ। ଦିଲ୍ଲୀରେ ସରକାର ଗଢ଼ିବା ଲାଗି ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଅନିବାର୍ଯ୍ୟ।

–କମଳନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

NATIONAL EGG CO-ORDINATION COMMITTEE — 21.04.2019 — Vencobb Fresh Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 93 | 149 | 159 |
| CTC | 94 | 150 | 160 |
| DKL | 93 | 149 | 159 |
| BDK | 96 | 153 | 163 |
| BLS | 97 | 154 | 164 |
| ANG | 94 | 150 | 160 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers

# ପାଟକୁରାରେ ନିର୍ବାଚନ ସ୍ଥଗିତ

**କେନ୍ଦ୍ରାପଡା ଅଫିସ, ୨୧।୪**

କେନ୍ଦ୍ରାପଡ଼ା ଜିଲାରେ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ୨୯ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ମାତ୍ର ଏହି ସମୟରେ ଜିଲାର ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବ ନାହିଁ। ଏନେଇ ପାଟକୁରା ବିଧାନସଭାର ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ରବିବାର ଏକ ବିଧିବଦ୍ଧ ବିଜ୍ଞପ୍ତି (ନଂ– ୫୨୩୮) ଜରିଆରେ ପ୍ରକାଶ କରିଛନ୍ତି। ପୁନର୍ବାର ଏହି ଆସନ ପାଇଁ ଭାରତ ନିର୍ବାଚନ କମିଶନଙ୍କଠାରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏଥିରେ ସୂଚନା ଦିଆଯାଇଛି। ପାଟକୁରା ଆସନ ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ଗତ ଶନିବାର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁପରେ ଜନପ୍ରତିନିଧି ଆଇନ ୧୯୫୧ ଧାରା ୫୨ ଅନୁଯାୟୀ, ଏହି କ୍ଷେତ୍ର ପାଇଁ ଏବେ ନିର୍ବାଚନ ବାତିଲ ହୋଇଯାଇଛି ବୋଲି ରିଟର୍ନିଂ ଅଫିସର ମିଶ୍ର ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ପ୍ରାର୍ଥୀ ଅଗ୍ରୱାଲଙ୍କର ମୃତ୍ୟୁ ଖବର ପାଇବା ପରେ ଏହାର ତଦନ୍ତ ଆରମ୍ଭ ହୋଇଥିଲା। ଏହାର ସତ୍ୟତା ଯାଞ୍ଚ ପାଇଁ କେନ୍ଦ୍ରାପଡ଼ା ପୌରକାର୍ଯ୍ୟାଳୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କୁ ସତ୍ୟପାଠ ଓ ଅନ୍ୟାନ୍ୟ କାଗଜପତ୍ର ସହ ଭୁବନେଶ୍ୱର ସିଟି ମେଡିକାଲକୁ ପଠାଯାଇଥିଲା। ସିଟି ମେଡିକାଲ ଅଫିସରଙ୍କ ସହ ଆଲୋଚନା ପରେ ସ୍ୱର୍ଗତ ଅଗ୍ରୱାଲଙ୍କ ମୃତ୍ୟୁ ପ୍ରମାଣପତ୍ର ଅଣାଯାଇଛି ବୋଲି ରିଟର୍ନିଂ ଅଫିସର ମିଶ୍ର କହିଛନ୍ତି।




**ବାଟ ହୁଡୁଛି ତଦନ୍ତ, ଖାକିରେ ଲାଗିଛି କଳଙ୍କ**

........ ୫ ........

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'ସ୍ୱାସ୍ଥ୍ୟ ବିଜ୍ଞାନ' ପୃଷ୍ଠା ପ୍ରକାଶ ପାଇପାରୁ ନାହିଁ।

### ଆଜିର ସମ୍ପାଦକୀୟ

**କଲମ୍ବୋ ନିଆଁ**

### କିଛି ତଥ୍ୟ

ଚଳିତ ବର୍ଷ ମାର୍ଚ୍ଚ ମାସରେ ତୈଳ ଆମଦାନୀ ୫.୫୫% ବୃଦ୍ଧି ଘଟି ୧୧.୭୫ ବିଲୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ



ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ



# କଲମ୍ବୋ ନିଆଁ

ଦ୍ୱୀପ ଦେଶ ଶ୍ରୀଲଙ୍କାରେ ଦୀର୍ଘ ବର୍ଷ ପରେ ୨୧ ଏପ୍ରିଲ ୨୦୧୯ରେ ଭୟଙ୍କର ଆତଙ୍କ ଦେଖାଦେଇଛି। ରାଜଧାନୀ କଲମ୍ବୋ ଓ ଆଖପାଖ ଅଞ୍ଚଳର କେତେକ ଚର୍ଚ୍ଚ ଓ ହୋଟେଲରେ ଲଗାତର ୮ଟି ବିସ୍ଫୋରଣରେ ୨୧୫ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୫୦୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ୪୦ ବିଦେଶୀ ଥିବା ଖବର ମିଳିଛି।

ଇତିହାସ ଦେଖିଲେ ୩୦ ବର୍ଷ ତଳେ ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ଶ୍ରୀଲଙ୍କାରେ ନିଜସ୍ୱ ଅଞ୍ଚଳ ଗଢ଼ିବା ଲକ୍ଷ୍ୟରେ ସଶସ୍ତ୍ର ସଂଗ୍ରାମ ଚଳାଇଥିଲା। ବହୁ ବର୍ଷ ଧରି ଉକ୍ତ ସଙ୍ଗଠନ ମାରାତ୍ମକ ଆକ୍ରମଣ କରିବା ଯୋଗୁ ଶ୍ରୀଲଙ୍କା ଅସ୍ଥିର ହୋଇପଡ଼ିଥିଲା। ତେଣୁ ଏହି ଦେଶ ପାଇଁ ଆତଙ୍କବାଦୀ ଆକ୍ରମଣ କିଛି ନୂଆ ନୁହେଁ। ଦେଖିବାକୁ ଗଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମେତ ଶ୍ରୀଲଙ୍କାର ଅନେକ ମନ୍ତ୍ରୀ, ସାଂସଦ ଏବଂ ସେତେବେଳେ କ୍ଷମତାରେ ଥିବା ରାଷ୍ଟ୍ରପତି ରଣସିଂହେ ପ୍ରେମଦାସାଙ୍କୁ ଏଲ୍‌ଟିଟିଇର ସୁଇସାଇଡ୍ ବମ୍ବର୍ସ ବା ଆତ୍ମଘାତୀ ବିସ୍ଫୋରଣକାରୀ ହତ୍ୟା କରିଥିଲେ। ଗତ ଶତାବ୍ଦୀର ଅଶୀ ଓ ନବେ ଦଶକରେ ଏହିଭଳି ଆକ୍ରମଣ ପୃଥିବୀରେ କେହି ଦେଖି ନ ଥିଲେ। ଏଲ୍‌ଟିଟିଇର ଉଗ୍ର ରୂପ ତୁଳନାରେ ଇସ୍‌ଲାମୀୟ ଜେହାଦୀମାନେ ମଧ୍ୟ ପଛରେ ପଡ଼ିଯିବେ। ଉଲ୍ଲେଖଯୋଗ୍ୟ, ୨୦୦୯ରେ ଏଲ୍‌ଟିଟିଇ ମୁଖ୍ୟ ଭେଲୁପିଲାଇ ପିର୍‌ଭାକରନଙ୍କୁ ସେଠାକାର ସେନା ହତ୍ୟା କରିବା ପରେ ଆନ୍ଦୋଳନ ଥଣ୍ଡା ପଡ଼ିଯାଇଥିଲା। ଏହା ପରେ ଏକ ନୂତନ ସମସ୍ୟା ସୃଷ୍ଟି ହେଲା, ଯେତେବେଳେ ସିଂହଳୀମାନଙ୍କ ଧର୍ମଗୁରୁମାନେ ସାଧାରଣ ଲୋକଙ୍କୁ ମୁସଲମାନ ବିରୋଧୀ ଧ୍ୱନି ଦେବାକୁ ଆରମ୍ଭ କଲେ। ସେମାନଙ୍କ କହିବା ଅନୁଯାୟୀ, ମୁସଲମାନ (ଦେଶ ଜନସଂଖ୍ୟାର ମାତ୍ର ୧୦ ପ୍ରତିଶତ) ବୌଦ୍ଧଧର୍ମ ବିରୋଧୀ ପାଲଟି ଯାଇଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଖ୍ରୀଷ୍ଟିଆନ୍‌ମାନଙ୍କ ବିରୋଧରେ କୌଣସି ବିବାଦ ସେହି ଦେଶର ନିକଟ ଅତୀତରେ ଶୁଣିବାକୁ ମିଳି ନ ଥିଲା। ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେଙ୍କ ରାଜନୀତି ସବୁବେଳେ ସଂଖ୍ୟାଲଘୁଙ୍କ ବିରୋଧରେ ରହିଥିବା ବେଳେ ତାହା ମୁଖ୍ୟତଃ ମୁସଲମାନ ବିରୋଧୀ ଥିଲା। ସେଥିପାଇଁ ଇଷ୍ଟର ସଣ୍ଡେ ଅବସରରେ ଗୀର୍ଜା ଏବଂ ବିଦେଶୀ ରହୁଥିବା ତାରକା ହୋଟେଲ ଉପରେ ଆକ୍ରମଣ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ସେଥିପାଇଁ ଏବର ଆକ୍ରମଣ ପଛରେ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ହାତ ଥିବା ସନ୍ଦେହ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦେଶର ପ୍ରମୁଖ ଚର୍ଚ୍ଚଗୁଡ଼ିକରେ ଆତ୍ମଘାତୀ ଆକ୍ରମଣ ହେବ ବୋଲି ଶ୍ରୀଲଙ୍କା ପୋଲିସ ମୁଖ୍ୟ ୧୦ ଦିନ ତଳେ ସତର୍କ ସୂଚନା ଦେଇଥିଲେ। ଏପରିକି ନ୍ୟାଶନାଲ ଥୌହିଦ୍ ଜମାଥ୍ (ଏନ୍‌ଟିଜେ) ନାମକ ଏକ ମୌଳବାଦୀ ମୁସଲମାନ ସଙ୍ଗଠନ ଉପରେ ପୋଲିସ ନଜର ରଖିଥିଲା। ଉଲ୍ଲେଖଯୋଗ୍ୟ, ଶ୍ରୀଲଙ୍କାରେ ବୁଦ୍ଧମୂର୍ତ୍ତିକୁ ଭଙ୍ଗାଯିବାରେ ଏନ୍‌ଟିଜେ ସମ୍ପୃକ୍ତ ଥିବା ବିଷୟ ଗତବର୍ଷ ଜଣାପଡ଼ିଥିଲା। ତେବେ ପୋଲିସ ମୁଖ୍ୟଙ୍କ ନିକଟରେ ଆକ୍ରମଣ ସମ୍ବନ୍ଧୀୟ ସୂଚନା ଥିଲେ ମଧ୍ୟ ଗୋଇନ୍ଦା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସିରିଜ୍ ଆକ୍ରମଣରୁ ବୁଝାପଡ଼ିଯାଉଛି।

ଶ୍ରୀଲଙ୍କାର ଜନସଂଖ୍ୟା ଦେଖିଲେ ମୁଖ୍ୟତଃ ବୌଦ୍ଧ ଧର୍ମାବଲମ୍ବୀ ସିଂହଳୀ ୭୪.୯ ପ୍ରତିଶତ ଥିବା ବେଳେ ୧୧.୨ ପ୍ରତିଶତ ଶ୍ରୀଲଙ୍କା ତାମିଲ, ୯.୨ ପ୍ରତିଶତ ଶ୍ରୀଲଙ୍କାନ୍ ମୁର୍‌ସ ଏବଂ ୪.୨ ପ୍ରତିଶତ ଭାରତୀୟ ତାମିଲ ଅଛନ୍ତି। ସେହିପରି ଧାର୍ମିକ ଦୃଷ୍ଟିକୋଣରୁ ହିସାବ କଲେ ୭୦.୨ ପ୍ରତିଶତ ବୌଦ୍ଧ, ୧୨.୬ ପ୍ରତିଶତ ହିନ୍ଦୁ, ୯.୭ ପ୍ରତିଶତ ଇସ୍‌ଲାମ ଏବଂ ୭.୪ ପ୍ରତିଶତ ଖ୍ରୀଷ୍ଟଧର୍ମାବଲମ୍ବୀ ଅଛନ୍ତି। ଏପ୍ରିଲ ୨୧ ଆକ୍ରମଣରେ ଅଧିକାଂଶ ସ୍ଥାନରେ ଚର୍ଚ୍ଚକୁ ଟାର୍ଗେଟ କରାଯାଇଛି। ଆଇଏସ୍ କଥା ଦେଖିଲେ ମଧ୍ୟପ୍ରାଚ୍ୟ ଏବଂ ପାଶ୍ଚାତ୍ୟରେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖୁଥିବା ଏହି ଆତଙ୍କବାଦୀ ସଙ୍ଗଠନ କିଛି ମାସ ହେବ ଦୁର୍ବଳ ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏବେ କଲମ୍ବୋ ଆକ୍ରମଣ ଦ୍ୱାରା ଦକ୍ଷିଣ ଏସିଆରେ ଆଇଏସ୍ ତା'ର ଉପସ୍ଥିତି ଜାହିର କରୁଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅନୁରୂପ ଭାବେ ଶ୍ରୀଲଙ୍କା ପୋଲିସ ମୁଖ୍ୟଙ୍କ ମନ୍ତବ୍ୟକୁ ନେଇ ତର୍ଜମା କରାଗଲେ ଏନ୍‌ଟିଜେ ଯଦି ସେଠାରେ ଆକ୍ରମଣ କରିଥିବ, ତାହା ହେଲେ ଏହି ଦ୍ୱୀପ ଦେଶରେ ପୁଣି ଆଭ୍ୟନ୍ତରୀଣ ହିଂସାକାଣ୍ଡ ବ୍ୟାପିପାରେ। କାରଣ ଏହି ସ୍ଥାନୀୟ ମୌଳବାଦୀ ମୁସଲମାନ ସଙ୍ଗଠନ ସ୍ଥିତି ଜାହିର କରିବା ସକାଶେ ଗତବର୍ଷ ବୌଦ୍ଧମୂର୍ତ୍ତି ଭାଙ୍ଗିଥିଲା।

କଲମ୍ବୋ ଆକ୍ରମଣକୁ ଦେଖିଲେ ଏହା କୁହାଯାଇପାରେ ଯେ, ଆତଙ୍କବାଦୀଙ୍କ ପାଇଁ ଏବେ କୌଣସି ଦେଶ ବା ଧର୍ମ କିଛି ମାନେ ରଖୁ ନାହିଁ। ଆତଙ୍କ ଖେଳାଇ ଭାଙ୍ଗିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ହୋଇଯାଇଛି। ଏଠାରେ ବୁଝିବା ଦରକାର ଯେ, ଆତଙ୍କବାଦୀଙ୍କ ସହ ବଞ୍ଚିବା ଲାଗି ପ୍ରତ୍ୟେକ ନାଗରିକ ପ୍ରସ୍ତୁତ ହେବା ଦରକାର। ୨୧ ଏପ୍ରିଲରେ ଶ୍ରୀଲଙ୍କାରେ ଘଟିଥିବା ଆକ୍ରମଣ ହେଉ କିମ୍ବା ଭାରତରେ ପୁଲ୍‌ୱାମା ହେଉ, ଏହା ସବୁବେଳେ ଘଟୁଛି। ଏହାକୁ ରୋକିବାର ଶକ୍ତି ପୃଥିବୀର କୌଣସି ଦେଶ ବା ସରକାର ପାଖରେ ନାହିଁ। ନେତାମାନେ ନିଜର ସୁବିଧା ଓ କ୍ଷମତା ବୃଦ୍ଧି ପାଇଁ ଆତଙ୍କବାଦୀ ବିରୋଧୀ ଧ୍ୱନି ଦେଇପାରନ୍ତି, କିନ୍ତୁ କୌଣସି ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟ ଦିଗ୍‌ଦର୍ଶନ ଦେଖାଇବାରେ ସଫଳ ହେଉନାହାନ୍ତି। ସବୁ ଦେଶର ଗୋଇନ୍ଦା ସଂସ୍ଥା ମଧ୍ୟ ବିଫଳତାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ପଷ୍ଟ ଜଣାପଡୁଛି। ଭାରତ କିମ୍ବା ଶ୍ରୀଲଙ୍କାରେ ଯଦି ଇସ୍‌ଲାମୀୟ ଆତଙ୍କବାଦୀଙ୍କୁ ଦୋଷ ଦିଆଯାଏ, ତେବେ ନ୍ୟୁଜିଲାଣ୍ଡରେ ଅଣ-ଇସ୍‌ଲାମୀୟ ଉଗ୍ରବାଦୀ ନିଜର ଶକ୍ତି ପ୍ରଦର୍ଶନ କରିପାରିଛନ୍ତି। ଏହା ମଧ୍ୟ ହୋଇପାରେ ଯେ, ୧୫ ମାର୍ଚ୍ଚ ୨୦୧୯ରେ ନ୍ୟୁଜିଲାଣ୍ଡର ମସ୍‌ଜିଦ୍ ଉପରେ ଆକ୍ରମଣ କରି ୫୦ ମୁସଲମାନଙ୍କୁ ଜଣେ ଖ୍ରୀଷ୍ଟିଆନ୍ ହତ୍ୟା କରିଥିବାରୁ ତାହାର ପ୍ରତିଶୋଧ ଭାବେ କଲମ୍ବୋର ଗୀର୍ଜା ଓ ବଡ଼ ହୋଟେଲ ଆକ୍ରମଣର ସଂଯୋଗ ହୁଏତ ପରବର୍ତ୍ତୀ ସମୟରେ ଜଣାପଡ଼ିବ।

# ଜୀବ ସୁରକ୍ଷା ପୃଥିବୀ ରକ୍ଷା



ଡ. ଦେବାନନ୍ଦ ବେଉରା

୨୦୧୯ର ଧରିତ୍ରୀ ଦିବସ ପାଳନ ଅବସରରେ ଦିଆଯାଇଥିବା ସଚେତନଧର୍ମୀ ଡାକରାଟା ହେଉଛି 'ସବୁ ଜୀବଙ୍କୁ ସୁରକ୍ଷା ଦିଅ।' ଆଠ ନିୟୁତ ଜୀବ ଜାତିର ପୃଥିବୀଟା ଆଜି ଜୀବ ବିଲୁପ୍ତି ପଥରେ ଅଗ୍ରସର। ସକଳ ଜୀବଙ୍କ ପ୍ରାଣସୂତ୍ର ପୃଥିବୀ ସେମାନଙ୍କ ପ୍ରାଣରକ୍ଷା ପାଇଁ ମଣିଷକୁ ଆହ୍ୱାନ କରୁଛି। ତେବେ ମଣିଷ କ'ଣ ଜୀବ ବିଲୁପ୍ତିର କାରଣ ସାଜିଛି? ମଣିଷ ଆବିର୍ଭାବ ପୂର୍ବରୁ ତ ପୁଣି ପୃଥିବୀ ପାଞ୍ଚ ପାଞ୍ଚ ଥର ସମୂହ ବିଲୋପକୁ ସାମନା କରିଛି। ଅବଶ୍ୟ ସେ ସବୁ ପ୍ରାକୃତିକ ପ୍ରକ୍ରିୟାପ୍ରଣୋଦିତ ଥିଲା। ମାତ୍ର ଜୀବଜନ୍ତୁଙ୍କ ପ୍ରତି ଏବର ବିପଦଗୁଡାକ ମନୁଷ୍ୟ ପ୍ରାୟୋଜିତ। ସେଥିପାଇଁ ଆହ୍ୱାନ ଆସିଛି ମଣିଷକୁ ଏକ ସୁରକ୍ଷିତ ଜୈବମଣ୍ଡଳ ପାଇଁ, ନଚେତ୍ ପୃଥିବୀ ଜୀବନ୍ତ ଗ୍ରହ ମାନ୍ୟତା ହରାଇ ବସିବ। ଆମ ପାଖରେ ପୃଥିବୀ ହିଁ ଏକମାତ୍ର ଗ୍ରହ ଅଛି ଯେଉଁଠି ଜୀବସତ୍ତାର ଅବସ୍ଥିତି ସମ୍ଭବ। ଏହାର ବିକଳ୍ପ ଉପଲବ୍ଧ ନ ଥିବାରୁ ଏହାକୁ ଏମିତି ପ୍ରତିକୂଳାତ୍ମକ କରା ନ ଯାଉ, ଯଦ୍ଦ୍ୱାରା ଜୈବବିବିଧତା ଧ୍ୱଂସ ପାଇଯିବ। ଜୀବ ବିଲୁପ୍ତି ନିମନ୍ତେ ମଣିଷର ପ୍ରକୃତି ପରିପନ୍ଥୀ କାର୍ଯ୍ୟଧାରା ପ୍ରମୁଖ କାରଣ ସାଜିଛି, ଯାହାକୁ ଆଧୁନିକତା ବା ଉନ୍ନତି ଅବା ଜୀବନଶୈଳୀର ଉତ୍‌ଥିତ ସୋପାନ ବୋଲି ଧରି ନିଆଯାଉଛି।

ପୃଥିବୀ ସୃଷ୍ଟିର କିଛି କାଳ ପରେ ଜୀବ ସତ୍ତାର ଆବିର୍ଭାବ ହୁଏ, ଯାହା ପୃଥିବୀରେ ଜୈବମଣ୍ଡଳର ଆଦ୍ୟ ଅବସ୍ଥାନକୁ ଚରିତାର୍ଥ କରେ। ଜୀବର କ୍ରମବିକାଶ ସହିତ ବିବର୍ତ୍ତନ ଜୈବମଣ୍ଡଳରେ ବିବିଧତାର ସମ୍ଭାବନାକୁ ପରିପ୍ରକାଶ କରେ। ଅସ୍ତିତ୍ୱ, ଆକାର, ଆଚରଣ ଓ ବିଚରଣ ଆଧାରରେ ଜୀବ ପରିବେଶରେ ପରିସଂସ୍ଥା ସଂସ୍ଥାପନ କରନ୍ତି। ଜଳ ଓ ସ୍ଥଳ ଭାଗରେ ପରିବେଶୀୟ ଉପାଦାନକୁ ଆୟୁଧ କରି ବଞ୍ଚିବା, ବଂଶବୃଦ୍ଧି କରିବା ସହିତ ସଂଖ୍ୟାଧିକ ଜାତି ଓ ପ୍ରଜାତିରେ ପରିଣତ ହେବା ଜାରି ରୁହେ। ଫଳତଃ ପ୍ରାୟ ୪୦୦୦ ନିୟୁତ ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଏକକୋଷୀ ଜୀବ ଭୂତାତ୍ତ୍ୱିକ ସମୟ ସାରଣୀର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବହୁକୋଷୀ ଅମେରୁଦଣ୍ଡୀ ଉଭୟଚର, ସରୀସୃପ ଓ ସ୍ତନ୍ୟପାୟୀ ପ୍ରାଣୀରେ ବିକଶିତ ହୁଅନ୍ତି। ପ୍ରାୟ ଏକଲକ୍ଷରୁ ଦେଢ଼ଲକ୍ଷ ବର୍ଷ ପୂର୍ବେ ହଲୋସିନ କାଳରେ ପୃଥିବୀପୃଷ୍ଠରେ ମଣିଷ ଜାତିର ସୃଷ୍ଟି ହୁଏ। କ୍ଷିପ୍ର ବିବର୍ତ୍ତିତ ହୋଇ ଆଦିମ ମାନବ

## ଧରିତ୍ରୀ ଦିବସ ଉପଲକ୍ଷେ

ଆଜିର ଆଧୁନିକ ମାନବରେ ପରିଣତ ହେବା ସହିତ ସୃଷ୍ଟିରେ ସର୍ବଶ୍ରେଷ୍ଠ ଜୀବର ମାନ୍ୟତା ଲାଭ କରିଛି। ମଣିଷର କ୍ରମବିକାଶକୁ ସାମାଜିକ, ସଭ୍ୟ, ସ୍ୱାବଲମ୍ବୀ କରିବା ସହିତ ଶିକ୍ଷା, ଦୀକ୍ଷା, ଚିନ୍ତନ, ସଂସ୍କୃତି ତାକୁ ଆଧୁନିକତାର ମାନଦଣ୍ଡ ପ୍ରଦାନ କରିଛି। ବୈଜ୍ଞାନିକ ବିଶ୍ଳେଷଣ, ପ୍ରଯୌକ୍ତିକ ପ୍ରୟୋଗ ତଥା ବୈଷୟିକ ବିଜ୍ଞତା ଆଧାରରେ ମଣିଷ ଆଜି ପୃଥିବୀ ଉପରେ ରାଜତ୍ୱ କରୁଛି। ଆବଶ୍ୟକତାରେ ସର୍ବନିମ୍ନରୁ ସର୍ବଶ୍ରେଷ୍ଠକୁ ଯୋଡିବା ଅବସରରେ ପ୍ରାକୃତିକ ସମ୍ପଦ ଉପରେ ଜୁଲମ ବଢାଇଦେଇଛି। ଜୀବନଶୈଳୀରେ ଆରାମର ଅଭୀପ୍‌ସା ଏବଂ ଜୀବନ ଉପଭୋଗରେ ଉତ୍କୃଷ୍ଟ ଉପଚାର ପାଇଁ ମଣିଷର ନିରନ୍ତର ପ୍ରୟାସ ଜାରି ରହିଛି। ଫଳରେ ଶକ୍ତି, ଶିଳ୍ପ, ଖଣି ଖାଦାନ, ଭିତ୍ତିଭୂମି, ସହରୀକରଣରେ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଅନବରତ ଲାଗିରହିଛି। ବ୍ୟକ୍ତି-ବ୍ୟକ୍ତି, ରାଜ୍ୟ-ରାଜ୍ୟ ତଥା ଦେଶ-ଦେଶ ମଧ୍ୟରେ ଆର୍ଥିକ ସ୍ଥିତି, ପ୍ରଯୌକ୍ତିକ ବିକାଶ, ଶିଳ୍ପାୟନ ତଥା ଜୀବନଧାରଣର ମାନରେ ଉନ୍ନତି ପାଇଁ ପ୍ରତିଯୋଗିତାର ଅନ୍ତ ନାହିଁ। ଏସବୁ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବଳି ପଡୁଛନ୍ତି ପରିବେଶ, ପରିସଂସ୍ଥା ଆଉ ମରି ହଜିଯାଉଛନ୍ତି ଜୈବମଣ୍ଡଳର ଅନେକ ଜାତି ଓ ପ୍ରଜାତି।

ଆଜି ମଣିଷର ତଥାକଥିତ ବିକାଶ ପରିଭାଷାରେ ଜୀବବିନାଶର ଧାରା ଲାଗିରହିଛି। ପୂର୍ବ ପାଞ୍ଚୋଟି ସମୂହ ବିଲୋପରେ ନବେ ପ୍ରତିଶତ ପର୍ଯ୍ୟନ୍ତ ଜୀବଜନ୍ତୁ ଲୋପ ପାଇଯାଇଥିଲେ, ଯାହାର ପୁନରାବୃତ୍ତି ବର୍ତ୍ତମାନର ଅଦୃଶ୍ୟମାନ ଷଷ୍ଠ ସମୂହ ବିଲୋପରେ ଘଟିଚାଲିଛି। ଏହା ମନୁଷ୍ୟକୃତ, ଯାହାର ଉପଚାର ମଣିଷ ପାଖରେ ହିଁ ଅଛି। ତେବେ ସେସବୁ ପ୍ରତି ଆମେ କେତେ ସଚେତନ ଏବଂ ଯତ୍ନଶୀଳ ତାହା ଆମ ପରିସରରୁ କ୍ରମାଗତ ଭାବେ ଉଭାନ ହୋଇଯାଉଥିବା ଜୀବଜନ୍ତୁଙ୍କ ଆକଳନରୁ ଅନୁମେୟ। ମଣିଷର ମତଲବୀ ଆଚରଣ ପରିଧିରେ କେତେ ଜୀବ ଅଛନ୍ତି, କେତେ ବିଲୁପ୍ତପ୍ରାୟ ତା'ର ହିସାବ ପ୍ରତିଫଳିତ ହେଉନି। ଜୀବନଟା ଏଠି ଖୁବ୍ ଦ୍ରୁତ ଗତିଶୀଳ। ବ୍ୟସ୍ତବହୁଳ ମଣିଷ ବାତାନୁକୂଳିତ ଆବଦ୍ଧ କୋଠରି କିମ୍ବା ଗାଡିରେ ରାତିଦିନ ଏକ କରି ଉନ୍ନତି କରିବ ବୋଲି ଦୌଡୁଛି। ଯାନ୍ତ୍ରିକ ଜୀବନକୁ ଅଭାବୀ ସମୟ ପରିବାର ପ୍ରତିବେଶୀଙ୍କ ପ୍ରସଙ୍ଗ ନଜରର ବାହାରେ। ଏମିତି ସ୍ଥିତିରେ ଜୈବମଣ୍ଡଳରେ ଜୀବକ୍ଷୟ କଥା ବୁଝୁଛି କିଏ? କ'ଣ ବା ଦରକାର? ବାଘ, ସିଂହ ଆଦି ଜଙ୍ଗଲୀ ଜୀବ ଯଦି ବିଲୁପ୍ତ ହୋଇଯାଆନ୍ତି ତେବେ ମଣିଷକୁ ଅସୁବିଧା କେଉଁଠି? ଖାଦ୍ୟ ଶୃଙ୍ଖଳର ହରିଣ ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା ନାହିଁ। ହେଲେ ବି କୃଷି ଖେତ ଆଉ ଉନ୍ମୁକ୍ତ ପଡିନି ଯେ ଖାଇ ଶେଷ କରିଦେବେ। ଏତେ ବଡ଼ ଜୀବ ହାତୀ ଜଙ୍ଗଲରେ ଖାଦ୍ୟ, ପାଣି ନ ପାଇ ଗାଁ ସହର ଭିତରେ ପଶି ନିଜର ଦାବିଦାରି ଜାହିର କରୁଛି। କେତେଦିନ ଏମିତି ବଞ୍ଚି ପାରିବ ସେ ମଣିଷ ସହିତ ସଂଗ୍ରାମ କରି। ତେଣୁ ସେମାନଙ୍କର ଜାତି-ପ୍ରଜାତି ଧୀରେ ଧୀରେ ହ୍ରାସପ୍ରାପ୍ତ ହେବାରେ ଲାଗିଛି। ଶାଗୁଣା, ଘରଚଟିଆ, ହଳଦୀବସନ୍ତ- ଏମିତି କେତେ କ'ଣ ଧୀରେ ଧୀରେ ଅଦୃଶ୍ୟ ହୋଇଗଲେଣି। ଏ ତ ଗଲା ବଡ଼ସାନ ପଶୁପକ୍ଷୀଙ୍କ କଥା। ଆମ ଦୃଷ୍ଟିଗୋଚର ହେଉ ନ ଥିବା ଅସଂଖ୍ୟ ଅଣୁଜୀବ ଲୋପପାଇ ଚାଲିଛନ୍ତି। ପ୍ରଦୂଷିତ ପରିବେଶରେ ସେମାନଙ୍କର ବଂଶବୃଦ୍ଧି ହୋଇପାରୁନି।

ଆମ ପରିବେଶରେ ଅସୁରକ୍ଷିତ ଜୈବମଣ୍ଡଳ ବିଷୟରେ ଆମେ ବସ୍ତୁତଃ ଅଜ୍ଞ ଅବା ସଚେତନ ଥାଇ ମଧ୍ୟ ଉଦାସୀନ। ଏହାର ଅନେକ କାରଣ ଅଛି। ତେବେ ମଣିଷର ସଂକ୍ଷିପ୍ତ ଜୀବନ କାଳରେ ଏମାନଙ୍କ ଅନୁପସ୍ଥିତିର ପ୍ରତିକୂଳାତ୍ମକ ପ୍ରଭାବ ସେତେଟା ଦୃଶ୍ୟମାନ ହେଉନାହିଁ। ବସ୍ତୁବାଦୀ ଦୃଷ୍ଟିକୋଣରେ ଖାଲି ଲାଭକ୍ଷତିର ହିସାବ ଜୀବ ବିଲୁପ୍ତିର କୁପରିଣତିକୁ ମୂଲ୍ୟାୟନ କରିପାରିବ ନାହିଁ। ମାନସିକ ସ୍ତରରେ ଉତ୍ତମ ପରିବେଶର ପ୍ରଭାବ ଅତ୍ୟନ୍ତ ସୁଖଦାୟୀ। ମାଟି-ପାଣି-ପବନର ପରଶରେ ପୁଲକିତ ମନର ସ୍ଥିତି ବିଶ୍ଳେଷଣର ବାହାରେ। ସେହିପରି ଫୁଟିଥିବା ଫୁଲ, ପକ୍ଷୀର ରାବରେ ଭାବାବେଗ କିଛି ଅଲଗା। ନିର୍ଜନ ଦ୍ୱୀପର ରାଜାର ଅବସ୍ଥା ନିଶ୍ଚିତ ରୂପେ ଜୀବଶୂନ୍ୟ ପୃଥିବୀରେ ମଣିଷର ସ୍ଥିତି ସହିତ ତୁଳନୀୟ। ସମସ୍ତଙ୍କ ସମ୍ମେଳନରେ ପୃଥିବୀ ବ୍ରହ୍ମାଣ୍ଡରେ ବିଶେଷ ଗ୍ରହର ସ୍ଥାନ ନେଇପାରିଛି। ଏଠି ସବୁ ଜୀବଙ୍କର କିଛି ନା କିଛି ମୌଳିକ ଭୂମିକା ରହିଛି। ଜୀବରକ୍ଷାର କବଚ ଆଜି ମଣିଷ ପାଖରେ, ତାକୁ ପ୍ରୟୋଗ କରି ଜୀବକ୍ଷୟକୁ ରୋକିବାକୁ ପଡିବ। ଅନ୍ୟଥା ସମୟ ଚକ୍ରରେ ମଣିଷ ଜାତି ଏକଲାପଣର ଶିକାର ହୋଇ ସାମୂହିକ ବିଲୋପ ବା ପ୍ରଳୟରେ ବିଲୀନ ଯେ ନ ହେବ, ତାହା ଏବେଠୁ କହିହେବନି।

ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ମୋ-୯୮୬୧୨୧୩୪୭୨

# କହିବା କାହାକୁ, ଶୁଣିବ କିଏ



ଛନ୍ଦା ମିଶ୍ର

ଯେଉଁ କଥାକୁ ଡର ଥିଲା ତାହା ହିଁ ହେଲା। ଆଶା ଥିଲା, ସରକାର ଆଉ କିଛି କରନ୍ତୁ ବା ନ କରନ୍ତୁ, ନିର୍ବାଚନ ସମୟରେ ମଦକୁ ନିଶ୍ଚିତ ନିଷିଦ୍ଧ କରିବେ। ହେଲେ, ହେଲା ଠିକ୍ ତା'ର ଓଲଟା। ସରକାରଙ୍କ ଅବକାରୀ ବିଭାଗ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ମଦ ଦୋକାନୀଙ୍କ ଲାଇସେନ୍ସକୁ ନବୀକରଣ କରି ଏ କ୍ଷେତ୍ରକୁ ସବୁଜ ସଙ୍କେତ(?) ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ନୂତନ ଭାବେ ଅବକାରୀ ନୀତି ପ୍ରସ୍ତୁତ କରିଛନ୍ତି। ଏଥିରେ ବର୍ଷକିଆ ଅବକାରୀ ନୀତି ବଦଳରେ ୪ ମାସିଆ ନୀତି ନିର୍ଦ୍ଧାରଣ ହୋଇଛି। ସରକାରଙ୍କ ଏହି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡିକୁ ୬ଟି ଭୌଗୋଳିକ ଭାଗରେ ବିଭକ୍ତ କରାଯାଇ ଲାଇସେନ୍ସ ଫିଂକୁ ବୃଦ୍ଧି କରାଯାଇଛି। ଯେଉଁ ମଦ ଦୋକାନଗୁଡ଼ିକ ଲାଇସେନ୍ସ ଫି' ବାବଦରେ ମାସକୁ ୭୫ ହଜାର ଟଙ୍କା ପଇଠ କରୁଥିଲେ, ସରକାରଙ୍କ ନୂଆ ନିଷ୍ପତ୍ତି ଅନୁସାରେ ସେମାନେ ତାହାର ଦୁଇଗୁଣ ଅର୍ଥାତ୍ ଦେଢ଼ଲକ୍ଷ ଟଙ୍କା ଲାଇସେନ୍ସ ଫି' ବାବଦରେ ମାସକୁ ଦାଖଲ କରିବେ। ଏସବୁ ବ୍ୟତୀତ ରାଜ୍ୟର ଆଦିବାସୀବହୁଳ ୨୧ଟି ଅବକାରୀ ଜିଲାରେ ଥିବା ମହୁଲ ଓ ପୋଚ ଦୋକାନଗୁଡିକର ମାସିକ ଲାଇସେନ୍ସ ଫି' ଉପରେ ୧୫% ବୃଦ୍ଧି କରାହୋଇଛି।

ଆଜି ସହରଠୁଁ ନେଇ ଗାଁ ଗଣ୍ଡା ଯାଏ ମଦ ଆବାଳବୃଦ୍ଧବନିତା ସମସ୍ତଙ୍କୁ କରିସାରିଛି କବଳିତ। କ୍ୱଚିତ୍ ଏପରି ଭାଗ୍ୟଶାଳୀ ପରିବାରଟିଏ ବାଦ୍ ପଡିଯାଇଛି, ଯେଉଁଠି କୌଣସି ସଦସ୍ୟ ମଦ୍ୟପାନ କରନ୍ତି ନାହିଁ। ବୋଧହୁଏ କେବଳ ମଦ ଦୋକାନ ହେଉଛି ଏକମାତ୍ର ଦୋକାନ, ଯେଉଁଠାରେ ସକାଳୁ ରାତି ପର୍ଯ୍ୟନ୍ତ ଗ୍ରାହକଙ୍କ ଭିଡ଼ ଲାଗି ରହିଥାଏ। ବୋଧହୁଏ ଏହା ହେଉଛି ଏକମାତ୍ର ବ୍ୟବସାୟ ସ୍ଥଳୀ, ଯେଉଁଠାରେ 'କ୍ଷତି' ନାମକ ଶବ୍ଦଟି ହୁଏନା ବ୍ୟବହୃତ ଏବଂ ପ୍ରତ୍ୟେକ ଦିନ ନୂଆ ନୂଆ ଯୁବକ 'ମଦୁଆ' ତାଲିକାରେ ନିଜ ନାମ ପଞ୍ଜୀକରଣ କରୁଛନ୍ତି ସିନା ଏଥିରୁ ନାମ କଟିବାର ଆଜି ପର୍ଯ୍ୟନ୍ତ କେହି ଦେଖିନାହିଁ। ମଦକୁ ନେଇ ଅପରାଧ ଦୁନିଆର ଇତିହାସରେ ପ୍ରତି ମୁହୂର୍ତ୍ତରେ ଯୋଡ଼ା ହେଉଛି ନୂତନ ଫର୍ଦ୍ଦ। ମଦ ଏପରି ଏକ ବିଜୟ ଅଭିଯାନରେ ବାହାରିଛି, ଯେଉଁଥିରେ ପରାଜୟର ସାମାନ୍ୟତମ ଆଶଙ୍କା ମଧ୍ୟ କରାଯାଇପାରେନା। ମନେହୁଏ, ସତେଯେପରି ପରିବେଶର ଅପଶକ୍ତିମାନେ ପ୍ରବଳ ବେଗରେ ପୃଥିବୀକୁ ଧ୍ୱଂସାତ୍ମକ ପଥରେ ଅଡାଇ ନେବା ପାଇଁ ଆଗଭର ହୋଇ ଅଣ୍ଟା ଭିଡ଼ି ଦେଇଛନ୍ତି ଏବଂ ଏହି ଅପଶକ୍ତିମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇଦେବା ପାଇଁ ଆମ ସରକାର ହୋଇଛନ୍ତି ବଦ୍ଧପରିକର।

ବର୍ତ୍ତମାନ ମଦ ଦୋକାନର ଲାଇସେନ୍ସ ଫି' ବାବଦରେ ଯେଉଁ ଦୁଇଗୁଣ ଅର୍ଥ ରାଜକୋଷକୁ ଆସିବ, ତାହା କୌଣସି ମଦ ଦୋକାନୀର ପେଟ ବା ପକେଟକୁ ସାମାନ୍ୟତମ କଷ୍ଟ ସୁଦ୍ଧା ଦେବନାହିଁ। ବାର୍‌ମାନଙ୍କରେ ବସି ମଦ୍ୟପାନ କରୁଥିବା ଧନିକ ଗୋଷ୍ଠୀର ପକେଟକୁ ମଧ୍ୟ ତାହା ବାଧିବ ନାହିଁ। ମାତ୍ର ମଦ ଦୋକାନ ସମ୍ମୁଖରେ ଭିଡ଼ କରୁଥିବା ନିମ୍ନ ମଧ୍ୟବିତ୍ତ, ଖଟିଖିଆ, ମଜୁରିଆ ମଦ ପାଗଳମାନଙ୍କ ଜୀବନ ହେବ ଦୁର୍ବିଷହ। ସଂସାର ହେବ ଉଚ୍ଛନ୍ନ। ଅକାଳରେ ପରିବାରଗୁଡିକ ଝଡିପଡିବା ପୂର୍ବରୁ ନିଜକୁ ବଞ୍ଚାଇବା ପାଇଁ ନିଜ ସ୍ୱଭାବର ବିପରୀତ ଦିଗରେ ଯାଇ ଅପରାଧ ଜଗତରେ ପାଦଦେଇ 'ଅଭାବେ ସ୍ୱଭାବ ନଷ୍ଟ' ଉକ୍ତିଟିକୁ କରିବ ପ୍ରମାଣିତ। ଦୁଃଖର ସହ କହିବାକୁ ପଡୁଛି ଯେ, ଯେଉଁ ଅରାଜକତାର ବିଷ ବଳୟରେ ବର୍ତ୍ତମାନର ପରିବେଶ ଓ ସମାଜ ଅଣନିଃଶ୍ୱାସୀ ହୋଇଉଠିଛି। ଅଚିରେ ଏହି 'ସମାଜ' ନାମକ ତତ୍ତ୍ୱଟି ଲଭିବ ସଲିଳସମାଧି।

କୁହାଯାଏ ପ୍ରକୃତି ତିନି ପ୍ରକାରର- ଉତ୍ତମ, ମଧ୍ୟମ ଓ ଅଧମ। ନିଜେ କଷ୍ଟ ସହି ଅନ୍ୟକୁ ସନ୍ତୋଷ ପ୍ରଦାନ ଉତ୍ତମ ପ୍ରକୃତିର ଲକ୍ଷଣ। ମଧ୍ୟମ ପ୍ରକୃତିଟି ନିଜ ସହ ଅନ୍ୟର ଉନ୍ନତି ସାଧନ ପାଇଁ କରିଥାଏ ପ୍ରୟାସ ଏବଂ ଅନ୍ୟକୁ କଷ୍ଟଦେଇ ନିଜ ଉଦର ପୂର୍ଣ୍ଣ କରୁଥିବା ପ୍ରକୃତିଟି ଅଧମ ଆଖ୍ୟା ପାଏ। କହିବା ବାହୁଲ୍ୟ, ଆଜି ସରକାର ନିଜ ଅଧମ ପ୍ରକୃତିର ପରିଚୟ ଦେଇ ପ୍ରଜାଙ୍କ ଭୋକିଲା ଉଦରକୁ ଶକ୍ତ ଲାତ ମାରି ନିଜ ପେଟ ଓ ପେଟିକୁ ଫୁଲାଇବାର କରିଛନ୍ତି ପ୍ରଯତ୍ନ। ପୁଣି ନିର୍ବାଚନ ସମୟରେ ମଦ ପରି ମନ୍ଦ ପଦାର୍ଥକୁ ସୁହାଇଲା ଭଳି ଯୋଜନାଟିଏ କରି ସରକାର ନିଜ ଅପରିପକ୍ୱ ଓ ସମାଜବିରୋଧୀ ମସ୍ତିଷ୍କର ଯେ ପ୍ରମାଣ ଦେଇଛନ୍ତି, ତାହା କହିବାକୁ ତିଳେ ହେଲେ ଦ୍ୱିଧା ନାହିଁ।

ମନେ ପଡ଼ିଯାଉଛି ଆଦିକବି ସାରଳା ଦାସ କୃତ ମହାଭାରତର ସ୍ୱର୍ଗାରୋହଣ ପର୍ବରୁ ଧାଡ଼ିଏ- 'ବାବୁ ପ୍ରଜା ପାଳିଲେ ବର୍ଦ୍ଧିତ ହୁଅଇ ଯଶଶ୍ରୀ ଆୟୁଷେ।'

ପରିକ୍ଷିତଙ୍କ ହସ୍ତରେ ରାଜ୍ୟଭାର ଅର୍ପଣ କରି ଯୁଧିଷ୍ଠିର ତାଙ୍କୁ ରାଜଧର୍ମ ପାଳନ କରିବାର ସରଳସୂତ୍ର ସମ୍ବନ୍ଧରେ କହିବାକୁ ଯାଇ ରାଜାର ଦାୟିତ୍ୱ ଓ କହିବା ସମ୍ପର୍କରେ ଉଲ୍ଲେଖ କରି କହନ୍ତି -''ରାଜା ପ୍ରଜାଙ୍କୁ ପୁତ୍ର ତୁଲ୍ୟ ମଣିଲେ ହିଁ ଇନ୍ଦ୍ରଦେବ ରାଜାଙ୍କ ଉପରେ ସନ୍ତୁଷ୍ଟ ହୁଅନ୍ତି। ପୁଣି ସେହି ପର୍ବରେ ସହଦେବ କଳିଯୁଗର ବୈଶିଷ୍ଟ୍ୟଗୁଡିକ ଉଲ୍ଲେଖ କରି ''ରାଜା ଓ ପ୍ରଜାର ସମ୍ପର୍କ, ଶାଗୁଣା-ମଡ଼ାର ସମ୍ପର୍କରେ ପରିଣତ ହେବ'' ବୋଲି ଭବିଷ୍ୟବାଣୀ କରିଛନ୍ତି।

ଉକ୍ତିଟି ଆଜି ଅକ୍ଷରେ ଅକ୍ଷରେ ସତ୍ୟ ବୋଲି ପ୍ରମାଣିତ ହୋଇସାରିଲାଣି। ଗାଁ ଗଣ୍ଡାରେ ମଦବିରୋଧୀ ଆନ୍ଦୋଳନଗୁଡିକ ମୁଣ୍ଡ ଟେକିଲାଣି। ମହିଳାମାନେ ମେଳିହୋଇ ମଦ ଦୋକାନ ଭାଙ୍ଗି ମାଟିରେ ମିଶେଇଲେଣି। ମଦ ଯୋଗୁ ନିତିଦିନ ଡାକ୍ତରଖାନାର ରୋଗୀ ସଂଖ୍ୟା ହୁ ହୁ ହୋଇ ବଢିଚାଲିଛି। ଅନୁରୂପ ଭାବେ ବଢିଚାଲିଛି କାରାଗାରରେ କଏଦୀଙ୍କ ସଂଖ୍ୟା। ଘର ବୁଡ଼ି ପାଣି ବେକ ପର୍ଯ୍ୟନ୍ତ ଆସିଲାଣି। ଆଉ ଦୁଇ ଚାରି ଅଙ୍ଗୁଳି ହେଲେ ନାକରେ ପଶିବ। ହେଲେ 'କହିବା କାହାକୁ, ଶୁଣିବ କିଏ'? ସରକାରଙ୍କୁ ତାଙ୍କ ଭୋଟ ଓ ନୋଟ ଚିନ୍ତା ଏମିତି ଘାରିଛି ଯେ, ଜନସାଧାରଣଙ୍କ ସମସ୍ୟା ସମାଧାନ ଆଡ଼କୁ ତାଙ୍କ ଦୃଷ୍ଟି ଯାଉନି। କେବେ ତାଙ୍କ ଜ୍ଞାନୋଦୟ ହେବ କେଜାଣି! ଯେବେ ସେ ବୁଝିବେ ଯେ ପ୍ରଜା ନ ଥିଲେ ରାଜା ବା ରାଜପଦର କୌଣସି ଅର୍ଥ ହିଁ ନାହିଁ। ଏପରି ପରିବେଶ ଓ ପରିସ୍ଥିତିକୁ କେବଳ ଈଶ୍ୱର ହିଁ ଭରସା।

ମୋ- ୯୪୩୭୪୫୩୬୧୦,
chhandamishra74@gmail.com

## ଏଇ ଭାରତରେ

ଗୁଜରାଟର ରାଜକୋଟ ଜିଲା ଅନ୍ତର୍ଗତ ରାଜସମଦିୟାଲ ଗାଁ ଅନ୍ୟ ଗାଁଗୁଡ଼ିକଠାରୁ ନିଆରା। ନିର୍ବାଚନ ସମୟରେ ସବୁଠି ପ୍ରଚାର ଗାଡି ବୁଲୁଥିବା ବେଳେ ଏହି ଗାଁରେ କିନ୍ତୁ ପ୍ରଚାର କରାଯାଇ ନ ଥାଏ। ଗାଁ ଲୋକଙ୍କ ମତରେ ପ୍ରଚାର କରାଗଲେ ପରିବେଶରେ ଶବ୍ଦ ପ୍ରଦୂଷଣ ବୃଦ୍ଧିପାଇବ। ତେଣୁ ସେମାନେ କୌଣସି ପ୍ରଚାରଗାଡିକୁ ଗାଁ ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥାନ୍ତି। ହେଲେ ଏହି ଗାଁରେ ପ୍ରାୟ ୯୫-୯୬ ପ୍ରତିଶତ ମତଦାନ ହୋଇଥାଏ ବୋଲି ସରପଞ୍ଚ ଅଶୋକ ଭାଇ ବାଘେରା ସୂଚନା ଦେଇଛନ୍ତି। ଗାଁର ସମସ୍ତ ବ୍ୟକ୍ତି ମତଦାନ କରିବାକୁ ପରାମର୍ଶ ଦିଆଯାଇଥାଏ। ଯେଉଁମାନେ ମତଦାନ କରି ନ ଥାଆନ୍ତି ସେମାନଙ୍କୁ ୫୧ ଟଙ୍କା ଜରିମାନା ଦେବାକୁ ପଡିଥାଏ। ଶହେ ପ୍ରତିଶତ ମତଦାନ ଲକ୍ଷ୍ୟରେ ଗାଁରେ ଏଭଳି ନିଷ୍ପତ୍ତି ନିଆଯାଇଛି। କେବଳ ସେତିକି ନୁହେଁ ଏହା ଏକ ଆଦର୍ଶ ଗାଁ ଭାବେ ଗୁଜରାଟରେ ବେଶ୍ ପରିଚିତ। ଏଠାକାର ଘର ଅବା ଦୋକାନରେ କେବେ ତାଲା ପଡି ନ ଥାଏ। କାରଣ ଏହି ଗାଁରେ କୌଣସି ଜିନିଷ ଚୋରି ହୋଇ ନ ଥାଏ।

### ଚିରନ୍ତନୀ

''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର!'' (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୨ ଏପ୍ରିଲ ୧୯୯୪

- ଇରାକ ସହିତ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କରିବା ପାଇଁ ଲେବାନନ୍‌ର ନିଷ୍ପତ୍ତି।
- ବୋସ୍‌ନିଆ-ହେର୍ଜେଗୋଭିନାରେ ତୁରନ୍ତ ଯୁଦ୍ଧବିରତି ପାଇଁ ଜାତିସଂଘ ନିରାପତ୍ତା ପରିଷଦ ନୂଆ ଭାବେ ପ୍ରସ୍ତୁତ କରିଥିବା ପ୍ରସ୍ତାବରେ ଆହ୍ୱାନ ଜଣାଇଛି।

## ସାପ୍ତାହିକ ପଞ୍ଜିକା

ଏପ୍ରିଲ ୧୪- ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରଲୋକ।

୧୫- ମିଥ୍ୟା ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିବା ବଳାତ୍କାର ହିସାବରେ ଗଣାଯିବ ବୋଲି ସୁପ୍ରିମ୍‌କୋର୍ଟ ଏକ ରାୟରେ କହିଛନ୍ତି।

୧୬- ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଆସନରୁ ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ବିପକ୍ଷରେ କଂଗ୍ରେସର ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ପୁନମ୍ ସିହ୍ନା ସମାଜବାଦୀ ପାର୍ଟି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି।

୧୭- ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ବିଚାରର ସମ୍ମୁଖୀନ ହୋଇ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ମଧ୍ୟପ୍ରଦେଶର ଭୋପାଳ ଆସନରୁ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ ସହ ସେ ନିର୍ବାଚନ ଲଢ଼ିବେ।

୧୮- ସୁରକ୍ଷା ଦୃଷ୍ଟିରୁ ନିୟନ୍ତ୍ରଣ ରେଖା ଅତିକ୍ରମ କରି ପାକିସ୍ତାନ ସହ ଚାଲିଥିବା ବାଣିଜ୍ୟ କାରବାର ବନ୍ଦ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | 1 | 8 | | 3 | | | | C |
| | | | 1 | A | | | B | | | 5 | | | | 6 |
| C | | | 7 | | 8 | 0 | | 5 | 2 | 6 | | | 1 | |
| | | 7 | 2 | | | | | | C | | | | 9 | 0 |
| | 8 | | | | 4 | C | A | 3 | | 0 | | | | D |
| | 7 | 9 | D | | | 4 | 0 | | A | | | E | B | |
| | | | | 1 | | | | | | | | | 7 | |
| | | | | 8 | | | | 9 | E | | | | | |
| | 2 | 6 | | | E | | | 1 | 9 | | | D | 5 | |
| | A | | B | | | 8 | | | 0 | | | | 2 | |
| | | 3 | 8 | | 5 | 7 | | A | | | | 6 | | |
| | | | | 4 | | | | | 6 | | | | | |
| | 4 | | | | B | | 2 | | D | | | | | 5 |
| | | B | | | | | 3 | | 1 | | 4 | | 8 | 2 |
| 1 | | | A | 0 | | 6 | E | | | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | B | 6 | 0 | 1 | 3 | 8 | C | 5 | 2 | 4 | 7 | E | 9 |
| 0 | 4 | C | 5 | 9 | E | 7 | 2 | A | 3 | B | 8 | 6 | D | 1 |
| 5 | 1 | 7 | C | D | 8 | B | 4 | 9 | A | E | 6 | 2 | 0 | 3 |
| 9 | 8 | 3 | B | 7 | 2 | 0 | 6 | E | 1 | D | C | A | 5 | 4 |
| 6 | E | 2 | 4 | 3 | A | 5 | D | 1 | 9 | 0 | 7 | B | C | 8 |
| 3 | 6 | A | 9 | 2 | D | 1 | C | 5 | 4 | 7 | 0 | E | 8 | B |
| 7 | C | 4 | 1 | 8 | 5 | A | 3 | B | 2 | 9 | E | D | 6 | 0 |
| 8 | 5 | E | 7 | 6 | 3 | D | 0 | 4 | C | 1 | B | 9 | 2 | A |
| D | B | 9 | E | 4 | 0 | 6 | 7 | 2 | 8 | A | 5 | 3 | 1 | C |
| 2 | 0 | 1 | A | B | C | 9 | E | 8 | D | 6 | 3 | 5 | 4 | 7 |
| C | 3 | 6 | 8 | 5 | B | E | 1 | D | 7 | 4 | 9 | 0 | A | 2 |
| E | 2 | 8 | 0 | C | 6 | 4 | 9 | 7 | B | 5 | A | 1 | 3 | D |
| B | A | D | 2 | E | 7 | C | 5 | 3 | 0 | 8 | 1 | 4 | 9 | 6 |
| 1 | 9 | 0 | 3 | A | 4 | 2 | B | 6 | E | C | D | 8 | 7 | 5 |
| 4 | 7 | 5 | D | 1 | 9 | 8 | A | 0 | 6 | 3 | 2 | C | B | E |

ଗତକାଲିର ଉତ୍ତର

## ଆମ ସମସ୍ୟା

### ସତ୍ୟବାଦୀରେ ଅଘୋଷିତ ବିଦ୍ୟୁତ୍ କାଟ

ମହାଶୟ,

ପୁରୀ ଜିଲା ସତ୍ୟବାଦୀରେ ଘନ ଘନ ବିଦ୍ୟୁତ୍ କାଟ ହୋଇ ଜନଜୀବନ ଅତିଷ୍ଠ ହୋଇପଡୁଛି। ବେଳେ ବେଳେ ରାତିଅଧରୁ ସକାଳଯାଏ ବିଦ୍ୟୁତ୍ କାଟ ହେଉଛି। ତତଲା ତେଲ କରେଇରେ ଚିଙ୍ଗୁଡି ମାଛ ଛଟପଟ ହେଲା ପରି ଲୋକମାନେ ଛଟପଟ ହେଉଛନ୍ତି। ସହଜେ ଗରମ ଦିନ, ଏପରି ସମୟରେ ବାରମ୍ବାର ବିଦ୍ୟୁତ୍ କାଟ କେତେଦୂର ଠିକ୍ ବିଭାଗ ଏହାର ସ୍ପଷ୍ଟୀକରଣ ଦେବା ଉଚିତ। ରାତି ସମୟରେ ପିଲାଙ୍କ ପାଠପଢାବେଳେ ବିଦ୍ୟୁତ୍ କାଟ ହେବା ଅନୁଚିତ।


ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ


### ଶ୍ରମିକଙ୍କୁ ଉଚିତ ପ୍ରାପ୍ୟ ମିଳୁ

ରାଜ୍ୟରେ କାର୍ଯ୍ୟରତ ନିର୍ମାଣ ଶ୍ରମିକମାନଙ୍କୁ ଠିକାଦାରମାନେ ଦୈନିକ ପଚାଶ ଟଙ୍କା କମ୍ ଦେଉଛନ୍ତି, ଯାହା ପରିଶ୍ରମର ଫଳ ଶ୍ରମିକଙ୍କର। ଏଥିରୁ କୌଣସି ଠିକାଦାର ନେବା ଅନୁଚିତ। କେବଳ କାର୍ଯ୍ୟ କଲେ ଠିକାଦାରଙ୍କ କୌଣସି ଭୂମିକା ନାହିଁ। ଏଥିପ୍ରତି ଶ୍ରମବିଭାଗ କଡାକଡି ନିୟମ ପାଳନ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ପାରିବାରିକ କ୍ଷେତ୍ରରେ ଚଳିବା ସମ୍ଭବପର ନୁହେଁ। ଶ୍ରମିକଙ୍କୁ ଉଚିତ ପ୍ରାପ୍ୟରୁ ବଞ୍ଚିତ କରା ନ ଯାଉ। ସିଧାସଳଖ ମାଲିକଙ୍କ କାର୍ଯ୍ୟ କଲେ ପୂରା ମଜୁରି ମିଳୁଛି। ମଧ୍ୟସ୍ଥତାରେ କଲେ ଠିକାଦାରଙ୍କୁ ପରିଶ୍ରମର କିଛି ଅଂଶ ଦେବାକୁ ପଡୁଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ବନ୍ତଲା ରେଞ୍ଜରେ ବୁଲୁଛି ଅସୁସ୍ଥ ହାତୀ



ବନ୍ତଲା, ୨୧।୪(ଡି.ଏନ.ଏ.)- ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ କନ୍ତମେଘ ଗ୍ରାମରେ ଏକ ହାତୀ ରବିବାର ଅସୁସ୍ଥ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ହାତୀକୁ ଦେଖିବା ପାଇଁ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ଏହାର ଦାନ୍ତ ନ ଥିବାବେଳେ ଲାଞ୍ଜ ଅଧାରୁ ଛିଣ୍ଡି ଯାଇଛି। ପିଠିରେ କ୍ଷତ ଚିହ୍ନ ଥିବାରୁ ହାତୀଟି ଚାଲିପାରୁ ନାହିଁ। ସ୍ଥାନୀୟ ଲୋକେ ହାତୀକୁ ଖାଇବାକୁ ଦେଉଛନ୍ତି। ତେବେ ୫ ଦିନ ହେଲା ହାତୀ ଗାଁ ପାଖରେ ବୁଲୁଥିଲେ ବି କୌଣସି ବନ କର୍ମଚାରୀଙ୍କ ଦେଖା ନ ଥିବା ଅଞ୍ଚଳବାସୀ କହିଛନ୍ତି। ଏ ବିଷୟରେ ଅନୁଗୋଳ ଡିଏଫଓ ଭି. କାର୍ତ୍ତିକ କୁହନ୍ତି, ହାତୀଟିର ବୟସ ଅଧିକ ହୋଇଯାଇଛି। ସୋମବାର ପ୍ରାଣୀ ବିଭାଗ ଡାକ୍ତର ଯାଇ ଚିକିତ୍ସା କରିବେ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ବଇଣ୍ଡା,୨୧।୪(ଡି.ଏନ.ଏ.)- ୫୫ ନଂ.ଜାତୀୟ ରାଜପଥର ହଣ୍ଡପା ଥାନା ଲୁହାମୁଣ୍ଡା ସଡ଼କ ବନ୍ଧ ନିକଟରେ ରବିବାର ରାତି ୮.୩୦ରେ ଦୁର୍ଘଟଣାରେ ଲୁହାମୁଣ୍ଡା ଗ୍ରାମର ପ୍ରଭୁଦତ୍ତ ବିଶ୍ୱାଳ(୨୫)ଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ୫୫ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଖବରଲେଖା ହେବା ସୁଦ୍ଧା ରାସ୍ତାରୋକୋ ଜାରି ରହିଛି। ପ୍ରଭୁଦତ୍ତ ବାଇକ୍ ଯୋଗେ ହଣ୍ଡପାରୁ ବଇଣ୍ଡା ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ହଣ୍ଡପା ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଅଷ୍ଟପ୍ରହର ନାମଯଜ୍ଞ

ମାଧପୁର, ୨୧।୪- ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତ କୁଶପୁର ଗ୍ରାମରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମହିଳାମାନେ କଳସ ଯାତ୍ରାରେ ପାଣି ଆଣି ମଣ୍ଡପରେ ସ୍ଥାପନ କରିଥିଲେ। କୁଶପୁର ମା' ଖମ୍ଭେଶ୍ୱରୀ କୀର୍ତ୍ତନ ମଣ୍ଡଳୀ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ହୃଷୀକେଶ କର୍ମୀ, ସ୍ତ୍ରୀ ସ୍ୱର୍ଣ୍ଣଲତା କର୍ମୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଭାପତି ତ୍ରିଲୋଚନ କର୍ମୀ, ସମ୍ପାଦକ ଚନ୍ଦନ ନାଏକ ଏବଂ ପ୍ରାୟ ୨୫ଜଣ ସଦସ୍ୟଙ୍କ ସହଯୋଗରେ ଯଜ୍ଞ ପରିଚାଳିତ ହୋଇଥିଲା।

■ ୧୭ ତମ ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା

## ମନ ଜିଣିଲା ଗୋଟିପୁଅ ନୃତ୍ୟ

ତାଳଚେର,୨୧।୪(ନି.ପ୍ର.)

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଚାଲିଥିବା ୧୭ତମ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନନ୍ଦିରା କଳିୟାରୀ ପ୍ରକଳ୍ପ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ସମ୍ମାନିତ ଅତିଥି ଲିଙ୍ଗରାଜ କ୍ଷେତ୍ରର ବରିଷ୍ଠ ଅଧିକାରୀ ତୀର୍ଥ ମଲେଇ ଓ ଶ୍ରୀ ମଧୁସୂଦନ ଯୋଗ ଦେଇଥିଲେ। ଟ୍ରଷ୍ଟବୋର୍ଡର ବରିଷ୍ଠ ସଦସ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଜଗମୋହନ ଗଡନାୟକ, ସଞ୍ଜୟ କୁମାର ସାହୁ, ମୁରଲୀଧର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଭଜନ ଓ ବିଭିନ୍ନ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ପଞ୍ଚଦେବ ସ୍ତୁତି ବନ୍ଦନା ତଥା ଗୋଟିପୁଅ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ଜିଣି ନେଇଥିଲା। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଓ ସଞ୍ଜୀବ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧୁଳେଶ୍ୱର ବେହେରା, ପଠାଣି ବାରିହା, ଦୀପକ ଦେବତା ପ୍ରମୁଖ ସହଯୋଗ କରିଥିଲେ।



କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ବିଦ୍ୟୁତ୍ କାଟ ବଢ଼ାଉଛି ଅସନ୍ତୋଷ

ବଇଣ୍ଡା,୨୧।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ୧୧ କେଭି ତାର ଦୀର୍ଘବର୍ଷ ଧରି ବଦଳାଯାଉ ନ ଥିବାରୁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଦେଖାଯାଉଛି। ସାମାନ୍ୟ ବର୍ଷା ପବନ ହେଲେ କର୍ମଚାରୀମାନେ ଦୁର୍ଘଟଣା ଘଟିବା ଆଶଙ୍କାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରୁଛନ୍ତି। ରବିବାର ଅପରାହ୍ନରେ ୧୧କେଭି ତାର ଛିଣ୍ଡି ଯାଇଥିବା ଯୋଗୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏହାକୁ ନେଇ ଉପଭୋକ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅଧିକାଂଶ ସମୟରେ ସେସୁର ପଦାଧିକାରୀମାନେ କାର୍ଯ୍ୟାଳୟରେ ରହୁନାହାନ୍ତି। ତେଣୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଲେ ମରାମତି ବିଳମ୍ବ ହେଉଛି। ମିଟର ଅଚଳ ଦର୍ଶାଇ ବିଭାଗ ପକ୍ଷରୁ ମିଥ୍ୟା ବିଲ୍ ଦିଆଯାଉଛି। ଏ ସମ୍ପର୍କରେ ପୂର୍ବରୁ ଅନୁଗୋଳ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏହାର ସ୍ଥାୟୀ ପ୍ରତିକାର କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଏନ୍‌ଜେନ ଏସ୍‌ଡିଓ ନରେଶ ନାଏକ କହିଛନ୍ତି, ୧୧ କେଭି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ସେସୁ ଅଧୀନରେ ରହିଛି। ଏ ସମସ୍ୟାର ସମାଧାନ ସମ୍ପୃକ୍ତ ବିଭାଗର ବୋଲି ସେ କହିଛନ୍ତି। ଅଭିଯୋଗ ସମ୍ପର୍କରେ ସେସୁର ଏସଡିଓ ମୋହନ ନାଏକଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରିନାହିଁ।




Your classified advertisement published in Dharitri will be listed free in Dharitri online edition :
www.dharitri.com



# ପିସିସି ସଭାପତିଙ୍କ ଗାଡି ଉପରକୁ ଆକ୍ରମଣ ଅଭିଯୋଗ

■ ଭଣ୍ଡାରୀପଡା ଛକରେ କଂଗ୍ରେସ -ବିଜେଡି କର୍ମୀ ମୁହାଁମୁହିଁ ,
■ ପିସିସି ସଭାପତି ଓ ପର୍ଯ୍ୟବେକ୍ଷକଙ୍କ ସମେତ ୮ ଆହତ

ଆନନ୍ଦପୁର/କେନ୍ଦୁଝର, ୨୧।୪(ସ୍ୱ.ପ୍ର.) କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀ ଅଧୀନ ବାନ୍ଧଗୋଡା ନିକଟସ୍ଥ ଭଣ୍ଡାରୀପଡା ଛକ ନିକଟରେ ରବିବାର ସନ୍ଧ୍ୟା ସାଢେ ୬ଟା ବେଳେ କଂଗ୍ରେସ କର୍ମୀ ଓ ବିଜେଡି ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦଳୀୟ କର୍ମୀଙ୍କ ସହ ନିର୍ବାଚନ ପ୍ରଚାର କରି ଫେରିବା ବେଳେ ଏଭଳି ଗଣ୍ଡଗୋଳ ଘଟିଛି। ଏହି ଆକ୍ରମଣ ଘଟଣାରେ ପିସିସି ସଭାପତି ଓ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ରମେଶ ଜେନାଙ୍କ ସମେତ ୮ ଜଣ ଆହତ ହୋଇଥିବା କୁହାଯାଉଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ରାମଚନ୍ଦ୍ରପୁର ଥାନା ପକ୍ଷରୁ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ପ୍ରଶାସନ ଓ ପୋଲିସ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରୁଥିବା ସୂଚନା ମିଳିଛି। ଖବର ଲେଖାହେବା ଯାଏ ଥାନାରେ ଏ ନେଇ କୌଣସି ପକ୍ଷ ଅଭିଯୋଗ କରି ନାହାନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ପିସିସି ସଭାପତି ନିରଞ୍ଜନଙ୍କ ସହ ତାଙ୍କ ସମର୍ଥକମାନେ ପ୍ରାୟ ୧୫ରୁ ଅଧିକ ବୋଲେରୋରେ ଆସି ଆନନ୍ଦପୁରଠାରୁ ୩୦ କି.ମି. ଦୂର ଭଣ୍ଡାରୀପଡା ଛକ ନିକଟରେ ସନ୍ଧ୍ୟାରେ ପହଞ୍ଚିଥିଲେ। ଏହି ଛକଠାରୁ ଅନତି ଦୂରରେ ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଘର । ସ୍ଥାନୀୟ ଲୋକେ କଂଗ୍ରେସ କର୍ମୀଙ୍କ ହୋହଲ୍ଲାକୁ ବିରୋଧ କରିବାରୁ ସେଠାରେ କେହି ଜଣେ ଫାଙ୍କାଗୁଳି ଚାଳନା କରିଥିବା କୁହାଯାଉଛି। ପରେ ଉଭୟ ପକ୍ଷ ପରସ୍ପର ଉପରକୁ ଟେକାପଥର ମାଡ଼ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଜେଡି ସମର୍ଥକମାନେ ପ୍ରଥମେ ଏଭଳି ଆକ୍ରମଣ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଉଥିବା ବେଳେ ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ବଦ୍ରି ନାରାୟଣ ଏହାକୁ ଅସ୍ୱୀକାର କରିଛନ୍ତି। ସେ ନିକଟସ୍ଥ ଅଞ୍ଚଳକୁ ପ୍ରଚାର କାର୍ଯ୍ୟରେ ଯାଇଥିବାରୁ ଗାଁରେ ଉପସ୍ଥିତ ନ ଥିଲେ ବୋଲି କହିଛନ୍ତି। ଗତ କିଛିଦିନ ହେଲା ଏହି ଅଞ୍ଚଳରେ ଅନ୍ୟୂନ ୧୫ଟି ବୋଲୋରୋ ସନ୍ଦେହଜନକ ଭାବେ ଘୂରି ବୁଲୁଥିଲା । ଏ ସମ୍ପର୍କରେ ବିଜେଡି ପକ୍ଷରୁ ସ୍ଥାନୀୟ ପୋଲିସ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରବିବାର ସନ୍ଧ୍ୟାରେ ବୋଲେରୋରେ ଆସିଥିବା ଲୋକେ ହିଂସା ଘଟାଇଛନ୍ତି ବୋଲି ବଦ୍ରି କହିଛନ୍ତି। ଏ ନେଇ ପିସିସି ସଭାପତି ନିରଞ୍ଜନଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏ ସମ୍ପର୍କରେ ଏସପି ଜୟ ନାରାୟଣ ପଙ୍କଜଙ୍କୁ ପଚାରିବାରୁ କହିଛନ୍ତି, ଗଣ୍ଡଗୋଳର ଅନୁଧ୍ୟାନ କରାଯାଉଛି। ଆହତମାନେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭଣ୍ଡାରୀପଡା ଛକ ଭଣ୍ଡାରୀପଡା ଛକ ନିବାଚନୀ ହିଂସା ଘଟଣାକୁ ନେଇ ଡାକ୍ତରଖାନା ଆଗରେ ଲୋକେ ଭିଡ ଜମାଇଥିବାରୁ ପୋଲିସ ପରିସ୍ଥିତି ଉପରେ ନଜର ରଖିଛି।


ଆନନ୍ଦପୁର ମେଡିକାଲ ପରିସରରେ ଲୋକଙ୍କ ଭିଡ଼।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଢ଼ ପଇସାର ପିତ୍ତଳ ଗୁଣା**
**ଛାଟି ପକାଉଛି ଦେଢ଼ି ଓଢ଼ଣା ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ନାକରେ ପିତ୍ତଳର ଗୁଣା ଭଳି ସାମାନ୍ୟ ଅଳଙ୍କାର ପିନ୍ଧିଥିବା ମହିଳା ଅନ୍ୟ ଆଗରେ ନିଜର ବୃଥା ଆତ୍ମବଡ଼ିମା ଦେଖାଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଦେବା ଦ୍ୟାଇବାକୁ ହରି**
**କରତା ଅଟେ ସବୁରି ।**

ଈଶ୍ୱର ହେଉଛି ସକଳ ସୃଷ୍ଟିର ଆଧାର। ସେ ସର୍ବତ୍ର ବିଦ୍ୟମାନ ଓ ସର୍ବଶକ୍ତିମାନ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ତାଙ୍କ ବିନା ଇଚ୍ଛାରେ ଗଛଡାଳରୁ ପତ୍ର ମଧ୍ୟ ଝଡ଼ି ପାରି ନ ଥାଏ। ଏ ସଂସାରରେ ଯାହା ବି ଘଟୁଛି ସବୁ ତାଙ୍କରି ଲୀଳାଖେଳା। ସେ ହିଁ ସୃଷ୍ଟିକର୍ତ୍ତା, ତ୍ରାଣକର୍ତ୍ତା, ପ୍ରାଣକର୍ତ୍ତା ଓ ଦଇବ ବିଧାତା ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍ସ ପବ୍ଲିଶର୍ସ

## ସାନଭାଇ ଠେଙ୍ଗା ମାଡରେ ବଡ ଭାଇ ମୃତ

ଡାବୁଗାଁ,୨୧।୪(ଡି.ଏନ୍.ଏ.)

କ୍ରୋଧ ମଣିଷର ସବୁଠୁ ବଡ ଶତ୍ରୁ ବୋଲି କୁହାଯାଏ। ଏଭଳି ଏକ ଘଟଣା ଘଟିଛି ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କେରଣ୍ଡି ଗ୍ରାମରେ। କ୍ରୋଧର ବଶବର୍ତ୍ତୀ ହୋଇ ସାନଭାଇ ଠେଙ୍ଗାରେ ବଡ଼ ଭାଇକୁ ଆକ୍ରମଣ କରଛନ୍ତି। ଏଥିରେ ବଡ଼ଭାଇ ପ୍ରାଣ ହରାଇଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ କେରଣ୍ଡି ଗ୍ରାମର ତୁଳାରାମ ମାଝି (୬୦)। ପୋଲିସ ଅଭିଯୁକ୍ତ କନି ମାଝିଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଗିଲା ଗ୍ରାମରେ ଗତ ୧୮ ତାରିଖରେ ମାଟି ଯାତ୍ରା ଚାଲିଥିଲା। କେରଣ୍ଡି ଗ୍ରାମର ତୁଳାରାମ ଯାତ୍ରା ଦେଖିବାକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ ଦାଦା ଗୁରୁବନ୍ଧୁଙ୍କ ସହ ତାଙ୍କର ଝଗଡା ହୋଇଥିଲା। ଏହାପରେ ତୁଳାରାମ ଗୁରୁବନ୍ଧୁଙ୍କୁ ମାଡ ମଧ୍ୟ ମାରିଥିଲେ। ୧୯ ତାରିଖରେ କେରଣ୍ଡି ଗ୍ରାମରେ ଏକ ବୈଠକ ହେଉଥିଲା। ଗୁରୁବନ୍ଧୁଙ୍କ ପୁଅ କନି ମାଝି ସେଠାରେ ପହଞ୍ଚି ପୂର୍ବ ଦିନର ଘଟଣା ସମ୍ପର୍କରେ ବୈଠକରେ କହିଥିଲେ। ତୁଳାରାମ ମୋ ବାପାଙ୍କୁ ମାଡ଼ ମାରିଛନ୍ତି, ଏହାର ବିଚାର କରିବାକୁ ସେ ଭଦ୍ରବ୍ୟକ୍ତିଙ୍କୁ କହିଥିଲେ। ପରେ ତୁଳାରାମଙ୍କୁ ବୈଠକରେ ହାଜର ହେବାପାଇଁ ଖବର ଦିଆଯାଇଥିଲା। କିନ୍ତୁ ତୁଳାରାମ ବୈଠକକୁ ଆସି ନ ଥିଲେ। ଏଥିରେ କନି ରାଗି ଯାଇ ତୁଳାରାମଙ୍କ ଘରେ ପହଞ୍ଚି ସାଙ୍ଗରେ ନେଇଥିବା ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ଫଳରେ ତୁଳାରାମ ତଳେ ପଡି ବେହୋସ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ସାଙ୍ଗେସାଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତୁଳାରାମଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରଯାଇଥିଲା। ଶନିବାର ଅପରାହ୍ଣ ପ୍ରାୟ ୨ଟାରେ ଚିକିତ୍ସାଧୀନ ଅବସ୍ଥାରେ ତୁଳାରାମଙ୍କ ମୃତ୍ୟୁ ଘଟିଛି। ଏ ନେଇ ତୁଳାରାମଙ୍କ ସାନଭାଇ ଖଗୁ ମାଝି ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ସବ୍‌ଇନ୍ସପେକ୍ଟର ରଙ୍କନିଧି ସାହୁ, ରାଧାକାନ୍ତ ବାରିକ ଓ ଏଏସ୍ଆଇ ସଲମନ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ୪୯/୧୯ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଥାନା ସବ୍‌ଇନ୍ସପେକ୍ଟର ରାଧାକାନ୍ତ ବାରିକ ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତ କନି ମାଝିଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ।

**ପ୍ରଥମ ପୃଷ୍ଠାରୁ...**

## ଆତଙ୍କବାଦୀ...

ଏହି ହୋଟେଲଗୁଡ଼ିକରେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ। ସ୍ଥାନୀୟ କର୍ତ୍ତୃପକ୍ଷ ସ୍ଥିତି ନିୟନ୍ତ୍ରଣକୁ ଆଣୁଥିବାବେଳେ ମୃତ୍ୟୁର ସୌଦାଗରମାନେ କଲମ୍ବୋର ଦେମାଟୋଗୋଡା ଏବଂ ଦେହିୱାଲା ଚିଡିଆଖାନା ନିକଟରେ ଅପରାହ୍ନରେ ପୁଣି ଦୁଇଟି ବିସ୍ଫୋରଣ ଘଟାଇ ଆଉ ୫ ଜଣଙ୍କ ଜୀବନ ନେଇଥିଲେ। ମୃତକଙ୍କ ମଧ୍ୟରେ ଥିବା ୩୫ ବିଦେଶୀ ନାଗରିକ କେଉଁ ଦେଶର ତାହା ସ୍ପଷ୍ଟ ହୋଇନାହିଁ। ବିସ୍ଫୋରଣରେ ମୃତକମାନଙ୍କ ଶରୀରର ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ଏଣେତେଣେ ବିଛାଡ଼ି ହୋଇ ପଡ଼ିଛି। ହୋଟେଲ ଓ ଚର୍ଚ୍ଚଗୁଡ଼ିକର ଧ୍ୱସ୍ତବିଧ୍ୱସ୍ତ କାନ୍ଥ ଓ ଝରକାରେ ରକ୍ତର ଛିଟା ପ୍ରମାଣ ଦେଉଛି କେତେ ଭୟଙ୍କର ଥିଲା ଏହି ଆକ୍ରମଣ। ସୋସିଆଲ ମିଡିଆରେ ଏହି ସବୁ ଦୃଶ୍ୟର ଫଟୋ ଓ ଭିଡିଓ ଭାଇରାଲ ହୋଇଛି। ଗୁଜବ ରୋକିବା ପାଇଁ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ଉପରେ ସରକାର କଟକଣା ଜାରି କରିଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ରୀଲଙ୍କା ସରକାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସାରା ଦେଶରେ କର୍ଫ୍ୟୁ ଜାରି କରିଛନ୍ତି। ରାଷ୍ଟ୍ରପତି ସିରିସେନା ଶୋକବ୍ୟକ୍ତ କରିବା ସହ ଆକ୍ରମଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ସରକାରୀ ସ୍କୁଲଗୁଡ଼ିକ ପାଇଁ ଛୁଟି ଘୋଷଣା କରାଯାଇଛି। ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେ (ଯାହାଙ୍କ ନେତୃତ୍ୱରେ ୨୦୦୯ ମେ'ରେ ଶ୍ରୀଲଙ୍କା ସେନା ଏଲ୍‌ଟିଟିଇକୁ ପ୍ରତିହତ କରାଯାଇଥିଲା) ଏହି ଆକ୍ରମଣକୁ 'ଅତ୍ୟନ୍ତ ବର୍ବର' ବୋଲି ନିନ୍ଦା କରିଛନ୍ତି।

ଏହି ଗଣହତ୍ୟା ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହିଁ। ତେବେ ଏହା ପଛରେ ଇସ୍‌ଲାମିଷ୍ଟ ଆତ୍ମଘାତୀଙ୍କ ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ୨୦୧୮ରେ ବୌଦ୍ଧମୂର୍ତ୍ତିଗୁଡ଼ିକୁ ଭାଙ୍ଗିଥିବା ସ୍ଥାନୀୟ ମୁସ୍‌ଲିମ ମୌଳବାଦୀ ଗୋଷ୍ଠୀ ନ୍ୟାଶନାଲ୍ ଥୋୱିଦ୍ ଜମାତ୍ (ଏନ୍‌ଟିଜେ) ପକ୍ଷରୁ ଏହି ଆକ୍ରମଣ କରାଯାଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଆତଙ୍କବାଦୀମାନେ କ୍ୟାଥୋଲିକ୍ ଚର୍ଚ୍ଚଗୁଡ଼ିକୁ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇପାରନ୍ତି ବୋଲି ୧୦ ଦିନ ପୂର୍ବରୁ ଶ୍ରୀଲଙ୍କା ପୋଲିସ ମୁଖ୍ୟ ପୁଜୁଥ ଜୟସୁନ୍ଦରା ଚେତାଇଦେବା ସହ ଦେଶବ୍ୟାପୀ ଆଲର୍ଟ ଜାରି କରିଥିଲେ। ସ୍ଥାନୀୟ ପୋଲିସ ଦ୍ୱାରା ଯାଞ୍ଚବେଳେ ଶାଙ୍ଗ୍ରି-ଲା ଷ୍ଟାର ହୋଟେଲର ରୁମ୍ ନମ୍ବର ୬୧୬ରୁ ଇସ୍‌ଲାମିକ୍ କଟ୍ଟରପନ୍ଥୀଙ୍କ ଦ୍ୱାରା ବ୍ୟବହୃତ କେତେକ ବିସ୍ଫୋରକ ଜବତ ହୋଇଥିଲା। ତେବେ ଶ୍ରୀଲଙ୍କା ନାଗରିକ ଅଥବା ବିଦେଶୀ ଆତଙ୍କବାଦୀଙ୍କ ଦ୍ୱାରା ଏହି ସିରିଜ୍ ବିସ୍ଫୋରଣ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ ବୋଲି 'ଦି ମିରର୍' ଖବରକାଗଜ ପକ୍ଷରୁ କୁହାଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସୁନିୟୋଜିତ ବର୍ବରତା ବୋଲି ଅଭିହିତ କରିବା ସହ ନୂଆଦିଲ୍ଲୀ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କଲମ୍ବୋସ୍ଥିତ ଭାରତୀୟ ଦୂତାବାସ ସ୍ଥିତି ଅନୁଧ୍ୟାନ କରୁଛି। ଦୂତାବାସ ପକ୍ଷରୁ ଭାରତୀୟଙ୍କୁ ସହାୟତା ପ୍ରଦାନ ନିମନ୍ତେ ହେଲ୍‌ପଲାଇନ୍ ନମ୍ବର: +୯୪୭୭୭୯୦୩୦୮୨, ୯୪୧୧୨୪୨୨୭୮୮ ଏବଂ ୯୪୧୧୨୪୨୨୭୮୯ ଜାରି କରାଯାଇଛି।

## ପ୍ରଚାର ସରିଲା...

ପ୍ରାଣମୂର୍ଚ୍ଛା ଉଦ୍ୟମ କରିବ। ପୁରୀରେ ବିଜେଡି-ଭାଜପା-କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ହେଉଛି। ଶାସକ ବିଜେଡିରୁ ପିନାକୀ ମିଶ୍ର, ଭାଜପାରୁ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ କଂଗ୍ରେସରୁ ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ପ୍ରାର୍ଥୀ ହୋଇଛନ୍ତି। ଭୁବନେଶ୍ୱରରେ ଭାଜପାର ଅପରାଜିତା ଷଡ଼ଙ୍ଗୀଙ୍କ ମୁକାବିଲା ବିଜେଡିର ଅରୂପ ପଟ୍ଟନାୟକଙ୍କ ସହ ହେଉଛି। ଏଠାରେ କଂଗ୍ରେସ-ସିପିଏମ୍ ପକ୍ଷରୁ ଜନାର୍ଦ୍ଦନ ପତିଙ୍କୁ ପ୍ରାର୍ଥୀ କରାଯାଇଛି। ସମ୍ବଲପୁରରେ ବିଜେଡିରୁ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନଙ୍କ ମୁକାବିଲା ଭାଜପାର ନିତେଶ ଗଙ୍ଗଦେବ ଏବଂ କଂଗ୍ରେସର ଶରତ ପଟ୍ଟନାୟକଙ୍କ ସହ ହେଉଛି। ଭାଜପା ଗତଥର ଏହି ଆସନରୁ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିଲା, ତେଣୁ ଚଳିତଥର ରାଜ୍ୟରେ ଭାଜପା ପ୍ରତି ସୃଷ୍ଟି ହୋଇଥିବା ହାୱାରୁ ଫାଇଦା ନେବାକୁ ଦଳ ଆପ୍ରାଣ ଉଦ୍ୟମ କରୁଛି। ଢେଙ୍କାନାଳ ଲୋକସଭାରେ ବିଜେଡିର ମହେଶ ସାହୁଙ୍କ କଂଗ୍ରେସର କେ.ପି ସିଂଦେଓ ଏବଂ ଭାଜପାର ରୁଦ୍ର ପାଣିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଲୋକ ସଭା ରାଜନୀତିରେ କେ.ପି ଏବଂ ରୁଦ୍ର ପୁରୁଣାମୁହଁ, ମହେଶ ପୂର୍ବରୁ ବିଧାୟକ ହୋଇଛନ୍ତି, ହେଲେ ଚଳିତଥର ପ୍ରଥମଥର ପାଇଁ ଲୋକ ସଭା ପାଇଁ ଲଢୁଛନ୍ତି। ତେଣୁ ୨୦୦୪ରୁ ବିଜେଡି ହାତରେ ଥିବା ସେହି ଆସନର ଫଳାଫଳ କ'ଣ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। କେନ୍ଦୁଝର ଲୋକ ସଭାରେ ବିଜେଡିର ଚନ୍ଦ୍ରାଣୀ ମୁର୍ମୁଙ୍କ ସହ ଭାଜପାର ଅନନ୍ତ ନାଏକଙ୍କ ସିଧାସଳଖ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କଟକରେ ବିଜେଡି ସଂସଦୀୟ ନେତା ଭର୍ତ୍ତୃହରି ମହତାବଙ୍କ ମୁକାବିଲା କଂଗ୍ରେସର ପଞ୍ଚାନନ କାନୁନଗୋ ଏବଂ ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ରଙ୍କ ସହ ହେଉଛି।

ଏହି ପର୍ଯ୍ୟାୟର ୪୨ ବିଧାନସଭା ଆସନରେ ପୂର୍ବଥର ବିଜେଡି ୩୭, ଭାଜପା ୩ ଏବଂ ସ୍ୱାଧୀନ ୨ ସ୍ଥାନରେ ବିଜୟୀ ହୋଇଥିଲା। କଂଗ୍ରେସ କୌଣସି ଆସନ ଜିତିପାରି ନ ଥିଲା। ରାଜନୈତିକ ଘଟଣାକ୍ରମରେ ସତ୍ୟବାଦୀର ସ୍ୱାଧୀନ ବିଧାୟକ ବିଜେଡିରେ ଯୋଗ ଦେଲେ। ଚମ୍ପୁଆ ବିଧାୟକ ସନାତନ ମହାକୁଡ ବିଜେଡିରେ ଯୋଗ ଦେଇ ନାହାନ୍ତି। ହେଲେ ତାଙ୍କ ସୁପାରିସକ୍ରମେ ବିଜେଡି ଚମ୍ପୁଆ ବିଧାନସଭା ଏବଂ କେନ୍ଦୁଝର ଲୋକ ସଭାରେ ପ୍ରାର୍ଥୀ କରିଥିବା ସନା ଗଣମାଧ୍ୟମରେ ସ୍ୱୀକାର କରିସାରିଛନ୍ତି। ଭାଜପା ଚିଲିକା, କୁଚିଣ୍ଡା ଏବଂ ଦେବଗଡ ଆସନ ଜିତିପାରିଥିଲା। ସାମ୍ପ୍ରତିକସ୍ଥିତିରେ ବିଜେଡି ବହୁ ଆସନରେ କଡା ମୁକାବିଲାର ସମ୍ମୁଖୀନ ହେଉଛି। ଏହି ଆସନଗୁଡିକ ହେଉଛି- ବ୍ରହ୍ମଗିରି, ନୟାଗଡ, ରଣପୁର, ଚିଲିକା, ଭୁବନେଶ୍ୱର(ମଧ୍ୟମ), କଟକ ସଦର, ପାଲଲହଡା, ବଡମ୍ବା ଏବଂ ସମ୍ବଲପୁର । ଉପରୋକ୍ତ ଆସନଗୁଡିକରେ ଭାଜପା ବିଜେଡିକୁ କଡା ଟକ୍କର ଦେଉଛି। ସେହିପରି ବେଗୁନିଆ, ବାରବାଟୀ-କଟକ, ବାଙ୍କୀ, ଆଠଗଡ, ଘସିପୁରା ଆଦି ଆସନରେ କଂଗ୍ରେସ ଶାସକ ଦଳକୁ ଟକ୍କର ଦେଉଛି। ଢେଙ୍କାନାଳ ଏବଂ ସତ୍ୟବାଦୀରେ ତ୍ରିକୋଣୀୟ ମୁକାବିଲା ଦେଖିବାକୁ ମିଳିବ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

ଏପରି ସ୍ଥିତିରେ ବିଜେଡି ହେଭିୱେଟ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅରୁଣ ସାହୁଙ୍କ ଭଳି ନେତାଙ୍କ ବିଧାନସଭା ଆସିବା ନେଇ ସଂଶୟ ଜାରି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ପର୍ଯ୍ୟାୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ମହେଶ୍ୱର ମହାନ୍ତି, ପ୍ରଦୀପ ମହାରଥୀ, ପୂର୍ବ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଭାଜପା ବିଧାୟକ ରବି ନାଏକ, ଜିତୁ ମିତ୍ର , ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭଳି ହେଭିୱେଟ ଭାଗ୍ୟ ପରୀକ୍ଷା କରୁଛନ୍ତି। ମତଦାନଗୁଡିକ ଶାନ୍ତିପୂର୍ଣ୍ଣ କରିବା ପାଇଁ ରାଜ୍ୟ ପୋଲିସ ପ୍ରଶାସନ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ବରଯାତ୍ରୀ ଗାଡି ଦୁର୍ଘଟଣାଗ୍ରସ୍ତ: ୨ ମୃତ

ପଦ୍ମପୁର/ଗୁଡାରୀ, ୨୧।୪(ଡି.ଏନ୍.ଏ)- ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ କିନିଡ଼ି ଗ୍ରାମ ନିକଟ ମାଛବନ୍ଧଠାରେ ରବିବାର ଏକ ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତମାନଙ୍କୁ ପ୍ରଥମେ ଗୁଡ଼ାରୀ ଓ ପଦ୍ମପୁର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଗୁଣପୁର ଓ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକମାନେ ହେଲେ ଜାନକୀ ଶବର ଓ ନୀଳକଣ୍ଠ କୈବର୍ତ୍ତ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



୰ ପ୍ରଭାକର ପଟ୍ଟନାୟକ
(୧୯୨୪-୨୦୧୯)

ଆଜି ଏକାଦଶାହ ଉପଲକ୍ଷେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଚରଣରେ ପ୍ରାର୍ଥନା କରୁଅଛୁ ।

ହରମୋହନ, ଗୀତାରାଣୀ, ଅମୃତା, ଅମିତାଂଶୁ, ମଧୁସ୍ମିତା, ନନ୍ଦିକେଶ, ଆଦିତି, ଇତିଶ୍ରୀ, ଶମ୍ଭୁରାମ, ଅରବିନ୍ଦ, ରବିଶଙ୍କର, ଜ୍ୟୋତି, ଅନିନ୍ଦିତା, ଅଂଶୁମାନ, ଅଞ୍ଜନ, ରାଜେନ୍ଦ୍ର ନାରାୟଣ, ମିନାକ୍ଷୀ, ଆଦିତ୍ୟ ନାରାୟଣ, ଯଶ ନାରାୟଣ, ରଶ୍ମି ରଞ୍ଜନ, ମିନତୀ, ଅରୁଣିମା, ରଞ୍ଜିତା, ଶଙ୍କର ନାରାୟଣ, ସୁବ୍ରତ, ଅନାମିକା, ସ୍ମିତିକ, ସନ୍ଦୀପ, ଲିପ୍‌ସା, ଶ୍ରୀହାନ, ସନତ, ବ୍ରତତୀ, ସାଇଭି, ନମିତା, ମୀନକେତନ, ଦେବାଶିଷ, ପୂର୍ଣ୍ଣିମା, ଆୟୁଷ୍ମାନ, ସୁଜ୍ଞାନୀ, ସମ୍ବିତ, ଶ୍ରେୟାନ୍ସ

ଧ-୧୨୨୭୦

### ଦଶମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସତ୍ୟସ୍ୱରୂପ ସାବତ୍
(ପପୁ)
ଆବିର୍ଭାବ: ତା. ୦୩।୦୭।୧୯୮୪
ତିରୋଧାନ: ତା.୧୨।୦୪।୨୦୦୯
(ବୈଶାଖ କୃଷ୍ଣ ୩ୟା)
ଅଡ଼ଶପୁର, କଟକ

ପପୁ ! ଚାହୁଁ ଚାହୁଁ ଦଶବର୍ଷ ଅତିବାହିତ ହୋଇଗଲାଣି କିନ୍ତୁ ଏବେ ବି ତୁ ଆମ୍ଭମାନଙ୍କ ନିକଟରେ ଥିଲାପରି ଅନୁଭବ କରୁଛୁ। ତୋର ସ୍ମୃତି ଆମ୍ଭମାନଙ୍କର ପାଥେୟ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ତୋର ଅତି ଆଦରର ବୋଉ, ନନା, ଶୋକସନ୍ତପ୍ତ ପରିଜନବର୍ଗ ।

ଧ-୧୨୨୬୯

# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି। ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address:
Narsingpur, Bhogarai, Balasore
Mob: 8860754194, 7835948917

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

COLOR DISPLAY CLASSIFIED
on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST: 5% will be added extra


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବାଟ ହୁଡୁଛି ତଦନ୍ତ, ଖାକିରେ ଲାଗିଛି କଳଙ୍କ

**ବାଟରେ କମିଶନରେଟ ପୋଲିସ**

- ଆତ୍ମରକ୍ଷା ପାଇଁ ଦିଆଯାଉଛି ଆତ୍ମହତ୍ୟା ରୂପ
- ଏବେବି ରହସ୍ୟଘେରରେ ବହୁ ହତ୍ୟା ମାମଲା
- କ୍ରାଇମବ୍ରାଞ୍ଚ, ସିବିଆଇକୁ ତଦନ୍ତ ସୁପାରିସ କରାଯାଉନି
- ନ୍ୟାୟ ଅପେକ୍ଷାରେ ମୃତକଙ୍କ ପରିବାର

ତ୍ରିନାଥ ମହାନ୍ତି

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

ଆଜି ବି ପୋଲିସ ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରି ନାହିଁ। ଥାନା, ପୋଲିସ ନାଁ ଶୁଣିଲେ ଲୋକେ ଭିନ୍ନ କଥା କହୁଛନ୍ତି। ଘଟଣା ଘଟିଲେ ବି ଅନେକେ ଥାନାକୁ ଯିବାକୁ ଚାହୁଁନାହାନ୍ତି। ନ୍ୟାୟ ବଦଳରେ ପୋଲିସ ଶୋଷଣ କରୁଥିବା ଓ ଲାଞ୍ଚ ନେଇ ଅପରାଧୀଙ୍କୁ ସୁରକ୍ଷା ଯୋଗାଉଥିବା ଲୋକଙ୍କ ମନରେ ଧାରଣା ରହୁଛି। କେତେବେଳେ ଲାଞ୍ଚ ନେଇ ପୋଲିସ ଭିଜିଲାନ୍ସ ଦ୍ୱାରା ଗିରଫ ହେଲାଣି ତ ପୁଣି କେତେବେଳେ ମାମଲାକୁ ଓଲଟପାଲଟ କରି ନିର୍ଦ୍ଦୋଷଙ୍କୁ ଜେଲ ପଠାଇଲାଣି। ଏମିତି ଅନେକ ଘଟଣାକୁ ନେଇ ପୂରା ବିଭାଗ ବଦନାମ ମୁଣ୍ଡାଇଛି। କେତେଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଖାକିରେ କଳଙ୍କ ଲାଗିଛି। ସବୁଠୁ ଦକ୍ଷ କୁହାଯାଉଥିବା କମିଶନରେଟ ପୋଲିସରେ ମଧ୍ୟ ଏଭଳି ଉଦାହରଣ ଅନେକ ରହିଛି। ଏଠି ତଦନ୍ତ ବାଟ ହୁଡୁଛି। ଚାର୍ଜଶିଟ ଠିକ୍ ଭାବେ କରାଯାଉନି। ପ୍ରମାଣ ଯୋଗାଡ଼ରେ ବିଫଳ ହୋଇ ପୋଲିସ ନିଜ ଦୋଷ ଓ ଦୁର୍ବଳତା ଘୋଡ଼ାଇବାକୁ ଯାଇ ଅନେକ ଘଟଣାକୁ ଭିନ୍ନ ରୂପ ଦେଉଛି। ହତ୍ୟାକୁ ବି ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ ରହିଛି। ମାମଲାର ମୂଳକୁ ଯାଇ ତଦନ୍ତ କରିବା ବଦଳରେ ଫାଇଲ ବି ବନ୍ଦ କରିଦିଆଯାଇଥିବା ନଜିର ରହିଛି। ଫଳରେ ବହୁ ପରିବାର ଏବେବି ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଅନ୍ୟପକ୍ଷରେ ବିଫଳତା ସତ୍ତ୍ୱେ ପୋଲିସ ନିଜର ବାହାଦୁରି ଦେଖାଇବାକୁ ଯାଇ ହତ୍ୟା ପରି ଅନେକ ସଙ୍ଗିନ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସୁପାରିସ କରୁନି। କମିଶନରେଟ ପୋଲିସ ଥାନାଞ୍ଚଳର କେତେକ ଚର୍ଚ୍ଚିତ ହତ୍ୟା ଘଟଣାରୁ ଏପରି ଅଭିଯୋଗର ବାସ୍ତବତା ବାରି ହୋଇପଡୁଛି।

## ଉନ୍ନୟ ପାଢ଼ୀ ହତ୍ୟା ମାମଲାରେ ପୋଲିସର ଅଜବ ଯୁକ୍ତି

ବହୁ ଚର୍ଚ୍ଚିତ ଉନ୍ନୟ ପାଢ଼ୀ ମାମଲା ଏବେ ମଧ୍ୟ ରହସ୍ୟ ଘେରରେ। ୨୦୧୮ ମାର୍ଚ୍ଚ ୨୧ରେ କୁଆଖାଇ ନଦୀ ପଠାରୁ ଉନ୍ନୟଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ଉଦ୍ଧାର ସମୟରେ ପେଟରେ ଏକ ଛୁରି ଭୁସା ହୋଇଥିଲା ଓ ପାଟିରେ ଇଟା ପଶିଥିଲା। ମୁଣ୍ଡକୁ ମଧ୍ୟ ଛେଚାଯାଇଥିବା ଦେଖିବାକୁ ମିଳିଥିଲା। ତ୍ରିକୋଣୀୟ ପ୍ରେମକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲା। ହେଲେ କମିଶନରରେଟ ପୋଲିସ ତଦନ୍ତରୁ ସେପରି କିଛି ପ୍ରମାଣ ନ ପାଇ ଶେଷରେ ଏହାକୁ ଏକ ଯୋଜନାବଦ୍ଧ ଆତ୍ମହତ୍ୟା ବୋଲି କହିଥିଲା। ଉନ୍ନୟ ପ୍ରତାରଣାର ଶିକାର ହେବା ପରେ ସମ୍ପୃକ୍ତ ଯୁବତୀ ଓ ତାଙ୍କ ପ୍ରେମିକଙ୍କୁ ଫସାଇବା ପାଇଁ ନିଜେ ଆତ୍ମହତ୍ୟା କରି ହତ୍ୟାର ରୂପ ଦେଇଥିଲା ବୋଲି ପୋଲିସ ଅଜବ ଯୁକ୍ତି ଦର୍ଶାଇଥିଲା।

## ରହସ୍ୟରେ କାଠମିସ୍ତ୍ରି ହତ୍ୟା

୨୦୧୮ ଫେବୃୟାରୀ ୧୭ରେ ଭୁବନେଶ୍ୱରର ଏମ୍ଏଲ୍ଏ କଲୋନୀ ପ୍ଲଟ୍ ନଂ.ଏ/୧୯୨ରୁ କାଠ ମିସ୍ତ୍ରି ଗୋପୀନାଥ ମହାରଣାଙ୍କ ମୃତଦେହ ଜବତ କରାଯାଇଥିଲା। ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ଦିଆଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଏହାକୁ ଆତ୍ମହତ୍ୟା ବୋଲି କହିଥିଲା। ହେଲେ ଆତ୍ମହତ୍ୟାର କାରଣ କ'ଣ ସେସମ୍ପର୍କରେ କିଛି ବି କହି ନ ଥିଲା। ମାତ୍ର ମୃତ ଗୋପୀନାଥଙ୍କ ପୁଅ ଏହାର ପ୍ରତିବାଦ କରିବା ସହ ଠିକ୍ ଭାବେ ତଦନ୍ତ ଦାବି କରିଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା।

## ଟ୍ରକ୍ ଡାଲାରେ ଝୁଲନ୍ତା ମୃତଦେହ ଘଟଣାର ଫାଇଲ୍ ବନ୍ଦ

୨୦୧୮ ଜାନୁୟାରୀ ୨୮ରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭେଙ୍କେଟେଶ୍ୱର ସ୍କୁଲ ପଛରେ ପାର୍କିଂ ହୋଇଥିବା ଏକ ଟ୍ରକ୍ ଡାଲାରେ ଝୁଲନ୍ତା ଅବସ୍ଥାରେ କଟକ ବ୍ରାହ୍ମଣସାହିର ସୂର୍ଯ୍ୟକାନ୍ତ ଭୋଇଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ବେକରେ ରଶି ଲାଗିଥିବାବେଳେ ମୃତଦେହଟି ଆଣ୍ଠେଇବା ଅବସ୍ଥାରେ ରହିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଯୋଜନାବଦ୍ଧ ହତ୍ୟା ବୋଲି କୁହାଗଲା। ହତ୍ୟା ପଛରେ ସୂର୍ଯ୍ୟକାନ୍ତଙ୍କ ସ୍ତ୍ରୀ ଓ ତାଙ୍କ ପ୍ରେମିକ ସଂପୃକ୍ତଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ହେଲେ ପୋଲିସ ଠିକ୍ ଭାବେ ତଦନ୍ତ ନ କରି ଶେଷରେ ଘଟଣାକୁ ଆତ୍ମହତ୍ୟା ବୋଲି କହି ଫାଇଲ୍ ବନ୍ଦ କରିଦେଲା।

## ଗଙ୍ଗୁଆରୁ ନିଖୋଜ ବ୍ୟବସାୟୀଙ୍କ ମୃତଦେହ ମିଳିବା ଘଟଣା

୨୦୧୮ ନଭେମ୍ବର ୫ରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗଙ୍ଗୁଆ ନାଳରୁ ପରିବା ବ୍ୟବସାୟୀ କେନ୍ଦ୍ରାପଡା ପାଟକୁରା ଅଞ୍ଚଳର ରାକେଶ ଭଦ୍ରାଙ୍କ ମୃତଦେହ ମିଳିଥିଲା। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିଲା। ଦୁଇଦିନ ତଳୁ ସେ ନିଖୋଜ ଥିଲେ। ସାଙ୍ଗମାନେ ଭୋଜି କରିବାକୁ କହି ତାଙ୍କୁ ଘରୁ ଡାକି ନେଇଥିଲେ। ହେଲେ ପରେ ସେହି ସାଙ୍ଗମାନେ ତାଙ୍କୁ ଦେଖି ନ ଥିବା ଓ ହଠାତ୍ ମୃତଦେହ ଗଙ୍ଗୁଆ ନାଳରୁ ମିଳିବା ପରିବାର ଲୋକଙ୍କୁ ଚକିତ କରିଥିଲା। ପୋଲିସ ପ୍ରଥମେ ଏହାକୁ ହତ୍ୟା ବୋଲି କହିଥିଲା। କିନ୍ତୁ ଠିକ୍ ଭାବେ ତଦନ୍ତ ନ କରି ଆତ୍ମହତ୍ୟା କହି ମାମଲା ବନ୍ଦ କରିଦେଲା।

## ଜଟଣୀ ନାବାଳିକା ବଳାତ୍କାର, ହତ୍ୟାର ଭିନ୍ନ ମୋଡ଼

ଦୁଇମାସ ତଳେ ଜଟଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ଘରୁ ମିଳିଥିଲା। ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ତାଙ୍କ ମା' ଅଭିଯୋଗ କରିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ତଥ୍ୟ ପ୍ରମାଣ ନ ପାଇ ଶେଷରେ କହିଲା ଏହା ବଳାତ୍କାର ନୁହେଁ କି ଆତ୍ମହତ୍ୟା ନୁହେଁ। ପୋଲିସ ମିଛ କାହାଣୀ ରଚିଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଶେଷରେ ତାଙ୍କ ଘରକୁ ଯାଉଥିବା ଜଣେ ଯୁବକଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଦଫାରେ ଗିରଫ କରିଥିଲା।

## ମାର୍ବଲ ଶୋ'ରୁମ୍ ସିକ୍ୟୁରିଟି ଗାର୍ଡ ହତ୍ୟା ମାମଲା

ଗତ ମାର୍ଚ୍ଚ ୨୭ ତାରିଖ ରାତିରେ ବାଲିଅନ୍ତା ଥାନା ପାହାଳ ନିକଟ ମା' ଶାରଳା ମାର୍ବଲ ଓ ଗ୍ରାନାଇଟ୍ ଶୋ'ରୁମ୍ ପରିସରରୁ ସିକ୍ୟୁରିଟି ଗାର୍ଡ ଗଦାଧର ସ୍ୱାଇଁଙ୍କ ତଣ୍ଟିକଟା ମୃତଦେହକୁ ପୋଲିସ ଉଦ୍ଧାର କରିବା ସହ ତାଙ୍କ ପକେଟରୁ ରକ୍ତଭିଜା ଛୁରି ଜବତ କରିଥିଲା। ତଦନ୍ତ ପରେ ପୋଲିସ ଯାହା କହିଲା ତାହା ପରିବାର ଲୋକଙ୍କୁ ଚକିତ କରିଦେଲା। ମାର୍ବଲ ଚୋରି ଅପବାଦରୁ ବର୍ତ୍ତିବା ପାଇଁ ଗଦାଧର ଆତ୍ମହତ୍ୟା କରିଥିବା ପୋଲିସ ଦର୍ଶାଇଥିଲା। ଏହି ଘଟଣାରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ କଟକ ମିରଜାପୁରର ବାବୁନା ଓରଫ ଦିବାକର ଭୂୟାଁ(୨୯)କୁ ଗିରଫ କରିଥିଲା। ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି ମୃତ ଗଦାଧରଙ୍କ ପରିବାର ଓ ଗ୍ରାମବାସୀ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ। ମାତ୍ର ପୋଲିସ ଚାପ ପକାଇ ବ୍ୟବଚ୍ଛେଦ ରିପୋର୍ଟକୁ ବଦଳାଇଥିବା ଓ ଜାଣିଶୁଣି ମାମଲାକୁ ବନ୍ଦ କରିବା ପାଇଁ ଏଭଳି ତରବରିଆ ଭାବେ ତଦନ୍ତ ସାରି ଆତ୍ମହତ୍ୟା ଦର୍ଶାଇଛି। ତେଣୁ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି ଗଦାଧରଙ୍କ ପରିବାର ଲୋକେ।

## ୩୦ ହତ୍ୟା ମାମଲାକୁ ବନ୍ଦ ଯୋଜନା

୨୦୦୭ରୁ ୨୦୧୮ ପର୍ଯ୍ୟନ୍ତ କମିଶନରେଟ ପୋଲିସରେ ୩୦ ହତ୍ୟା ମାମଲା ପଡ଼ି ରହିଛି। ପୋଲିସ ମଧ୍ୟ ଏହାକୁ ଆଉ ଗୁରୁତ୍ୱ ଦେଉନି। ଏସବୁ ମାମଲାକୁ ମଧ୍ୟ ପୋଲିସ ଅତ୍ମହତ୍ୟା ରୂପ ଦେଇ ଫାଇଲ୍ ବନ୍ଦ କରିଦେବାକୁ ଯୋଜନା କରୁଥିବା କୁହାଯାଉଛି। ମୃତକଙ୍କ ପରିବାର ଲୋକେ ଏବେବି ନ୍ୟାୟ ଅପେକ୍ଷାରେ ରହିଥିବାବେଳେ କମିଶନରେଟ ପୋଲିସର ଏଭଳି ଆଭିମୁଖ୍ୟ ସେମାନଙ୍କୁ ନିରାଶ କରିଛି।

## କ'ଣ କହୁଛନ୍ତି ଏମାନେ.....

### ସନ୍ଦେହ ହେଉଥିଲେ କୋର୍ଟଙ୍କ ଆଶ୍ରୟ ନିଅନ୍ତୁ



ମୋ ପୂର୍ବରୁ ଯେଉଁ ଘଟଣାସବୁ ଘଟିଛି ତାହା ଉପରେ ମୁଁ ମତ ଦେଇପାରିବି ନାହିଁ। ମୋ ସମୟରେ ଯେଉଁ ହତ୍ୟା ଘଟଣାକୁ ଆତ୍ମହତ୍ୟା ରୂପ ଦିଆଯାଉଛି ବୋଲି ଅଭିଯୋଗ ଉଠୁଛି ତାହାକୁ ମୁଁ ଗୁରୁତ୍ୱ ଦେଉଛି। ତେବେ ପୋଲିସ ତଥ୍ୟ ଓ ପ୍ରମାଣ ଆଧାରରେ ମାମଲାକୁ ଆତ୍ମହତ୍ୟା ବୋଲି ସ୍ପଷ୍ଟ କରୁଛି। ଯେଉଁ ମୃତକଙ୍କ ପରିବାର ଲୋକଙ୍କ ସନ୍ଦେହ ହେଉଛି ସେମାନେ କୋର୍ଟରେ ଆଶ୍ରୟ ନେଇପାରିବେ।

–ସତ୍ୟଜିତ ମହାନ୍ତି, ପୋଲିସ କମିଶନର

### ଖାକି ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ଆଶଙ୍କାରେ ଏପରି କରାଯାଉଛି



ପୋଲିସ ତଦନ୍ତରେ ଫେଲ୍ ମାରିବା ପରେ ଆତ୍ମରକ୍ଷା ପାଇଁ ଆତ୍ମହତ୍ୟାର ରୂପ ଦେଉଛି। ଏପରିକି ଘଟଣା ଉପରୁ ଲୋକଙ୍କ ନଜର ହଟାଇବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାପାଇଁ ଜଣେ ଦୁଇଜଣଙ୍କୁ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଗିରଫ କରି କୋର୍ଟ ଚାଲାଣ କରିଦେଉଛି। ପୋଲିସ ଯଦି ଠିକ୍ ଭାବେ ତଦନ୍ତ କରିପାରୁନି ତେବେ ପୋଲିସ କମିଶନର କିମ୍ବା ଡିଜି ଏହାକୁ କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇକୁ ତଦନ୍ତ ପାଇଁ ସୁପାରିସ କରିପାରନ୍ତେ। କିନ୍ତୁ ଖାକି ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ଆଶଙ୍କାରେ ପୋଲିସ ଅଧିକାରୀମାନେ ତାହା ନ କରି ଭିନ୍ନ ରୂପ ଦେଇ ଫାଇଲ୍ ବନ୍ଦ କରିଦେଉଛନ୍ତି।

–ଚିତ୍ତରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ

## ସଂକ୍ଷେପରେ

### ୨୩ରେ ଆସୁଛନ୍ତି ମୋଦି, ୨୭ରେ ଶାହ

**ଭୁବନେଶ୍ୱର, ୨୧।୪(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଓଡିଶା ଗସ୍ତରେ ଆସୁଛନ୍ତି। ମୋଦି ସକାଳ ୧୦ଟାରେ ୩୦ରେ କେନ୍ଦ୍ରାପଡାଠାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ। ଏହାପରେ ମଧ୍ୟାହ୍ନ ୧୨ଟାରେ ମୋଦି ବାଲେଶ୍ୱରଠାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସାଧାରଣସଭାରେ ସମ୍ବୋଧିତ କରିବେ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ମୋଦିଙ୍କ ୨୩ ଗସ୍ତ ପରେ ଆସନ୍ତା ୨୭ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶାହ ମୟୂରଭଞ୍ଜର ମୋରଡା ଏବଂ ଯାଜପୁର ଜିଲାର ସୁକିନ୍ଦାଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଆସନ୍ତା ୨୬ରେ ଯାଜପୁର ଏବଂ ମୟୂରଭଞ୍ଜଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଗୋଲକ ସୂଚନା ଦେଇଛନ୍ତି।

### ସ୍ୱାମୀର ଏସିଡ୍ ମାଡ଼ରେ ସ୍ତ୍ରୀ ଗୁରୁତର

**ମାଲକାନଗିରି/ଏମଭି-୭୯,୨୧।୪ (ଡି.ଏନ୍.ଏ.):** ମାଲକାନଗିରି ଜିଲା ଏମ.ଭି-୭୯ ଥାନା ଅନ୍ତର୍ଗତ ଏମଭି-୧୧୪ ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କ ଉପରକୁ ଏସିଡ୍ ମାଡ କରିଛନ୍ତି। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ଏମ.ପି.ଭି-୮୩ ଗ୍ରାମର ତପନ ମଣ୍ଡଳ ମୋଟୁ ଥାନା ଅନ୍ତର୍ଗତ ଏମ.ପି.ଭି-୧୧୪ ଗ୍ରାମର ମମତା ଜୋଦାରଙ୍କୁ ଗତ ୬ ମାସ ତଳେ ବିବାହ କରିଥିଲେ। ବିବାହର ୨ମାସ ପରେ ଉଭୟଙ୍କ ମଧ୍ୟରେ କଳହ ଲାଗିବାରୁ ମମତା ବାପଘରେ ଆସି ରହୁଥିଲେ। ରବିବାର ମମତା ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ନିକଟସ୍ଥ ବଜାରକୁ ଯାଇଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ତପନ ପଛପଟୁ ଆସି ମମତାଙ୍କ ଉପରେ ଏସିଡ୍ ପକାଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କ ଶରୀର କିଛି ଅଂଶ ପୋଡିଯାଇଛି। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ପରେ ତପନ ଫେରାର ଅଛନ୍ତି।

# ବାଇକ୍ ଡିକିରୁ ୧୪.୬୮ଲକ୍ଷ ଟଙ୍କା ଜବତ

**କଣାସ ଅଞ୍ଚଳରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ନେଇ ଚର୍ଚ୍ଚା**

ପୁରୀ ଅଫିସ/ବ୍ରହ୍ମଗିରି, ୨୧।୪(ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ପୁରୀ–ସାତପଡ଼ା ଜାତୀୟ ରାଜପଥର ସୁନାମୁହିଁ ଛକ ନିକଟରୁ ରବିବାର ଫ୍ଲାଇଂ ସ୍କ୍ୱାଡ୍ ଏକ ବାଇକ୍ ଡିକିରୁ ୧୪ଲକ୍ଷ ୬୮ହଜାର ୫୦୦ଟଙ୍କା ଜବତ କରିଛି। ସୁନାମୁହିଁ ଛକ ନିକଟରେ ଜିଲା ରିଟର୍ନିଂ ଅଫିସରଙ୍କ ନେତୃତ୍ୱରେ ଗାଡି ମୋଟର ଯାଞ୍ଚ କରାଯାଉଥିବା ବେଳେ ବ୍ରହ୍ମଗିରିରୁ ସାତପଡ଼ା ଯାଉଥିବା ଏକ ବାଇକ୍‌କୁ ଅଟକା ଯାଇଥିଲା। ବାଇକ୍‌ର ଡିକି ଖୋଲାଯିବାରୁ ଉକ୍ତ ଟଙ୍କା ଜବତ ହୋଇଥିଲା। ପରେ ସ୍କ୍ୱାଡ୍ ଅଧିକାରୀମାନେ ଟଙ୍କା ଜବତ କରି ବାଇକ୍ ଚାଳକଙ୍କୁ ବ୍ରହ୍ମଗିରି ଥାନାକୁ ଆଣିଥିଲେ। ସେଠାରେ ଅଧିକାରୀମାନେ ଏହି ଟଙ୍କା କେଉଁଠୁ ଆଣିଲ ବୋଲି ପ୍ରଶ୍ନ କରିବାରୁ ବାଇକ ଚାଳକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏ ସମ୍ପର୍କରେ ଫ୍ଲାଇଂ ସ୍କ୍ୱାଡ୍ ଓ ପୋଲିସ ଅଧିକ ଯାଞ୍ଚ କରୁଥିବାବେଳେ ବାଇକ୍ ଚାଳକ ଓ ଗାଡ଼ିରେ ବସିଥିବା ଅନ୍ୟଜଣେ ଯୁବକଙ୍କୁ ପୋଲିସ ଛାଡ଼ି ଦେଇଛି। ଜବତ ଟଙ୍କାକୁ ଜିଲା ଷ୍ଟ୍ରଙ୍ଗରୁମ୍‌କୁ ପଠାଇ ଦିଆଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜବତ ଟଙ୍କା କୌଣସି ରାଜନୈତିକ ଦଳର କି ନାହିଁ ତାହା ତଦନ୍ତ ଚାଲିଛି। ଅନ୍ୟପକ୍ଷରେ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ଗଡ଼ିଶାଗୋଦା ଥାନା ଅଞ୍ଚଳରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ଚର୍ଚ୍ଚା ହେଉଛି। ଶନିବାର ବିଳମ୍ବିତ ରାତିରେ ଫ୍ଲାଇଂ ସ୍କ୍ୱାଡ୍ ଏହି ଟଙ୍କା ଏକ କାରରୁ ଜବତ କରିଥିବା ଶୁଣିବାକୁ ମିଳୁଛି। ଭୋଟରଙ୍କୁ ବାଣ୍ଟିବାକୁ ଏହି ଟଙ୍କା ନିଆଯାଉଥିବାବେଳେ ଜବତ ହୋଇଥିବା କୁହାଯାଉଛି। କିନ୍ତୁ ଏ ନେଇ କୌଣସି ଖବର ନ ଥିବା ଜିଲା ରିଟର୍ନିଂ ଅଫିସର ତଥା ଜିଲାପାଳ ଜ୍ୟୋତି ପ୍ରକାଶ ଦାଶ କହିଛନ୍ତି। ଯଦି ଜବତ ହୋଇଥାନ୍ତା ତାହାହେଲେ ଫ୍ଲାଇଂ ସ୍କ୍ୱାଡ୍ ତାହା ଜଣାଇଥାନ୍ତେ ବୋଲି ଜିଲାପାଳ ଦାଶ କହିଛନ୍ତି।

# ଜାହ୍ନବୀ, ଇଶାନ୍‌ଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର




**ମୁମ୍ବାଇ:** 'ଧଡକ' ଫିଲ୍ମର ଅଭିନେତ୍ରୀ ଜାହ୍ନବୀ ଏବଂ ଅଭିନେତା ଇଶାନ ଖଟ୍ଟରଙ୍କୁ ସ୍ଥାନୀୟ ଭିଲେ ପାର୍ଲେ ଅଡିଟୋରିୟମ୍‌ରେ ଦାଦାସାହେବ ଫାଲ୍‌କେ ଏକ୍‌ସେଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ପ୍ରନୂତନ ବହଲଙ୍କ ସମେତ ଅନ୍ୟ ଅଭିନେତା, ଅଭିନେତ୍ରୀଙ୍କୁ ଦାଦାସାହେବ ଫାଲ୍‌କେ ସମ୍ମାନ ପ୍ରଦାନ କରାଯାଇଛି। ଜାହ୍ନବୀ ହେଉଛନ୍ତି ସ୍ୱର୍ଗୀୟା ଅଭିନେତ୍ରୀ ଶ୍ରୀଦେବୀଙ୍କ ଜ୍ୟେଷ୍ଠକନ୍ୟା। ପ୍ରତିବର୍ଷ ସିନେମା କଳାକାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ। ଏଥିପାଇଁ ବିଶେଷକରି ତରୁଣ ପିଢ଼ିର କଳାକାରଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଏ। ଉକ୍ତ ଉତ୍ସବରେ ଯୋଗଦେଇଥିବା ଜାହ୍ନବୀ କପୁରଙ୍କଠୁ ଆରମ୍ଭ କରି କାଜଲ ଏବଂ କୁବ୍ରା ସେଟ୍ ସମସ୍ତେ ପାରମ୍ପରିକ ଶାଢ଼ି ପରିଧାନ କରିଥିଲେ। ଜାହ୍ନବୀ ଲାଲ୍ ଶାଢ଼ି ଓ ହଲେ ନେକ୍‌ଲେସ୍ ପିନ୍ଧି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ଇଶାନ୍ ଧଳା ପୋଷାକରେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ଅଭିନେତା ସକିବ୍ ସଲିମ ଏବଂ ଅଭିନେତ୍ରୀ କୁବ୍ରା ସେଟ୍ ଯଥାକ୍ରମେ 'ରଙ୍ଗବାଜ' ଏବଂ 'ସାକ୍ରିଡ ଗେମ୍‌ସ' ପାଇଁ ପୁରସ୍କୃତ ହୋଇଥିଲେ। ସକିବ୍ ମେରୁନ ବନ୍ଧଗଳା ଏବଂ କୁବ୍ରା ଧଳା ଶାଢ଼ି ପରିଧାନ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ଟିଭି କଳାକାର ସୁମୋନା ଚକ୍ରବର୍ତ୍ତୀ ଏହି ଉତ୍ସବରେ ପୁରସ୍କୃତ ହୋଇଥିଲେ। 'ବଧାଇ ହୋ' ଅଭିନେତ୍ରୀ ସୁରେଖା ସିକ୍ରି ଏବଂ ନିର୍ଦ୍ଦେଶକ ଅମିତ ଶର୍ମା ମଧ୍ୟ ଏହି ଚଳଚ୍ଚିତ୍ର ପାଇଁ ଦାଦାସାହେବ ପୁରସ୍କାର ଲାଭ କରିଥିଲେ।

# ରାଜଧାନୀ ସମସ୍ୟା ଦୂର କରିପାରିନି ବିଜେଡି: ଭାଜପା

**ଭୁବନେଶ୍ୱର, ୨୧।୪ (ବ୍ୟୁରୋ):** ଦୀର୍ଘବର୍ଷ ଶାସକ ବିଜେଡି ଦଳର ନେତାମାନେ ରାଜଧାନୀରେ ଶାସନ କରିବା ପରେ ମଧ୍ୟ ଲୋକଙ୍କ ସମସ୍ୟା ସୁଧାରି ପାରିନାହାନ୍ତି । ବର୍ଷାଦିନେ କୃତ୍ରିମ ବନ୍ୟା, ବର୍ଷ ତମାମ ଟ୍ରାଫିକ ସମସ୍ୟା, ଆତତାୟୀ ଏବଂ ଚୋର ଲୁଟେରାଙ୍କ ଆତଙ୍କରାଜ, ପାନୀୟ ଜଳ ସମସ୍ୟାରେ ରାଜଧାନୀବାସୀ ଅଣନିଶ୍ୱାସୀ ହୋଇପଡିଲେଣି। ରାଜଧାନୀର ସରକାରୀ ମେଡିକାଲ ଗୁଡିକରେ ଡାକ୍ତର ନାହାଁନ୍ତି । ସେହିପରି ସରକାରୀ ସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ଜୀବନ ଅନ୍ଧାର ଘେରକୁ ଚାଲିଗଲାଣି। ଡ୍ରେନେଜର ସୁବିଧା ନ ଥିବାରୁ ଅସରାଏ ବର୍ଷରେ ରାଜରାସ୍ତା ଉପରେ ଗାଡି ଭାସୁଛି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରାଜଧାନୀରେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି, ବିଧାୟକ, ଏବଂ ମନ୍ତ୍ରୀ ରହୁଥବା ବେଳେ ରାଜଧାନୀର ସମସ୍ୟା ସମାଧାନ ହୋଇପାରୁନାହିଁ । ଭୁବନେଶ୍ୱର ସମସ୍ୟାକୁ ନେଇ ଗୋଲକ ଏକ ଭିଡିଓ ପ୍ରଦର୍ଶିତ କରିବା ସହ ରାଜଧାନୀ ସମସ୍ୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

# ଆଡ଼ଚେରରେ ରାଜନୈତିକ ହିଂସା: ୨ ଗୁରୁତର

- କାଳିକାପ୍ରସାଦ ସମିତିସଭ୍ୟ ଆହତ
- ଜଣେ ଗିରଫ, ୫ ଫେରାର

ନୟାଗଡ଼ ଅଫିସ,୨୧।୪

ନୟାଗଡ଼ ନିର୍ବାଚନମଣ୍ଡଳୀରେ ଆସନ୍ତା ୨୩ତାରିଖରେ ମତଦାନ ହେବ। ଏହାର ଅବ୍ୟବହିତ ପୂର୍ବରୁ ରାଜନୈତିକ ହିଂସାକାଣ୍ଡ ଘଟିଛି। ନୟାଗଡ଼ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ଆଡ଼ଚେର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏହି ହିଂସାକାଣ୍ଡ ଘଟି ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆଡ଼ଚେର ଗ୍ରାମର ରମେଶ କୁମାର ବିଶ୍ୱାଳ ଓ କାଳିକାପ୍ରସାଦ ଗ୍ରାମ ସଭାପତି ବିରଞ୍ଚି ମହାନ୍ତି। ସେହିଭଳି ଆକ୍ରମଣରେ କାଳିକାପ୍ରସାଦ ସମିତିସଭ୍ୟ ସୁଶାନ୍ତ କୁମାର ଭଞ୍ଜ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ରମେଶ ୬୪ ବାଟାଲିୟନରେ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। କିଛିଦିନ ହେଲା ସେ ଘରକୁ ଆସିଥିଲେ। ଶନିବାର ରାତିରେ ରମେଶ କାଳିକାପ୍ରସାଦ ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ। ବିଳମ୍ବିତ ରାତି ହୋଇଯାଇଥିବାରୁ ରମେଶଙ୍କୁ ସାଙ୍ଗରେ ଧରି ବିରଞ୍ଚି ଓ ସୁଶାନ୍ତ ଗ୍ରାମକୁ ଆସିଥିଲେ। ରାତ୍ରି ୨ଟା ସମୟରେ ଆଡ଼ଚେର ଗ୍ରାମ ମୁଣ୍ଡରେ ୪ରୁ ୫ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇ ଅତର୍କିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରାସ୍ତାରେ ୩ ଜଣ ପଡିଥିବା ବେଳେ ଗ୍ରାମର କିଛି ଲୋକ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରମେଶ ଓ ବିରଞ୍ଚିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୁଶାନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୁଶାନ୍ତଙ୍କ ଅଭିଯୋଗକ୍ରମେ ସଦର ଥାନାରେ ଏ ନେଇ ୪୮/୧୯ରେ ମାମଲା ରୁଜୁ କରାଯାଇ କେଶରପୁର ଗ୍ରାମର ସୁରେଶ ଡ଼ୋରାଙ୍କୁ ଗିରଫ କରାଯାଇଛି। ସେହିଭଳି ଆଡଚେର ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ, ଶଙ୍କର୍ଷଣ ସ୍ୱାଇଁ, କାଶୀନାଥ ସ୍ୱାଇଁ, କେଶରପୁର ଗ୍ରାମର ସୁରେଶଙ୍କ ଭାଇ ଜଗଦୀଶ ଡୋରା ଓ ନାରାୟଣ ପ୍ରଧାନଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ଏହି ୫ଜଣ ଫେରାର ଥିବା ସଦର ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା ସୂଚନା ଦେଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ନେତା ଓ କର୍ମୀମାନେ ବିଜେଡିର ହୋଇଥିବା ବେଳେ ତାଙ୍କୁ ଭାଜପା କର୍ମୀମାନେ ଆକ୍ରମଣ କରିଥିବା ସୁଶାନ୍ତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ବ୍ୟକ୍ତିଗତ କାରଣରୁ ଏହି ଗଣ୍ଡଗୋଳ ହୋଇଥିବା ବେଳେ ଏହାକୁ ରାଜନୈତିକ ରୂପ ଦିଆଯାଉଥିବା ଚର୍ଚ୍ଚା ହେଉଛି।

# ଗରିବଙ୍କୁ ଧମକାଇ ଭୋଟ ନେବାକୁ ଚାହୁଁଛି ବିଜେଡି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୪ (ବ୍ୟୁରୋ):** ରାଜ୍ୟର ଗରିବ ଲୋକଙ୍କୁ ଡରେଇ, ଧମକାଇ ବିଜେଡି ଭୋଟ ନେବାକୁ ଉଦ୍ୟମ କରୁଛି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ସରକାରକୁ ଆସିଲେ ଖାଦ୍ୟ ସୁରକ୍ଷା ସହ ପୁଷ୍ଟି ନିରାପତ୍ତା ସୁନିଶ୍ଚିତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ ଜାରି କରି ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବା ପର୍ଯ୍ୟନ୍ତ ଦେଶର ଗରିବ ଲୋକମାନଙ୍କର କେହି ଅନିଷ୍ଟ କରିପାରିବେ ନାହିଁ। ୧୯ବର୍ଷ ଶାସନ ପରେ ମଧ୍ୟ ରାଜ୍ୟର ୨୫ଜିଲାରେ ଗରିବ ଘରର ଗର୍ଭବତୀ ମହିଳା ଓ ଶିଶୁମାନେ କୁପୋଷଣର ଶିକାର ହୋଇଛନ୍ତି। ଜାତୀୟ ହାରରୁ ଏହା ତଳେ ରହିଛି । ୨୦୩୬କୁ ଓଡିଶା ଭାଷାଭିତ୍ତିକ ରାଜ୍ୟ ଭାବେ ୧୦୦ବର୍ଷ ପୂର୍ତ୍ତି ହେବାକୁ ଥିବାବେଳେ ଆଜି ଜନ୍ମ ନେଇଥିବା ଶିଶୁ ସେତେବେଳେ ଦୁର୍ବଳ ଯୁବତୀ,ଯୁବକ ଅବସ୍ଥାରେ ଥିବ । ଏହାକୁ ଧ୍ୟାନରେ ରଖି ରାଜ୍ୟରେ ଭାଜପା ସରକାର ହେଲେ ଓଡିଶାର ୩କୋଟି ୨୬ଲକ୍ଷ ଲୋକଙ୍କୁ ମୋଟ ୧ଟଙ୍କାରେ ୫କେଜି ଚାଉଳ, ଅଧକେଜି ଡାଲି ଓ ଲୁଣ ଦିଆଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଆଜି ଜନ୍ମ ନେଇଥିବା ଶିଶୁ ସେତେବେଳେ ଦୁର୍ବଳ ଯୁବତୀ, ଯୁବକ ହୋଇ ରହିବାକୁ ଦିଆଯିବ ନାହିଁ । ଓଡିଶାରେ ମୋଦି ସରକାର ଆସିଲେ ଟଙ୍କିକିଆ ଚାଉଳ ବନ୍ଦ ହୋଇଯିବ ବୋଲି ଅପପ୍ରଚାର କରୁଛନ୍ତି । ଟଙ୍କିକିଆ ଚାଉଳର ହିସାବ ପ୍ରଧାନମନ୍ତ୍ରୀ ଖୋଦ୍ ଓଡିଶାର ଜନସାଧାରଣଙ୍କ ଆଗରେ ଉପସ୍ଥାପିତ କରିଛନ୍ତି ।





# ବିକାଶ ହିଁ ହେବ ମାପକାଠି

ହେମନ୍ତ ନାୟକ/କିଶୋର ମହାପାତ୍ର
ପୁରୀ ଅଫିସ/ସାକ୍ଷୀଗୋପାଳ,୨୧।୪ (ଡି.ଏନ୍.ଏ.)

## ସତ୍ୟବାଦୀ ନିର୍ବାଚନମଣ୍ଡଳୀ

ଖରା ଆସିଲେ କଣାସରେ ପାଣି ପାଇଁ ହାହାକାର ପଡ଼େ, ବର୍ଷାଋତୁରେ ବନ୍ୟାପାଣି ଧାନ ଚାଷକୁ ଗିଳି ପକାଏ। ଏହି ସମସ୍ୟା ସହ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ବାସ୍ତବତା, ପଞ୍ଚସଖାଙ୍କ ସ୍ମୃତିପୀଠର ବିକାଶ ଏବଂ କୃଷକଙ୍କ ଦୁର୍ଦ୍ଦଶା ଭଳି ପ୍ରସଙ୍ଗ ଏଥର ମତଦାନକୁ ପ୍ରଭାବିତ କରିବ ବୋଲି କହୁଛନ୍ତି ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର। ବହୁ ସମସ୍ୟାରେ ଜର୍ଜରିତ ଭୋଟରମାନେ ଏଭଳି ୨ଜଣ ପ୍ରାର୍ଥୀଙ୍କୁ ବାଛିବାକୁ ସ୍ଥିର କରିଛନ୍ତି, ଯିଏ ବିଧାନସଭାରେ ସତ୍ୟବାଦୀର ବିକାଶ ପାଇଁ ଲଢ଼େଇ କରିବେ ଏବଂ ପାର୍ଲାମେଣ୍ଟରେ ନିର୍ବାଚନମଣ୍ଡଳୀର ହକ୍ ମାଗିପାରିବେ।


ଉମାକାନ୍ତ ସାମନ୍ତରାୟ


ଓମ୍‌ପ୍ରକାଶ ମିଶ୍ର


ପ୍ରସାଦ ହରିଚନ୍ଦନ

ପୁରୀ ଲୋକ ସଭା ଆସନ ଅଧୀନ ଏହି ନିର୍ବାଚନମଣ୍ଡଳୀ କଣାସ ବ୍ଲକର ୨୮ ଏବଂ ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତକୁ ନେଇ ଗଠିତ। ଏହି ଆସନ କେବେ ବିଜେଡିକୁ ବିଜୟ ଦେଇନି। ୨୦୦୦ରୁ ୨୦୧୪ ମଧ୍ୟରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ରାଜ୍ୟବ୍ୟାପୀ ବିଜେଡିର ପ୍ରଭାବ ରହିଥିବା ବେଳେ ସତ୍ୟବାଦୀରେ ଭିନ୍ନତା ଦେଖିବାକୁ ମିଳିଛି। ଦୁଇଥର କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ଦୁଇଥର ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ଅବଶ୍ୟ ପରବର୍ତ୍ତୀ ସମୟରେ ସ୍ୱାଧୀନ ପ୍ରାର୍ଥୀମାନେ ବିଜେଡିରେ ସାମିଲ ହୋଇଛନ୍ତି। କିନ୍ତୁ ବିଜେଡି ଟିକେଟ ପାଇଥିବା ପ୍ରାର୍ଥୀଙ୍କୁ ହିଁ ସର୍ବଦା ପରାଜୟ ସାମ୍ନା କରିବାକୁ ପଡ଼ିଛି। ୨୦୧୪ରେ ରମାରଞ୍ଜନ ବଳିୟାର ସିଂହ ବିଜେଡି ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସେ ସ୍ୱାଧୀନ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟଙ୍କଠାରୁ ପରାସ୍ତ ହୋଇଥିଲେ। ପୂର୍ବରୁ ଉମାଙ୍କୁ ବିଜେଡି ନିଲମ୍ବିତ କରିଥିଲା। ହେଲେ ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ଉପରୁ ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିଲା। ଏଥର ଉମାକାନ୍ତ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ପ୍ରସଙ୍ଗ କରି ଉମା ଭୋଟରଙ୍କ ପାଖକୁ ଯାଇଛନ୍ତି।

ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଦୀର୍ଘଦିନର ରାଜନୈତିକ ଅଭିଜ୍ଞତା ରଖିଥିବା ପ୍ରସାଦ ଗତ ନିର୍ବାଚନରେ ତୃତୀୟ ସ୍ଥାନରେ ଥିଲେ। କିନ୍ତୁ ୧୯୯୫, ୨୦୦୦ ଏବଂ ୨୦୦୯ରେ ପ୍ରସାଦ ଏଠାରେ ବିଜୟୀ ହୋଇଥିଲେ। ରାଜ୍ୟ ରାଜନୀତିରେ ବେଶ୍ ପ୍ରଭାବଶାଳୀ ରହିଥିବା ପ୍ରସାଦଙ୍କ ପାଇଁ ଏଥର ସମ୍ମାନର ପ୍ରଶ୍ନ ହୋଇଛି। ତେଣୁ ଜିତିବା ପାଇଁ ତାଙ୍କର ସମସ୍ତ ବଳ, କୌଶଳ ଲଗାଇ ଦେଇଛନ୍ତି। ତୃଣମୂଳ ସ୍ତରରେ କର୍ମୀଙ୍କୁ ଏକ୍‌ଜୁଟ କରିବାରେ ସେ କେତେଦୂର ସଫଳ ହୋଇଛନ୍ତି ଏବଂ ଏହା ଭୋଟରେ କେତେଦୂର ପ୍ରତିଫଳିତ ହେଉଛି ତାହା ଫଳାଫଳ ହିଁ ସ୍ପଷ୍ଟ କରିବ।

ଗତଥର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିବା ଓମ୍‌ପ୍ରକାଶ ମିଶ୍ର ଏଥର ଭାଜପା ପ୍ରାର୍ଥୀ ହୋଇଛନ୍ତି। ଜଣେ ଯୁବ ସଙ୍ଗଠକ ଭାବେ ଜଣାଶୁଣା ଓମ୍‌ପ୍ରକାଶ ଉଭୟ ବିଜେଡି ଏବଂ କଂଗ୍ରେସକୁ ଚ୍ୟାଲେଞ୍ଜ ଦେବା ଲାଗି ଜୋର୍‌ଦାର ପ୍ରସ୍ତୁତିରେ ଲାଗିଛନ୍ତି। କେନ୍ଦ୍ରର ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା, ଓଡ଼ିଆ ବିଶ୍ୱବିଦ୍ୟାଳୟର କାମ ଆରମ୍ଭ ନ ହେବା ଏମିତି ଅନେକ ପ୍ରସଙ୍ଗକୁ ଧରି ଭୋଟରଙ୍କୁ ଆକୃଷ୍ଟ କରିଛନ୍ତି। ସେହିପରି ଆଉଜଣେ ପ୍ରାର୍ଥୀ ବିଏସ୍‌ପିର ପ୍ରଭାତ କୁମାର ଭୋଇ ଏବଂ ହିନ୍ଦୁସ୍ଥାନ ନିର୍ମାଣ ଦଳର କୈଳାସ ଚନ୍ଦ୍ର ବରାଳ ବିଭିନ୍ନ ସ୍ଥାନୀୟ ପ୍ରସଙ୍ଗରେ ମତଦାତାଙ୍କୁ ସଚେତନ କରାଇ ଭୋଟ ଦେବାକୁ ନିବେଦନ କରିଛନ୍ତି। ମୋଟ ୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଲଢ଼େଇ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହେଉଥିବା କୁହାଯାଉଛି।

ଅନ୍ୟପକ୍ଷରେ ଭୋଟର ନିର୍ବାଚନମଣ୍ଡଳୀର ବିକାଶ ପ୍ରସଙ୍ଗକୁ ଗଣ୍ଠି କରିଛନ୍ତି। ଯେଉଁ ପ୍ରାର୍ଥୀ କ୍ଷମତାକୁ ଆସିଲେ ତାଙ୍କ ଅଞ୍ଚଳର ବିକାଶ କରିବେ ସେହିଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ମନସ୍ଥ କରିଛନ୍ତି। ଭୋଟର ନରହରି ସିଂହ କହିଛନ୍ତି, ଯିଏ ସତ୍ୟବାଦୀ ବିକାଶର ସାରଥି ହେବେ ଏବଂ ନିର୍ବାନମଣ୍ଡଳୀବାସୀଙ୍କ ଭଲରେ ମନ୍ଦରେ ପହଞ୍ଚିବେ ତାଙ୍କୁ ହିଁ ଭୋଟର ଭୋଟ ଦେବେ ବୋଲି ସେ ଭାବୁଛନ୍ତି। ଅନ୍ୟ ଜଣେ ମତଦାତା ରାଜକିଶୋର ସାହୁ କହିଛନ୍ତି, ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନାର ସୁଫଳ ଦଳୀୟ କର୍ମୀ ପାଉଛନ୍ତି। ଫଳରେ ପ୍ରକୃତ ହିତାଧିକାରୀ ଏଥିରୁ ବାଦ୍ ପଡୁଛନ୍ତି। ୬ ମାସ ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ ବି ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ତେଣୁ ଏ ସବୁକୁ ବିଚାର କରି ଜଣେ ଯୋଗ୍ୟ, ଜ୍ଞାନୀ ଏବଂ କାମ କରିବାର ଜିଜ୍ଞାସା ରଖିଥିବା ପ୍ରାର୍ଥୀ ବିଜୟୀ ହେବା ଦରକାର। ତାଙ୍କ ମତରେ ସତ୍ୟବାଦୀର ବିକାଶ ହିଁ ପ୍ରାର୍ଥୀଙ୍କୁ ବାଛିବା ଲାଗି ମାପକାଠି ହେବ। ଅନ୍ୟଜଣେ ଭୋଟର ପ୍ରଶାନ୍ତ ବୈରୀଶଳ କହିଛନ୍ତି, କଣାସରେ ଜଳ ସମସ୍ୟା ସବୁବେଳେ ରହିଛି। ଖରାଦିନେ ପାଣିର ଅଭାବ ରହୁଥିବା ବେଳେ ବର୍ଷାଦିନେ ବନ୍ୟା ଦାଉ ସାଧିଥାଏ। ତେଣୁ ଏହାର ସ୍ଥାୟୀ ସମାଧାନ ହେବା ଦରକାର। ଏହାକୁ ଏଥର ଭୋଟର ପ୍ରସଙ୍ଗ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ମତଦାନ କଲେ ଅଞ୍ଚଳବାସୀଙ୍କ ସ୍ୱାର୍ଥ ସାଧନ ହୋଇପାରନ୍ତା। ତେଣୁ କାହା କଥାରେ ପ୍ରଲୋଭିତ ନ ହୋଇ ନିଜ ଇଚ୍ଛା ଅନୁଯାୟୀ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛିବା ଦରକାର ବୋଲି ସେ କହିଛନ୍ତି।

## ମୟୂରଭଞ୍ଜରେ ଜୋରଦାର ପ୍ରଚାର ଲାଗି ଭାଜପାର ରଣନୀତି

# ପ୍ରବୀଣଙ୍କ ହାତରେ ରହିବ ପ୍ରଚାର ମଙ୍ଗ

ବାରିପଦା ଅଫିସ,୨୧।୪

ମୟୂରଭଞ୍ଜ ଜିଲାରେ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ଜୋରଦାର କରିବା ଲାଗି ଭାଜପା ରଣନୀତି ପ୍ରସ୍ତୁତ କରିଛି। ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ମୋରଡା ବିଧାୟକ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣଚନ୍ଦ୍ର ଭଞ୍ଜଦେଓ ଜିଲାରେ ଦଳ ଲାଗି ପ୍ରଚାର ମଙ୍ଗ ଧରିବେ। ତାଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଏନେଇ ରବିବାର ରାତିରେ ଦଳୀୟ କାର୍ଯ୍ୟାଳୟରେ ୨୦ ଜଣିଆ ପ୍ରଚାର କମିଟିର ସ୍ୱତନ୍ତ୍ର ବୈଠକ ଡକାଯାଇଛି। କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଏଥିରେ ଯୋଗ ଦେବା ସାଙ୍ଗକୁ ମୟୂରଭଞ୍ଜରେ ଡେରା ପକାଇ ଦଳ ପାଇଁ କାର୍ଯ୍ୟ କରିବେ। ଆସନ୍ତା ୨୪ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର ଲାଗି ଆସୁଛନ୍ତି। ଏହାବାଦ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ମଧ୍ୟ ପ୍ରଚାର ଲାଗି ଆସିବେ ବୋଲି ବାରିପଦା ବିଜୁ ପଟ୍ଟନାୟକ ଗୋଲେଇ ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ଭାଜପାର ରାଜ୍ୟ ମୁଖପାତ୍ର ଜୀବନ କୁମାର ସାହୁ ଏହି ସୂଚନା ଦେଇ କହିଥିଲେ, ଏଥର ସାଧାରଣ ନିର୍ବାଚନରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳର ପୁନରାବୃତ୍ତି ହେବ। ଜିଲାରେ ବିଜେଡିର ୨ ଜଣ ଏମପି ଓ ୯ ଜଣ ବିଧାୟକ ଥିବା ସତ୍ତ୍ୱେ ପଞ୍ଚାୟତ ନିର୍ବାଚନରେ ଜନମତ ଭାଜପା ସପକ୍ଷରେ ଯାଇଥିଲା। ମୋଟ ୫୬ ଜିଲା ପରିଷଦ ଆସନ ମଧ୍ୟରୁ ୪୯ ଆସନକୁ ଭାଜପା କବ୍‌ଜା କରିଥିଲା। ଏଥର ସାଧାରଣ ନିର୍ବାଚନରେ ନୂତନ ଓଡିଶା ଗଠନ ଲାଗି ଭାଜପା ୯ ଟି ସଙ୍କଳ୍ପ ଘୋଷଣା କରିଛି। ଏଥିରେ ସବୁ ସ୍ତରର ଲୋକଙ୍କୁ ବିଭିନ୍ନ ସବୁଧା ଓ ରୋଜଗାର ଆଦି ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଗତ ୧୮ ବର୍ଷ ମଧ୍ୟରେ ବିଜେଡି ୩୬ଟି ଦୁର୍ନୀତିରେ ବୁଡି ରହିଛି। ମୟୂରଭଞ୍ଜ ଲୋକ ସଭା ସଦସ୍ୟ ଚିଟ୍‌ଫଣ୍ଡ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜଣେ ପ୍ରଶାସନିକ ଅଧିକାରୀ ଏଠାରେ ଲୁଟତରାଜ କରୁଥିବା ବେଳେ ବିଜେଡିର ବିଧାୟକ ଓ ଏମପିମାନେ ତାଙ୍କୁ ସୁରକ୍ଷା ଦେଇ ଆସୁଥିଲେ। ପୁରୁଣା ପ୍ରାର୍ଥୀଙ୍କ ପ୍ରତି ଜନ ସମର୍ଥନ ନ ଥିବା ସନ୍ଦେହ କରି ବିଜେଡି ଏଥର ସେମାନଙ୍କ ଟିକେଟ କାଟି ନୂତନ ପ୍ରାର୍ଥୀଙ୍କୁ ମଇଦାନରେ ଛାଡିଛି। କିନ୍ତୁ ଆରମ୍ଭରୁ ତୃଣମୂଳ ସ୍ତରରେ ଲୋକଙ୍କ ସହିତ ରହି କାର୍ଯ୍ୟ କରୁଥିବା ପ୍ରତିନିଧିଙ୍କୁ ଭାଜପା ଟିକେଟ ଦେଇଛି। ବିଜେଡରେ ଅଣନିଃଶ୍ୱାସୀ ହୋଇ ଦଳ ଛାଡିଥିବା ମୋରଡା ବିଧାୟକ ପ୍ରବୀଣଚନ୍ଦ୍ର ଜିଲାରେ ଭାଜପାର ପ୍ରଚାରର ମଙ୍ଗ ଧରିବା ପରେ ଏହା ଦଳକୁ ଅଧିକ ଶକ୍ତିଶାଳୀ କରିବ। ଏହି ଖବରଦାତା ସମ୍ମିଳନୀରେ ପ୍ରବୀଣଚନ୍ଦ୍ରଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ପୂର୍ବତନ ବିଧାୟକ ବିରାମ ମୁର୍ମୁ, ବରିଷ୍ଠ ନେତା ଛୋଟେଲାଲ ମହାନ୍ତ, ନରୋତ୍ତମ ପାଣିଗ୍ରାହୀ ଅବନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**୨୦ ଜଣିଆ ପ୍ରଚାର କମିଟିର ସ୍ୱତନ୍ତ୍ର ବୈଠକ**

■ ପଞ୍ଚାୟତ ନିର୍ବାଚନ ଫଳାଫଳ ଦୋହରାଇବା ନେଇ ଦୃଢୋକ୍ତି

### ଭାଜପା ଦିବାସ୍ୱପ୍ନ ଦେଖୁଛି: ବିଜେଡି

ଖବରଦାତା ସମ୍ମିଳନୀରେ ଭାଜପା ଦେଇଥିବା ମତାମତ ସମ୍ପର୍କରେ ବିଜେଡି ଜିଲା ସଭାପତି ଦେବାଶିଷ ମହାନ୍ତି କହିଛନ୍ତି, ଯେ ଭାଜପା ଏବେ ଦିବାସ୍ୱପ୍ନ ଦେଖୁଛି। ପଞ୍ଚାୟତ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ପାଇଥିଲେ ବି ଭାଜପା ଜିଲାବାସୀ ପାଇଁ ସେଭଳି କିଛ ଆଖଦୃଶିଆ କାର୍ଯ୍ୟ କରିନାହିଁ। ମୟୂରଭଞ୍ଜବାସୀ ସରଳ ବିଶ୍ୱାସୀ ହୋଇ ପାରନ୍ତି, ହେଲେ ଠିକଣା ସମୟରେ ଠିକ ଜବାବ ଦେଇ ଶିଖିଛନ୍ତି। ପଞ୍ଚାୟତ ନିର୍ବାଚନ ଓ ସାଧାରଣ ନିର୍ବାଚନ ମଧ୍ୟରେ ପାର୍ଥକ୍ୟ ରହିଛି। ସେତେବେଳର ପରିସ୍ଥିତି ଅଲଗା ଥିଲା। ବର୍ତ୍ତମାନ ସମଗ୍ର ଜିଲାରେ ବିଜେଡି ସଂଗଠନ ଦୃଢ଼ ରହିଛି। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ କାର୍ଯ୍ୟଶୈଳୀ ଆଗରେ ଦିନେ ଅଧେ ଜିଲାକୁ ଆସୁଥିବା ଦିଲ୍ଲୀର ନେତାଙ୍କ ପ୍ରଚାର କାମ ଦେବ ନାହିଁ। ସମୟ ଆସିଲେ ଭାଜପା ନେତାମାନେ ଏହା ବୁଝି ପାରିବେ ବୋଲି ଦେବାଶିଷ କହିଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ରାଜ୍ୟ ମୁଖପାତ୍ର ଜୀବନ ସାହୁ ଓ ମୋରଡା ବିଧାୟକ ପ୍ରବୀଣଚନ୍ଦ୍ର ଭଞ୍ଜଦେଓ ଏବଂ ଅନ୍ୟ ନେତୃବୃନ୍ଦ।

# ଠିକ ନିଷ୍ପତ୍ତି ସବୁଠୁ ମୂଲ୍ୟବାନ

ମଙ୍ଗଳବାର ହେବ ତୃତୀୟ ପର୍ଯ୍ୟାୟ ଭୋଟ। ଭୁବନେଶ୍ୱର, କଟକ ସମେତ ୬ ଲୋକ ସଭା ଓ ୪୨ ବିଧାନସଭା ଆସନ ପାଇଁ ହେବ ମତଦାନ। ରବିବାରଠାରୁ ପ୍ରଚାର ସରିବା ପରେ ରାତିରୁ ଆରମ୍ଭ ହୋଇଛି ଭିତିରି ଅଭିଯାନ। ଭୋଟରଙ୍କୁ ମନାଇବାକୁ ଶେଷ ପ୍ରୟାସ ଚଳାଇଛନ୍ତି ପ୍ରାର୍ଥୀ, ନେତା ଓ କର୍ମୀ। କିଏ ପିନ୍ଧିବ ବିଜୟ ମୁକୁଟ, ଆଉ କିଏ ହେବେ ପ୍ରତ୍ୟାଖ୍ୟାତ, ଏବେ ସବୁକିଛି ଜନତା ଜନାର୍ଦ୍ଦନଙ୍କ ଉପରେ ନିର୍ଭର। ଟଙ୍କା, ମଦ, ସମ୍ପର୍କକୁ ନେଇ ଭୋଟ ଦେବେ ନା ଯୋଗ୍ୟ ଜନପ୍ରତିନିଧି ବାଛିବେ ତାହା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ଇଭିଏମ୍‌ର ବଟମ୍ ଦବାଇବା ପୂର୍ବରୁ ଠିକ୍ ନିଷ୍ପତ୍ତି ସବୁଠୁ ମୂଲ୍ୟବାନ। ଏ କ୍ଷେତ୍ରରେ କେତେ ସଚେତନ ଭୋଟର? ସେମାନଙ୍କ ନେତା କିପରି ହେବା ଦରକାର? ଏ ସଂକ୍ରାନ୍ତରେ ଆମର ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ: ଜ୍ୟୋତିରଞ୍ଜନ ମହାପାତ୍ର, ଭୁବନେଶ୍ୱର

### ନୀତି ଆଦର୍ଶ ଥିବା ନେତାଙ୍କୁ ବାଛିବି



ରାଜନୈତିକ ଦଳଗୁଡିକର କ'ଣ ଇସ୍ତାହାର ଥିଲା ଓ ଏବେ କ'ଣ ରହିଛି। ଦଳ ତିଆରି ବେଳର ନୀତି ଆଦର୍ଶ ଏବେ ରହିଛି ନା ବଦଳି ଯାଇଛି। ପ୍ରଥମେ ନୀତି ଆଦର୍ଶ ଥିବା ଦଳକୁ ଦେଖିବି ତା'ପରେ ଦଳ କରିଥିବା ପ୍ରାର୍ଥୀଙ୍କୁ ମଧ ଗୁରୁତ୍ୱ ଦେବି। ଯିଏ ନେତା ହେବ ସେ ନୀତି ଆଦର୍ଶ ସହ ବଞ୍ଚୁଥିବା ଦରକାର। ଯେଉଁମାନେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ରାଜ୍ୟ ତଥା ଦେଶର ଉନ୍ନତି ପାଇଁ ଯୋଗ୍ୟ ବୋଲି ଭାବିବି ସେପରି ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବାକୁ ଶ୍ରେୟ ମଣିବି। ମୁଖ୍ୟତଃ ଯେଉଁ ଦଳ ଦେଶରେ ବ୍ୟକ୍ତି ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରି ନ ଥିବ, ସମାନତା ପାଇଁ ଲଢୁଥିବ, ପକ୍ଷପାତିତା କରୁ ନ ଥିବ, ଆଇନଶୃଙ୍ଖଳା ପରିସ୍ଥିତି ଉପୁଜାଉ ନ ଥିବ, ଦରଦାମ ନିୟନ୍ତ୍ରଣ ସହ କୃଷି ଓ ଜଙ୍ଗଲ ସୁରକ୍ଷାକୁ ପ୍ରୋତ୍ସାହନ ଦେଉଥିବ ସେପରି ଏକ ଦଳର ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବି।

- ସୌରଭ ପ୍ରଧାନ, ଫାର୍ମାସିଷ୍ଟ

### ଦାଗୀ ନେତାଙ୍କୁ ଭୋଟ ଦେବିନି



ଜନପ୍ରତିନିଧିମାନେ ଜନତାଙ୍କ ସୁଖଦୁଃଖର ସାଥୀ ହେବା ଦରକାର। ବିଶେଷ କରି ପ୍ରଗତିଶୀଳ ଚିନ୍ତାଧାରା ବ୍ୟକ୍ତି ଓ ଜନସାଧାରଣଙ୍କ ଜୀବନ ଜୀବିକା ସହ ଜଡିତ ରହୁଥିବା ବ୍ୟକ୍ତିଙ୍କୁ ହିଁ ଲୋକେ ନେତା ଭାବେ ନିର୍ବାଚିତ କରିବା ଦରକାର। ଯେଉଁମାନଙ୍କର ଏସବୁ ଗୁଣ ବା ଦକ୍ଷତା ନ ଥିବ ସେମାନେ ଆଦୌ ନେତା ପଦବାଚ୍ୟ ନୁହେଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଦାଗୀନେତାଙ୍କୁ ଭୋଟରମାନେ ପ୍ରତ୍ୟାଖ୍ୟାନ କରିବା ଦରକାର। ସେମାନେ ଗଣତନ୍ତ୍ର ପାଇଁ ବିପଦ। ତେଣୁ ମୁଁ ଦାଗୀ ନେତାଙ୍କୁ ଭୋଟ ଦେବିନି, ଜଣେ ଭଲ ପ୍ରାର୍ଥୀଙ୍କୁ ବାଛିବି।

-ବିସ୍ମୟ କୁମାର ଷ୍ଟାଲିନ, ଆଇନଜୀବୀ

### ନେତା ଆଇନ ଜାଣିବା ଉଚିତ



ଏମ୍‌ପି, ଏମ୍‌ଏଲ୍‌ଏ ହେଉଛନ୍ତି ଲ' ମେକର। ଯେଉଁମାନେ ବି ପ୍ରାର୍ଥୀ ହେଉଛନ୍ତି ସେମାନେ ଅନ୍ତତଃ ରାଜନୀତି ସହ ଆଇନକାନୁନ ବିଷୟରେ ଅବଗତ ଥିବା ଆବଶ୍ୟକ। ଏପରି ପ୍ରାର୍ଥୀ ନିର୍ବାଚିତ ହେଲେ ଲୋକଙ୍କ ସମସ୍ୟା ଦୂର କରିପାରିବେ। ସୁଖଦୁଃଖରେ ଭାଗୀଦାର ହୋଇପାରିବେ। ଚାଷୀମାନଙ୍କ ପାଇଁ କେଉଁ ଆଇନ ତିଆରି ହେବ, କେଉଁଭଳି ଅର୍ଥନୀତି ପ୍ରଣୟନ ହେଲେ ଦରଦାମ ବୃଦ୍ଧି ନିୟନ୍ତ୍ରଣ ହୋଇପାରିବ, ସେଥିନେଇ ଜ୍ଞାନ ରହିବା ଆବଶ୍ୟକ। ଏଥିସହିତ ସାଧୁତା ଗୁଣ ଥିବା ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାକୁ ଅଧିକ ପସନ୍ଦ କରିବି।

- ପ୍ରଦୀପ ନାୟକ, ମାନବାଧିକାର କର୍ମୀ


### ବସ୍ତିବାସିନ୍ଦାଙ୍କ ଉନ୍ନତି ଦରକାର



ଅନେକ ପ୍ରାର୍ଥୀ ଅଛନ୍ତି ଯେଉଁମାନେ ନିର୍ବାଚନରେ ବାରମ୍ବାର ହାରିବା ସତ୍ତ୍ୱେ ମଧ ଲୋକମାନଙ୍କ ସେବା କରିବାକୁ ଭୁଲି ନାହାନ୍ତି। ମୋ ମତରେ ଯିଏ ନିଃସ୍ୱାର୍ଥପର ଭାବେ ଲୋକମାନଙ୍କ ସୁଖ ଦୁଃଖରେ ଠିଆ ହେବା ସହ ମହତ୍ କାର୍ଯ୍ୟ କରିପାରୁଥିବ, ସେମିତି ଜଣେ ଲୋକଙ୍କୁ ମୁଁ ସମର୍ଥନ କରୁଛି। ରାଜଧାନୀ ସମେତ ସହରଗୁଡିକରେ ଏବେ ବସ୍ତି ସଂଖ୍ୟା ବଢ଼ି ଚାଲିଛି। ମାତ୍ର ବସ୍ତିଗୁଡିକରେ ଶିକ୍ଷାର ଅଭାବ ରହିଥିବାରୁ ଏଠାକାର ପିଲାମାନେ ଅଧିକାଂଶ ଅପରାଧ ରାସ୍ତାକୁ ବାଛି ନେଉଛନ୍ତି। ଫଳରେ ସହରରେ ଅପରାଧ ବଢ଼ୁଛି, ଆଇନଶୃଙ୍ଖଳା ଭୁଶୁଡୁଛି। ତେଣୁ ବସ୍ତିବାସିନ୍ଦାଙ୍କ ଉନ୍ନତି ଓ ଶିକ୍ଷାର ପ୍ରଗତି ପାଇଁ ପ୍ରକୃତ ଆଭିମୁଖ୍ୟ ରଖିଥିବା ପ୍ରାର୍ଥୀଙ୍କୁ ଭୋଟ ଦେବା ନିହାତି ଆବଶ୍ୟକ।

- ମିର୍ଜା ଆଦିଲ ବେଗ୍, ବ୍ୟବସାୟୀ

### ନିଜ ନିଷ୍ପତ୍ତି ନିଜେ ନିଅନ୍ତୁ



ମହିଳାଙ୍କ ପାଇଁ ସଂରକ୍ଷଣ ଆଇନ ନ ଆଣି ସମାଜରେ ସମାନତା ଅଧିକାର ପାଇଁ ଲଢୁଥିବା ପ୍ରାର୍ଥୀଙ୍କୁ ମୁଁ ସ୍ୱାଗତ କରିବି। ଯିଏ ଗରିବ ଓ ମଧବିତ୍ତଙ୍କ ଚିନ୍ତା କରୁଥିବ, ପୁଣି କଥା ସହ କାର୍ଯ୍ୟ କରି ଦେଖାଉଥିବ ତାଙ୍କୁ ନେତା ବୋଲି ମାନିବି। ମୁଁ ଏତିକି କହିବି, ଭୋଟରମାନେ କ୍ଷଣିକ ଲୋଭ କିମ୍ବା ବିଶ୍ୱାସର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ସାଙ୍ଗ କିମ୍ବା ଅନ୍ୟମାନଙ୍କ କଥାରେ ପରିଚାଳିତ ନ ହୋଇ ନିଜର ମୂଲ୍ୟବାନ ଭୋଟକୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବାକୁ ଭୋଟରମାନେ ନିଜେ ନିଷ୍ପତ୍ତି ନିଅନ୍ତୁ। ଭୋଟରମାନେ ସଚେତନ ହେଲେ ଭଲ ନେତା ବାଛିପାରିବେ, ଭଲ ଶାସନ ମିଳିପାରିବ।

-ପ୍ରିୟଙ୍କା ଭାଲ୍ଲା, ନ୍ୟୁଜ୍ ରିଡର


### ଭୋଟରଙ୍କ ପାଇଁ ପ୍ରାର୍ଥୀ ଚୟନର ସୁଯୋଗ ନାହିଁ



ପ୍ରତ୍ୟେକ ବିଧାନସଭା ଓ ଲୋକ ସଭା କ୍ଷେତ୍ରରେ ସମସ୍ୟା ଅଲଗା ଅଲଗା ରହିପାରେ। କିନ୍ତୁ ପ୍ରାୟତଃ ସବୁଠି ମୁଖ୍ୟ ପ୍ରସଙ୍ଗ ହେଉଛି ଯୁବବର୍ଗଙ୍କ ପାଇଁ ରୋଜଗାର, ଲୋକଙ୍କ ପାଇଁ ପାଣି, ଅପରାଧ ରୋକିବା, ମହିଳାଙ୍କ ଉନ୍ନତିକୁ ଗୁରୁତ୍ୱ ଦେବା, କ୍ଷୁଦ୍ର କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ପ୍ରାର୍ଥୀମାନେ ଗୁରୁତ୍ୱ ଦେବା ଉଚିତ। କିନ୍ତୁ ଦଳଗୁଡିକ ପକ୍ଷରୁ ଅଧିକାଂଶ କ୍ଷେତ୍ରରେ ନିର୍ବାଚନୀ ଖର୍ଚ୍ଚ କରିପାରୁ ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଉଛି। ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ରାଜନୈତିକ ପରିସର ସଙ୍କୁଚିତ ହୋଇଯାଉଛି। ଏ କ୍ଷେତ୍ରରେ ଜଣେ ଭୋଟର ହିସାବରେ ମୋ ପାଇଁ ପ୍ରକୃତ ପ୍ରାର୍ଥୀଙ୍କୁ ଭୋଟ ଚୟନ କରିବାରେ ସୁଯୋଗ ରହୁନି। ଶେଷରେ ମତଦାତା କୌଣସି ଉପାୟ ନ ପାଇ ପ୍ରାର୍ଥୀଙ୍କର ଦଳୀୟ ସ୍ଥିତି ସହ ଅର୍ଥ ଓ କ୍ଷମତା ବଳକୁ ଦେଖି ଭୋଟ ଦେବାକୁ ବାଧ ହେଉଛି।

- କମଳାକାନ୍ତ ଦାସ, ପ୍ରଫେସର, ଆଇନ ବିଶ୍ୱବିଦ୍ୟାଳୟ, କଟକ

### ସାମ୍ବିଧାନିକ ଆନୁଗତ୍ୟ ଥିବା ପ୍ରାର୍ଥୀ ହିଁ ନେତା ପଦବାଚ୍ୟ



ସୁଶାସନ ପାଇବାକୁ ହେଲେ ଭୋଟରମାନେ ସମ୍ବିଧାନ ପ୍ରତି ଆନୁଗତ୍ୟ ଥିବା ପ୍ରାର୍ଥୀଙ୍କୁ ନେତା ଭାବେ ବାଛିବା ଦରକାର। ସମ୍ବିଧାନ ବିରୋଧୀ ନେତା ଦେଶ ବିରୋଧୀ। ସେମାନଙ୍କୁ ଭୋଟ ଦେବା ଅର୍ଥ ଆମ ଗଣତନ୍ତ୍ର ବା ଦେଶକୁ ବିପଦ ମୁହଁକୁ ଠେଲିବା। ସେମାନେ ନିଶ୍ଚୟ କ୍ଷମତାର ଅପବ୍ୟବହାର କରିବେ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଲୋକେ ଜାଣିଛନ୍ତି କାହାର ଚରିତ୍ର କ'ଣ? ମହିଳାଙ୍କୁ ସମ୍ମାନ ଦେଉ ନ ଥିବା, ସମାଜର ଉନ୍ନତିରେ ଅବହେଳା କରୁଥିବା ପ୍ରାର୍ଥୀଙ୍କୁ ନେତା ବାଛିବା ଉଚିତ ନୁହେଁ।

- ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ, ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ

# ଭାଜପା ପ୍ରାର୍ଥୀଙ୍କ କାର୍‌କୁ ବୋମାମାଡ଼

■ ଅଳ୍ପକେ ବର୍ତ୍ତିଲେ ଜଗନ୍ନାଥ ପ୍ରଧାନ ■ ପୂର୍ବରୁ ହୋଇଥିଲା ଟେକାମାଡ଼

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ଉପରେ ପୁଣି ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ କାର ଉପରକୁ ବୋମାମାଡ଼ କରିଛନ୍ତି। ତେବେ ଏଥିରେ କାର କାଚ ଭାଙ୍ଗିଯାଇଥିବାବେଳେ ପ୍ରଧାନ ଗାଡ଼ିରୁ ଡେଇଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରବିବାର ସନ୍ଧ୍ୟାରେ ନୟାପଲ୍ଲୀ ଥାନା ଡେଲ୍‌ଟା ଛକସ୍ଥିତ ଭାଜପା ପାର୍ଟି ଅଫିସ ନିକଟରେ ଏହି ଘଟଣା ଘଟିଛି। ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସଂକ୍ରାନ୍ତରେ ପ୍ରଧାନ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୋମା ମାଡ଼ କରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସୁରାକ ପାଇପାରିନି।

ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ନିର୍ବାଚନୀ ପ୍ରଚାର ସାରିବା ପରେ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଡେଲ୍‌ଟା ଛକ ନିକଟ ପାର୍ଟି ଅଫିସକୁ ଫେରୁଥିଲେ। ଏହି ସମୟରେ କାଳବୈଶାଖୀ ଯୋଗୁ ବିଦ୍ୟୁତ୍ କଟିଯାଇଥିଲା। ପ୍ରଧାନ ଅଫିସ ସମ୍ମୁଖରେ କାର୍‌ରୁ ବାହାରୁଥିବାବେଳେ କେତେଜଣ ଦୁର୍ବୃତ୍ତ ଅନ୍ଧାରର ସୁଯୋଗ ନେଇ ତାଙ୍କ ଉପରକୁ ଲକ୍ଷ୍ୟ କରି ଗୋଟିଏ ବୋମା ମାଡ଼ କରିଥିଲେ। ବୋମାଟି କାରର ଡାହାଣ ପଟ କାଚରେ ପଡି ବିସ୍ଫୋରଣ ହୋଇଥିଲା। ଭୟରେ ପ୍ରଧାନ କାରରୁ ଡେଇଁ ପଡି ଅଫିସ୍‌କୁ ଚାଲି ଆସିଥିଲେ।

ଗତ ୧୨ ତାରିଖ ସନ୍ଧ୍ୟାରେ ମଧ ତାଙ୍କ ଉପରକୁ ଆକ୍ରମଣ ହୋଇଥିଲା। ସେ ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସହ ୟୁନିଟ୍-୮ କ୍ଲବ୍ ନିକଟରେ ରାଲିରେ ଯାଉଥିବାବେଳେ ସେମାନଙ୍କ ଉପରେ ଟେକାମାଡ଼ ହୋଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ପୁଣି ସେମାନେ ଆକ୍ରମଣ କଲେ ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବୋମାମାଡ଼ ପଛରେ ବିଜେଡି ଗୁଣ୍ଡାଙ୍କ ହାତ ରହିଛି। ସେମାନେ ହାରିବା ଭୟରେ ରକ୍ତମୁଖା ହୋଇଛନ୍ତି। ଗୁଣ୍ଡାଗର୍ଦ୍ଦି କରି ନିର୍ବାଚନ ଜିତିବା ପାଇଁ ଯୋଜନା କରୁଛନ୍ତି। ପୋଲିସ ସେମାନଙ୍କୁ ସହଯୋଗ କରୁଛି। ରାଜଧାନୀବାସୀ ସବୁ ଜାଣୁଛନ୍ତି। ଆସନ୍ତା ୨୩ରେ ସେମାନେ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।


ଏନେଇ ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା କହିଛନ୍ତି, ସେ ଜଣେ ଅଭ୍ୟାସଗତ ମିଛୁଆ। ବିଭିନ୍ନ ସମୟରେ ମୋ ନାଁରେ ମିଥ୍ୟା ଅଭିଯୋଗ ଆଣିବା ପରେ ସେଥିରେ ସଫଳ ହେଲେ ନାହିଁ। ଶେଷରେ ହତାଶ ହୋଇ ଏଭଳି ବୋମାମାଡ଼ର ମିଛ ନାଟକ କରିଛନ୍ତି ବୋଲି ସେ କହିଛନ୍ତି।

## ଆଠଗଡ଼ରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କ ନିର୍ବାଚନୀ ସଭା

# 'ରାଜ୍ୟରେ ସରକାର ପରିବର୍ତ୍ତନର ସମୟ ଆସିଛି'

ଆଠଗଡ଼,୨୧।୪(ସ୍ୱ.ପ୍ର.)

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସ୍ଥାଣୁ ପାଲଟିବା ସହ ରାଜ୍ୟର ବିକାଶରେ ବାଧକ ସାଜିଛି। ତେଣୁ ଏବେ ରାଜ୍ୟର ଏହି ସ୍ଥାଣୁ ସରକାରକୁ ପରିବର୍ତ୍ତନ କରିବାର ସମୟ ଆସିଛି। ରବିବାର ଭାଜପା ପକ୍ଷରୁ କଟକ ଜିଲା ଆଠଗଡ଼ରେ ଆୟୋଜିତ ନିର୍ବାଚନୀ ପ୍ରଚାର ସଭାରେ ଯୋଗଦେଇ କେନ୍ଦ୍ର ରେଲୱେ ଓ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲ ଏ କଥା କହିଛନ୍ତି। ଏଥିସହିତ ସେ କହିଛନ୍ତି, ରାଜ୍ୟରେ ପ୍ରାକୃତିକ ଖଣିଜ ସମ୍ପଦ ଓ ଜଳ ସମ୍ପଦ ଭରପୂର ରହିଥିବାବେଳେ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଏହାର ସଦୁପଯୋଗ ହୋଇପାରୁ ନାହିଁ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ବିଜେଡି ସରକାର ରାଜନୈତିକ ଅଭିସନ୍ଧି ରଖି କାର୍ଯ୍ୟକାରୀ ନ କରିବା ଦୁର୍ଭାଗ୍ୟଜନକ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଯେଉଁ ବିକାଶର ଧାରାକୁ ଆଗେଇ ନେଉଛନ୍ତି ତାକୁ ଆହୁରି ଗତିଶୀଳ କରିବା ପାଇଁ ଏବଂ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଏଠାରେ ଭାଜପାର ସରକାର ହେବା ଦରକାର। ଏଥିଲାଗି ଓଡିଶାବାସୀ ଭାଜପା ପ୍ରାର୍ଥୀମାନଙ୍କୁ ବିଜୟୀ କରାଇବାକୁ ଗୋଏଲ ନିବେଦନ କରିଥିଲେ। ଆଠଗଡ଼ ମହିଳା କଲେଜ ନିକଟସ୍ଥ ମିନି ଷ୍ଟାଡିୟମରେ ରାମନାରାୟଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର ଓ ଆଠଗଡ଼ ବିଧାନସଭା ପ୍ରାର୍ଥୀ ବ୍ରଜେନ୍ଦ୍ର କୁମାର ରାୟ ଭୋଟ୍ ଦେବାକୁ ନିବେଦନ କରିଥିଲେ।



## ସଂକ୍ଷେପରେ

### ବୁଥ୍ ବୁଲିଲେ ଆର୍‌ଡିସି

ଢେଙ୍କାନାଳ ଅଫିସ, ୨୧।୪

ଢେଙ୍କାନାଳ ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଉତ୍ତରାଞ୍ଚଳ ଆର୍‌ଡିସି ଟି. ଆଓ ରବିବାର ଅପରାହ୍ନରେ ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହ ସଦର ନିର୍ବାଚନମଣ୍ଡଳୀ ଅଧୀନ କୁଞ୍ଜକାନ୍ତ, ଜର୍ଜ ଉପ୍ରା ବିଦ୍ୟାଳୟ, ବନମାଳୀପ୍ରସାଦ, ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ରାସୋଳ, ନାଉକିଆରୀ ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ। ପୋଲିଂ ବୁଥ୍‌ରେ ସମସ୍ୟା ବୁଝିବା ସହ ଏହାର ତୁରନ୍ତ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆର୍‌ଡିସିଙ୍କ ସହ ସହକାରୀ ଜିଲାପାଳ ସିତାଂଶୁ ଦାସ ଉପସ୍ଥିତ ଥିଲେ।

### ଜିଲାରେ ବୁଲିଲା ୮୪ ମୋବାଇଲ ପାଟ୍ରୋଲିଂ ଭ୍ୟାନ

ଅନୁଗୋଳ ଅଫିସ, ୨୧।୪- ସାଧାରଣ ନିର୍ବାଚନ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁଗୋଳ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନିର୍ବାଚନ ସମୟରେ ଜିଲାରେ ୮୪ଟି ମୋବାଇଲ ପାଟ୍ରୋଲିଂ ଭ୍ୟାନ ବୁଲୁଥିବା ସୂଚନା ମିଳିଛି। ଭୋଟ ବେଳେ ବା ପୂର୍ବରୁ ଯେଉଁମାନେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବେ ବା ନିର୍ବାଚନୀ ହିଂସା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇବେ ସେମାନଙ୍କ ଉପରେ ଏହି ମୋବାଇଲ ପାଟ୍ରୋଲିଂ ପାର୍ଟି ନଜର ରଖିବେ। କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ଏପରି କାର୍ଯ୍ୟ କଲେ ସେମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଶେଷ ଦିନରେ ସମସ୍ତ ପ୍ରାର୍ଥୀଙ୍କ ପ୍ରଚାର

ଛେଣ୍ଡିପଦା, ୨୧।୪(ସ୍ବ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବିଧାନସଭା କ୍ଷେତ୍ରରେ ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ରବିବାର ଅପରାହ୍ନରେ ପ୍ରଚାର ଶେଷ କରିଛନ୍ତି ସମସ୍ତ ପ୍ରାର୍ଥୀ। ବିଧାୟକ ପ୍ରାର୍ଥୀ ଭାବେ ବିଜେଡିର ସୁଶାନ୍ତ କୁମାର ବେହେରା, ଭାଜପାର ଅଗସ୍ତି ବେହେରା, କଂଗ୍ରେସର ସସ୍ମିତା ବେହେରା ମାରାଥନ ପ୍ରଚାର କରିବା ସହ ଭୋଟ ମାଗିଛନ୍ତି। ସେହିପରି ବିଏସ୍‌ପିରୁ ଶରତ କୁମାର ନାଏକ, କମ୍ୟୁନିଷ୍ଟ ପାର୍ଟିର ଭରତ କୁମାର ନାଏକ, ଆମ୍ବେଡକର ପାର୍ଟି ଅଫ ଇଣ୍ଡିଆର ସୁବାସ ନାଏକ ଏବଂ ସ୍ୱାଧୀନ ପ୍ରାର୍ଥୀ ଛବୀନ୍ଦ୍ର ସିଂ ସାମନ୍ତ ଓ ପଞ୍ଚାନନ ବେହେରା ମଧ ପ୍ରଚାର ଶେଷ କରିଛନ୍ତି।

### ବୈଠକ ପାଇଁ ଡାକି ଟଙ୍କା ବଣ୍ଟା ଚର୍ଚ୍ଚା

ଅନୁଗୋଳ ଅଫିସ, ୨୧।୪

ଅନୁଗୋଳ ସହରସ୍ଥିତ ଏକ ହୋଟେଲରେ ବୈଠକ ନାଁରେ ଜଣେ ବିଧାୟକ ପ୍ରାର୍ଥୀ ବିଭିନ୍ନ ସଂଘ କର୍ମକର୍ତ୍ତାଙ୍କୁ ଟଙ୍କା ବାଣ୍ଟିଥିବା ଚର୍ଚ୍ଚା ହେଉଛି। ନିର୍ବାଚନ ପ୍ରଚାର ଶେଷ ହେବା ପରେ ସମ୍ପୃକ୍ତ ପ୍ରାର୍ଥୀ ଜଣକ ଏହି ବୈଠକ ଡାକିଥିଲେ। ସେଠାରେ କେତେକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ତେବେ ଫେରିବା ପୂର୍ବରୁ ସମ୍ପୃକ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ପ୍ରାର୍ଥୀ ଜଣକ ଟଙ୍କା ବାଣ୍ଟିଥିବା ସହରରେ ଆଲୋଚନା ହେଉଛି।

# ଧର୍ମେନ୍ଦ୍ର, ତାରାଙ୍କ ରୋଡ୍ ଶୋ

### ସରିଲା ପ୍ରଚାର, ଦିନକ ପରେ ଭୋଟ୍



ପାଲଲହଡ଼ାରେ ଧର୍ମେନ୍ଦ୍ର ପ୍ରଧାନ ରୋଡ୍ ଶୋରେ ଯାଉଛନ୍ତି।

ଅନୁଗୋଳ ଅଫିସ/ପାଲଲହଡ଼ା, ୨୧।୪

ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆସନ୍ତା ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଶେଷ ଦିନରେ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ପ୍ରମୁଖ ୩ ଦଳର ନେତାମାନେ ଜୋରଦାର ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା। ଅନୁଗୋଳ ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଡ୍ ଶୋ କରିଥିବାବେଳେ ପୌରାଞ୍ଚଳରେ କଂଗ୍ରେସର ବରିଷ୍ଠ ନେତା ତାରା ପ୍ରସାଦ ବାହିନୀପତି ପ୍ରଚାର ମଙ୍ଗ ଧରିଥିଲେ। ସେହିପରି ବିଜେଡି ପକ୍ଷରୁ ମଧ ଜୋରଦାର ପ୍ରଚାର କରାଯାଇଥିଲା।

ଅନୁଗୋଳ ଜିଲାରେ ଏଥର ତ୍ରିମୁଖୀ ଲଢ଼େଇ ହେଉଥିବାରୁ ସବୁଦଳ ପ୍ରଚାର ଉପରେ ଅଧିକ ଗୁରୁତ୍ୱ ଦେଇଥିବା ଦେଖାଯାଇଥିଲା। ଭାଜପାର ଷ୍ଟାର ପ୍ରଚାରକ ଭାବେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜିଲାରେ ପ୍ରଚାର କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଶେଷ ପର୍ଯ୍ୟନ୍ତ ମଙ୍ଗ ଧରିଥିଲେ। ଏହାଛଡ଼ା କେତେଜଣ ସିନେ ତାରକାଙ୍କୁ ଭାଜପା ପ୍ରଚାର କାର୍ଯ୍ୟରେ ସାମିଲ କରିଥିଲା। ସେହିପରି ବିଜେଡି ପ୍ରାର୍ଥୀଙ୍କ ପାଇଁ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାରାଥନ ପ୍ରଚାର କରିଥିଲେ। ସେ ଦୁଇ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ଆସି ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସ ଶେଷ ମୁହୂର୍ତ୍ତରେ ପ୍ରଚାରରେ ବଳ କଷିବାକୁ ଉଦ୍ୟମ କରିଥିଲା। ରାଜ୍ୟର କେତେଜଣ ବରିଷ୍ଠ ନେତା ଅନୁଗୋଳ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିବା ବେଳେ ଶେଷ ଦିନରେ ତାରା ପ୍ରସାଦ ବାହିନୀପତି ପୌରାଞ୍ଚଳରେ ରୋଡ୍ ଶୋ କରିଥିବା ଦେଖାଯାଇଥିଲା। ତେବେ ଏହି ପ୍ରଚାର କାର୍ଯ୍ୟ ବେଳେ ବିଭିନ୍ନ ଦଳ ପକ୍ଷରୁ ଲୋକଙ୍କୁ ପୁଳା ପୁଳା ପ୍ରତିଶ୍ରୁତି ଦିଆଯାଇଛି। ଲୋକଙ୍କ ସମର୍ଥନ ମିଳିଲେ ସମସ୍ତ ଅଧୁରା କାର୍ଯ୍ୟକୁ ପୂରା କରାଯିବ ବୋଲି ୩ ଦଳର ପ୍ରାର୍ଥୀଙ୍କ ପକ୍ଷରୁ କୁହାଯାଇଛି। ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ବିଶାଳ ରୋଡ ଶୋରେ ଯୋଗ ଦେଇ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସେହିପରି ଅନୁଗୋଳ ପୌରାଞ୍ଚଳରେ ଥିବା ୨୧ଟି ୱାର୍ଡରେ ରୋଡ ଶୋ କରି କଂଗ୍ରେସ ପ୍ରାର୍ଥୀ ବିପ୍ଳବ ଜେନାଙ୍କ ପାଇଁ ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି ଭୋଟ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଶତାଧିକ ଦଳୀୟ କର୍ମୀ ଓ ସମର୍ଥକମାନେ ଏହି ପ୍ରଚାରରେ ଯାଉଥିବା ବେଳେ ହେମସୁରପଡ଼ା ଛକରେ ବର୍ଷା କାରଣରୁ ସାମାନ୍ୟ ବାଧା ସୃଷ୍ଟି ହୋଇଥିଲା। ତେବେ ବିଜେଡି ପୌରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳକୁ ପ୍ରଚାର ଶେଷ ଦିନରେ ଅଧିକ ଗୁରୁତ୍ୱ ଦେଇଥିଲା। ଅପରାହ୍ନ ୪ଟାରେ ପ୍ରଚାର ଶେଷ ହେବା ପରେ ଭୋଟରଙ୍କ ମଧ୍ୟରେ ଅଧିକ ଉତ୍କଣ୍ଠା ପ୍ରକାଶ ପାଇଛି।

ସେହିପରି ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖମାର କଲେଜ ପଡିଆଠାରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ଏବଂ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତିଙ୍କ ପାଇଁ ଭୋଟ ମାଗିଛନ୍ତି। ପ୍ରଧାନ ଅପରାହ୍ନ ୧ଟାରେ ହେଲିକପ୍ଟର ଯୋଗେ ସେଠାରେ ପହଞ୍ଚିଥିଲେ। ଏହି ସଭାରେ ଅନ୍ୟମାନଙ୍କ ସହ ପାଲଲହଡ଼ା ମଣ୍ଡଳ ସଭାପତି ନୀଳାମ୍ବର ପ୍ରଧାନ, ଖମାର ସଭାପତି ଗୌରହରି ପ୍ରଧାନ, ଜିଲା ପରିଷଦ ସଦସ୍ୟ ସରୋଜ ସାହୁ, ତିରୁଲତା ଗଡନାୟକଙ୍କ ସହ ବରିଷ୍ଠ ଭାଜପା ନେତା ଅଜିତ କୁମାର ପ୍ରଧାନ, ଜଗମୋହନ ପ୍ରଧାନ, ରବିନାରାୟଣ ପାଣି, କ୍ଷୀରୋଦ୍ରୀ ବେହେରା, ପାଲଲହଡ଼ା ଯୁବରାଜ ବାଳକୃଷ୍ଣ ପାଳ ପ୍ରମୁଖ ଉପସ୍ଥିତ ଥିଲେ।



ତାରା ପ୍ରସାଦ ବାହିନୀପତି କଂଗ୍ରେସ ପ୍ରାର୍ଥୀଙ୍କ ସହ ରୋଡ୍ ଶୋ କରୁଛନ୍ତି।

# ପ୍ରଚାର କଲେ ଓଲିଉଡ ଅଭିନେତ୍ରୀ



ପାଲଲହଡ଼ା/ବଇଣ୍ଡା, ୨୧।୪(ଡି.ଏନ.ଏ.)

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ ରବିବାର ବିଜେଡି ପ୍ରାର୍ଥୀ ମୁକେଶ ପାଳଙ୍କ ପାଇଁ ଓଲିଉଡ ଅଭିନେତ୍ରୀ ଦେବଯାନୀ ଏବଂ ନମ୍ରତା ରୋଡ ଶୋ କରିଥିଲେ। ଶୋଭାଯାତ୍ରାରେ ଉଭୟ ଅଭିନେତ୍ରୀ ଓ ମୁକେଶ ପ୍ରଥମେ ନିର୍ବାଚନ ମଣ୍ଡଳୀର ନମପଶି, ଝାରବେଡା, ଆଲୋରି ଏବଂ ଖମାର ପଞ୍ଚାୟତକୁ ଯାଇ ଭୋଟ ମାଗିଥିଲେ। ଏଥିରେ ରଞ୍ଜିତ ସାମଲ, ଲଳିତ ପ୍ରଧାନ, ଦିବ୍ୟକିଶୋର ଗଡନାୟକଙ୍କ ସହ ବହୁ ବିଜେଡି କର୍ମୀ ସାମିଲ ଥିଲେ। ସେହିପରି ୬୩ ନଂ. ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ରୋଡ ଶୋ ସାଙ୍ଗକୁ ସଭା କରାଯାଇ ଲୋକଙ୍କୁ ଭୋଟ ଦେବା ପାଇଁ ନିବେଦନ କରାଯାଇଥିଲା। କଂଗ୍ରେସ ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆ ଠାକୁରଗଡ଼ ପଞ୍ଚାୟତର ଧଣ୍ଡାତୋପା, ଅମାସମା, ଅଲେଖପୁର, ପୁରୁଣାପାଣି ଆଦି ଗ୍ରାମରେ ବାଇକ୍ ଶୋଭାଯାତ୍ରାରେ ପ୍ରଚାର କରି ଭୋଟ ମାଗିଥିଲେ। ସେହିପରି ବିଜେଡି ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସ୍ତ୍ରୀ ଲୀନା ସାଏ ସମର୍ଥକଙ୍କ ସହ ସାପଘରା, କୁରୁମଟାପ, ସଞ୍ଚାମୁରା, କଣ୍ଟେଇକୁଳିଆ ଆଦି ପଞ୍ଚାୟତଗୁଡ଼ିକରେ ପ୍ରଚାର କରି ବିଜେଡିକୁ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅଧୀନ ଅନୁଗୋଳ ବ୍ଲକର ୯ ପଞ୍ଚାୟତରେ ପ୍ରଚାର କରି ଭୋଟ ପାଇଁ ଅନୁରୋଧ କରିଥିଲେ। ବିଭିନ୍ନ ଦଳର କର୍ମୀମାନେ ମଧ ସେମାନଙ୍କ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଲୋକଙ୍କୁ ଭେଟିଥିଲେ।

# ମତଦାନ ସୁପରିଚାଳନା ପାଇଁ ବୈଠକ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଅଫିସ, ୨୧।୪

ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ କାର୍ଯ୍ୟ ପରିଚାଳନା ପାଇଁ ନିୟୋଜିତ କର୍ମଚାରୀମାନଙ୍କ ସହ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଦ୍ୟୁତ୍ ତ୍ରିବେଦୀଙ୍କ ଅଧକ୍ଷତାରେ ରବିବାର ପୂର୍ବାହ୍ନରେ ପଞ୍ଚାୟତ ତାଲିମ ଗୃହ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ସହ ପ୍ରାର୍ଥୀମାନଙ୍କ ଖର୍ଚ୍ଚର କଡ଼ାକଡ଼ି ହିସାବ ରଖିବାକୁ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମସ୍ତ ରେଜିଷ୍ଟର ଠିକ୍ ଭାବେ ପରିଚାଳନା କରାଯାଉଛି କି ନାହିଁ ତାହା ସମୀକ୍ଷା କରିଥିଲେ। ସମସ୍ତ ପ୍ରକାର ଖର୍ଚ୍ଚ ଅପ୍‌ଡେଟ ସହ ଭିଡିଓ ସର୍ଭେଲାନ୍ସ ଟିମ୍ ରେକର୍ଡିଂକୁ ରବିବାର ସନ୍ଧ୍ୟା ସୁଦ୍ଧା ଭିଡିଓ ଭିଉଇଙ୍ଗ୍ ଟିମ୍‌କୁ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ସମସ୍ତ ଟିମ୍ ସହିତ ଉପଯୁକ୍ତ ସମନ୍ୱୟ ରଖି ତଥ୍ୟଗୁଡ଼ିକୁ ସଂଗ୍ରହ କରିବାକୁ କହିଥିଲେ। ସେହିପରି ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ଅନ୍ୟ ଜଣେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଏସ୍. ବୀରମୁଥୁ ଅପରାହ୍ନରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ମତଦାନ କେନ୍ଦ୍ରଗୁଡ଼ିକରେ ସର୍ବନିମ୍ନ ସୁବିଧା ସମ୍ପର୍କରେ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାକେଶ କୁମାର କୁଣ୍ଡୁ, ଲିଆସିନିଂ ଅଫିସର ପ୍ରଦୋଷ କୁମାର ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀଙ୍କ ସମେତ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଭିନ୍ନ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଭୋଟ୍ ପାଇଁ ମଦ ଦୋକାନ ସିଲ୍

ଅନୁଗୋଳ ଅଫିସ, ୨୧।୪

ଅନୁଗୋଳ ଜିଲାରେ ସାଧାରଣ ନିର୍ବାଚନ ପାଇଁ ରବିବାର ଅପରାହ୍ନ ୪ଟାରୁ ସମସ୍ତ ମଦ ଦୋକାନକୁ ଅବକାରୀ ବିଭାଗ ପକ୍ଷରୁ ଜଉମୁଦ ଦିଆଯାଇ ସିଲ୍ କରାଯାଇଛି। ତେବେ ୨୩ ତାରିଖରେ ନିର୍ବାଚନ ଶେଷ ହେବାପରେ ୨୪ ତାରିଖରୁ ଦୋକାନଗୁଡ଼ିକ ପୂର୍ବ ପରି ଖୋଲା ରହିବ ବୋଲି ଜିଲା ଅବକାରୀ ଏସ୍‌ପି ସୁରେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ନିର୍ବାଚନ ସମୟରେ ଯେଉଁମାନେ ମଦ ବିକ୍ରି କରିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ନିର୍ବାଚନ ପାଇଁ ଗଠନ ହୋଇଥିବା ଲିକର ମନିଟରିଂ ଟିମ୍ ବିଭିନ୍ନ ସ୍ଥାନରେ ପଇଁତରା ମାରି ତୀକ୍ଷ୍ଣ ନଜର ରଖିବେ। ଜିଲାରେ ଥିବା ୧୫ଟି ଦେଶୀ ମଦ ଦୋକାନ ସମେତ ୫୬ଟି ବିଦେଶୀ ମଦ ଦୋକାନ, ବାର୍, ବିୟର ପାର୍ଲର ଓ ରେଷ୍ଟୁରାଣ୍ଟ ଏବଂ ହୋଟେଲରେ ମିଳୁଥିବା ମଦକୁ ମଧ ଅବକାରୀ ବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇଛି।

# ୯୨୬ କେନ୍ଦ୍ରରେ ପହଞ୍ଚିଲେ ପୋଲିଂ ପାର୍ଟି

ଅନୁଗୋଳ ଅଫିସ, ୨୧।୪


ସାଧାରଣ ନିର୍ବାଚନ ପାଇଁ ରବିବାର ଜିଲାର ୧୧୬୩ ମତଦାନ କେନ୍ଦ୍ରକୁ ନିର୍ବାଚନ ପରିଚାଳନା କରିବା ପାଇଁ ବିଭିନ୍ନ ସରଞ୍ଜାମ ଧରି ମତଦାନ ଅଧିକାରୀମାନେ ଗସ୍ତ କରିଛନ୍ତି। ଜିଲାରେ ଥିବା ୪ଟି ଷ୍ଟ୍ରଙ୍ଗ ରୁମ୍‌ରୁ ଇଭିଏମ୍ ସହ ଭିଭିପିଏଟି ମେଶିନ ଓ ନିର୍ବାଚନ ପରିଚାଳନା ପାଇଁ ଆବଶ୍ୟକ ପଡୁଥିବା ସରଞ୍ଜାମଗୁଡ଼ିକୁ ଧରି ପୋଲିଂ ପାର୍ଟି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇଛନ୍ତି। ମାଓ ପ୍ରବଣ ଅଞ୍ଚଳରେ ଦୁର୍ଗମ ମତଦାନ କେନ୍ଦ୍ରଗୁଡ଼ିକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପୋଲିଂ ପାର୍ଟି ଗସ୍ତ କରିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଜିଲାର ୧୧୬୩ ମତଦାନ କେନ୍ଦ୍ର ମଧ୍ୟରୁ ୯୨୬ଟି କେନ୍ଦ୍ରରେ ପୋଲିଂ ପାର୍ଟିମାନେ ପହଞ୍ଚି ସାରିଥିବା ଜିଲାପାଳ କହିଛନ୍ତି।

ଅନୁଗୋଳରେ ୫ଟି ନିର୍ବାଚନ ମଣ୍ଡଳୀ ପାଇଁ ୪ଟି ଷ୍ଟ୍ରଙ୍ଗ ରୁମ୍‌ରେ ଇଭିଏମ୍ ଓ ଭିଭିପିଏଟି ମେଶିନ ରଖାଯାଇଥିଲା। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଇଭିଏମ୍‌ଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ନାମ ସହ ଫଟୋ ଓ ଚିହ୍ନ ଲଗାଯାଇଥିଲା। ପରେ ଇଭିଏମ୍ ଓ ଭିଭିପିଏଟିଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ରବିବାର ନିର୍ବାଚନମଣ୍ଡଳୀର ସମ୍ପୃକ୍ତ ବୁଥ୍ ଗୁଡ଼ିକ ପାଇଁ ଇଭିଏମ୍ ଓ ଭିଭିପିଏଟି ମେଶିନ ପୋଲିଂ ପାର୍ଟିଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ସୁଦ୍ଧା ପୋଲିଂ ପାର୍ଟି ସେମାନଙ୍କୁ ଆଲର୍ଟ କରାଯାଇଥିବା ମତଦାନ କେନ୍ଦ୍ରଗୁଡ଼ିକରେ ପହଞ୍ଚିବା ପରେ ସେମାନଙ୍କ ସେକ୍ଟର ଅଧିକାରୀମାନଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବାହ୍ନ ୧୦ଟାରୁ ପୋଲିଂ ପାର୍ଟିଙ୍କୁ ନିର୍ବାଚନ ପରିଚାଳନା କରିବା ପାଇଁ ବିଭିନ୍ନ ସରଞ୍ଜାମ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିଲା। ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ କରିବାକୁ ଜିଲା ପ୍ରଶାସନର ଘନ ଘନ ବୈଠକ ହୋଇଥିବା ସୂଚନା ମିଳିଛି। ଜିଲା ନିର୍ବାଚନ ଅଧିକାରୀଙ୍କ ସୂଚନା ମୁତାବକ ଅନୁଗୋଳ ନିର୍ବାଚନମଣ୍ଡଳୀରେ ୨୪୬ଟି ମତଦାନ କେନ୍ଦ୍ରମଧ୍ୟରୁ ୧୫୬ଟି କେନ୍ଦ୍ରରେ ପୋଲିଂ ପାର୍ଟି ପହଞ୍ଚିଛନ୍ତି। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ୨୨୭ଟି ମତଦାନ କେନ୍ଦ୍ର ମଧ୍ୟରୁ ୧୩୫ଟିରେ ପୋଲିଂ ଅଧିକାରୀ ପହଞ୍ଚିଛନ୍ତି। ତାଳଚେରର ସମସ୍ତ ୨୦୧ କେନ୍ଦ୍ର, ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ୨୩୯ରୁ ୨୧୫ଟି କେନ୍ଦ୍ର, ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ୨୫୦ ରୁ ୨୧୦ଟି କେନ୍ଦ୍ରରେ ପୋଲିଂ ପାର୍ଟି ପହଞ୍ଚିଛନ୍ତି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ପୋଲିସ ଫୋର୍ସ, ଏସ୍‌ଓଜି, ଏସ୍‌ଏସ୍‌ବି ଓ ସିଆର୍‌ପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଥିବା ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି।



ପୋଲିଂ ଅଧିକାରୀଙ୍କୁ ଇଭିଏମ୍ ପ୍ରଦାନ କରାଯାଉଛି।

# ବୁଥ୍ ଅଭିମୁଖେ ଗଲେ କର୍ମଚାରୀ



ବୁଥ୍ ଅଭିମୁଖେ ଯିବା ପୂର୍ବରୁ କର୍ମଚାରୀମାନେ ଇଭିଏମ୍, ଭିଭିପିଏଟି ସଂଗ୍ରହ କରୁଛନ୍ତି।

ତାଳଚେର,୨୧।୪(ନି.ପ୍ର.)

ଆସନ୍ତା ୨୩ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀର ପୋଲିଂ ପାର୍ଟିମାନେ ଇଭିଏମ୍ ଓ ଭିଭିପିଏଟି ମେଶିନ ନେଇ ବୁଥ୍ ଅଭିମୁଖେ ଯାତ୍ରା କରିଛନ୍ତି। ତାଳଚେର ନିର୍ବାଚନମଣ୍ଡଳୀରେ ୨୦୧ଟି ବୁଥ୍ ରହିଛି। ସେଥିରୁ ତାଳଚେର ବ୍ଲକରେ ୧୨୯, କଣିହାଁ ବ୍ଲକରେ ୪୪ ଓ ତାଳଚେର ପୌରାଞ୍ଚଳରେ ୨୮ଟି ବୁଥ୍ ରହିଛି। ସମୁଦାୟ ଅଞ୍ଚଳକୁ ୧୦ଟି ସେକ୍ଟରରେ ବିଭକ୍ତ କରାଯାଇ ୧୦ଜଣ ମାଜିଷ୍ଟ୍ରେଟ, ୨୦ ସେକ୍ଟର ଅଫିସର, ୨୦୧ ପ୍ରିଜାଇଡିଂ ଅଫିସର, ୧୦୦୫ ପୋଲିଂ ଅଫିସର ଓ ୨୦୧ ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏଥିନିମନ୍ତେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୨୦ଟି କାଉଣ୍ଟର ଖୋଲାଯାଇଛି।

# ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଅଣ୍ଟା ଭିଡ଼ିଲେ ଶ୍ରମିକ ସଙ୍ଗଠନ

ବଅଁରପାଳ, ୨୧।୪ (ଡି.ଏନ୍.ଏ)

ନିର୍ବାଚନରେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ବିଭିନ୍ନ ଶ୍ରମିକ ସଙ୍ଗଠନଗୁଡିକ ଅଣ୍ଟା ଭିଡିଛନ୍ତି। ଢେଙ୍କାନାଳ ଲୋକ ସଭାର କଂଗ୍ରେସ ପ୍ରାର୍ଥୀ କେ ପି ସିଂହଦେଓ ଓ ଅନୁଗୋଳର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ଳବ ଜେନାଙ୍କ ପାଇଁ ନାଲ୍‌କୋ ଏମ୍ପ୍ଲୋଇ ସଂଘ(ନେସ୍) ପକ୍ଷରୁ ପ୍ରଚାର କରାଯାଉଛି। ଏହି ଉପଲକ୍ଷେ ସଂଘ କାର୍ଯ୍ୟାଳୟରେ ସଭାପତି ଦିଲୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ବୈଠକରେ ରଣକୌଶଳ ପ୍ରସ୍ତୁତ କରାଯାଇଥିଲା। ସଂଘର ସଦସ୍ୟମାନେ କିଭଳି ଭାବେ କଂଗ୍ରେସ ଦଳ ପାଇଁ ଭୋଟ ହାତେଇବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ କେ. ପି. ସିଂହଦେଓ ଓ ବିପ୍ଳବ ଜେନା ଉପସ୍ଥିତ ଥିଲେ। ସଂଘର ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ଭାଦୁରାମ ସରେନ୍, କାର୍ଯ୍ୟକାରୀ ସଭାପତି ମୁରଲୀଧର ପଣ୍ଡା, ସାଙ୍ଗଠନିକ ସମ୍ପାଦକ ମନୋଜ ସ୍ୱାଇଁ, ଭାସ୍କର ଚନ୍ଦ୍ର ସେଠୀ, ମଳୟ ସ୍ୱାଇଁ, ଅଟଳ ବିହାରୀ ଷଡ଼ଙ୍ଗୀ, ନାଲକୋ କଂଗ୍ରେସ ଏନ୍‌ଏନ୍‌ଇୟୁ କାର୍ଯ୍ୟକାରୀ ସଭାପତି ବିଭବ ଜେନା, ଏସ୍.କେ. ମହାରଣା ଓ ଆର୍.କେ. ସିଂ ପ୍ରମୁଖ ଶ୍ରମିକ ନେତାମାନେ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋ ଏନ୍‌ଏନ୍‌ଇୟୁ କାର୍ଯ୍ୟାଳୟରେ ସଙ୍ଗଠନର ସାଧାରଣ ସମ୍ପାଦକ ନିର୍ମଳ ଶତପଥୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିୟନର ସଭାପତି ତଥା ବିଜେଡି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂଙ୍କୁ କିଭଳି ବିଜୟୀ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସହକାର୍ଯ୍ୟକାରୀ ସଭାପତି ଭରତ କୁମାର ମାଝି, ପ୍ରଶାନ୍ତ ବେହେରା, ଗୌରଚନ୍ଦ୍ର ତ୍ରିପାଠୀ, ବଳଭଦ୍ର ସାମଲ, ଭଗବାନ ସାହୁ, ପ୍ରସନ୍ନ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ନେସ୍ କାର୍ଯ୍ୟାଳୟରେ କେ. ପି. ସିଂହଦେଓ, ବିପ୍ଳବ ଜେନାଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ବାଇକ୍‌ରୁ ଖସିପଡ଼ି ମହିଳା ଗୁରୁତର

ପରଜଙ୍ଗ, ୨୧।୪(ଡି.ଏନ୍.ଏ.): ପରଜଙ୍ଗ ଥାନା ୫୩ନଂ ଜାତୀୟ ରାଜପଥର ବାରିହାପୁର ଛକ ନିକଟରେ ଶନିବାର ସକାଳେ ବାଇକ୍‌ରୁ ଖସିପଡ଼ି ଜୟପୁରାକାଟେଣୀ ପଞ୍ଚାୟତ ଅଧୀନ ଶୁଣ୍ଡିକାଟେଣୀ ଗ୍ରାମର ପୁଷ୍ପଲତା ପ୍ରଧାନ (୨୫) ଗୁରୁତର ହୋଇଛନ୍ତି। ସେ ସ୍ୱାମୀଙ୍କ ସହ ବାଇକ୍‌ରେ ବସି ଖଇରାମୁଣ୍ଡା ଯାଉଥିବାବେଳେ ଏକ ଟ୍ରକ୍ ଓଭରଟେକ୍ କରିଥିଲା। ଏଥିରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମହିଳାଙ୍କ ସ୍ୱାମୀ ଏବଂ ଛୋଟ ଝିଅ ସୁରକ୍ଷିତ ଅଛନ୍ତି। ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ମଣ୍ଡାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ

ଭୁବନ, ୨୧।୪(ଡି.ଏନ.ଏ.): ଭୁବନ କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ ଶୁକ୍ରବାର ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ସ୍ଥାନୀୟ ବଡ଼ଦାଣ୍ଡରେ ଥିବା କୋଠଘରେ ପୂଜା ପାଉଥିବା ସମାଜର ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରିବା ପରେ ସମ୍ପ୍ରଦାୟର ଲୋକମାନେ ନିଜର ସମ୍ପର୍କୀୟଙ୍କ ଘରକୁ ଯାଇ ପିଠାପଣା ଆଦାନପ୍ରଦାନ କରିଥିଲେ। ଅପରାହ୍ନରେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ସହର ପରିକ୍ରମା କରାଯାଇଥିଲା। ବାଜାବାଣ, ଗୋପାଳ ଲଉଡ଼ି, ସଂକୀର୍ତ୍ତନମଣ୍ଡଳୀ, ଘୋଡ଼ାନାଚରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ସଭାପତି କୈଳାସ ଚନ୍ଦ୍ର ବେହେରା, ସମ୍ପାଦକ ଅଜୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବରିଷ୍ଠ କର୍ମକର୍ତ୍ତା ମାୟାଧର ସାହୁ, ଚହଲି ସେଠୀ, ନୀଳମଣି ସେଠୀ, ଯୁଧିଷ୍ଠିର ସେଠୀ, ଗୌରାଙ୍ଗ ସେଠୀ, ବୈକୁଣ୍ଠ ବେହେରା, ଲକ୍ଷ୍ମଣ ସେଠୀ, ସୁବାସ ସେଠୀ, ମୁକୁନ୍ଦ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଖାଲ ତଳକୁ ଓଲଟି ପଡ଼ିଲା ଟ୍ରେଲର

ମାଲକାନଗିରି,୨୧।୪ (ଡି.ଏନ୍.ଏ.) ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଏମ.ଭି-୦୩ସ୍ଥିତ ବି.ଏସ.ଏଫ. କ୍ୟାମ୍ପ ନିକଟରେ ଏକ ପ୍ରୋକଲିନ ବୋଝେଇ ଟ୍ରେଲର ଓଲଟି ପଡ଼ିଛି। ମୋଟୁ ନିକଟରେ ଥିବା ପେଟାସ୍ଥିତ ଗ୍ରାନାଇଟ ଖଣି କମ୍ପାନୀର ଟ୍ରେଲର (ଏନ.ଏଲ ୦୧ ଡି-୭୨୩୭) ଯୋଗେ କୋଲକୋତାରୁ ଏକ ନୂଆ ପ୍ରୋକଲିନ କ୍ରୟ କରି ପେଟା ଗ୍ରାମସ୍ଥିତ ଖଣିକୁ ନିଆଯାଉଥିଲା। ଏମ.ଭି-୦୩ ବି.ଏସ.ଏଫ. କ୍ୟାମ୍ପ ନିକଟସ୍ଥ ଗଡ଼ାଣିଆ ରାସ୍ତାରେ ଟ୍ରେଲର ରଖି ଡ୍ରାଇଭର ପେଟାସ୍ଥିତ ଖଣିକୁ ଯିବାକୁ ରାସ୍ତା ସମ୍ପର୍କରେ ଜଣେ ଦୋକାନୀଙ୍କୁ ପଚାରି ବୁଝୁଥିବା ବେଳେ ଗଡ଼ାଣିଆ ରାସ୍ତାରେ ଥିବା ଟ୍ରେଲରଟି ଆପେ ଆପେ ଗଡ଼ି ଯାଇ ରାସ୍ତା କଡ଼ରେ ଥିବା ଏକ ଖାଲ ତଳକୁ ଓଲଟି ପଡ଼ିଥିଲା । ଫଳରେ ଟ୍ରେଲର ଓ ପ୍ରୋକଲିନ କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣା ସମୟରେ ଟ୍ରେଲରରେ କୌଣସି କର୍ମଚାରୀ ନ ଥିଲେ। ଖବର ପାଇ ମାଲକାନଗିରି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ୨ ଶିଶୁ ସହ ମହିଳା ଉଦ୍ଧାର

କର୍ଲାମୁଣ୍ଡା ୨୧।୪ (ଡି.ଏନ.ଏ.) କଳାହାଣ୍ଡି ଚାଇଲ୍ଡଲାଇନ ପକ୍ଷରୁ ରବିବାର ୨ଶିଶୁଙ୍କ ସହ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଶନିବାର ରାତିରେ କର୍ଲାମୁଣ୍ଡାରେ ଜଣେ ବିଧବା ମହିଳା ୨ଶିଶୁଙ୍କୁ ଧରି ଅସହାୟ ଅବସ୍ଥାରେ ବୁଲୁଥିଲେ। ଏନେଇ ସାମାଜିକ କର୍ମୀ ସୁରେଶ ଚୌଧୁରୀ ଚାଇଲ୍ଡଲାଇନକୁ ଖବର ଦେଇଥିଲେ। ସ୍ଥାନୀୟ ଫାଣ୍ଡି ଅଧିକାରୀ ଅଧିଶ୍ଚନ୍ଦ୍ର ବିଶ୍ୱାସ, କାହ୍ନୁଚରଣ ସାହୁ, ପ୍ରଦୀପ କୁମାର ସାହୁ, ଆଇସିଡିଏସ କର୍ମଚାରୀଙ୍କ ସହଯୋଗରେ ମହିଳା ଓ ୨ଶିଶୁଙ୍କୁ ରାତିରେ ବ୍ଲକ କାର୍ଯ୍ୟାଳୟକୁ ଆଣି ରଖିଥିଲେ। ରବିବାର ସକାଳେ ଚାଇଲ୍ଡଲାଇନ ଡାଇରେକ୍ଟର ରାଜକିଶୋର ଶର୍ମା, ସଂଯୋଜକ ସୁବାସ ଚନ୍ଦ୍ର ନାଏକ, ସୁପରଭାଇଜର କୁସୁମ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ସ୍ୱାଧାରଗୃହକୁ ନିଆଯାଇଥିଲା। ଏନେଇ ଚାଇଲ୍ଡଲାଇନ କଳାହାଣ୍ଡିର ଡାଇରେକ୍ଟର ରାଜ କିଶୋର ଶର୍ମାଙ୍କୁ ପଚାରିବାରୁ ଡିଏସ୍‌ଡବ୍ଲ୍ୟୁ କଳାହାଣ୍ଡିଙ୍କ ସହିତ ଆଲୋଚନା କରି ୨ଶିଶୁ ଓ ମହିଳାଙ୍କୁ ସ୍ୱାଧରଗୃହରେ ରଖାଯାଇଥିବା କହିଥିଲେ।

# ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ୟୁନିୟନ

## ବିଲ୍ଟ ପେପର ମିଲରେ ପୁଣି ଅଚଳାବସ୍ଥା




ଜୟପୁର,୨୧।୪(ନି.ପ୍ର.)

ଜୟପୁର ବିଲ୍ଟ ପେପର ମିଲ୍‌ରେ ପୁଣିଥରେ ଅଚଳାବସ୍ଥା ସୃଷ୍ଟି ହୋଇଛି। କଞ୍ଚାମାଲ ନାହିଁ, ପୁଣି ଆବଶ୍ୟକ କେମିକାଲର ଅଭାବ। ଗତ ଫେବୃଆରୀରୁ କର୍ମଚାରୀ ଓ ଅନ୍ୟ ଠିକା କର୍ମଚାରୀ ଦରମା ପାଇନାହାନ୍ତି। କର୍ମଚାରୀଙ୍କ ପିଲାମାନେ ଏବେ ସ୍କୁଲରେ ନାମଲେଖା କିମ୍ବା ରିଆଡମିଶନ କରିପାରୁ ନାହାନ୍ତି। ପୁରୁଣା କର୍ମଚାରୀ ସେମାନଙ୍କ ଦରମା ପାଇନାହାନ୍ତି କି ଅବସର ନେଇଥିବା କର୍ମଚାରୀ ମଧ୍ୟ ୨ ବର୍ଷ ହେବ ସେମାନଙ୍କ ବକେୟା ନେଇନାହାନ୍ତି। ପରିବାର ଭୋକ ଉପାସରେ ରହିବା ସମୟ ମଧ୍ୟ ଆସିଗଲାଣି ବୋଲି ବିଲ୍ଟ ସେବା ପେପର ମିଲ ଏମ୍ପ୍ଲୋୟର୍ସ ୟୁନିୟନର ସାଧାରଣ ସମ୍ପାଦକ ପ୍ରମୋଦ ମହାନ୍ତି କହିଛନ୍ତି। ଏଥିରେ ତୁରନ୍ତ ହସ୍ତକ୍ଷେପ କରି ସମାଧାନ ପାଇଁ ଜିଲାପାଳଙ୍କୁ ସେ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ଏପ୍ରିଲ ୨୦ରୁ ପେପର ମିଲର ଉତ୍ପାଦନ ପୁଣି ବନ୍ଦ ହୋଇଛି। ମିଲ୍‌ର କର୍ମଚାରୀମାନେ ଏବେ ନିଜ ଭବିଷ୍ୟତ ନେଇ ଅନିଶ୍ଚିତତା ଭିତରେ ରହିଛନ୍ତି। ଗତ ଅକ୍ଟୋବର ୫ରେ ମିଳିତ କମିଟି ବୈଠକରେ ଜନ ପ୍ରତିନିଧି, ୪ଟି ୟୁନିୟନର ସଦସ୍ୟ, ପ୍ରଶାସନ, ମିଲ କର୍ତ୍ତୃପକ୍ଷ ଉପସ୍ଥିତ ରହି କାରଖାନା ସ୍ୱାର୍ଥକୁ ଦୃଷ୍ଟିରେ ରଖି କେତେକ ସର୍ତ୍ତ ରଖାଯାଇଥିଲା। ଏଥିରେ କର୍ମଚାରୀ ଓ ମିଲ୍ କର୍ତ୍ତୃପକ୍ଷଙ୍କ ସହମତି ପରେ ବନ୍ଦ ହୋଇ ପଡ଼ିଥିବା ମିଲ୍ ଅକ୍ଟୋବର ୨୯ରେ ପୁନଃ କାର୍ଯ୍ୟକ୍ଷମ ହୋଇଥିଲା। ସେହିଦିନଠାରୁ ମିଲ୍ ସୁରୁଖୁରୁରେ ଚାଲିଥିବା ବେଳେ କୌଣସି ସ୍ଥାୟୀ କିମ୍ବା ଠିକା କର୍ମଚାରୀ ଅସହଯୋଗ ତଥା ବିଶୃଙ୍ଖଳା କରିନାହାନ୍ତି। ଏହି ମିଲ୍ ଉପରେ ୪୫୦ ସ୍ଥାୟୀ, ୭ ଶହ ଅସ୍ଥାୟୀ, ୨ ଶହ ଅଧିକାରୀ ନିୟୋଜିତ ଥିବାବେଳେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ତେଣୁ ଜୟପୁରବାସୀଙ୍କ ସ୍ୱାର୍ଥ ଦୃଷ୍ଟିରେ ରଖି ମିଲ୍ ପୁଣି କିପରି ଚାଲିବ ଓ କର୍ମଚାରୀ ଦରମା ପାଇବେ, ଏଥିରେ ଜିଲାପାଳ ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇଛି।

## କୁଳିପାଲିରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ, ଉତ୍ତେଜନା
# ୨ ମାମଲା ରୁଜୁ, ପୋଲିସ ମୁତୟନ

ସୋନପୁର,୨୧।୪(ନି.ପ୍ର.)

ସୋନପୁର ଥାନା ଅନ୍ତର୍ଗତ କୁଳିପାଲି ଗ୍ରାମରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ଦେଖା ଦେଇଛି। ଏହି ଘଟଣାକୁ ନେଇ ଗ୍ରାମର ଉଭୟ ପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶନିବାର ରାତିରେ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ କରିଛି । ସୂର୍ଯ୍ୟକାନ୍ତ କର୍ଣ୍ଣଙ୍କ ଅଭିଯୋଗ ଆଧାରରେ ମୋହିନୀ ଦୀପ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିଭଳି ମୋହିନୀଙ୍କ ଅଭିଯୋଗ କ୍ରମେ ଭକ୍ତ କର୍ମୀ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି । ତେବେ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ । ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ ଅଛନ୍ତି । ଏହି ଗ୍ରାମରେ ଗତ ୧୩ ତାରିଖରୁ ରାମଲୀଳା ଚାଲିଛି । ସବର୍ଣ୍ଣ ଗୋଷ୍ଠୀ ଏହି ରାମଲୀଳା କରୁଛନ୍ତି। ଏଥିପାଇଁ ଗ୍ରାମରେ ଆମିଷ ନିଷେଧ ରହିଛି। ତେବେ ଗତ ୧୭ ତାରିଖ ଗ୍ରାମର ଜଣେ ଅସବର୍ଣ୍ଣ ପରିବାରର ନିର୍ବନ୍ଧ କାର୍ଯ୍ୟ ଥିଲା। ଏଥିପାଇଁ ସେ ଏକ ଛେଳି ମାରି ତାହାର ପୁଟା ସ୍ଥାନୀୟ ବନ୍ଧରେ ଧୋଇ ରାମଲୀଳା ପେଣ୍ଡାଲ ସମ୍ମୁଖ ଦେଇ ଚାଲି ଯାଉଥିଲେ। କିଛି ସବର୍ଣ୍ଣ ବ୍ୟକ୍ତି ଏଭଳି କାର୍ଯ୍ୟକୁ ବାରଣ କରିଥିଲେ । ଘଟଣାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା । ଉଭୟ ପକ୍ଷ ପରସ୍ପରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧସ୍ତାଧସ୍ତି ହୋଇଥିଲେ। ତେବେ ୧୮ ତାରିଖ ନିର୍ବାଚନ ଥିବାରୁ ଆପୋସ ସମାଧାନ କରାଯିବାକୁ ଚେଷ୍ଟା କରା ଯାଇଥିଲା । କିନ୍ତୁ ସମାଧାନ ନ ହେବାରୁ ଉଭୟ ପକ୍ଷ ଶନିବାର ପୁଣି ଥାନାର ଦ୍ୱାରସ୍ଥ ହୋଇଥିଲେ । ଡିଏସ୍‌ପି (କ୍ରାଇମ) ଆନ୍ଥୋନୀ ତିର୍କୀ ଓ ଏଏସ୍‌ଆଇ ସଞ୍ଜୀବ କୁମାର ବସ୍ତିଆ ମାମଲାର ତଦନ୍ତ କରୁଛନ୍ତି ।

## ଏମ୍‌କେସିଜିରେ ତିଆରି ହେବ ବିଶ୍ରାମ ସଦନ
# ଜମି ଚିହ୍ନଟ ପ୍ରକ୍ରିୟା ଶେଷ

ବ୍ରହ୍ମପୁର ଅଫିସ,୨୧।୪

ଦକ୍ଷିଣ ଓଡ଼ିଶାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ହେଉଛି ଏକ ପ୍ରମୁଖ ହସ୍‌ପିଟାଲ। ଏହା ଦକ୍ଷିଣ ଓଡ଼ିଶା ସମେତ ପଡ଼ୋଶୀ ଆନ୍ଧ୍ର ସୀମାନ୍ତ ଇଲାକାରେ ରହୁଥିବା ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ରେଫର ହୋଇ ଏମ୍‌କେସିଜି ମେଡିକାଲକୁ ଆସୁଛନ୍ତି। ଏହି ହସ୍ପିଟାଲରେ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। କିନ୍ତୁ ରୋଗୀ ସମ୍ପର୍କୀୟଙ୍କ ରହିବା ପାଇଁ ଏମ୍‌କେସିଜିରେ ସେମିତି କିଛି ସୁବିଧା ନାହିଁ। ଫଳରେ ରୋଗୀ ସମ୍ପର୍କୀୟମାନେ ରହିବା ପାଇଁ ଆବଶ୍ୟକ ସ୍ଥାନ ନ ଥିବାରୁ ସେମାନେ ମେଡିକାଲ ବାରଣ୍ଡାରେ ଦିନରାତି ନିଜର ସମୟ ବିତାଉଛନ୍ତି ।

ପ୍ରକାଶ ଯେ, ପୂର୍ବରୁ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତା ନିକଟରେ ଏକ ରୋଗୀ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ସଦନ ଥିଲା । ତାହା ବହୁ ବର୍ଷ ହେଲା କୌଣସି କାରଣରୁ ବନ୍ଦ ହୋଇ ରହିଛି । ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ବିଶ୍ରାମ ସଦନର ଗୃହଗୁଡ଼ିକ ଖତ ଖାଉଛି। ସେହି ରୁମ୍ ଗୁଡ଼ିକରେ ଏବେ ଭଙ୍ଗା ସାମଗ୍ରୀ ଗଦା ହୋଇ ରହିଛି। ଏହାକୁ ଛାଡ଼ିଦେଲେ ରୋଗୀ ସମ୍ପର୍କୀୟଙ୍କ ରହିବା ପାଇଁ ଆଦୌ ସୁବିଧା ନାହିଁ। ଏଣୁ ମେଡିକାଲରେ ରୋଗୀ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ସଦନ ନିର୍ମାଣ ଲାଗି ଦୀର୍ଘଦିନ ହେଲା ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା। ଏପରିକି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଘଣ୍ଟଯାତ୍ରା ମାଧ୍ୟମରେ ଅଭିନବ ପ୍ରତିବାଦ କରାଯାଇ ଆସୁଛି। ଏ ଦିଗରେ ପାୱାର ଗ୍ରୀଡ କର୍ପୋରେଶନ ଆଗେଇ ଆସି ରୋଗୀ ସମ୍ପର୍କୀୟଙ୍କ




ହସ୍ପିଟାଲ ବାରଣ୍ଡାରେ ଥିବା ଏକ ମଣ୍ଡପ ଇତ୍ୟାଦିରେ ବିଶ୍ରାମ ନେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ପାୱାର ଗ୍ରିଡ୍ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡ୍ ଆଗେଇ ଆସିଛି। ପାୱାର ଗ୍ରୀଡ ତରଫରୁ ଏମ୍‌କେସିଜିରେ ରୋଗୀ ସମ୍ପର୍କୀୟଙ୍କ ସୁବିଧା ପାଇଁ ବିଶ୍ରାମ ସଦନ ନିର୍ମାଣ ନିଷ୍ପତ୍ତି ହୋଇଛି। ଏଥିପାଇଁ ମେଡିକାଲ ପରିସରରେ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଖୁବଶୀଘ୍ର ଏହାର ନିର୍ମାଣ ଆରମ୍ଭ ହେବ ବୋଲି ଜଣାପଡିଛି। ପ୍ରତିଦିନ ଏହି ହସ୍ପିଟାଲରେ ୧ ହଜାର ପାଖାପାଖି ରୋଗୀ ଆଉଟ ଡୋରକୁ ଆସୁଛନ୍ତି। ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଇନ୍‌ଡୋରରେ ଭର୍ତ୍ତି କରାଯାଉଛି। ହସ୍ପିଟାଲରେ ରୋଗୀ ସମ୍ପର୍କୀୟମାନଙ୍କ ସମସ୍ୟା ସମାଧାନ ପାଇଁ ହାତ ବଢ଼ାଇଛି। ପାୱାର ଗ୍ରୀଡ ତରଫରୁ ୨ ଶହ ରୁମ ଥିବା ଏକ ଆପାର୍ଟମେଣ୍ଟ ତିଆରି କରାଯିବ ବୋଲି ଜଣାପଡ଼ିଛି। ଏହା ନିର୍ମାଣ ସରିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏହାର ପରିଚାଳନା ଭାର ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ରାଧାମାଧବ ତ୍ରିପାଠୀ କୁହନ୍ତି, ମେଡିକାଲ ପରିସରରେ ରୋଗୀଙ୍କ ସମ୍ପର୍କୀୟ ପାଇଁ ବିଶ୍ରାମ ସଦନ ନିର୍ମାଣ ଲାଗି ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି । ଏ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ସରକାରଙ୍କ ନିକଟକୁ ମେଡିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ପଠାଯାଇଛି। ଜମି ହସ୍ତାନ୍ତର ପରେ ନିର୍ମାଣ କାମ ଆରମ୍ଭ ହେବ ।

# ସୁବର୍ଣ୍ଣପୁରରେ ପରିବାର ଅଦାଲତ ଖୋଲିଲା

ସୋନପୁର,୨୧।୪(ନି.ପ୍ର.)

ଜନସାଧାରଣଙ୍କ ଦୀର୍ଘଦିନର ଦାବି ପରେ ସୁବର୍ଣ୍ଣପୁରରେ ପରିବାର ଅଦାଲତ ଖୋଲିଛି। ଏହି ଅଦାଲତ ଦ୍ୱାରା ପାରିବାରିକ ବିବାଦର ଆପୋଷ ସମାଧାନ ହୋଇପାରିବ। ରବିବାର ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ପ୍ରମଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା ଦୌରାଜଜ୍ ରାଜ କୁମାର ସାହୁ, ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ସିଜେଏମ୍ ମାନସ ରଞ୍ଜନ ରଥ, ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ସବ୍‌ଜଜ ସନ୍ଦୀପ ପଟ୍ଟନାୟକ, ପରିବାର ଅଦାଲତର ଜଜ୍ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଏସ୍‌ଡିଜେଏମ ସୁକାନ୍ତ ଜେନା, ସଭ୍ୟ ତନ୍ମୟ ମହାନ୍ତି, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା ଓ ଆଇନଜୀବୀ ବୃନ୍ଦ ଉପସ୍ଥିତ ଥିଲେ। ପରେ ବାର୍ ସଂଘର ସଭାଗୃହରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ବାର୍ କିଭଳି ଅଧିକ କ୍ରିୟାଶୀଳ ଓ ଠିକଣା ଭାବେ କାର୍ଯ୍ୟ କରିବ, ଜନସାଧାରଣଙ୍କୁ କିପରି ସୁବିଧାରେ ଆଇନର ସେବା ମିଳିପାରିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ମଧୁସୂଦନ ପଧାନ, ଗୋପାଳକୃଷ୍ଣ ମିଶ୍ର, ପ୍ରକାଶ ମିଶ୍ର, ପ୍ରକାଶ ରଥ, ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଇନ୍ଦ୍ରମଣି ଦାଶ, ବ୍ୟୋମକେଶ ଦାଶ, ଗୌରିଶ୍ୟାମ ପଣ୍ଡା, ହିମାଂଶୁ ଭୂଷଣ ନାୟକ, ଶ୍ୟାମା ଓଁପ୍ରସାଦ ମିଶ୍ର, ବାବୁଲା ଦାଶ, ଗଦାଧର ନେଗୀ, ସନ୍ତୋଷ ମେହେର, ଆଦିକନ୍ଦ ପାଣିଗ୍ରାହୀ ଓ ଭଗବତୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ ଓ ପ୍ରମଥ ପଟ୍ଟନାୟକ ରାମପୁରରେ ନବ ନିର୍ମିତ ଦେୱାନୀ ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମ ଶ୍ରେଣୀ ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ କୋଠାକୁ ଉଦ୍‌ଘାଟନ କରିଥିଲେ।


ପରିବାର ଅଦାଲତକୁ ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି ।

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା
# ଜେଲ ଗଲେ ଇଞ୍ଜିନିୟର

ବ୍ରହ୍ମପୁର ଅଫିସ,୨୧।୪

ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବ ଇଞ୍ଜିନିୟରଙ୍କୁ ଗିରଫ କରିଛି। ସେ ହେଲେ ବାଳକୃଷ୍ଣ ସାହୁ (୩୨) । ଘର ଗାନ୍ଧୀନଗର ୬ଷ୍ଠ ସାରଣୀ ବୋଲି ପୋଲିସ କହିଛି। ରବିବାର ବାଳକୃଷ୍ଣଙ୍କୁ ଡ଼ାକ୍ତରୀମାଇନା କରାଯାଇଛି। ଅନ୍ୟପଟେ ଏମ୍‌କେସିଜି ଏଫଏମଟିରେ ରବିବାର ମହିଳା ଡ଼ାକ୍ତର ଅନୁପସ୍ଥିତ ଥିବାରୁ ପୀଡ଼ିତାଙ୍କ ଡ଼ାକ୍ତରୀ ମାଇନା ହୋଇପାରି ନ ଥିବା ପୋଲିସ ସୂଚନା ଦେଇଛି। ଜିଲା କୋର୍ଟରେ ସୋମବାର ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ। ନଂ. ୯୬/୧୯ ଧାରା ୪୯୩/୪୨୦/୪୧୭/୫୦୬ ଅନୁସାରେ ଅଭିଯୁକ୍ତ ବାଳକୃଷ୍ଣଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସନ୍ତୋଷିନୀ ଓରାମ କହିଛନ୍ତି।

ପ୍ରକାଶ ଯେ,ପୀଡ଼ିତା ଜଣଙ୍କ ପୁଣେର ଏକ ଘରୋଇ ସଂସ୍ଥାରେ ଇଞ୍ଜିନିୟର ଭାବେ କାମ କରୁଥିବା ବେଳେ ବାଳକୃଷ୍ଣ ତାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବାଳକୃଷ୍ଣ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଥିଲେ। ବିବାହ କରିବା ପାଇଁ ପୀଡ଼ିତା ବାରମ୍ବାର କହିଥିଲେ ମଧ୍ୟ ବାଳକୃଷ୍ଣ ତାଙ୍କୁ ପ୍ରତାରଣା କରିବା ସହ ଧମକଚମକ ଦେଇଥିଲେ । ଅନ୍ୟ ଉପାୟ ନ ପାଇ ପୀଡ଼ିତା ତାଙ୍କ ପରିବାର ସହ ଶନିବାର ଟାଉନ ଥାନାରେ ଅଭିଯୋଗ କରିଥିଲେ।

## ମାଓବାଦୀଙ୍କୁ ଚକ୍‌ମା ଦେଲେ ଯବାନ
# ଭିଡିଓ ଭାଇରାଲ, ପୋଲିଂ ପାର୍ଟିର ପ୍ରଶଂସା

ଦାରିଙ୍ଗବାଡି,୨୧।୪(ଡି.ଏନ.ଏ.)

ଦ୍ୱିତୀୟ ପର୍ଯ୍ୟାୟରେ ମାଓବାଦୀ ପ୍ରବଣ କନ୍ଧମାଳ ଜିଲାରେ ନିର୍ବାଚନ ଶେଷ ହୋଇଛି। ସୁରକ୍ଷାରେ ଇଭିଏମ୍ ଗୁଡିକ ଷ୍ଟ୍ରଙ୍ଗ ରୁମ୍‌ରେ ପହଞ୍ଚିଛି। ଏବେ ଗଣନାକୁ ଅପେକ୍ଷା। ମାତ୍ର ଏହାମଧ୍ୟରେ ଯବାନମାନେ କିପରି ମାଓବାଦୀମାନଙ୍କୁ ଚକ୍‌ମା ଦେଇ ପୋଲିଂପାର୍ଟିକୁ ଜଙ୍ଗଲ ରାସ୍ତାରେ ସୁରକ୍ଷିତ ଭାବେ ଆଣି ପହଞ୍ଚାଇଛନ୍ତି ତାହାର ଏକ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିଂ ପାର୍ଟିରେ ଥିବା କେତେଜଣ କର୍ମଚାରୀ ମଧ୍ୟ ଅନ୍ଧାର ରାତିରେ ଜଙ୍ଗଲରେ ବିତାଇଥିବା ଘଟଣାକୁ ବଖାଣି ଛନ୍ତି।

ପ୍ରକାଶ ଯେ, ଜିଲାର କୋଟଗଡ, ତୁମୁଡିବନ୍ଧ ଏବଂ ଫିରିଙ୍ଗିଆ ଭଳି ମାଓବାଦୀ ପ୍ରବଣ ଅଞ୍ଚଳର ଦୁର୍ଗମ ପାରିଗଡ, ଲାଞ୍ଜାମି, ଲଙ୍କାଗଡ ଭଳି ଅଞ୍ଚଳରୁ ବେଶ୍ ଚତୁରତାର ସହ ଯବାନମାନେ ପୋଲିଂପାର୍ଟିକୁ ଆଣିଥିଲେ। ନିର୍ବାଚନ ଗୋଟିଏ ଦିନ ପୂର୍ବରୁ ପୋଲିଂ ପାର୍ଟି ଗାଡି ପୋଡିବା ସହ ନିର୍ବାଚନ ଦାୟିତ୍ୱରେ ଥିବା ଜଣେ ଗ୍ରାମରୋଜଗାର ସେବିକାଙ୍କୁ ଗୁଳିକରି ହତ୍ୟା କରିଥିଲେ ମାଓବାଦୀ। କିପରି ଶାନ୍ତିଶୃଙ୍ଖଳାରେ ନିର୍ବାଚନ ହେବ ଓ ପୋଲିଂ ପାର୍ଟି ସୁରକ୍ଷିତ ଭାବେ ଇଭିଏମ୍ ଆଣି ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚାଇବେ ତାହା ପ୍ରଶାସନ ପାଇଁ ଚାଲେଞ୍ଜ ଥିଲା। ଏଥିରେ ଯବାନମାନେ ବେଶ୍ ଚତୁରତା ଦେଖାଇଥିଲେ। ପୋଲିଂ ପାର୍ଟିକୁ ସୁରକ୍ଷା ଦେଇ ଜଙ୍ଗଲ ରାସ୍ତାରେ ୧୫ ରୁ ୩୫ କିମି ରାସ୍ତା ଚାଲିଚାଲି ଆସିଥିଲେ। କେତେକ ସ୍ଥାନରେ ଏହାର ଭିଡିଓ ଉତ୍ତୋଳନ କରାଯାଇଥିଲା। ଭିଡିଓଟିରେ ଯବାନମାନେ କିପରି ଜଙ୍ଗଲରାସ୍ତା ଓ ନଦୀନାଳ ଅତିକ୍ରମ କରି ଆସୁଛନ୍ତି ତାହା ଦେଖିବାକୁ ମିଳୁଛି।

ଅନେକ କର୍ମଚାରୀ ନିଜ ଅନୁଭୂତି ବଖାଣି କହିଛନ୍ତି, ମତଦାନ ପରେ ଯବାନମାନେ ପୋଲିଂପାର୍ଟି ଯେଉଁସବୁ ଯାନରେ ଯାଇଥିଲେ ସେଗୁଡିକୁ ସେଠାରେ ଛାଡି ଜଙ୍ଗଲ ରାସ୍ତାରେ ରାତିତମାମ ଚଲାଇ ଚଲାଇ ଆଣିଥିଲେ। କେବଳ ଇଭିଏମ୍ ଓ ଆବଶ୍ୟକ କାଗଜପତ୍ର ସାଙ୍ଗରେ ଆଣିବାକୁ କହିଥିଲେ। ଏପରିକି ପୋଷାକ ଏବଂ ନିତ୍ୟ ବ୍ୟବହାର ସାମଗ୍ରୀ ମତଦାନ କେନ୍ଦ୍ରରେ ଛାଡି ଆସିବାକୁ କହିଥିଲେ। କାରଣ ଇଭିଏମ୍ ମେଶିନ ସହ ଏସବୁ ଜଙ୍ଗଲ ରାସ୍ତାରେ ବୋହିନେବା ସମ୍ଭବପର ନ ଥିଲା। ଭୋକହେଲେ ବାଟରେ ବିସ୍କୁଟ ଖାଇବାକୁ ଦେଉଥିଲେ, ଆବଶ୍ୟକସ୍ଥଳେ ଔଷଧ ମଧ୍ୟ ଦେଉଥିଲେ। ଯେଉଁଠି ଚାଲି ନପାରି ପୋଲିଂ ପାର୍ଟିର କର୍ମଚାରୀମାନେ ଥକି ପଡୁଥିଲେ ସେଠାରେ ବିଶ୍ରାମ ନେବାକୁ କହି ଯବାନମାନେ ତାଙ୍କୁ ଜଗି ରହୁଥିଲେ। ବୟସ୍କ ପୋଲିଂ କର୍ମଚାରୀମାନଙ୍କୁ ଚାଲିବାରେ ସହାୟତା ମଧ୍ୟ କରୁଥିଲେ। କୌଣସି ପ୍ରକାର ଶବ୍ଦ କରିବାକୁ ବାରଣ କରିବା ସହ ଲାଇଟ, ମୋବାଇଲ ସବୁ ବନ୍ଦ କରିଦେଇଥିଲେ। ଏଥିପାଇଁ ଯବାନଙ୍କୁ ପୋଲିଂ ପାର୍ଟି ପ୍ରଶଂସା କରିଛନ୍ତି।


ଭାଇରାଲ ଫଟୋ: ଜଙ୍ଗଲ ଭିତରେ ଯବାନଙ୍କ ସୁରକ୍ଷା ଭିତରେ ପୋଲିଂ ପାର୍ଟି।

### ବଜ୍ରପାତରେ ଯୁବକ ମୃତ

ନବରଙ୍ଗପୁର,୨୧।୪(ବି.ପ୍ର.) ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ସେ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡା ପଞ୍ଚାୟତ ନୂଆଗୁଡା ଗାଁର ବିଷ୍ଣୁ ଅମାନାତ୍ୟ(୨୩)। ପ୍ରକାଶ ଯେ, ବିଷ୍ଣୁ ଘର ବାଡିପଟେ ରବିବାର ଅପରାହ୍ନରେ କାମ କରୁଥିବା ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମ୍‌ମା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଥାଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

**ସଂକ୍ଷେପରେ**

## ପୋଲିଂ କର୍ମଚାରୀଙ୍କ ମୃତ୍ୟୁ

ଆନନ୍ଦପୁର, ୨୧।୪(ସ୍ୱ.ପ୍ର)- କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଜଣେ ପୋଲିଂ କର୍ମଚାରୀଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଆନନ୍ଦପୁରସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟଠାରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ସେ ଡିଉଟିରେ ଥିବା ବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସାପାଇଁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପୋଲିଂ କର୍ମଚାରୀ ଅଭୟ କୁମାର ସେଠୀଙ୍କ ଘର ଚମ୍ପୁଆ ଉପଖଣ୍ଡ ସରେଇ ଅଞ୍ଚଳରେ। ସେ ସ୍ଥାନୀୟ ବି.ଏନ ହାଇସ୍କୁଲରେ ପିଅନ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ଆନନ୍ଦପୁରରେ ଚତୁର୍ଥପୋଲିଂ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। ମୃତ୍ୟୁର କାରଣ ଜଣାପଡିନାହିଁ।

## ଉପସଭାପତି ପଦରୁ ଦେବାନନ୍ଦଙ୍କ ଇସ୍ତଫା

ପାଟଣା,୨୧।୪(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବିଜେଡି ଉପସଭାପତି ପଦରୁ ଦେବାନନ୍ଦ ପୃଷ୍ଟି ରବିବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳଙ୍କ ନିକଟକୁ ପଠାଇ ଦେଇଛନ୍ତି। ଜିଲା ବିଜେଡି କାର୍ଯ୍ୟାଳୟ ତରଫରୁ ଅଣଦେଖାର ଶିକାର ହେବା ସହ ପାଟଣା ବିଜେଡି ବିଧାୟକ ପ୍ରାର୍ଥୀ ତାଙ୍କୁ ଗୁରୁତ୍ୱ ଦେଉନଥିବା କଥା ଇସ୍ତଫାପତ୍ରରେ ସେ ଉଲ୍ଲେଖ କରିଛନ୍ତି। ତେବେ ସେ ବିଜେଡି ଛାଡୁଛନ୍ତି କି ବୋଲି ତାଙ୍କୁ ପ୍ରଶ୍ନ ପଚାରିବାରୁ ବର୍ତ୍ତମାନ ପାଇଁ ସେ ଦଳରେ ଅଛନ୍ତି, ଦଳର ପଦକ୍ଷେପକୁ ଭିତ୍ତି କରି ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରିବେ ବୋଲି କହିଛନ୍ତି।

## ବାଇକ୍ ରାଲି, ନିର୍ବାଚନୀ ସଭା

ଯଶୀପୁର,୨୧।୪(ଡି.ଏନ.ଏ.)-ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ଭୋଟ ପ୍ରଚାର ଜୋର ଧରିଛି। ମୟୂରଭଞ୍ଜ ଜିଲା ଯଶୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ରବିବାର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ପୁରୁଣା ବଜାରଠାରେ ଏକ ସଭା କରାଯାଇଥିଲା। ନିକଟସ୍ଥ ପଦ୍ମପୁର ଦୁର୍ଗାମଣ୍ଡପ ପାଖରୁ କର୍ମୀମାନେ ବାଇକ ରାଲରେ ସ୍ଥାନୀୟ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ରମାକାନ୍ତ ମହାନ୍ତ ସଭାରେ ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜ ଲୋକ ସଭା ଆସନର ବିଜେଡି ଏମ.ପି. ପ୍ରାର୍ଥୀ ଡ. ଦେବାଶିଷ ମାରାଣ୍ଡି ଯୋଗଦେଇଥିଲେ।

## ପାଣିରେ ବୁଡ଼ି ବାଳକ ମୃତ

ଆନନ୍ଦପୁର,୨୧।୪(ସ୍ୱ.ପ୍ର.)- ସାଇଁକୁଳ ଫାଣ୍ଡି ପଣ୍ଡୁଆ ଗ୍ରାମରେ ପୋଖରୀରେ ବୁଡି ଜଣେ ୯ ବର୍ଷର ବାଳକର ମୃତ୍ୟୁ ଘଟିଛି। ଗ୍ରାମର ସୁରେନ୍ଦ୍ର ଜେନାଙ୍କ ପୁଅ ସମ୍ବିତ୍ ଓରଫ ବବୁଲ ଜେନା ସାଙ୍ଗମାନଙ୍କ ସହିତ ପୋଖରୀରେ ଗାଧୋଉଥିବା ସମୟରେ ପାଣିରେ ବୁଡିଯାଇଥିଲେ। ସାଙ୍ଗମାନେ ଘଟଣା ସମ୍ପର୍କରେ ଖବର ଦେବା ପରେ ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ଜିଲା ବିଜେଡି ସମ୍ପାଦକ ମନ୍ମଥ ରାଉତ ଡାକ୍ତରଖାନାରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ଶେଷ ଦିନରେ ଜମିଲା ବାଇକ ରାଲି



ପାଟଣା,୨୧।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀରେ ଏପ୍ରିଲ ୨୩ରେ ଭୋଟ ଗ୍ରହଣ ହେବ। ତୃତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନ ପାଇଁ ରବିବାର ପ୍ରଚାରର ଶେଷଦିନ ଥିଲା ବେଳେ ପାଟଣା ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଏକ ବାଇକ ରାଲିରେ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ। ଏହି ନିର୍ବାଚନ ମଣ୍ଡଳୀର ତୁରୁମୁଙ୍ଗା, ବୁଢ଼ୀକାପୁଡି ଓ ରାଜନଗର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବାଇକ ରାଲି କରି ନିଜ ସପକ୍ଷରେ ଓ ବିଜେଡି ଏମପି ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁଙ୍କ ପାଇଁ ପ୍ରଚାର କରିଥିଲେ।

# ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟରେ ଅବ୍ୟବସ୍ଥା

**ପୋଲିଂ ପାର୍ଟି ହଇରାଣ**

କେନ୍ଦୁଝର,୨୧।୪ (ସ୍ୱ.ପ୍ର.)

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରବିବାର ଦିନ ସ୍ଥାନୀୟ ମାଇନିଂ ସ୍କୁଲ ପରିସରରେ ପୋଲିଂ ପାର୍ଟିଙ୍କୁ ପଠାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଠାରେ ସଦର ଓ ତେଲକୋଇ ନିର୍ବାଚନମଣ୍ଡଳୀ ପାଇଁ ପୋଲିଂ ପାର୍ଟି ପ୍ରସ୍ତୁତ କରାଯାଇ ପଠାଯାଇଥିଲା । ତେବେ ଏହି ଆୟୋଜନ ବେଳେ ବହୁ ସମସ୍ୟା ଦେଖାଦେଇଥିଲା । ଗଣତନ୍ତ୍ରର ମହାପର୍ବ ନିର୍ବାଚନ ହେଉଥିବାରୁ କେହି ମୁହଁ ଖୋଲି ନ ଥିଲେ ହେଁ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା । ଛିଣ୍ଡା ଟେଣ୍ଟ ତଳେ ପୋଲିଂ ପାର୍ଟିଙ୍କୁ ବସାଇ ଦିଆଯାଇଥିଲା। ଏପରିକି ସ୍ଥାନ ଅଭାବରୁ ଖୋଲା



ଖୋଲା ପଡ଼ିଆରେ ପୋଲିଂ କର୍ମଚାରୀ।

ପଡ଼ିଆରେ ଖରାରେ ଅନେକ ପୋଲିଂ ପାର୍ଟି ସଦସ୍ୟ ବସି ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଥିଲା । ଖରାରେ ଜଣେ ପୋଲିସ କନଷ୍ଟେବଲ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଇଥିଲା । ତେବେ ଏଭଳି ଖରାରେ ଇଭିଏମ ଓ ଭିଭିପିଏଟି ମେଶିନ ଧରି ପୋଲିଂ ପାର୍ଟି ବସିବା ଅନେକଙ୍କୁ ବ୍ୟଥିତ କରିଥିଲା । ପ୍ରବଳ ଖରା ଯୋଗୁ ଇଭିଏମ ମେଶିନ ବାକ୍ସ ଗରମ ହୋଇ ଖରାପ ହେବା ସମ୍ଭାବନା ଥିଲା । ସେହିପରି ହଠାତ ଅପରାହ୍ନରେ ବର୍ଷା ଓ ପବନ ହେବାରୁ ପୋଲିଂ କର୍ମଚାରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । କେତେକଙ୍କ ସାମଗ୍ରୀ ମଧ୍ୟ ଓଦା ହୋଇଯାଇଥିଲା । ସକାଳୁ ପୋଲିଂ ପାର୍ଟି ପହଞ୍ଚିଥିଲେ ହେଁ ଖାଇବା ପାଇଁ କୌଣସି ବ୍ୟବସ୍ଥା ନ ଥିଲା । ପ୍ରଥମ ଥର ପାଇଁ ମହିଳା କର୍ମଚାରୀ ନିର୍ବାଚନରେ ସାମିଲ ହୋଇଥିବାବେଳେ ସେମାନଙ୍କ ପାଇଁ ଖାଦ୍ୟ,ପାନୀୟ ବ୍ୟବସ୍ଥା ତ ଦୂରର କଥା ଆବଶ୍ୟକ ଶୌଚାଳୟ ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପଡିଆ ସମତୁଲ କରାଯାଇ ନ ଥିବାରୁ ପୋଲିଂ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପାଣି ପାଇଁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଥିବାବେଳେ ସେଥିରୁ ପାଣି ବୋହି ଚାରିଆଡ଼େ ପଡୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ଜଣେ ଜଣେ ସେକ୍ଟର ଅଫିସରଙ୍କୁ ୪/୫ଟି ବୁଥ ବଦଳରେ ଦୁଇଟି ପଞ୍ଚାୟତ ଅର୍ଥାତ୍ ପାଖାପାଖି ୧୩/୧୪ ଟି ବୁଥ ଦାୟିତ୍ୱ ଦିଆଯାଇଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ଆଘାତରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ପରିବାର ଆଣିଲେ ହତ୍ୟା ଅଭିଯୋଗ

ରାଇସୁଆଁ,୨୧।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଏକ ଖଣିଖାଦାନ ପୂର୍ଣ୍ଣ ଜିଲା ହୋଇଥିଲେ ମଧ୍ୟ ଦିନକୁ ଦିନ ବେକାରି ସମସ୍ୟା ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପରିବାର ପ୍ରତିପୋଷଣ ପାଇଁ ବାଧହୋଇ ପ୍ରତିଦିନ ଶହଶହ ଶିକ୍ଷିତ ଯୁବକ ଦାଦନ ଖଟିବାକୁ ବାହାର ଜିଲା ଓ ରାଜ୍ୟକୁ ଯାଉଛନ୍ତି। ସେଠାରେ ବିଭିନ୍ନ କାରଣ ପାଇଁ ବହୁ ଶ୍ରମିକ ନିର୍ଯାତନାର ଶିକାର ହେବା ସହ ଜୀବନ ମଧ୍ୟ ହରାଉଥିବା ଦେଖିବାକୁ ମିଳୁଛି। ରବିବାର ଏହିଭଳି ଏକ ଘଟଣା ଘଟିଛି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତର ମଦରଙ୍ଗାଯୋଡି ଗ୍ରାମର ଦିଲୀପ ମୁଣ୍ଡାଙ୍କ କ୍ଷେତ୍ରରେ। ଦିଲୀପ ବର୍ଷ ତଳେ ବିବାହ କରିଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ଖୋର୍ଦ୍ଧା ଜିଲାର ଏକ କମ୍ପାନୀରେ କାମଧନ୍ଦା କରିବାକୁ ଯାଇଥିଲେ। ସେଠାରେ ବିଦ୍ୟୁତ୍ ଆଘାତରେ ଦିଲୀପଙ୍କ ମୃତ୍ୟୁ ହୋଇଥିବା କମ୍ପାନୀ କର୍ତ୍ତୃପକ୍ଷ କହୁଥିବାବେଳେ ତାଙ୍କ ପରିବାର ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ରବିବାର ଦିଲୀପଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ ୨ମାସ ପୂର୍ବେ ଏହି ଗ୍ରାମର ଦିନା ବେହେରା ମଧ୍ୟ ବିଦ୍ୟୁତ୍ ଆଘାତରେ ଏହି କମ୍ପାନୀରେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଦାଦନ ଶ୍ରମିକ ଚାଲାଣ ରୋକିବାକୁ ପଦକ୍ଷେପ ନେବା ଓ ଦିଲୀପଙ୍କ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



ଦିଲୀପଙ୍କ ଫାଇଲ ଫଟୋ

## ମତଦାନ ପାଇଁ ପ୍ରଶାସନିକ ତତ୍ପରତା

ଆନନ୍ଦପୁର,୨୧।୪(ସ୍ୱ.ପ୍ର.)

ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ଶାଳପଡ଼ା କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟଠାରୁ ପୋଲିଂ କର୍ମଚାରୀମାନଙ୍କୁ ବୁଥ୍‌କୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଘସିପୁରା (୨୧) ଓ ଆନନ୍ଦପୁର (୨୨) ବିଧାନସଭା ନିର୍ବାଚନମଣ୍ଡଳୀର ମତଦାନ କେନ୍ଦ୍ରକୁ ପୋଲିଂ ପାର୍ଟିକୁ ବିଭିନ୍ନ ଯାନ ଯୋଗେ ପଠାଯାଇଛି। ପୋଲିଂ କର୍ମଚାରୀମାନଙ୍କୁ ଇଭିଏମ୍, ଭିଭିପିଏଟି ମେଶିନ୍ ଓ ଅନ୍ୟାନ ଆନୁଷଙ୍ଗିକ ସରଞ୍ଜାମ ସହିତ ପଠାଯାଇଥିବା ଆନନ୍ଦପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଚଳିତ ଥର ବହୁ ସଂଖ୍ୟାରେ ମହିଳା ସରକାରୀ କର୍ମଚାରୀମାନଙ୍କୁ ଏହି ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହୋଇ ମହିଳା କର୍ମଚାରୀମାନେ ବେଶ ଉତ୍ସାହିତ ଥିବା କହିଛନ୍ତି। ଘସିପୁରା ନିର୍ବାଚନମଣ୍ଡଳୀରେ ମୋଟ ୩୦୦ ଭୋଟଗ୍ରହଣ କେନ୍ଦ୍ର ରହିଥିବାବେଳେ ଆନନ୍ଦପୁର ପାଇଁ ୨୯୧ କେନ୍ଦ୍ର ରହିଛି। ଘସିପୁରା ନିର୍ବାଚନମଣ୍ଡଳୀରେ ୬୯ଟି ସମ୍ବେଦନଶୀଳ ବୁଥ୍ ରହିଥିବାବେଳେ ୨୮ଟି ଅତି ସମ୍ବେଦନଶୀଳ ବୁଥ୍ ରହିଛି। ସେହିପରି ଆନନ୍ଦପୁରରେ ୭୫ଟି ସମ୍ବେଦନଶୀଳ ବୁଥ ଥିବାବେଳେ ୧୭ଟି ଅତି ସମ୍ବେଦନଶୀଳ ବୁଥ୍ ରହିଥିବା ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି। ସମ୍ବେନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍‌ଗୁଡିକ ପାଇଁ ସିସିଟିଭି କ୍ୟାମେରା ସହିତ ରେକର୍ଡିଂର ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଭାଜପାର ବାଇକ୍ ଶୋଭାଯାତ୍ରା

ବଡ଼ବିଲ,୨୧।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ରବିବାର ପ୍ରଚାର ଶେଷ ଦିନରେ ଭାଜପା ପକ୍ଷରୁ ବାଇକ ଶୋଭାଯାତ୍ରା କରାଯାଇଥିଲା। ଭାଜପା ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ଓ ସାଂସଦ ପ୍ରାର୍ଥୀ ଅନନ୍ତ ନାଏକଙ୍କ ସପକ୍ଷରେ ଭୋଟ ଭିକ୍ଷା ନିମନ୍ତେ ଆୟୋଜିତ ଏହି ବାଇକ ଶୋଭାଯାତ୍ରା ବଡ଼ବିଲ ପୌରାଞ୍ଚଳର ୱାର୍ଡ ନଂ-୧ସ୍ଥିତ ନାଲଦାରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ଭଦ୍ରାସାହି, ଯୋଡ଼ା, ବିଲେଇପଦା ଦେଇ ଚମ୍ପୁଆ ଅଭିମୁଖେ ଯାଇଥିଲା। ଭାଜପା କର୍ମୀମାନେ ପୌରାଞ୍ଚଳର ଘରକୁ ଘର ଯାଇ ଭୋଟ ପାଇଁ ନିବେଦନ କରିଥିଲେ।

### ମାଙ୍ଗାନିଜ ଚୋରି ଓ ସୁରକ୍ଷାକର୍ମୀଙ୍କ ମୋବାଇଲ ଲୁଟ୍ ଘଟଣା

## ଧରାପଡ଼ିଲେ ୪ ଅଭିଯୁକ୍ତ



ଗିରଫ ୪ ଅଭିଯୁକ୍ତ।

ବଡବିଲ,୨୧।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡା ଖଣି ସର୍କଲର ବଲାଣୀ ଥାନା ଅର୍ଜୁନଲୋଧା ମାଇନ୍ସରୁ ମାଙ୍ଗାନିଜ ଚୋରି ଓ ମୋବାଇଲ ଲୁଟ୍ ଘଟଣାରେ ସଂପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡବିଲ ଥାନା ଅଞ୍ଚଳର ଏମଡି ଫିରୋଜ, ଯୋଡା ଥାନା ସହିଦନଗର ଅଞ୍ଚଳର ଭୁଣ୍ଟୁ ଓରଫ୍ ପ୍ରଶାନ୍ତ ରାଜ, କୁନ୍ଦୁରନାଲା ଅଞ୍ଚଳର ପାଣ୍ଡୁ ଓରଫ ରୋଶନ କର୍ମକାର ଏବଂ ବଲାଣୀ ଅଞ୍ଚଳର ରାମ ମହାକୁଡ଼।

୨୦୧୮ ନଭେମ୍ବର ମାସ ୧୨ ତାରିଖରେ ବଲାଣୀ-କିରିବୁରୁ ରାସ୍ତା କଡ଼ରେ ଥିବା ଅର୍ଜୁନ ଲୋଧା ଖଣିରୁ ମାଙ୍ଗାନିଜ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ସେଠାରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ଠାରୁ ଦୁଇଟି ମୋବାଇଲ ଲୁଟି ନେବାସହ ଏକ କୋଠରିରେ ସୁରକ୍ଷାକର୍ମୀଙ୍କୁ ପୂରାଇ ବାହାରପଟୁ ବନ୍ଦ କରି ପଳାଇ ଯାଇଥିଲେ। ଏ ନେଇ ବଲାଣୀ ଥାନାରେ ଏକ ମାମଲା (ନଂ ୫୫/୨୦୧୮) ଓ ଭାରତୀୟ ପିଙ୍ଗଲକୋଡ୍ ଧାରା ୩୯୫,୫୦୬ ଏବଂ ୨୧ ଏମଏମଡିଆର ଆକ୍ଟରେ ରୁଜୁ ହୋଇଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲାବେଳେ ଦୀର୍ଘ ୫ ମାସ ପରେ ଶନିବାର ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବଲାଣୀ ଥାନା ସବ-ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ଆହୁରି ଅନେକ ଫେରାର ରହିଥିବା ଜଣାପଡିଛି।

## କାର ଧକ୍କାରେ ୩ ପରିବା ବିକାଳି ଗୁରୁତର

ଆନନ୍ଦପୁର, ୨୧।୪(ସ୍ୱ.ପ୍ର.)

ଆନନ୍ଦପୁରର ଜଣେ ରାଜନେତାଙ୍କ ଡ୍ରାଇଁଙ୍କ କାର ଧକ୍କାରେ ୩ ଜଣ ପରିବା ବିକାଳି ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ଆନନ୍ଦପୁର ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରବିବାର ମଧ୍ୟାହ୍ନରେ ଘସିପୁରା ଥାନା ସୁଡୁସୁଡିଆ ଛକସ୍ଥିତ ରାସ୍ତା କଡ଼ରେ ପରିବା ବିକୁଥିବା ପଞ୍ଚୁପଲୀର ରଞ୍ଜନ ଜେନା, ପଦ୍ମପୁରର ବଳରାମ ସାହୁ ଓ ଜଙ୍ଘାର ଗ୍ରାମର ଅନାଥ ଘଡେଇଙ୍କ ଉପରକୁ ଶାଳପଡା ଛକ ପାର୍ଶ୍ୱରୁ ଆନନ୍ଦପୁର ଅଭିମୁଖେ ବେପରୁଆ ଭାବେ ଦ୍ରୁତ ଗତିରେ ଆସୁଥିବା ଅଲଟୋ କାର ମାଡିଯାଇ ଗୋଟିଏ ଗଛରେ ଧକ୍କା ଦେଇ ଅଟକି ଯାଇଥିଲା। ଏଥିରେ ତିନି ପରିବା ବ୍ୟବସାୟୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଦମକଳ ଗାଡି ଯୋଗେ ସେମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବଳରାମ ଓ ଅନାଥଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଅତ୍ୟନ୍ତ ଗରିବ ଶ୍ରେଣୀର ଉକ୍ତ ପରିବା ବିକାଳିମାନଙ୍କୁ ସାହାଯ୍ୟ କରିବା ପାଇଁ କାର ଚାଳକ ରାଜନେତାଙ୍କ ଡ୍ରାଇଁ ବା ରାଜନେତା ସେଠାରେ ନପହଞ୍ଚିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଆନନ୍ଦପୁର ଥାନା ଜଙ୍ଘାର ଗ୍ରାମର ଗୁରୁତର ଆହତ ପରିବା ବିକାଳି ଅନାଥ ଘଡେଇଙ୍କ ସ୍ତ୍ରୀ ବନିତା ଏହ ଘଟଣାକୁ ନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।



ଗାଡି ଧକ୍କା ଦେଇଥିବା ସ୍ଥାନ।

## ଉପାନ୍ତ ବେଣାମୁଣ୍ଡାରେ ଭାଜପାର ପ୍ରଚାର

ତେଲକୋଇ,୨୧।୪(ଡି.ଏନ.ଏ.)

ତେଲକୋଇ ବ୍ଲକର ଉପାନ୍ତ ଅଞ୍ଚଳ କାଳିଆହତା ସଲଗ୍ନ ବେଣାମୁଣ୍ଡା ହାଟପଡିଆରେ ଭାଜପା ପକ୍ଷରୁ ନିର୍ବାଚନୀ ପ୍ରଚାର କରାଯାଇଥିଲା। ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଧନୁର୍ଯ୍ୟୟ ସିଦ୍ଧୁ ଓ ସାଂସଦ ପ୍ରାର୍ଥୀ ଅନନ୍ତ ଚରଣ ନାୟକଙ୍କ ସହିତ ସିନେ ଅଭିନେତ୍ରୀ ଅନୁ ଚୌଧୁରୀ ଓ ବିଦୁସ୍ମିତା ମନ୍ତ୍ରୀ ପ୍ରଚାର କରିଥିଲେ। ଶେଷ ଦିନର ଏହି ପ୍ରଚାର କାର୍ଯ୍ୟକ୍ରମରେ ସ୍ଥାନୀୟ କାଳିଆହତା, ପୁରୁଜୋଡା, ବଳଭଦ୍ରପୁର ଓ ରାଇସୁଆଁ ପଞ୍ଚାୟତର ବହୁ କର୍ମୀ ଓ ଦଳୀୟ ସମର୍ଥକ ଯୋଗଦେଇଥିଲେ। ବେଣାମୁଣ୍ଡା ଠାରେ ଗତ ୧୦ବର୍ଷ ହେବ ପାନୀୟଜଳ ଯୋଜନା ବିଫଳ ହେବା, କାଳିଆହତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେବ ଡାକ୍ତର ନ ରହିବା, ଶିକ୍ଷକ ଅଭାବରୁ ଶିକ୍ଷାଦାନ କ୍ଷେତ୍ରରେ ଅବହେଳାକୁ ଅତିଥି ମାନେ ପ୍ରସଙ୍ଗ କରିଥିଲେ । ସଭାରେ ଜିଲ୍ଲା ସଂଗଠନ ସମ୍ପାଦକ ଶୁକଦେବ ମହାନ୍ତଙ୍କ ସହିତ ରାଜ୍ୟ ଆଦିବାସୀ ମୋର୍ଚ୍ଚାର ସଭାପତି ଉପସ୍ଥିତ ଥିଲେ । ପ୍ରଫୁଲ୍ଲ କୁମାର ସାହୁ ଓ ଲୋକନାଥ ପ୍ରଧାନ ସଭା ପରିଚାଳନା କରିଥିଲେ ।

## ପୋଲିସ କର୍ମଚାରୀ ଅଂଶୁଘାତର ଶିକାର

କେନ୍ଦୁଝର, ୨୧।୪(ଡି.ଏନ୍.ଏ.)

ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଜଣେ ପୋଲିସ କର୍ମଚାରୀ ଅଂଶୁଘାତର ଶିକାର ହୋଇ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ପୋଲିସ କର୍ମଚାରୀ ଫରେନ୍ସ କୁଜୁର ସୁନ୍ଦରଗଡ଼ ଜିଲା ହାତୀବାରୀ ଥାନାରେ କାର୍ଯ୍ୟରତ ଥିଲେ। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ କେନ୍ଦୁଝରକୁ ଆସିଛନ୍ତି। କେନ୍ଦୁଝରସ୍ଥିତ ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ତେଲକୋଇ ଓ କେନ୍ଦୁଝର ନିର୍ବାଚନମଣ୍ଡଳୀ ପୋଲିଂ ପାର୍ଟି ଡେସପାଚ କେନ୍ଦ୍ରରେ ନିୟୋଜିତ ଥିବାବେଳେ ରବିବାର ଦିନ ୧୧ଟା ୨୦ ମିନିଟ୍ ସମୟରେ ସେ ଅଂଶୁଘାତର ଶିକାର ହୋଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ହୋ ସମାଜ ପକ୍ଷରୁ ଖବରଦାତା ସମ୍ମିଳନୀ

ଚମ୍ପୁଆ, ୨୧।୪(ଡି.ଏନ.ଏ.)

କେନ୍ଦ୍ର ସରକାର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଥିବା ସହିତ ଆଦିବାସୀ ଭାଷା ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେବାରେ ଅବହେଳା ଅଭିଯୋଗରେ ଆଦିବାସୀ ହୋ ସମାଜ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଚମ୍ପୁଆ ଏନଏସି ଅନ୍ତର୍ଗତ ଚନ୍ଦ୍ରଶେଖରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ହୋ ସମାଜ ଜିଲା ସମ୍ପାଦକ ଗୌରଚନ୍ଦ୍ର ମୁଣ୍ଡା ଏ ସମ୍ପର୍କରେ ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଅନେକ ସମୟରେ ସୁପ୍ରିମକୋର୍ଟକୁ ଅସ୍ତ୍ର କରି ଏସଟି ଏସସି ଆଟ୍ରୋସିଟି ଆକ୍ଟ ହଟାଇବା ଓ ଆଦିବାସୀ ଦଳିତମାନଙ୍କ ପାଇଁ ରହିଥିବା ସଂରକ୍ଷଣକୁ ହଟାଇବା ପାଇଁ କେନ୍ଦ୍ର ସରକାର ଅପଚେଷ୍ଟା ଚଳାଇଛନ୍ତି। କିଛି ମାସ ତଳେ ଆଦିବାସୀମାନଙ୍କୁ ଜଙ୍ଗଲରୁ ହଟାଇବା ପାଇଁ ପ୍ରଚେଷ୍ଟା କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ ତାହା ସ୍ଥଗିତ ହୋଇଥିଲା। ଏତଦ୍‌ବ୍ୟତୀତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଦିବାସୀ ହୋ ସମାଜ ପ୍ରସଙ୍ଗରେ ହୋ ସମାଜ ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରିଥିଲେ। ଏପରି କି ବିଜେଡି ସାଂସଦ ପ୍ରାର୍ଥୀନୀଙ୍କ ମିଛ ଭିଡିଓ ଭାଇରାଲ କରାଯାଇଥିବାରୁ ଶ୍ରୀ ମୁଣ୍ଡା ଏହାକୁ ଘୋର ନିନ୍ଦା କରିଥିଲେ। ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଭାଜପା ଦଳକୁ ପ୍ରତ୍ୟାଖ୍ୟାନ କରିବାକୁ ସମସ୍ତ ଆଦିବାସୀଙ୍କୁ ଅନୁରୋଧ କରିଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଜନସାଧାରଣ।

## ଭୋଟ ପାଇଁ ଟଙ୍କା ବଣ୍ଟା ଅଭିଯୋଗ

ରାଇସୁଆଁ, ୨୧।୪(ଡି.ଏନ.ଏ.)

ତୃତୀୟ ପର୍ଯ୍ୟାୟ ଭୋଟ ପାଇଁ ୨ ଦିନ ବାକିଥିବା ବେଳେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ କେତେକ ରାଜନୈତିକ ଦଳ ରାତିରେ ଗାଁ ଗାଁ ବୁଲି ଟଙ୍କା ବାଣ୍ଟୁଥିବା ଅଭିଯୋଗ ହେଉଛି। ଏହି ଘଟଣାକୁ ନେଇ କିଛି କିଛି ସ୍ଥାନରେ ଗଣ୍ଡଗୋଳ ମଧ୍ୟ ହେଉଥିବା ଦେଖିବାକୁ ମିଳିଛି। ନିର୍ଦ୍ଦିଷ୍ଟ କେତେକ ରାଜନୈତିକ ଦଳ ଭୋଟ ପାଇଁ ୫ଶହରୁ ୧ହଜାର ଟଙ୍କା ମଧ୍ୟ ଦେଉଥିବା ସୂଚନା ମିଳିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## କୋଳିମାଟିରେ ବାଦୀପାଲା

କୋଳିମାଟି, ୨୧।୪(ଡି.ଏନ.ଏ)

ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତର କୋଳିମାଟି ଗ୍ରାମରେ ଆସନ୍ତା ୨୫ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବାଦୀପାଲା ଅନୁଷ୍ଠିତ ହେବ। ବାଦୀପାଲାରେ ଗାୟକ ଭାବେ ଢେଙ୍କାନାଳର ତୋଫାନ ସାହୁ ଓ ବାଲେଶ୍ୱରର ସୁରେନ୍ଦ୍ର କୁମାର ଭଞ୍ଜଦେଓ ଯୋଗଦେବେ ବୋଲି କୋଳିମାଟି ସତ୍ୟ ନାରାୟଣ ପାଲା କମିଟି ସଦସ୍ୟମାନେ ଜଣାଇଛନ୍ତି।

## ବିଜେଡି ସହ ସନାତନଙ୍କ ମିଳିତ ପ୍ରଚାର



ଉତ୍ସବ ପଡିଆରେ ସଭାମଞ୍ଚରେ ସନାତନ ଓ ବିଜେଡିର ବିଧାୟକ ଓ ଏମପି ପ୍ରାର୍ଥୀ।

ବଡ଼ବିଲ, ୨୧।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ସନାତନ ମହାକୁଡ ଓ ବିଜେଡି ପକ୍ଷରୁ ଶନିବାର ସନ୍ଧ୍ୟାରେ ବଡ଼ବିଲଠାରେ ମିଳିତ ଭୋଟ ପ୍ରଚାର କରାଯାଇଛି। ଗୋପବନ୍ଧୁ ଛକଠାରୁ ଏକ ବାଇକ ରାଲି ବାହାରି ସହର ମୁଖ୍ୟ ରାସ୍ତାଦେଇ ସନ୍ଧ୍ୟାବେଳେ ଉତ୍ସବ ପଡ଼ିଆଠାରେ ଆୟୋଜିତ ନିର୍ବାଚନୀ ପ୍ରଚାର ସଭାସ୍ଥଳୀରେ ପହଞ୍ଚିଥିଲା। ଏହି ସଭାରେ ବିଜେଡିର କର୍ମୀମାନଙ୍କ ସହ ସ୍ଥାନୀୟ ଓ ବିଭିନ୍ନ ଅଞ୍ଚଳରୁ ବସ ଯୋଗେ ଆସିଥିବା ସନାତନଙ୍କ ସମର୍ଥକମାନେ ଯୋଗଦେଇଥିଲେ। ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ମୀନାକ୍ଷୀ ମହାନ୍ତ, ସାଂସଦ ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁ ଉପସ୍ଥିତ ରହି ଭୋଟ ଭିକ୍ଷା କରିଥିଲେ। କେନ୍ଦୁଝର ଜିଲା ବିଜେଡି କୋ-ଅର୍ଡିନେଟର ବାସନ୍ତୀ ମହାପାତ୍ର ଓ ସନାତନ ମହାକୁଡ଼ ଉଦ୍‌ବୋଧନ ଦେଇ ଜନସମର୍ଥନ ଲୋଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବନେତା ସୁନୀଲ ମହାନ୍ତ ଓ ସଞ୍ଜୟ ନାଏକ, ବିଜେଡି ବଡ଼ବିଲ ନଗର ସମ୍ପାଦକ ଚିତ୍ତରଞ୍ଜନ କର ଓ ଏମପି ପ୍ରତିନିଧି ଦେବରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଡିଏସ୍‌ପିଙ୍କ ଗୋଡ଼ ଉପରେ ଚଢ଼ିଗଲା ଟ୍ରକ୍

**ଅନୁଗୋଳ ଅଫିସ, ୨୧।୪**

ଅନୁଗୋଳ ରାଜ ହୋଟେଲ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଆସୁଥିବା ଡିଏସ୍‌ପି ଜୟ ନାରାୟଣ ପଟେଲଙ୍କ ଗୋଡ଼ରେ ଟ୍ରକ୍ ଚଢ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ପଠାଯାଇଛି। ସୂଚନାଯୋଗ୍ୟ, ପୋଲିସ ଟ୍ରେନିଂ କଲେଜରେ ଡିଏସ୍‌ପି ଥିବା ପଟେଲ ଔଷଧ ପାଇଁ ଯାଉଥିବାବେଳେ ଏପରି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି।

### ‘ସମସ୍ତ ଭୋଟର ମତଦାନରେ ଭାଗନିଅ’

**ଢେଙ୍କାନାଳ ଅଫିସ, ୨୧।୪**

ଢେଙ୍କାନାଳ ଜିଲାର ସମସ୍ତ ମତଦାତା ମତଦାନ କେନ୍ଦ୍ରରେ ଉପସ୍ଥିତ ରହି ସେମାନଙ୍କ ବହୁମୂଲ୍ୟ ମତ ସାବ୍ୟସ୍ତ କରିବାକୁ ଜିଲା ନିର୍ବାଚନ ଅଧିକାରୀ ନିଖିଲ ପଓ୍ୱନ କଲ୍ୟାଣ ନିବେଦନ କରିଛନ୍ତି। ୨୩ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ ହେବ। କୌଣସି ଚାପର ବଶବର୍ତ୍ତୀ ନ ହୋଇ ଭୋଟରମାନେ ସେମାନଙ୍କ ନାମ ତାଲିକା ଥିବା ବୁଥ୍‌ରେ ଶୃଙ୍ଖଳିତ ଭାବେ ଭୋଟଦେବା ସହ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଭାରତୀୟ ଗଣତନ୍ତ୍ରର ଏହି ମହାପର୍ବରେ ସମସ୍ତ ଭୋଟର ସାମିଲ ହୋଇ ମତଦାନ ହାର ବଢ଼ାଇବାକୁ ସେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି।

### ଭୋଟ ଭିକ୍ଷା କଲେ ନୃସିଂହ

**ପରଜଙ୍ଗ, ୨୧।୪(ଡି.ଏନ୍.ଏ.)**

ପରଜଙ୍ଗ ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ନୃସିଂହ ଚରଣ ସାହୁ ରବିବାର ବିଭିନ୍ନ ସ୍ଥାନରେ ମାରାଥନ୍ ପ୍ରଚାର କରିଛନ୍ତି। ପ୍ରଚାର ଶେଷଦିନ ଥିବାରୁ ଦଳୀୟ କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ନୃସିଂହଙ୍କ ଦୁଇପୁଅ ବିଭିନ୍ନ ପଞ୍ଚାୟତ ବୁଲି ବିଜେଡିକୁ ଜିତାଇବା ଲାଗି ଭୋଟରଙ୍କୁ ନିବେଦନ କରିଥିଲେ।

### ଜଳିଗଲା ଜଳଖିଆ ଦୋକାନ, ଗ୍ୟାରେଜ

**ଭୁବନ, ୨୧।୪(ଡି.ଏନ୍.ଏ.)**

ଭୁବନ ତହସିଲ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଶରତ ମିଶ୍ରଙ୍କ ଜଳଖିଆ ଦୋକାନ ଏବଂ ସରୋଜ ପତିଙ୍କ ଗ୍ୟାରେଜ ଜଳିଯାଇଛି। ଉଭୟେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୩ଟାରେ ଦୋକାନରେ ନିଆଁ ଲାଗିଥିବା ଦେଖିବା ପରେ ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସମସ୍ତ ଆସବାବପତ୍ର, ଯନ୍ତ୍ରାଂଶ ଏବଂ ଉପକରଣ ଛାରଖାର ହୋଇଯାଇଥିଲା। ଆକ୍ରୋଶମୂଳକ ଭାବେ କେହି ଦୋକାନରେ ନିଆଁ ଲଗାଇଦେଇଥିବା ଶରତ ଏବଂ ସରୋଜ ଅଭିଯୋଗ କରିଛନ୍ତି।

### ବଜ୍ରପାତରେ ଯୁବକ ମୃତ

**ଭୁବନ, ୨୧।୪(ଡି.ଏନ୍.ଏ.)**

ଭୁବନ ଥାନା ଭୂଷଳ ପଞ୍ଚାୟତ ଅନ୍ତର୍ଗତ ଜୟପୁର ଗ୍ରାମର ବାବୁଲି ମାଝି (୩୫) ରବିବାର ସନ୍ଧ୍ୟାରେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ବାବୁଲି ଗ୍ରାମ ନିକଟ ନାଳକୁ ଶୌଚ ହେବାକୁ ଯାଇଥିବାବେଳେ କାଳବୈଶାଖୀ ବର୍ଷା ସହ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାବୁଲି ଜଣେ ନାମମାତ୍ର ଚାଷୀ। ତାଙ୍କର ସ୍ତ୍ରୀ ଏବଂ ୨ ପୁଅ ଅଛନ୍ତି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୮/୧୯) ରୁଜୁ କରାଯାଇଛି।

### ପୋଖରୀରେ ବୁଡ଼ି ବୃଦ୍ଧମୃତ

**ପରଜଙ୍ଗ, ୨୧।୪(ଡି.ଏନ୍.ଏ.)**

ପରଜଙ୍ଗ ଥାନା ଅଧୀନ କୁମୁସି ଗ୍ରାମର ତଅାଁଳା ସାହୁ (୬୦) ରବିବାର ଅପରାହ୍ନରେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରି ପୋଖରୀରେ ଗାଧୋଉଥିବାବେଳେ ବୁଡ଼ି ଯାଇଥିଲେ। ଅପରାହ୍ନରେ କେତେଜଣ ମହିଳା ପୋଖରୀକୁ ଯାଇଥିବାବେଳେ ତଅାଁଳାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଭିନ୍ନ ଆଲୋଚନା ହେଉଛି। ବ୍ୟବଚ୍ଛେଦ ରିପୋର୍ଟରୁ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

---

ସରିଲା ନିର୍ବାଚନ ପ୍ରଚାର

# ଶେଷଦିନରେ କମ୍ପିଲା ଗାଁଠୁ ସହର




ଭାଜପା ନିର୍ବାଚନ ପ୍ରଚାରରେ ଅଭିନେତ୍ରୀ ତଥା ବିଧାୟିକା ପ୍ରାର୍ଥିନୀ ପିଙ୍କି ପ୍ରଧାନ।

**ଢେଙ୍କାନାଳ ଅଫିସ, ୨୦।୪**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ରବିବାର ଶେଷ ହୋଇଛି ପ୍ରଚାର। ଅନ୍ତିମ ଦିବସରେ ପ୍ରମୁଖ ରାଜନୈତିକ ଦଳ ମଇଦାନରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ମାରାଥନ ପ୍ରଚାର, ରୋଡ୍ ଶୋ, ପଥପ୍ରାନ୍ତ ସଭାରେ ଗ୍ରାମଠାରୁ ସହର ପ୍ରକମ୍ପିତ ହୋଇଉଠିଥିବାବେଳେ ଏଥିରେ ସାମିଲ ହୋଇଥିଲେ ଓଲିଉଡ୍ ଇଣ୍ଡଷ୍ଟ୍ରୀର ନାମୀଦାମୀ ଚିତ୍ରତାରକା।

ଢେଙ୍କାନାଳ ସହରରେ ଭାଜପା ପ୍ରଚାରରେ ସାମିଲ ହୋଇଥିଲେ ଦଳୀୟ ନେତ୍ରୀ ପିଙ୍କି ପ୍ରଧାନ। ଅପରାହ୍ନ ୩ଟାରେ କାଲଟାକ୍ସ ଛକଠାରୁ ବାହାରିଥିବା ବିଶାଳ ଶୋଭାଯାତ୍ରା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ କୁଞ୍ଜକାନ୍ତ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ଲୋକ ସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ଦୁର୍ନୀତିଗ୍ରସ୍ତ ବିଜେଡି ସରକାରକୁ ହଟାଇ ଭାଜପାକୁ ଥରେ ସୁଯୋଗ ଦେବାକୁ ପ୍ରାର୍ଥୀମାନେ ନିବେଦନ କରିଥିଲେ।

ସେହିପରି ପୂର୍ବାହ୍ନ ୯ଟାରେ ବିଜେଡି ପକ୍ଷରୁ ସହରରେ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। କଲେଜ ବାଇପାସ୍‌ଠାରୁ ଆରମ୍ଭ ହୋଇଥିବା ଏହି ରାଲି କୁଞ୍ଜକାନ୍ତ, ଗୁଡିଆନାଳୀ, ବସ୍‌ଷ୍ଟାଣ୍ଡ, ଅମଲାପଡା, ଦେଉଳସାହି, ବନମାଳୀପ୍ରସାଦ, ଗଜମରା ସମେତ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ବିଜେଡିର ଷ୍ଟାର ପ୍ରଚାରକ କୁନା ତ୍ରିପାଠୀ ଯୋଗଦେଇ ଦଳୀୟ ପ୍ରାର୍ଥୀ ସୁଧୀର କୁମାର ସାମଲଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ରାଜ୍ୟ ସମ୍ପାଦକ ବିଜୟ ନାୟକ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଅବହେଳାକୁ ପ୍ରମୁଖ ଅସ୍ତ୍ର କରି ବିଜେଡି ନେତୃବୃନ୍ଦ ଭୋଟ ମାଗିଥିଲେ। ଶେଷ ଦିନରେ ଦୁଇ ପ୍ରମୁଖ ଦଳର ପ୍ରଚାର ଯୋଗୁ ନିର୍ବାଚନ ବାତାବରଣ ବେଶ ସରଗରମ ହୋଇଥିଲା।



ବିଜେଡି ପକ୍ଷରୁ ପ୍ରଚାରରେ ଅଭିନେତା କୁନା ତ୍ରିପାଠୀ।

---

ଅବକାରୀ ଚଢ଼ାଉ

# ୪୧ ଦିନରେ ୨୦୬ ଗିରଫ

**ବାଲେଶ୍ୱର ଅଫିସ, ୨୧।୪**

୨୦୧୯ ସାଧାରଣ ନିର୍ବାଚନ ପାଇଁ ବାଲେଶ୍ୱର ଜିଲା ଅବକାରୀ ବିଭାଗ ତତ୍ପର ହୋଇପଡିଛି। ୮ ବିଧାନସଭା ମଣ୍ଡଳୀରେ ଅବକାରୀ ସ୍କ୍ୱାଡ ମାଧ୍ୟମରେ ବ୍ୟାପକ ଚଢାଉ କରାଯାଇ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଜିଲା ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭୋତ୍ରାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ୪୧ଦିନ ମଧ୍ୟରେ ୨୦୬ ଜଣ ଚୋରା ବେପାରୀଙ୍କୁ ଗିରଫ କରାଯାଇଛି।

ଚଢାଉ ବେଳେ ୮୮୪୫ ଲିଟର ଚୋରା ରନ୍ଧା ଦେଶୀମଦ, ୯୪ଲିଟର ବିଦେଶୀ ମଦ, ପଶ୍ଚିମବଙ୍ଗରୁ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ୨୭୩ ଲିଟର ବିଅର, ୩୫.୧୮୦ ଲିଟର ବିଅର, ପୋଚ ୧୯୫୦ କି.ଗ୍ରା., ୧୧.୪୦୦ ଲିଟର ଦେଶୀ ମଦ, ନକଲି ବିଦେଶୀ ମଦ ତିଆରି ପାଇଁ ବ୍ୟବହୃତ ହେଉଥିବା ବିପୁଳ ପରିମାଣର ହୋଲୋଗ୍ରାମ, ଏଡେସିଭ୍ ଲେବଲ ଠିପି ସହ ୧୪୨ ଗ୍ରାମ ବ୍ରାଉନସୁଗାର ଏବଂ ଏଥିରେ ବ୍ୟବହୃତ ୩ ଚାରିଚକିଆ ଯାନ, ୧୨ ମୋଟର ସାଇକେଲ ଏବଂ ଗୋଟିଏ ସାଇକେଲ ଜବତ କରାଯାଇଛି। ଏସବୁ ଜବତ ଜିନିଷର ଆନୁମାନିକ ମୂଲ୍ୟ ପ୍ରାୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ହେବ।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜିଲାର ସୀମାବର୍ତ୍ତୀ ଉଦୟପୁର, ଦୀଘା, ଚନ୍ଦନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଶୁଳ୍କ ବିହୀନ ପଶ୍ଚିମବଙ୍ଗର ବିୟର ଏବଂ ବିଦେଶୀ ମଦ ଜବତ କରାଯାଇଛି। ସେହିପରି ସୋର ଓ ଭଦ୍ରକ ସୀମାନ୍ତରେ ୨ ଗୋଟି ନକଲି ବିଦେଶୀ ମଦ କାରଖାନା ଠାବ ସହିତ ସନ୍ଦିଗ୍ଧମାନଙ୍କୁ ଗିରଫ କରାଯାଇଛି। ଚଢାଉରେ ଅବକାରୀ ଉପଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ସଦର ଅବକାରୀ ନିରୀକ୍ଷକ, ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ଉଦେଲାଲ ନାୟକ, ଜଳେଶ୍ୱର ଅବକାରୀ ଥାନାର ଉପନିରୀକ୍ଷକ ହରପ୍ରସାଦ ରଣା, ବସ୍ତା ଅବକାରୀ ଥାନାର ଉପନିରୀକ୍ଷକ ଆମ୍ପା ମାରାଣ୍ଡି ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଅଭୟ କୁମାର ନାୟକ ଏବଂ ଏପିଆର ଫୋର୍ସ ସହଯୋଗ କରିଥିଲେ। ଏପରି ଚଢ଼ାଉ ନିର୍ବାଚନ ସରିବା ପର୍ଯ୍ୟନ୍ତ ଚାଲୁ ରହିବ।

---

ନବନିର୍ମାଣ କୃଷକ ସଙ୍ଗଠନର ଭୋଟବର୍ଜନ ନିଷ୍ପତ୍ତି

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

**ଢେଙ୍କାନାଳ ଅଫିସ, ୨୧।୪**

ଚାଷୀଙ୍କୁ ନ୍ୟାୟ ଏବଂ ଧାନ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଦାବିରେ ଢେଙ୍କାନାଳ ନବ ନିର୍ମାଣ କୃଷକ ସଙ୍ଗଠନ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ଏହାର ପ୍ରତିବାଦରେ ସଙ୍ଗଠନ ପକ୍ଷରୁ ରବିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗ୍ରାମାଞ୍ଚଳବାସୀ, ଚାଷୀ ପରିବାର ଭୋଟଦାନରୁ ବିରତ ରହି ଏହାକୁ ସମର୍ଥନ ଜଣାଇବାକୁ କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ।

ଦୀର୍ଘବର୍ଷ ଧରି ଚାଷୀମାନେ ଶୋଷଣର ଶିକାର ହୋଇ ଆସୁଛନ୍ତି। ତଥାପି ସେମାନଙ୍କୁ ସମ୍ମାନ ମିଳୁନାହିଁ। ଚାଷୀଙ୍କ ଅଧିକାର ଛଡ଼ାଇ ନିଆଯାଇଛି। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୯ବର୍ଷ ହେଲା ଚାଷୀଙ୍କୁ ସଙ୍ଗଠିତ କରିବାକୁ ସଂଘର୍ଷ ଜାରିରଖିଛି। ସରକାର କୌଣସି ଦାବି ଶୁଣୁନାହାନ୍ତି। ଏହାର ପ୍ରତିବାଦରେ ଭୋଟ ବର୍ଜନ ନିଷ୍ପତ୍ତି ନିଆଯାଇଥିବା ଜିଲା ପ୍ରଭାରୀ ଅଶ୍ୱିନୀ କୁମାର କହିଛନ୍ତି। ରାଜ୍ୟ କମିଟି ସଦସ୍ୟ ନିବାସ ରତ୍ନ, ଓଡ଼ାପଡ଼ା ବ୍ଲକ ସଂଯୋଜକ ସୁଧାକର ପରିଡ଼ା, ମାଧବୀ ମହାରଣା, ପ୍ରତିମା ନାୟକ, ସୁଲୋଚନା ରାଉତ, ସବିତା ନାୟକ, ଭାରତୀ ନାୟକ, ସୁଷମା ନାୟକ, ଘନଶ୍ୟାମ ମାଝି ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜିଲା ଜରୁରୀ ଓ ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଟାଉନ ଥାନାଧିକାରୀ ଅଭିନବ ଡାଲୁଆ ପୋଲିସ ଫୋର୍ସ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ଅଧିକାରୀମାନେ ବୁଝାଶୁଝା କରିବାପରେ ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### କୁଆପଥର ବର୍ଷା, ତାତିରୁ ଆଶ୍ୱସ୍ତି

**ଢେଙ୍କାନାଳ ଅଫିସ, ୨୧।୪**

ଢେଙ୍କାନାଳ ଜିଲାରେ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷା ଆଶ୍ୱସ୍ତି ଆଣିଛି। ଦୁଇଦିନ ଧରି ପାରଦ ୪୦ ଡିଗ୍ରୀ ରହିଥିବାବେଳେ କୁଆପଥର ବର୍ଷାରେ ତାପାମାତ୍ରା ହ୍ରାସ ପାଇଛି। ସନ୍ଧ୍ୟା ୫ଟା ୪୫ରୁ ଘଡ଼ଘଡ଼ି ଏବଂ କୁଆପଥର ସହ ପ୍ରବଳ ବର୍ଷା ହୋଇଥିଲା। ୪୫ମିନିଟ୍ ଧରି ହୋଇଥିବା ଝଡ଼ତୋଫାନରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ରାତି ୭ଟା ବେଳକୁ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ ହୋଇଛି।

---

### ୨ ନିର୍ବାଚନମଣ୍ଡଳୀରେ ୧୦୦ ରିଜର୍ଭ କର୍ମଚାରୀ

**କାମାକ୍ଷାନଗର, ୨୧।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର (୫୭) ଏବଂ ପରଜଙ୍ଗ (୫୮) ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରବିବାର ରାତି ୭ଟା ସୁଦ୍ଧା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ ପାର୍ଟି ବୁଥ୍‌ରେ ପହଞ୍ଚିଛନ୍ତି। କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ୨୩୬ ଏବଂ ପରଜଙ୍ଗ ନିର୍ବାଚନମଣ୍ଡଳୀ ପାଇଁ ୨୪୨ ବୁଥ୍ କରାଯାଇଛି। ପ୍ରତି ବୁଥ୍‌ରେ ୬ଜଣ ଲେଖାଏଁ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ଉଭୟ ନିର୍ବାଚନମଣ୍ଡଳୀରେ ୫୦ ଜଣ ଲେଖାଏଁ ରିଜର୍ଭ କର୍ମଚାରୀ ରଖାଯାଇଛି। ସୋମବାର ମାଇକ୍ରୋ ଅବଜର୍ଭର ଏବଂ ସେକ୍ଟର ଅଫିସରମାନେ ସମସ୍ତ ବୁଥ୍ ବୁଲି ସୁବିଧା ଅସୁବିଧା ଯାଞ୍ଚ କରିବେ।

କାମାକ୍ଷାନଗର କଲେଜ ପରିସରରେ କରାଯାଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ନିର୍ବାଚନରେ ନିୟୋଜିତ କର୍ମଚାରୀମାନେ ଅପରାହ୍ନ ୩ଟା ସୁଦ୍ଧା ଇଭିଏମ୍, ଭିଭିପିଏଟି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ଧରି ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିଥିଲେ। ଅପରାହ୍ନ ସାଢ଼େ ୨ଟାରେ ଅଞ୍ଚଳରେ ପ୍ରବଳ ଝଡ଼ତୋଫାନ ସହ କୁଆପଥର ବର୍ଷା ହୋଇଥିଲା। ତଥାପି ନିର୍ଦ୍ଧାରିତ ସମୟ ପୂର୍ବରୁ କର୍ମଚାରୀମାନେ ବାହାରି ସାରିଥିବାରୁ କୌଣସି ସମସ୍ୟା ହୋଇନାହିଁ। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

---

ଭାଜପାର ମାରାଥନ୍ ପ୍ରଚାର

# ରୁଦ୍ର, ବିଭୂତିଙ୍କ ପାଇଁ ଭୋଟ ମାଗିଲେ ସିନେ ତାରକା



**ପରଜଙ୍ଗ, ୨୧।୪(ଡି.ଏନ.ଏ.)**

ନିର୍ବାଚନ ପ୍ରଚାର ଶେଷଦିନରେ ପରଜଙ୍ଗ ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମାରାଥନ୍ ପ୍ରଚାର କରାଯାଇଛି। ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ ଏବଂ ଲୋକ ସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣିଙ୍କ ପାଇଁ ରବିବାର ଓଲିଉଡର ସିନେ ତାରକା ଭୋଟ ମାଗିଛନ୍ତି।

ଭାଜପା ପ୍ରଚାର ପାଇଁ ରବିବାର ମଧ୍ୟାହ୍ନରେ ପରଜଙ୍ଗ ମିନି ଷ୍ଟାଡିୟମ ହେଲିକପ୍ଟର ଯୋଗେ ପହଞ୍ଚିଥିଲେ ଅଭିନେତ୍ରୀ ଅନୁ ଚୌଧୁରୀ, ବିଦୁସ୍ମିତା, ଡିମ୍ପଲ, ଏଲି, ଟୁଇଙ୍କଲ। ସେମାନେ ବିଶାଳ ବାଇକ୍ ରାଲିରେ ପରଜଙ୍ଗ, କନ୍ତୁର, ଆମ୍ବପଳାସ, ବାରିହାପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ସାଆନ୍ଦା, ଚାନ୍ଦପୁର, ତୁମୁସିଂହା ପଞ୍ଚାୟତରେ ଅଭିନେତ୍ରୀ ପିଙ୍କି ପ୍ରଧାନ ଏବଂ ବୀରାଶାଳ, ମରୁଆବିଲି, କାଟେଣୀ, ହଳଦୀକୁଣ୍ଡି ଆଦି ସ୍ଥାନରେ ଅଭିନେତ୍ରୀ ଜିନା ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀଙ୍କୁ ଦେଖିବାକୁ ଜନସାଧାରଣଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିଲା।

ସେହିପରି ବିଭୂତି ଦଳୀୟ କର୍ମଚାରୀଙ୍କ ସହ ମାଣିକମରା, ବସୁଲେଇ, ଗେଙ୍ଗୁଟିଆ, ଆଖୁଆପାଳ, କୁଆଳୋ, କଲଦା ପଞ୍ଚାୟତରେ ପ୍ରଚାର କରିଥିଲେ। ଶୋଭାଯାତ୍ରାରେ ଜିଲା ପରିଷଦ ସଭ୍ୟ ରଞ୍ଜନ ପଣ୍ଡା, ଶରତ ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ଦୟାନିଧି ସାହୁ, ଜିଲା ଉପସଭାପତି ସୁଶାନ୍ତ ଦଳବେହେରା, ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ବିଧାନସଭା ପ୍ରଭାରୀ ପ୍ରେମାନନ୍ଦ ଜେନା, ମୁଖପାତ୍ର ଦୁର୍ଗା ପ୍ରସାଦ ସାହୁ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଦୀପକ ଗୋଚ୍ଛାୟତ, ବ୍ଲକ ଯୁବମୋର୍ଚ୍ଚା ସମ୍ପାଦକ ସନ୍ତୋଷ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯାମୀ ସାହୁଙ୍କ ସମେତ ହଜାର ହଜାର ସମର୍ଥକ ସାମିଲ ହୋଇଥିଲେ।

---

ଏସ୍‌ଏସ୍‌ଟି କର୍ମଚାରୀଙ୍କୁ ଦୁର୍ବ୍ୟବହାର

# କ୍ୟାମେରା ଛଡ଼ାଇନେଲେ

**ଭୁବନ, ୨୧।୪(ଡି.ଏନ୍.ଏ.)**

ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ (ଏସ୍‌ଏସ୍‌ଟି) ସଦସ୍ୟଙ୍କୁ ଭୁବନ ବ୍ଲକ ମହୁଲପାଳ ଗ୍ରାମରେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହୁଲପାଳ ଅଞ୍ଚଳକୁ ଶନିବାର ରାତିରେ ଏସ୍‌ଏସଟି-୧୨ ଟିମ୍‌ର ସଦସ୍ୟ ତଦନ୍ତ କରିବାକୁ ଯାଇଥିଲେ। ଏହି ସମୟରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକାଠି ହୋଇ କର୍ମଚାରୀଙ୍କୁ ଅସଦ୍ ବ୍ୟବହାର କରିଥିଲେ। ଏଥିସହ ସେମାନଙ୍କ ନିକଟରେ ଥିବା କ୍ୟାମେରା ଛଡ଼ାଇ ନେଇଥିଲେ। ଆକ୍ରମଣ ଆଶଙ୍କାରେ ଭୟଭୀତ କର୍ମଚାରୀ ଜୀବନ ବିକଳରେ ପଳାଇ ଆସିଥିଲେ। ଟିମ୍ ମୁଖ୍ୟ ରୋହନ ନାଏକ ଥାନାଧିକାରୀଙ୍କୁ ଫୋନ୍ ଯୋଗେ ଅବଗତ କରାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ରବିବାର ବିଧିବଦ୍ଧ ଭାବେ ଅଭିଯୋଗ ପରେ ଥାନାରେ ନଂ. ୯୮/୨୦୧୯, ଦଫା ୩୪୧, ୩୨୩, ୨୯୪, ୫୦୬, ୪୨୭, ୩୭୯, ୩୪ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସୂଚନା ଦେଇଛନ୍ତି।

ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ନିର୍ବାଚନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତଥାପି ଜିଲାର ବିଭିନ୍ନ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିଥିବା ଅଭିଯୋଗ ହୋଇଛି। ଏସ୍‌ଏସ୍‌ଟି ସଦସ୍ୟଙ୍କଠାରୁ କ୍ୟାମେରା ଛଡ଼ାଇନେବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

---

ମତଦାନକେନ୍ଦ୍ରରେ ପହଞ୍ଚିଲେ ପୋଲିଂ ପାର୍ଟି

# ୧୦୨୦ ବୁଥ୍ ପାଇଁ ୬୧୨୦ କର୍ମଚାରୀ

**ଢେଙ୍କାନାଳ ଅଫିସ, ୨୧।୪**

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଢେଙ୍କାନାଳ ଜିଲାରେ ମଙ୍ଗଳବାର ଭୋଟଗ୍ରହଣ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୋଲିଂ ପାର୍ଟି କର୍ମଚାରୀମାନେ ରବିବାର ମହିଷାପାଟସ୍ଥିତ ଓ୍ୱାରହାଉସରୁ ଇଭିଏମ୍, ଭିଭିପିଏଟି ମେଶିନ ଧରି ବୁଥ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାତି ୮ଟା ସୁଦ୍ଧା ସମସ୍ତ ପୋଲିଂ ପାର୍ଟି ମତଦାନ କେନ୍ଦ୍ରରେ ପହଞ୍ଚି ସାରିଥିବା ଡେପୁଟି କଲେକ୍ଟର (ନିର୍ବାଚନ) ରଶ୍ମିରେଖା ସ୍ୱାଇଁ ସୂଚନା ଦେଇଛନ୍ତି।

ଜିଲାରେ ମୋଟ ୧୦୨୦ ବୁଥ୍ ପାଇଁ ୬,୧୨୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ୧୧୦ ବୁଥ୍‌କୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ମତଦାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଚଳିତ ନିର୍ବାଚନରେ ଜିଲାର ୪ ନିର୍ବାଚନମଣ୍ଡଳୀରେ ୧୦ ଲେଖାଏଁ ଆଦର୍ଶ ବୁଥ୍ କରାଯାଇଛି। ସେହିପରି ଢେଙ୍କାନାଳ ପୌରାଞ୍ଚଳ, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଏନ୍‌ଏସିରେ ମହିଳାଙ୍କ ପାଇଁ ଗୋଟିଏ ଲେଖାଏ ପିଙ୍କ୍ ବୁଥ୍ କରାଯାଇଛି।

ଢେଙ୍କାନାଳ ବିଧାନସଭା କ୍ଷେତ୍ର ଅଧୀନ ୨୭୨ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚିସାରିଛନ୍ତି। ପୌରାଞ୍ଚଳର ଜର୍ଜ ଉପ୍ରା ବିଦ୍ୟାଳୟରେ ପିଙ୍କ୍ ବୁଥ୍ କରାଯାଇଛି। ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା କରିବାକୁ ସମସ୍ତ ବନ୍ଦୋବସ୍ତ ହୋଇଛି।



ବୁଥ୍ ଅଭିମୁଖେ ପୋଲିଂ କର୍ମଚାରୀ।

ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା

# ବର୍ତ୍ତମାନ ସୁଦ୍ଧା ୬୩ ହଜାର ୩୪୦ ଅଟକ

ଭୁବନେଶ୍ୱର,୨୧।୪(ବ୍ୟୁରୋ): ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ପାଇଁ ରବିବାର ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ୧୪ହଜାର ୪୬ଟି ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ସିଆର୍‌ପିସି ଦଫା ୧୦୭/୧୧୦ ଅନୁଯାୟୀ, ୬୩ହଜାର ୩୪୦ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ନ ଥିବା ୨୪୮ଟି ଅସ୍ତ୍ରଶସ୍ତ୍ର ଏବଂ ୧୪୫୭.୫୮୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି। ରବିବାର ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରୁ ଅବକାରୀ ବିଭାଗ ଓ ପୋଲିସର ମିଳିତ ଉଦ୍ୟମରେ ପ୍ରାୟ ୧୪୬୧୫୪.୩୧୮ ବଲ୍କ ଲିଟର ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩କୋଟି ୮୦ଲକ୍ଷ ୪୯ହଜାର ୨୦୦ ଟଙ୍କା। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୪୧ଲକ୍ଷ ୪୫ହଜାର ୮୧୮ ପୋଷ୍ଟରକୁ ହଟାଇ ଦିଆଯାଇଛି। ସେହିପରି ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନରେ ବେଆଇନ ଭାବେ ଲାଗିଥିବା ୩ଲକ୍ଷ ୩୬ହଜାର ୧୬୭ ହୋର୍ଡିଂ, ପୋଷ୍ଟର ଆଦି ବାହାର କରାଯାଇଛି। ରାଜ୍ୟସ୍ତରରେ ଖୋଲା ଯାଇଥିବା ନିୟନ୍ତ୍ରଣ କକ୍ଷ ଟେଲିଫୋନ୍ ନମ୍ବର ୦୬୭୪-୨୩୯୫୦୧୫କୁ ରବିବାର ସୁଦ୍ଧା ୧୦୯୧ଟି କଲ୍ ଏବଂ ଭୋଟର ହେଲ୍ପଲାଇନ ନମ୍ବର ୧୯୫୦କୁ ୧୬ହଜାର ୨୮୭ଟି କଲ୍ ମିଳିଥିବା ବେଳେ ନିର୍ବାଚନ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଗ୍ରହଣ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ସେହିପରି ସି-ଭିଜିଲ ଆପ୍ ମାଧ୍ୟମରେ ୧୯୭୦ ଅଭିଯୋଗ ଗ୍ରହଣ କରାଯାଇ ୧୯୨୭ଟିର ସମାଧାନ କରାଯାଇଥିବା ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲା କାର୍ଯ୍ୟାଳୟ, ଭଦ୍ରକ

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଧାମରା ବନ୍ଦର ପ୍ରକଳ୍ପ, ଭଦ୍ରକ ଏବଂ କ୍ଷମତାପନ୍ନ ପ୍ରାଧିକାରୀ ଓ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଏନ୍.ଏଚ୍.-୩୧୬(କ), ଭାରତମାଳା ପ୍ରକଳ୍ପ, ଭଦ୍ରକ
ସା: ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୋ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: (୦୬୭୮୪) ୨୫୦୧୪୪

## ସର୍ବସାଧାରଣ ନୋଟିସ୍

ସଂଖ୍ୟା: ୧୫ ତାରିଖ: ୧୫.୦୪.୨୦୧୯

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଉପଧାରା (୧) ଧାରା ୩(କ) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୩୧୬(କ) ର ଓଡ଼ିଶା ରାଜ୍ୟର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବାସୁଦେବପୁର ତହସିଲର ପଢୁଆଁ ଏବଂ ରାଧାମୋହନପୁର ମୌଜାର (ଭାରତମାଳା ଅନ୍ତର୍ଗତ ପଢୁଆଁ-ରାଧାମୋହନପୁର ସେକ୍ସନ)ର ସଂପ୍ରସାରଣ (ଯଥା ୨ ଲେନ୍ ସହିତ ପେଭଡ୍ ସୋଲ୍ଡର / ୪ ଲେନ୍ / ରକ୍ଷଣା ବେକ୍ଷଣ / ପରିଚାଳନା ଇତ୍ୟାଦି) (୧୦୧.୮୦୦ କି.ମି. ରୁ ୧୦୪.୨୫୮ କି.ମି.) ନିମନ୍ତେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି। ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956) ଅଧିନିୟମ ର ଧାରା ୩(କ)ର ଉପଧାରା-(୧) ଅନୁଯାୟୀ ଭାରତ ସରକାରଙ୍କ ଅଧିସୂଚନା ନଂ. S.O. 1262(E) ତା.୦୮.୦୩.୨୦୧୯ରିଖରେ ପ୍ରକାଶିତ ବିଜ୍ଞପ୍ତି ରାଜପତ୍ର ସଂଖ୍ୟା-୧୧୨୬ ତା.୦୯.୦୩.୨୦୧୯ରିଖରେ ପ୍ରୋକ୍ତ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜାରିକରିଛନ୍ତି।

ଏତଦ୍ଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶି) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହେଲେ ସେ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଧାମରା ବନ୍ଦର ପ୍ରକଳ୍ପ, ଭଦ୍ରକଙ୍କ ଠିକଣାରେ ଉପରୋକ୍ତ ଆଇନର ଧାରା-୩(ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ। ଏ ସମ୍ପର୍କରେ ଧାରା ୩ଗ ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୁଡ଼ାନ୍ତ ବିବେଚିତ ହେବ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଧାମରା ବନ୍ଦର ପ୍ରକଳ୍ପ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତ୍ୟ ଲଭ୍ୟ ହେଉଅଛି।

ସ୍ୱା/-
ଭୂ-ଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ପ୍ରାଧିକାରୀ,
ଭଦ୍ରକ ଏନ୍.ଏଚ୍.-୩୧୬(କ), ଭାରତମାଳା ପ୍ରକଳ୍ପ

**MINISTRY OF ROAD TRANSPORT AND HIGHWAYS**

## NOTIFICATION

**New Delhi, the 08th March, 2019**

**S.O: 1262(E)-** In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening, two lane with paved shoulder/four laning, etc.), maintenance, management and operation of National Highway No. 316A in the stretch of land from Km.101.800 to Km.104.258 (Padhuan-Radhamohanpur Section under Bharatmala) in the district of BHADRAK in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, Special Land Acquisition Officer, Dhamara Port Project, Bhadrak in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land covered under this notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief description of the land to be acquired, with or without structures, falling within the stretch of land from Km.101.800 to Km.104.258 (Padhuan-Radhamohanpur Section under Bharatmala) of the National Highway No. 316A in the District of BHADRAK in the State of Odisha.**

ରାଜ୍ୟ: ଓଡ଼ିଶା ଜିଲ୍ଲା: ଭଦ୍ରକ

| କ୍ର. ନ. | ସର୍ଭେ / ପ୍ଲଟ୍ ନଂ. | ଜମିର ପ୍ରକାର | ଜମିର କିସମ | ଅଧିଗ୍ରହଣ ଜମିର ରକବା (ସ୍ଥାନୀୟ ୟୁନିଟ୍‌ରେ) | ଅଧିଗ୍ରହଣ ଜମିର ରକବା (ହେକ୍ଟରରେ) |
|---|---|---|---|---|---|
| ତହସିଲ: ବାସୁଦେବପୁର | | | | | |
| ଗ୍ରାମ: ପଢୁଆଁ | | | | | |
| ୧. | ୧୦ | ବେସରକାରୀ( ) | ଶାରଦ ଦୁଇ | ୦.୦୭୮୯୦୦୦(ହେକ୍ଟର) | ୦.୦୭୮୯୦୦୦ |
| ୨. | ୧୧/୫୦୧୩ | ବେସରକାରୀ( ) | ଶାରଦ ଦୁଇ | ୦.୦୦୧୨୦୦୦(ହେକ୍ଟର) | ୦.୦୦୧୨୦୦୦ |
| ୩. | ୧୨ | ବେସରକାରୀ( ) | ଶାରଦ ଦୁଇ | ୦.୦୨୨୫୦୦୦(ହେକ୍ଟର) | ୦.୦୨୨୫୦୦୦ |
| ୪. | ୧୫ | ବେସରକାରୀ( ) | ଶାରଦ ଦୁଇ | ୦.୦୦୦୨୦୦୦(ହେକ୍ଟର) | ୦.୦୦୦୨୦୦୦ |
| ୫. | ୧୭ | ବେସରକାରୀ( ) | ଶାରଦ ଦୁଇ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୬. | ୧୮ | ବେସରକାରୀ( ) | ଶାରଦ ଦୁଇ | ୦.୦୯୪୪୦୦୦(ହେକ୍ଟର) | ୦.୦୯୪୪୦୦୦ |
| ୭. | ୧୯ | ବେସରକାରୀ( ) | ଶାରଦ ଦୁଇ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୮. | ୨୦ | ବେସରକାରୀ( ) | ଶାରଦ ଦୁଇ | ୦.୦୧୨୫୦୦୦(ହେକ୍ଟର) | ୦.୦୧୨୫୦୦୦ |
| ୯. | ୨୧ | ବେସରକାରୀ( ) | ଶାରଦ ଦୁଇ | ୦.୦୧୫୫୦୦୦(ହେକ୍ଟର) | ୦.୦୧୫୫୦୦୦ |
| ୧୦. | ୨୧/୩୯୮୬ | ବେସରକାରୀ | ଶାରଦ ଦୁଇ | ୦.୦୦୨୪୦୦୦(ହେକ୍ଟର) | ୦.୦୦୨୪୦୦୦ |
| ୧୧. | ୨୫ | ବେସରକାରୀ( ) | ଶାରଦ ଦୁଇ | ୦.୦୬୬୫୦୦୦(ହେକ୍ଟର) | ୦.୦୬୬୫୦୦୦ |
| ୧୨. | ୨୭ | ବେସରକାରୀ( ) | ଶାରଦ ଦୁଇ | ୦.୦୪୮୯୦୦୦(ହେକ୍ଟର) | ୦.୦୪୮୯୦୦୦ |
| ୧୩. | ୨୮ | ବେସରକାରୀ( ) | ଶାରଦ ଦୁଇ | ୦.୧୫୩୮୦୦୦(ହେକ୍ଟର) | ୦.୧୫୩୮୦୦୦ |
| ୧୪. | ୨୯ | ବେସରକାରୀ( ) | ଶାରଦ ଦୁଇ | ୦.୪୨୮୮୦୦୦(ହେକ୍ଟର) | ୦.୪୨୮୮୦୦୦ |
| ୧୫. | ୩୦ | ବେସରକାରୀ( ) | ଶାରଦ ଦୁଇ | ୦.୦୭୦୫୦୦୦(ହେକ୍ଟର) | ୦.୦୭୦୫୦୦୦ |
| ୧୬. | ୩୧ | ବେସରକାରୀ( ) | ଶାରଦ ଦୁଇ | ୦.୦୧୬୮୦୦୦(ହେକ୍ଟର) | ୦.୦୧୬୮୦୦୦ |
| ୧୭. | ୪ | ବେସରକାରୀ( ) | ଶାରଦ ଦୁଇ | ୦.୦୨୨୧୦୦୦(ହେକ୍ଟର) | ୦.୦୨୨୧୦୦୦ |
| ୧୮. | ୫ | ବେସରକାରୀ( ) | ଶାରଦ ଦୁଇ | ୦.୦୧୯୭୦୦୦(ହେକ୍ଟର) | ୦.୦୧୯୭୦୦୦ |
| ୧୯. | ୮ | ବେସରକାରୀ( ) | ଶାରଦ ଦୁଇ | ୦.୨୪୨୮୦୦୦(ହେକ୍ଟର) | ୦.୨୪୨୮୦୦୦ |
| ୨୦. | ୯ | ବେସରକାରୀ | ଶାରଦ ଦୁଇ | ୦.୧୨୫୫୦୦୦(ହେକ୍ଟର) | ୦.୧୨୫୫୦୦୦ |
| ଗ୍ରାମ: ରାଧାମୋହନପୁର | | | | | |
| ୧. | ୧୦୦୫ | ବେସରକାରୀ( ) | ଶାରଦ ଏକ | ୦.୧୦୪୬୦୦୦(ହେକ୍ଟର) | ୦.୧୦୪୬୦୦୦ |
| ୨. | ୧୦୦୬ | ବେସରକାରୀ( ) | ଶାରଦ ଏକ | ୦.୧୩୧୪୦୦୦(ହେକ୍ଟର) | ୦.୧୩୧୪୦୦୦ |
| ୩. | ୧୦୦୭ | ବେସରକାରୀ( ) | ଶାରଦ ଏକ | ୦.୦୩୭୩୦୦୦(ହେକ୍ଟର) | ୦.୦୩୭୩୦୦୦ |
| ୪. | ୧୦୧୯ | ବେସରକାରୀ( ) | ଶାରଦ ଏକ | ୦.୦୮୨୦୦୦୦(ହେକ୍ଟର) | ୦.୦୮୨୦୦୦୦ |
| ୫. | ୧୦୨୦ | ବେସରକାରୀ( ) | ଶାରଦ ଏକ | ୦.୦୯୪୩୦୦୦(ହେକ୍ଟର) | ୦.୦୯୪୩୦୦୦ |
| ୬. | ୧୦୩୩ | ବେସରକାରୀ( ) | ଶାରଦ ଏକ | ୦.୦୦୬୮୦୦୦(ହେକ୍ଟର) | ୦.୦୦୬୮୦୦୦ |
| ୭. | ୧୦୩୪ | ବେସରକାରୀ( ) | ଶାରଦ ଏକ | ୦.୧୨୧୨୦୦୦(ହେକ୍ଟର) | ୦.୧୨୧୨୦୦୦ |
| ୮. | ୧୦୩୫ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୯. | ୧୦୩୬ | ବେସରକାରୀ( ) | ଶାରଦ ଏକ | ୦.୧୦୦୧୦୦୦(ହେକ୍ଟର) | ୦.୧୦୦୧୦୦୦ |
| ୧୦. | ୧୦୩୭ | ବେସରକାରୀ( ) | ଶାରଦ ଏକ | ୦.୦୨୨୨୦୦୦(ହେକ୍ଟର) | ୦.୦୨୨୨୦୦୦ |
| ୧୧. | ୧୦୩୮ | ବେସରକାରୀ( ) | ଶାରଦ ଏକ | ୦.୦୫୬୭୦୦୦(ହେକ୍ଟର) | ୦.୦୫୬୭୦୦୦ |
| ୧୨. | ୧୦୩୯ | ବେସରକାରୀ( ) | ଶାରଦ ଏକ | ୦.୧୦୦୬୦୦୦(ହେକ୍ଟର) | ୦.୧୦୦୬୦୦୦ |
| ୧୩. | ୧୦୪୦ | ବେସରକାରୀ( ) | ଶାରଦ ଏକ | ୦.୦୫୭୬୦୦୦(ହେକ୍ଟର) | ୦.୦୫୭୬୦୦୦ |
| ୧୪. | ୧୦୫୫ | ବେସରକାରୀ( ) | ଶାରଦ ଏକ | ୦.୦୦୪୮୦୦୦(ହେକ୍ଟର) | ୦.୦୦୪୮୦୦୦ |
| ୧୫. | ୧୦୫୭ | ବେସରକାରୀ( ) | ଶାରଦ ଏକ | ୦.୧୦୮୨୦୦୦(ହେକ୍ଟର) | ୦.୧୦୮୨୦୦୦ |
| ୧୬. | ୧୦୫୮ | ବେସରକାରୀ( ) | ଶାରଦ ଏକ | ୦.୦୬୪୭୦୦୦(ହେକ୍ଟର) | ୦.୦୬୪୭୦୦୦ |
| ୧୭. | ୧୦୫୯ | ବେସରକାରୀ( ) | ଶାରଦ ଏକ | ୦.୦୩୧୩୦୦୦(ହେକ୍ଟର) | ୦.୦୩୧୩୦୦୦ |
| ୧୮. | ୧୦୬୦ | ବେସରକାରୀ( ) | ଶାରଦ ଏକ | ୦.୦୧୨୨୦୦୦(ହେକ୍ଟର) | ୦.୦୧୨୨୦୦୦ |
| ୧୯. | ୧୦୬୧ | ବେସରକାରୀ( ) | ଶାରଦ ଏକ | ୦.୦୦୦୬୦୦୦(ହେକ୍ଟର) | ୦.୦୦୦୬୦୦୦ |
| ୨୦. | ୧୧୨୩/୨୬୨୨ | ବେସରକାରୀ( ) | ଶାରଦ ଏକ | ୦.୦୩୬୫୦୦୦(ହେକ୍ଟର) | ୦.୦୩୬୫୦୦୦ |
| ୨୧. | ୧୧୨୭ | ବେସରକାରୀ( ) | ଶାରଦ ଏକ | ୦.୦୦୧୦୦୦୦(ହେକ୍ଟର) | ୦.୦୦୧୦୦୦୦ |
| ୨୨. | ୧୧୨୮ | ବେସରକାରୀ( ) | ପତିତ | ୦.୦୧୭୯୦୦୦(ହେକ୍ଟର) | ୦.୦୧୭୯୦୦୦ |
| ୨୩. | ୧୧୩୦ | ବେସରକାରୀ( ) | ଶାରଦ ଏକ | ୦.୦୧୫୯୦୦୦(ହେକ୍ଟର) | ୦.୦୧୫୯୦୦୦ |
| ୨୪. | ୧୧୩୧ | ବେସରକାରୀ( ) | ଶାରଦ ଏକ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୨୫. | ୧୧୩୨ | ବେସରକାରୀ( ) | ଶାରଦ ଏକ | ୦.୦୨୧୭୦୦୦(ହେକ୍ଟର) | ୦.୦୨୧୭୦୦୦ |
| ୨୬. | ୧୧୩୪ | ବେସରକାରୀ( ) | ଶାରଦ ଏକ | ୦.୦୦୮୧୦୦୦(ହେକ୍ଟର) | ୦.୦୦୮୧୦୦୦ |
| ୨୭. | ୧୧୩୫ | ବେସରକାରୀ( ) | ପତିତ | ୦.୦୦୮୦୦୦୦(ହେକ୍ଟର) | ୦.୦୦୮୦୦୦୦ |
| ୨୮. | ୧୧୩୬ | ବେସରକାରୀ( ) | ଶାରଦ ଏକ | ୦.୦୫୧୨୦୦୦(ହେକ୍ଟର) | ୦.୦୫୧୨୦୦୦ |
| ୨୯. | ୧୧୩୭ | ବେସରକାରୀ( ) | ପତିତ | ୦.୦୧୨୬୦୦୦(ହେକ୍ଟର) | ୦.୦୧୨୬୦୦୦ |
| ୩୦. | ୧୧୩୮ | ବେସରକାରୀ( ) | ଶାରଦ ଏକ | ୦.୦୦୫୪୦୦୦(ହେକ୍ଟର) | ୦.୦୦୫୪୦୦୦ |
| ୩୧. | ୧୧୩୯ | ବେସରକାରୀ( ) | ଶାରଦ ଏକ | ୦.୦୨୪୩୦୦୦(ହେକ୍ଟର) | ୦.୦୨୪୩୦୦୦ |
| ୩୨. | ୧୧୪୧ | ବେସରକାରୀ( ) | ଶାରଦ ଏକ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୩୩. | ୧୧୪୨ | ବେସରକାରୀ( ) | ପତିତ | ୦.୦୨୨୩୦୦୦(ହେକ୍ଟର) | ୦.୦୨୨୩୦୦୦ |
| ୩୪. | ୧୧୪୩ | ବେସରକାରୀ( ) | ପତିତ | ୦.୦୨୦୨୦୦୦(ହେକ୍ଟର) | ୦.୦୨୦୨୦୦୦ |
| ୩୫. | ୧୧୪୪ | ବେସରକାରୀ( ) | ଶାରଦ ଏକ | ୦.୦୧୬୮୦୦୦(ହେକ୍ଟର) | ୦.୦୧୬୮୦୦୦ |
| ୩୬. | ୧୧୪୫ | ବେସରକାରୀ( ) | ଶାରଦ ଏକ | ୦.୦୧୨୭୦୦୦(ହେକ୍ଟର) | ୦.୦୧୨୭୦୦୦ |
| ୩୭. | ୧୧୪୬ | ବେସରକାରୀ( ) | ଶାରଦ ଏକ | ୦.୦୪୭୫୦୦୦(ହେକ୍ଟର) | ୦.୦୪୭୫୦୦୦ |
| ୩୮. | ୧୧୪୭ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୨୬୯୦୦୦(ହେକ୍ଟର) | ୦.୦୨୬୯୦୦୦ |
| ୩୯. | ୧୧୪୮ | ବେସରକାରୀ( ) | ଶାରଦ ଏକ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୪୦. | ୧୨୧୪ | ବେସରକାରୀ( ) | ଶାରଦ ଏକ | ୦.୦୩୪୩୦୦୦(ହେକ୍ଟର) | ୦.୦୩୪୩୦୦୦ |
| ୪୧. | ୧୨୧୫ | ବେସରକାରୀ( ) | ଶାରଦ ଏକ | ୦.୦୨୧୧୦୦୦(ହେକ୍ଟର) | ୦.୦୨୧୧୦୦୦ |
| ୪୨. | ୧୨୧୮ | ବେସରକାରୀ( ) | ଶାରଦ ଏକ | ୦.୦୩୩୨୦୦୦(ହେକ୍ଟର) | ୦.୦୩୩୨୦୦୦ |
| ୪୩. | ୧୨୧୯ | ବେସରକାରୀ( ) | ଶାରଦ ଏକ | ୦.୦୦୪୫୦୦୦(ହେକ୍ଟର) | ୦.୦୦୪୫୦୦୦ |
| ୪୪. | ୧୨୨୩ | ବେସରକାରୀ( ) | ଶାରଦ ଅଣଜଳସେଚିତ ଦୁଇ | ୦.୦୦୪୦୦୦୦(ହେକ୍ଟର) | ୦.୦୦୪୦୦୦୦ |
| ୪୫. | ୧୨୨୪ | ବେସରକାରୀ( ) | ଶାରଦ ଏକ | ୦.୦୩୩୫୦୦୦(ହେକ୍ଟର) | ୦.୦୩୩୫୦୦୦ |
| ୪୬. | ୧୨୨୫ | ବେସରକାରୀ( ) | ଶାରଦ ଏକ | ୦.୦୭୨୮୦୦୦(ହେକ୍ଟର) | ୦.୦୭୨୮୦୦୦ |
| ୪୭. | ୧୨୨୬ | ବେସରକାରୀ( ) | ଶାରଦ ଏକ | ୦.୦୮୨୦୦୦୦(ହେକ୍ଟର) | ୦.୦୮୨୦୦୦୦ |
| ୪୮. | ୧୨୨୭ | ବେସରକାରୀ( ) | ଶାରଦ ଏକ | ୦.୧୨୪୫୦୦୦(ହେକ୍ଟର) | ୦.୧୨୪୫୦୦୦ |
| ୪୯. | ୧୨୨୮ | ବେସରକାରୀ( ) | ଶାରଦ ଏକ | ୦.୦୮୧୭୦୦୦(ହେକ୍ଟର) | ୦.୦୮୧୭୦୦୦ |
| ୫୦. | ୧୨୨୯ | ବେସରକାରୀ( ) | ଶାରଦ ଏକ | ୦.୦୭୭୦୦୦୦(ହେକ୍ଟର) | ୦.୦୭୭୦୦୦୦ |
| ୫୧. | ୧୨୩୦ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୧୬୪୦୦୦(ହେକ୍ଟର) | ୦.୦୧୬୪୦୦୦ |
| ୫୨. | ୧୨୩୧ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୫୨୬୦୦୦(ହେକ୍ଟର) | ୦.୦୫୨୬୦୦୦ |
| ୫୩. | ୧୨୩୨ | ବେସରକାରୀ( ) | ଶାରଦ ଏକ | ୦.୦୩୫୩୦୦୦(ହେକ୍ଟର) | ୦.୦୩୫୩୦୦୦ |
| ୫୪. | ୧୨୩୩ | ବେସରକାରୀ( ) | ଶାରଦ ଏକ | ୦.୧୧୨୭୦୦୦(ହେକ୍ଟର) | ୦.୧୧୨୭୦୦୦ |
| ୫୫. | ୧୨୩୪ | ବେସରକାରୀ( ) | ଶାରଦ ଏକ | ୦.୦୧୧୯୦୦୦(ହେକ୍ଟର) | ୦.୦୧୧୯୦୦୦ |
| ୫୬. | ୧୨୩୫ | ବେସରକାରୀ( ) | ଶାରଦ ଏକ | ୦.୦୦୧୨୦୦୦(ହେକ୍ଟର) | ୦.୦୦୧୨୦୦୦ |
| ୫୭. | ୧୨୩୬ | ବେସରକାରୀ( ) | ଶାରଦ ଏକ | ୦.୦୦୨୦୦୦୦(ହେକ୍ଟର) | ୦.୦୦୨୦୦୦୦ |
| ୫୮. | ୧୨୫୬ | ବେସରକାରୀ( ) | ଶାରଦ ଏକ | ୦.୦୧୮୦୦୦୦(ହେକ୍ଟର) | ୦.୦୧୮୦୦୦୦ |
| ୫୯. | ୧୨୫୭ | ବେସରକାରୀ( ) | ଶାରଦ ଏକ | ୦.୦୫୧୫୦୦୦(ହେକ୍ଟର) | ୦.୦୫୧୫୦୦୦ |
| ୬୦. | ୧୨୫୮ | ବେସରକାରୀ( ) | ଶାରଦ ଏକ | ୦.୦୭୯୭୦୦୦(ହେକ୍ଟର) | ୦.୦୭୯୭୦୦୦ |
| ୬୧. | ୧୨୫୯ | ବେସରକାରୀ( ) | ଶାରଦ ଏକ | ୦.୦୧୩୩୦୦୦(ହେକ୍ଟର) | ୦.୦୧୩୩୦୦୦ |
| ୬୨. | ୧୪୨୧ | ବେସରକାରୀ( ) | ଶାରଦ ଏକ | ୦.୦୫୮୧୦୦୦(ହେକ୍ଟର) | ୦.୦୫୮୧୦୦୦ |
| ୬୩. | ୧୪୨୨ | ବେସରକାରୀ( ) | ଶାରଦ ଏକ | ୦.୧୦୮୮୦୦୦(ହେକ୍ଟର) | ୦.୧୦୮୮୦୦୦ |
| ୬୪. | ୧୪୨୩ | ବେସରକାରୀ( ) | ଶାରଦ ଏକ | ୦.୦୮୧୮୦୦୦(ହେକ୍ଟର) | ୦.୦୮୧୮୦୦୦ |
| ୬୫. | ୧୪୨୪ | ବେସରକାରୀ( ) | ଶାରଦ ଏକ | ୦.୦୩୦୬୦୦୦(ହେକ୍ଟର) | ୦.୦୩୦୬୦୦୦ |
| ୬୬. | ୧୪୨୫ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୦୯୦୦୦୦(ହେକ୍ଟର) | ୦.୦୦୯୦୦୦୦ |
| ୬୭. | ୧୪୨୬ | ବେସରକାରୀ( ) | ଶାରଦ ଏକ | ୦.୧୦୦୦୦୦୦(ହେକ୍ଟର) | ୦.୧୦୦୦୦୦୦ |
| ୬୮. | ୧୪୨୭ | ବେସରକାରୀ( ) | ଶାରଦ ଏକ | ୦.୦୮୯୦୦୦୦(ହେକ୍ଟର) | ୦.୦୮୯୦୦୦୦ |
| ୬୯. | ୧୪୨୮ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୧୧୩୬୦୦୦(ହେକ୍ଟର) | ୦.୧୧୩୬୦୦୦ |
| ୭୦. | ୧୪୨୯ | ବେସରକାରୀ( ) | ଶାରଦ ଏକ | ୦.୦୪୫୩୦୦୦(ହେକ୍ଟର) | ୦.୦୪୫୩୦୦୦ |
| ୭୧. | ୧୪୩୦ | ବେସରକାରୀ( ) | ଶାରଦ ଏକ | ୦.୧୦୮୯୦୦୦(ହେକ୍ଟର) | ୦.୧୦୮୯୦୦୦ |
| ୭୨. | ୧୪୩୧ | ବେସରକାରୀ( ) | ଶାରଦ ଏକ | ୦.୦୫୪୮୦୦୦(ହେକ୍ଟର) | ୦.୦୫୪୮୦୦୦ |
| ୭୩. | ୧୪୩୩ | ବେସରକାରୀ( ) | ଶାରଦ ଏକ | ୦.୧୩୮୪୦୦୦(ହେକ୍ଟର) | ୦.୧୩୮୪୦୦୦ |
| ୭୪. | ୧୪୯୭ | ବେସରକାରୀ( ) | ଶାରଦ ଏକ | ୦.୧୧୦୬୦୦୦(ହେକ୍ଟର) | ୦.୧୧୦୬୦୦୦ |
| ୭୫. | ୧୪୯୮ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୫୯୩୦୦୦(ହେକ୍ଟର) | ୦.୦୫୯୩୦୦୦ |
| ୭୬. | ୧୪୯୯ | ବେସରକାରୀ( ) | ଶାରଦ ଏକ | ୦.୦୩୬୪୦୦୦(ହେକ୍ଟର) | ୦.୦୩୬୪୦୦୦ |
| ୭୭. | ୧୫୦୦ | ବେସରକାରୀ( ) | ଶାରଦ ଏକ | ୦.୦୦୯୬୦୦୦(ହେକ୍ଟର) | ୦.୦୦୯୬୦୦୦ |
| ୭୮. | ୧୬୪୮ | ବେସରକାରୀ( ) | ଶାରଦ ଏକ | ୦.୦୦୧୩୦୦୦(ହେକ୍ଟର) | ୦.୦୦୧୩୦୦୦ |
| ୭୯. | ୧୬୪୯ | ବେସରକାରୀ( ) | ଶାରଦ ଏକ | ୦.୦୦୬୨୦୦୦(ହେକ୍ଟର) | ୦.୦୦୬୨୦୦୦ |
| ୮୦. | ୧୬୫୦ | ବେସରକାରୀ( ) | ଶାରଦ ଏକ | ୦.୦୪୮୧୦୦୦(ହେକ୍ଟର) | ୦.୦୪୮୧୦୦୦ |
| ୮୧. | ୧୬୫୧ | ବେସରକାରୀ( ) | ଶାରଦ ଏକ | ୦.୦୦୦୨୦୦୦(ହେକ୍ଟର) | ୦.୦୦୦୨୦୦୦ |
| ୮୨. | ୧୬୫୫ | ବେସରକାରୀ( ) | ଶାରଦ ଏକ | ୦.୦୦୧୩୦୦୦(ହେକ୍ଟର) | ୦.୦୦୧୩୦୦୦ |
| ୮୩. | ୧୬୫୬ | ବେସରକାରୀ( ) | ଶାରଦ ଏକ | ୦.୦୩୪୩୦୦୦(ହେକ୍ଟର) | ୦.୦୩୪୩୦୦୦ |
| ୮୪. | ୧୬୫୭ | ବେସରକାରୀ( ) | ଶାରଦ ଏକ | ୦.୧୮୨୧୦୦୦(ହେକ୍ଟର) | ୦.୧୮୨୧୦୦୦ |
| ୮୫. | ୧୬୫୮ | ବେସରକାରୀ( ) | ଶାରଦ ଏକ | ୦.୦୮୦୯୦୦୦(ହେକ୍ଟର) | ୦.୦୮୦୯୦୦୦ |
| ୮୬. | ୧୬୫୯ | ବେସରକାରୀ( ) | ଶାରଦ ଏକ | ୦.୦୩୬୦୦୦୦(ହେକ୍ଟର) | ୦.୦୩୬୦୦୦୦ |
| ୮୭. | ୧୬୬୦ | ବେସରକାରୀ( ) | ଶାରଦ ଏକ | ୦.୦୩୨୩୦୦୦(ହେକ୍ଟର) | ୦.୦୩୨୩୦୦୦ |
| ୮୮. | ୧୬୬୧ | ବେସରକାରୀ( ) | ଶାରଦ ଏକ | ୦.୦୫୨୬୦୦୦(ହେକ୍ଟର) | ୦.୦୫୨୬୦୦୦ |
| ୮୯. | ୧୬୬୨ | ବେସରକାରୀ( ) | ଶାରଦ ଏକ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୯୦. | ୧୬୬୩ | ବେସରକାରୀ( ) | ଶାରଦ ଏକ | ୦.୦୩୮୯୦୦୦(ହେକ୍ଟର) | ୦.୦୩୮୯୦୦୦ |
| ୯୧. | ୧୬୬୪ | ବେସରକାରୀ( ) | ଶାରଦ ଏକ | ୦.୦୦୪୫୦୦୦(ହେକ୍ଟର) | ୦.୦୦୪୫୦୦୦ |
| ୯୨. | ୧୬୬୯ | ବେସରକାରୀ( ) | ଶାରଦ ଏକ | ୦.୦୦୦୨୦୦୦(ହେକ୍ଟର) | ୦.୦୦୦୨୦୦୦ |
| ୯୩. | ୧୬୭୦ | ବେସରକାରୀ( ) | ଶାରଦ ଏକ | ୦.୦୧୪୧୦୦୦(ହେକ୍ଟର) | ୦.୦୧୪୧୦୦୦ |
| ୯୪. | ୧୬୭୧ | ବେସରକାରୀ( ) | ପତିତ | ୦.୦୧୯୪୦୦୦(ହେକ୍ଟର) | ୦.୦୧୯୪୦୦୦ |
| ୯୫. | ୧୬୮୧ | ବେସରକାରୀ( ) | ଶାରଦ ଏକ | ୦.୦୦୫୮୦୦୦(ହେକ୍ଟର) | ୦.୦୦୫୮୦୦୦ |
| ୯୬. | ୧୬୮୨ | ବେସରକାରୀ( ) | ଶାରଦ ଜଳ ଏକ | ୦.୦୬୮୮୦୦୦(ହେକ୍ଟର) | ୦.୦୬୮୮୦୦୦ |
| ୯୭. | ୧୬୮୩ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୦୯୨୦୦୦(ହେକ୍ଟର) | ୦.୦୦୯୨୦୦୦ |
| ୯୮. | ୧୬୮୮ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୭୯୩୦୦୦(ହେକ୍ଟର) | ୦.୦୭୯୩୦୦୦ |
| ୯୯. | ୧୬୮୯ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୨୩୫୦୦୦(ହେକ୍ଟର) | ୦.୦୨୩୫୦୦୦ |
| ୧୦୦. | ୧୬୯୬ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୦୭୪୦୦୦(ହେକ୍ଟର) | ୦.୦୦୭୪୦୦୦ |
| ୧୦୧. | ୧୬୯୭ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୦୦୫୦୦୦(ହେକ୍ଟର) | ୦.୦୦୦୫୦୦୦ |
| ୧୦୨. | ୧୭୦୧ | ବେସରକାରୀ( ) | ଶାରଦ ଏକ | ୦.୦୫୩୭୦୦୦(ହେକ୍ଟର) | ୦.୦୫୩୭୦୦୦ |
| ୧୦୩. | ୧୭୦୨ | ବେସରକାରୀ( ) | ଶାରଦ ଏକ | ୦.୦୬୮୮୦୦୦(ହେକ୍ଟର) | ୦.୦୬୮୮୦୦୦ |
| ୧୦୪. | ୧୭୦୩ | ବେସରକାରୀ( ) | ଶାରଦ ଏକ | ୦.୦୫୪୭୦୦୦(ହେକ୍ଟର) | ୦.୦୫୪୭୦୦୦ |
| ୧୦୫. | ୧୭୦୪ | ବେସରକାରୀ( ) | ଶାରଦ ଏକ | ୦.୦୫୧୧୦୦୦(ହେକ୍ଟର) | ୦.୦୫୧୧୦୦୦ |
| ୧୦୬. | ୧୭୦୫ | ବେସରକାରୀ( ) | ଶାରଦ ଏକ | ୦.୦୦୭୨୦୦୦(ହେକ୍ଟର) | ୦.୦୦୭୨୦୦୦ |
| ୧୦୭. | ୧୭୦୬ | ବେସରକାରୀ( ) | ଶାରଦ ଏକ | ୦.୦୪୦୫୦୦୦(ହେକ୍ଟର) | ୦.୦୪୦୫୦୦୦ |
| ୧୦୮. | ୧୭୦୭ | ବେସରକାରୀ( ) | ଶାରଦ ଏକ | ୦.୦୪୮୬୦୦୦(ହେକ୍ଟର) | ୦.୦୪୮୬୦୦୦ |
| ୧୦୯. | ୧୭୦୮ | ବେସରକାରୀ | ଶାରଦ ଏକ | ୦.୦୨୦୦୦୦୦(ହେକ୍ଟର) | ୦.୦୨୦୦୦୦୦ |
| ୧୧୦. | ୧୭୦୯ | ବେସରକାରୀ( ) | ଶାରଦ ଏକ | ୦.୦୧୯୨୦୦୦(ହେକ୍ଟର) | ୦.୦୧୯୨୦୦୦ |
| ୧୧୧. | ୧୭୧୦ | ବେସରକାରୀ( ) | ଶାରଦ ଏକ | ୦.୦୭୦୪୦୦୦(ହେକ୍ଟର) | ୦.୦୭୦୪୦୦୦ |
| ୧୧୨. | ୧୭୧୧ | ବେସରକାରୀ( ) | ଶାରଦ ଏକ | ୦.୦୦୨୦୦୦୦(ହେକ୍ଟର) | ୦.୦୦୨୦୦୦୦ |
| ୧୧୩. | ୧୭୧୬ | ବେସରକାରୀ( ) | ଶାରଦ ଏକ | ୦.୦୦୧୭୦୦୦(ହେକ୍ଟର) | ୦.୦୦୧୭୦୦୦ |
| ୧୧୪. | ୧୭୧୭ | ସରକାରୀ( ) | ଗୋଚର | ୦.୧୯୧୯୦୦୦(ହେକ୍ଟର) | ୦.୧୯୧୯୦୦୦ |
| ୧୧୫. | ୧୮୧୧ | ବେସରକାରୀ( ) | ଶାରଦ ଏକ | ୦.୦୩୧୯୦୦୦(ହେକ୍ଟର) | ୦.୦୩୧୯୦୦୦ |
| ୧୧୬. | ୧୮୧୨ | ବେସରକାରୀ( ) | ଶାରଦ ଏକ | ୦.୦୨୯୬୦୦୦(ହେକ୍ଟର) | ୦.୦୨୯୬୦୦୦ |
| ୧୧୭. | ୧୮୧୩ | ବେସରକାରୀ( ) | ଶାରଦ ଏକ | ୦.୦୯୩୮୦୦୦(ହେକ୍ଟର) | ୦.୦୯୩୮୦୦୦ |
| ୧୧୮. | ୧୮୧୪ | ବେସରକାରୀ( ) | ଶାରଦ ଏକ | ୦.୦୧୦୫୦୦୦(ହେକ୍ଟର) | ୦.୦୧୦୫୦୦୦ |
| ୧୧୯. | ୧୮୧୫ | ବେସରକାରୀ( ) | ଶାରଦ ଏକ | ୦.୦୦୦୫୦୦୦(ହେକ୍ଟର) | ୦.୦୦୦୫୦୦୦ |
| ୧୨୦. | ୧୮୧୭ | ବେସରକାରୀ( ) | ଶାରଦ ଏକ | ୦.୦୨୮୬୦୦୦(ହେକ୍ଟର) | ୦.୦୨୮୬୦୦୦ |
| ୧୨୧. | ୧୮୧୮ | ବେସରକାରୀ( ) | ଶାରଦ ଏକ | ୦.୧୨୧୪୦୦୦(ହେକ୍ଟର) | ୦.୧୨୧୪୦୦୦ |
| ୧୨୨. | ୧୮୧୯ | ବେସରକାରୀ( ) | ଶାରଦ ଏକ | ୦.୦୪୬୯୦୦୦(ହେକ୍ଟର) | ୦.୦୪୬୯୦୦୦ |
| ୧୨୩. | ୧୮୨୦ | ବେସରକାରୀ( ) | ଶାରଦ ଏକ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୧୨୪. | ୧୮୮୫/୨୬୦୪ | ବେସରକାରୀ( ) | ଶାରଦ ଏକ (ତଇଲା) | ୦.୦୦୦୯୦୦୦(ହେକ୍ଟର) | ୦.୦୦୦୯୦୦୦ |
| ୧୨୫. | ୧୮୮୬ | ବେସରକାରୀ( ) | ଶାରଦ ଏକ | ୦.୦୯୪୧୦୦୦(ହେକ୍ଟର) | ୦.୦୯୪୧୦୦୦ |
| ୧୨୬. | ୧୮୮୭ | ବେସରକାରୀ | ଶାରଦ ଏକ | ୦.୦୨୭୪୦୦୦(ହେକ୍ଟର) | ୦.୦୨୭୪୦୦୦ |
| ୧୨୭. | ୧୮୮୯ | ବେସରକାରୀ( ) | ଶାରଦ ଏକ | ୦.୦୧୩୮୦୦୦(ହେକ୍ଟର) | ୦.୦୧୩୮୦୦୦ |
| ୧୨୮. | ୧୮୯୦ | ବେସରକାରୀ( ) | ଶାରଦ ଏକ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୧୨୯. | ୧୮୯୧ | ବେସରକାରୀ( ) | ଶାରଦ ଏକ | ୦.୦୪୪୫୦୦୦(ହେକ୍ଟର) | ୦.୦୪୪୫୦୦୦ |
| ୧୩୦. | ୧୮୯୨ | ବେସରକାରୀ( ) | ଶାରଦ ଏକ | ୦.୧୧୧୧୦୦୦(ହେକ୍ଟର) | ୦.୧୧୧୧୦୦୦ |
| ୧୩୧. | ୧୮୯୩ | ବେସରକାରୀ( ) | ଶାରଦ ଏକ | ୦.୦୧୩୪୦୦୦(ହେକ୍ଟର) | ୦.୦୧୩୪୦୦୦ |
| ୧୩୨. | ୧୮୯୮ | ବେସରକାରୀ( ) | ଶାରଦ ଏକ | ୦.୦୦୨୯୦୦୦(ହେକ୍ଟର) | ୦.୦୦୨୯୦୦୦ |
| ୧୩୩. | ୧୮୯୯ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୦୧୨୦୦୦(ହେକ୍ଟର) | ୦.୦୦୧୨୦୦୦ |
| ୧୩୪. | ୧୯୨୭ | ବେସରକାରୀ( ) | ପତିତ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୧୩୫. | ୧୯୩୪ | ବେସରକାରୀ( ) | ପତିତ | ୦.୦୧୨୭୦୦୦(ହେକ୍ଟର) | ୦.୦୧୨୭୦୦୦ |
| ୧୩୬. | ୧୯୩୫ | ବେସରକାରୀ( ) | ପତିତ | ୦.୦୩୬୯୦୦୦(ହେକ୍ଟର) | ୦.୦୩୬୯୦୦୦ |
| ୧୩୭. | ୧୯୩୬ | ବେସରକାରୀ( ) | ଶାରଦ ଏକ | ୦.୦୨୮୯୦୦୦(ହେକ୍ଟର) | ୦.୦୨୮୯୦୦୦ |
| ୧୩୮. | ୧୯୩୮ | ବେସରକାରୀ( ) | ଶାରଦ ଏକ | ୦.୦୦୦୬୦୦୦(ହେକ୍ଟର) | ୦.୦୦୦୬୦୦୦ |
| ୧୩୯. | ୧୯୪୫ | ବେସରକାରୀ( ) | ଘରବାରି | ୦.୦୦୫୭୦୦୦(ହେକ୍ଟର) | ୦.୦୦୫୭୦୦୦ |
| ୧୪୦. | ୧୯୪୭ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୧୩୯୦୦୦(ହେକ୍ଟର) | ୦.୦୧୩୯୦୦୦ |
| ୧୪୧. | ୧୯୪୮ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୧୩୮୦୦୦(ହେକ୍ଟର) | ୦.୦୧୩୮୦୦୦ |
| ୧୪୨. | ୧୯୪୯ | ବେସରକାରୀ( ) | ଶାରଦ ଏକ | ୦.୦୬୫୬୦୦୦(ହେକ୍ଟର) | ୦.୦୬୫୬୦୦୦ |
| ୧୪୩. | ୧୯୫୦ | ବେସରକାରୀ( ) | ପତିତ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୧୪୪. | ୧୯୫୧ | ବେସରକାରୀ | ପତିତ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୧୪୫. | ୧୯୫୨ | ବେସରକାରୀ | ଘରବାରି | ୦.୧୦୩୪୦୦୦(ହେକ୍ଟର) | ୦.୧୦୩୪୦୦୦ |
| ୧୪୬. | ୧୯୫୩ | ସରକାରୀ( ) | ରାସ୍ତା | ୦.୦୫୨୬୦୦୦(ହେକ୍ଟର) | ୦.୦୫୨୬୦୦୦ |
| ୧୪୭. | ୧୯୫୪ | ସରକାରୀ( ) | ବସ୍ତି ଯୋଗ୍ୟ | ୦.୧୧୬୧୦୦୦(ହେକ୍ଟର) | ୦.୧୧୬୧୦୦୦ |
| ୧୪୮. | ୧୯୭୦ | ବେସରକାରୀ( ) | ଶାରଦ ଏକ | ୦.୦୦୩୬୦୦୦(ହେକ୍ଟର) | ୦.୦୦୩୬୦୦୦ |
| ୧୪୯. | ୧୯୭୧ | ବେସରକାରୀ( ) | ଶାରଦ ଏକ | ୦.୦୨୦୦୦୦୦(ହେକ୍ଟର) | ୦.୦୨୦୦୦୦୦ |
| ୧୫୦. | ୧୯୭୨ | ବେସରକାରୀ( ) | ଶାରଦ ଏକ | ୦.୦୩୬୦୦୦୦(ହେକ୍ଟର) | ୦.୦୩୬୦୦୦୦ |
| ୧୫୧. | ୧୯୭୩ | ବେସରକାରୀ( ) | ଶାରଦ ଏକ | ୦.୦୪୬୯୦୦୦(ହେକ୍ଟର) | ୦.୦୪୬୯୦୦୦ |
| ୧୫୨. | ୧୯୭୪ | ବେସରକାରୀ( ) | ଶାରଦ ଏକ | ୦.୦୪୮୦୦୦୦(ହେକ୍ଟର) | ୦.୦୪୮୦୦୦୦ |
| ୧୫୩. | ୧୯୭୫ | ବେସରକାରୀ( ) | ଶାରଦ ଏକ | ୦.୦୧୧୧୦୦୦(ହେକ୍ଟର) | ୦.୦୧୧୧୦୦୦ |
| ୧୫୪. | ୧୯୭୬ | ବେସରକାରୀ( ) | ଶାରଦ ଏକ | ୦.୦୪୭୧୦୦୦(ହେକ୍ଟର) | ୦.୦୪୭୧୦୦୦ |
| ୧୫୫. | ୧୯୭୭ | ବେସରକାରୀ( ) | ପତିତ | ୦.୦୧୦୯୦୦୦(ହେକ୍ଟର) | ୦.୦୧୦୯୦୦୦ |
| ୧୫୬. | ୨ | ସରକାରୀ | ନଦୀ | ୦.୧୨୯୪୦୦୦(ହେକ୍ଟର) | ୦.୧୨୯୪୦୦୦ |
| ୧୫୭. | ୫୭୮ | ବେସରକାରୀ( ) | ଶାରଦ ଏକ | ୦.୦୦୦୨୦୦୦(ହେକ୍ଟର) | ୦.୦୦୦୨୦୦୦ |
| ୧୫୮. | ୫୭୯ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୨୫୯୦୦୦(ହେକ୍ଟର) | ୦.୦୨୫୯୦୦୦ |
| ୧୫୯. | ୫୮୩ | ବେସରକାରୀ( ) | ଶାରଦ ଏକ | ୦.୦୨୦୨୦୦୦(ହେକ୍ଟର) | ୦.୦୨୦୨୦୦୦ |
| ୧୬୦. | ୫୮୪ | ବେସରକାରୀ( ) | ଶାରଦ ଏକ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୧୬୧. | ୫୮୫ | ବେସରକାରୀ( ) | ଶାରଦ ଏକ | ୦.୦୨୪୩୦୦୦(ହେକ୍ଟର) | ୦.୦୨୪୩୦୦୦ |
| ୧୬୨. | ୫୮୬ | ବେସରକାରୀ( ) | ଶାରଦ ଏକ | ୦.୦୩୦୫୦୦୦(ହେକ୍ଟର) | ୦.୦୩୦୫୦୦୦ |
| ୧୬୩. | ୫୮୭ | ବେସରକାରୀ( ) | ଶାରଦ ଏକ | ୦.୦୩୮୯୦୦୦(ହେକ୍ଟର) | ୦.୦୩୮୯୦୦୦ |
| ୧୬୪. | ୫୮୮ | ବେସରକାରୀ( ) | ଶାରଦ ଏକ | ୦.୦୦୯୬୦୦୦(ହେକ୍ଟର) | ୦.୦୦୯୬୦୦୦ |
| ୧୬୫. | ୫୮୯ | ବେସରକାରୀ( ) | ଶାରଦ ଏକ | ୦.୦୦୮୭୦୦୦(ହେକ୍ଟର) | ୦.୦୦୮୭୦୦୦ |
| ୧୬୬. | ୫୯୦ | ବେସରକାରୀ( ) | ଶାରଦ ଏକ | ୦.୦୦୯୫୦୦୦(ହେକ୍ଟର) | ୦.୦୦୯୫୦୦୦ |
| ୧୬୭. | ୫୯୧ | ବେସରକାରୀ( ) | ଶାରଦ ଏକ | ୦.୦୧୩୦୦୦୦(ହେକ୍ଟର) | ୦.୦୧୩୦୦୦୦ |
| ୧୬୮. | ୫୯୨ | ବେସରକାରୀ( ) | ଶାରଦ ଏକ | ୦.୦୦୬୩୦୦୦(ହେକ୍ଟର) | ୦.୦୦୬୩୦୦୦ |
| ୧୬୯. | ୫୯୫ | ବେସରକାରୀ( ) | ଶାରଦ ଏକ | ୦.୦୦୬୨୦୦୦(ହେକ୍ଟର) | ୦.୦୦୬୨୦୦୦ |
| ୧୭୦. | ୫୯୬ | ବେସରକାରୀ( ) | ଶାରଦ ଏକ | ୦.୦୦୩୯୦୦୦(ହେକ୍ଟର) | ୦.୦୦୩୯୦୦୦ |
| ୧୭୧. | ୬୦୫ | ବେସରକାରୀ( ) | ଶାରଦ ଏକ | ୦.୦୦୪୫୦୦୦(ହେକ୍ଟର) | ୦.୦୦୪୫୦୦୦ |
| ୧୭୨. | ୬୦୬ | ବେସରକାରୀ( ) | ଶାରଦ ଏକ | ୦.୦୧୨୫୦୦୦(ହେକ୍ଟର) | ୦.୦୧୨୫୦୦୦ |
| ୧୭୩. | ୬୧୨ | ବେସରକାରୀ( ) | ଶାରଦ ଏକ | ୦.୦୫୯୫୦୦୦(ହେକ୍ଟର) | ୦.୦୫୯୫୦୦୦ |
| ୧୭୪. | ୬୧୩ | ବେସରକାରୀ( ) | ଶାରଦ ଏକ | ୦.୦୯୩୦୦୦୦(ହେକ୍ଟର) | ୦.୦୯୩୦୦୦୦ |
| ୧୭୫. | ୬୧୫ | ବେସରକାରୀ( ) | ଶାରଦ ଏକ | ୦.୦୫୬୪୦୦୦(ହେକ୍ଟର) | ୦.୦୫୬୪୦୦୦ |
| ୧୭୬. | ୬୨୫ | ବେସରକାରୀ( ) | ଶାରଦ ଏକ | ୦.୦୧୦୭୦୦୦(ହେକ୍ଟର) | ୦.୦୧୦୭୦୦୦ |
| ୧୭୭. | ୬୬୬ | ବେସରକାରୀ( ) | ଶାରଦ ଏକ | ୦.୦୮୦୯୦୦୦(ହେକ୍ଟର) | ୦.୦୮୦୯୦୦୦ |
| ୧୭୮. | ୬୭୭ | ବେସରକାରୀ( ) | ଶାରଦ ଏକ | ୦.୦୧୮୬୦୦୦(ହେକ୍ଟର) | ୦.୦୧୮୬୦୦୦ |
| ୧୭୯. | ୬୭୮ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୨୯୨୯୦୦୦(ହେକ୍ଟର) | ୦.୨୯୨୯୦୦୦ |
| ୧୮୦. | ୬୭୯ | ବେସରକାରୀ( ) | ଶାରଦ ଏକ | ୦.୦୧୬୯୦୦୦(ହେକ୍ଟର) | ୦.୦୧୬୯୦୦୦ |
| ୧୮୧. | ୬୮୦ | ବେସରକାରୀ( ) | ଶାରଦ ଏକ | ୦.୦୧୨୩୦୦୦(ହେକ୍ଟର) | ୦.୦୧୨୩୦୦୦ |
| ୧୮୨. | ୬୯୧ | ବେସରକାରୀ( ) | ଶାରଦ ଏକ | ୦.୦୬୭୩୦୦୦(ହେକ୍ଟର) | ୦.୦୬୭୩୦୦୦ |
| ୧୮୩. | ୬୯୨ | ବେସରକାରୀ( ) | ଶାରଦ ଏକ | ୦.୦୭୭୦୦୦୦(ହେକ୍ଟର) | ୦.୦୭୭୦୦୦୦ |
| ୧୮୪. | ୬୯୩ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୪୦୬୦୦୦(ହେକ୍ଟର) | ୦.୦୪୦୬୦୦୦ |
| ୧୮୫. | ୬୯୪ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୪୮୪୦୦୦(ହେକ୍ଟର) | ୦.୦୪୮୪୦୦୦ |
| ୧୮୬. | ୬୯୫ | ବେସରକାରୀ( ) | ଶାରଦ ଏକ | ୦.୧୦୮୬୦୦୦(ହେକ୍ଟର) | ୦.୧୦୮୬୦୦୦ |
| ୧୮୭. | ୬୯୬ | ବେସରକାରୀ( ) | ଶାରଦ ଏକ | ୦.୦୦୧୩୦୦୦(ହେକ୍ଟର) | ୦.୦୦୧୩୦୦୦ |
| ୧୮୮. | ୮୯୫ | ବେସରକାରୀ( ) | ଶାରଦ ଏକ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୧୮୯. | ୮୯୬ | ବେସରକାରୀ( ) | ଶାରଦ ଏକ | ୦.୦୨୨୨୦୦୦(ହେକ୍ଟର) | ୦.୦୨୨୨୦୦୦ |
| ୧୯୦. | ୮୯୭ | ବେସରକାରୀ( ) | ଶାରଦ ଏକ | ୦.୦୫୭୮୦୦୦(ହେକ୍ଟର) | ୦.୦୫୭୮୦୦୦ |
| ୧୯୧. | ୮୯୮ | ବେସରକାରୀ( ) | ଶାରଦ ଏକ | ୦.୦୦୪୧୦୦୦(ହେକ୍ଟର) | ୦.୦୦୪୧୦୦୦ |
| ୧୯୨. | ୯୦୫ | ବେସରକାରୀ( ) | ଶାରଦ ଏକ | ୦.୦୪୫୯୦୦୦(ହେକ୍ଟର) | ୦.୦୪୫୯୦୦୦ |
| ୧୯୩. | ୯୦୬ | ବେସରକାରୀ( ) | ଶାରଦ ଏକ | ୦.୦୨୭୪୦୦୦(ହେକ୍ଟର) | ୦.୦୨୭୪୦୦୦ |
| ୧୯୪. | ୯୦୭ | ବେସରକାରୀ( ) | ଶାରଦ ଏକ | ୦.୧୨୧୪୦୦୦(ହେକ୍ଟର) | ୦.୧୨୧୪୦୦୦ |
| ୧୯୫. | ୯୦୮ | ବେସରକାରୀ( ) | ଶାରଦ ଏକ | ୦.୦୩୭୧୦୦୦(ହେକ୍ଟର) | ୦.୦୩୭୧୦୦୦ |
| ୧୯୬. | ୯୦୯ | ବେସରକାରୀ( ) | ଶାରଦ ଏକ | ୦.୦୩୫୭୦୦୦(ହେକ୍ଟର) | ୦.୦୩୫୭୦୦୦ |
| ୧୯୭. | ୯୧୦ | ବେସରକାରୀ( ) | ଶାରଦ ଏକ | ୦.୦୩୨୭୦୦୦(ହେକ୍ଟର) | ୦.୦୩୨୭୦୦୦ |
| ୧୯୮. | ୯୧୩ | ବେସରକାରୀ( ) | ଶାରଦ ଏକ | ୦.୦୨୭୯୦୦୦(ହେକ୍ଟର) | ୦.୦୨୭୯୦୦୦ |
| ୧୯୯. | ୯୧୫ | ବେସରକାରୀ | ଶାରଦ ଏକ | ୦.୦୦୭୩୦୦୦(ହେକ୍ଟର) | ୦.୦୦୭୩୦୦୦ |
| ୨୦୦. | ୯୨୫ | ସରକାରୀ | ରାସ୍ତା | ୦.୦୫୦୯୦୦୦(ହେକ୍ଟର) | ୦.୦୫୦୯୦୦୦ |
| ୨୦୧. | ୯୫୨ | ବେସରକାରୀ( ) | ଶାରଦ ଏକ | ୦.୦୪୨୫୦୦୦(ହେକ୍ଟର) | ୦.୦୪୨୫୦୦୦ |
| ୨୦୨. | ୯୫୩ | ବେସରକାରୀ( ) | ଶାରଦ ଏକ | ୦.୦୭୫୯୦୦୦(ହେକ୍ଟର) | ୦.୦୭୫୯୦୦୦ |
| ୨୦୩. | ୯୫୪ | ବେସରକାରୀ | ଶାରଦ ଏକ | ୦.୦୦୨୬୦୦୦(ହେକ୍ଟର) | ୦.୦୦୨୬୦୦୦ |
| ୨୦୪. | ୯୫୫ | ବେସରକାରୀ( ) | ଶାରଦ ଏକ | ୦.୧୦୦୨୦୦୦(ହେକ୍ଟର) | ୦.୧୦୦୨୦୦୦ |
| ୨୦୫. | ୯୫୬ | ବେସରକାରୀ( ) | ଶାରଦ ଏକ | ୦.୦୬୯୧୦୦୦(ହେକ୍ଟର) | ୦.୦୬୯୧୦୦୦ |
| ୨୦୬. | ୯୭୬ | ବେସରକାରୀ( ) | ଶାରଦ ଏକ | ୦.୧୨୭୦୦୦୦(ହେକ୍ଟର) | ୦.୧୨୭୦୦୦୦ |
| ୨୦୭. | ୯୭୭ | ବେସରକାରୀ( ) | ଶାରଦ ଏକ | ୦.୦୯୯୨୦୦୦(ହେକ୍ଟର) | ୦.୦୯୯୨୦୦୦ |
| ୨୦୮. | ୯୭୮ | ବେସରକାରୀ( ) | ଶାରଦ ଏକ | ୦.୦୦୦୩୦୦୦(ହେକ୍ଟର) | ୦.୦୦୦୩୦୦୦ |
| ୨୦୯. | ୯୯୦ | ବେସରକାରୀ( ) | ଶାରଦ ଏକ | ୦.୦୪୬୩୦୦୦(ହେକ୍ଟର) | ୦.୦୪୬୩୦୦୦ |
| ୨୧୦. | ୯୯୧ | ବେସରକାରୀ( ) | ଶାରଦ ଏକ | ୦.୦୭୮୩୦୦୦(ହେକ୍ଟର) | ୦.୦୭୮୩୦୦୦ |
| ୨୧୧. | ୯୯୨ | ବେସରକାରୀ( ) | ଶାରଦ ଏକ | ୦.୦୩୨୧୦୦୦(ହେକ୍ଟର) | ୦.୦୩୨୧୦୦୦ |
| ୨୧୨. | ୯୯୩ | ବେସରକାରୀ( ) | ଶାରଦ ଏକ | ୦.୦୮୭୩୦୦୦(ହେକ୍ଟର) | ୦.୦୮୭୩୦୦୦ |
| ୨୧୩. | ୯୯୪ | ବେସରକାରୀ( ) | ଶାରଦ ଏକ | ୦.୦୨୩୧୦୦୦(ହେକ୍ଟର) | ୦.୦୨୩୧୦୦୦ |
| ୨୧୪. | ୯୯୬ | ବେସରକାରୀ( ) | ଶାରଦ ଏକ | ୦.୦୧୨୧୦୦୦(ହେକ୍ଟର) | ୦.୦୧୨୧୦୦୦ |
| | | | ସମୁଦାୟ | ୧୦.୬୧୫୦ | ୧୦.୬୧୫୦ |

[F.No. NHAI/11014/01/Rat-Digha(LA-3a)/2018/PIU/BBSR/3A1]
RAJESH GUPTA, Dy. Secy.

# ଜୀବ ସଂରକ୍ଷଣ

**ଏ ବର୍ଷର ଥିମ୍:**
ଚଳିତ ବର୍ଷ ବିଶ୍ୱ ଧରିତ୍ରୀ ଦିବସ ଲାଗି ଥିମ୍ ରହିଛି 'ପ୍ରୋଟେକ୍ଟ ଆୱାର ସ୍ପେଶିସ' ବା ପୃଥିବୀ ପୃଷ୍ଠରେ ଥିବା ବିଭିନ୍ନ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା।

**ଡା. ରଞ୍ଜିତ କୁମାର ସାମନ୍ତରାୟ**



ଧରିତ୍ରୀ ମା'କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତି ବର୍ଷ ଏପ୍ରିଲ ୨୨ ତାରିଖରେ 'ବିଶ୍ ଧରିତ୍ରୀ ଦିବସ' ପାଳିତ ହୋଇଥାଏ। ପ୍ରଥମେ ୧୯୭୦ ମସିହାରେ ଏହି ଦିବସ ପାଳିତ ହୋଇଥିବା ବେଳେ ୧୯୯୦ରେ ଆହୁରି ବ୍ୟାପକ ହୋଇଥିଲା। ବର୍ତ୍ତମାନ ଏହା ପ୍ରାୟ ୧୯୨ଟି ଦେଶରେ ପାଳିତ ହେଉଛି। ଏ ବର୍ଷର ଥିମ୍ ହେଉଛି 'ପ୍ରୋଟେକ୍ଟ ଆୱାର ସ୍ପେଶିସ' ବା ପୃଥିବୀ ପୃଷ୍ଠରେ ଥିବା ବିଭିନ୍ନ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା।

ପ୍ରକୃତିରେ ଥିବା ଜୀବଜଗତ ଈଶ୍ୱରଙ୍କର ଏକ ଅତୁଳନୀୟ ଅବଦାନ। ଜୀବମାନଙ୍କର ସଂଖ୍ୟା ପରିବେଶରେ ଥିବା ମାଟି, ବାୟୁ, ଜଳ, ଗ୍ୟାସ୍ ଓ ଉତ୍ତାପ ଉପରେ ନିର୍ଭରଶୀଳ। ଅଧୁନା ପୃଥିବୀରେ ବିଶେଷଭାବରେ ଯାହା ସବୁ ଘଟୁଛି, ତାହା ମୁଖ୍ୟତଃ ମଣିଷର ଆବଶ୍ୟକତା ପାଇଁ ଘଟୁଛି। ବର୍ତ୍ତମାନ ଜନ ବିସ୍ଫୋରଣ ଦୃଷ୍ଟିରୁ ରାସ୍ତାଘାଟ,



କଳ କାରଖାନା ଓ କୋଠାବାଡି ଇତ୍ୟାଦି ବଢ଼ି ଚାଲିଛି। ଏଥିନେଇ ଜଙ୍ଗଲ, ଜଳ ଓ ବାୟୁମଣ୍ଡଳ ବିଶେଷ ଭାବରେ ପ୍ରଭାବିତ। ଏଣୁ ବିଭିନ୍ନ ପ୍ରଜାତିର ବୃକ୍ଷ, ପଶୁପକ୍ଷୀ(ପ୍ରାଣୀ), ଜଳଚର ପ୍ରାଣୀ, କୀଟପତଙ୍ଗ ଇତ୍ୟାଦିଙ୍କ ବଞ୍ଚିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହା ପ୍ରଭାବରେ କିଛି ପ୍ରଜାତି ପୃଥିବୀ ପୃଷ୍ଠରୁ ବିଲୁପ୍ତ ହୋଇଗଲେଣି, କିଛି ବିଲୁପ୍ତ ଦ୍ୱାରଦେଶରେ ଓ ଆଉ କିଛିଙ୍କ ଦ୍ରୁତ ଅବକ୍ଷୟ ପରିବେଶ ଏବଂ ଜୈବ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଗତ ୫୦ବର୍ଷ ମଧ୍ୟରେ ଧରାପୃଷ୍ଠରୁ ବିରଳ ହୋଇଥିବା ଜୀବମାନଙ୍କ ମଧ୍ୟରୁ ଡୋଡୋ, ଗ୍ରେଟ୍ ଅକ୍, ଜାଭାନ ଟାଇଗର, ଆଫ୍ରିକାନ୍ ବ୍ଲାକ୍ ରାଇନୋ, ଉଲି ମାମୋଥ୍, ସୋବ୍ରେ ଟୁଥ୍ କ୍ୟାଟ୍, ଇଷ୍ଟର୍ନ ମୋଆ, ପାଇରିନିଆନ ଆଇବେକ୍ସ, ସ୍ପିକ୍ସ ମାକାଓ, ଗୋଲଡେନ୍ ଟୋଡା, ଡଟ୍ ବ୍ଲୁ ବଟରଫ୍ଲାଏ ଏବଂ ବୁରୋଇଙ୍ଗ ବୁଆ ବିଲୁପ୍ତ ହୋଇସାରିଛନ୍ତି। ବିଲୁପ୍ତ ଦ୍ୱାରଦେଶରେ ଥିବା ଜନ୍ତୁମାନଙ୍କ ମଧ୍ୟରେ ସ୍ଲୋଥ ଚାଇନା ଟାଇଗର, ସାମାଟ୍ରାନ ରାଇନୋ, ସାଓଲା, ଆମୁର ଲିଓପାର୍ଡ (ରୁଷିଆ), ହ୍ୱାଇଟ୍ ଆଣ୍ଟିପୋଲ୍ (ଚାଇନା), ୱିମିଙ୍ଗ ଟୋଡା (ଆମେରିକା), ହାଇନନ ଗିବନ (ଚାଇନା) ଏବଂ ମାଉଣ୍ଟେନ ଗେରିଲା ଅନ୍ୟତମ।

ଭାରତ ଉପମହାଦେଶର ଜୀବମାନଙ୍କ ସ୍ଥିତି ଉପରେ ନଜର ଦେଲାବେଳେ ଜଣାପଡ଼େ ଭାରତରୁ ଇଣ୍ଡିଆନ୍ ଚିତା, ପିଙ୍କ ହେଡେଡ ଡକ୍, ସୁନ୍ଦରବନ ଜ୍ୱଫ ରାଇନୋ ଏବଂ ଇଣ୍ଡିଆନ ଓଉରୋଚସ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ। ବିଲୁପ୍ତ ଦ୍ୱାରଦେଶରେ ଅଛନ୍ତି କସ୍ତୁରୀ ମୃଗ, ରେଡ୍ ପାଣ୍ଡା, ଢ଼ୋଲେ, ହୋଗ ଡିଅର, ପିଗମି ହୋଗ, ହିମାଳୟାନ ବ୍ରାଉନ ବିୟର, ଗୋଲଡେନ୍ ଲଙ୍ଗୁର, ଲାୟନ-ଟେଲଡ୍ ମାକାକ୍ୟୁ, କଶ୍ମିରୀ ଷ୍ଟାଗ୍, ସାଂଘାଇ ଡିଅର ଏବଂ ତିବ୍ବତାନ୍ ଆଣ୍ଟିଲୋପ୍। ଅପରପକ୍ଷରେ ମହାବଳ ବାଘର ଅବସ୍ଥିତି ସଙ୍କଟମୟ। ଗ୍ରେଟ୍ ଇଣ୍ଡିଆନ ବଷ୍ଟାର୍ଡ, ଗ୍ରେଟ୍ ରିଭର ଡଲଫିନ୍, ଗାଙ୍ଗେସ ସାର୍କ ଏବଂ ଶାଗୁଣା ମଧ୍ୟ ଏହି ସ୍ଥିତିରେ ଅଛନ୍ତି। ଏକ ଶିଙ୍ଗ ବିଶିଷ୍ଟ ରାଇନୋ, ନୀଳତିମି, ଭାରତୀୟ ହାତୀ ଓ ଜାଗୁଆର ବ୍ୟାଘ୍ରଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି। ଏହାବ୍ୟତୀତ ହିଂସ୍ର ଗଧ, ଅଲିଭ ରିଡଲେ କଇଁଚ ମଧ୍ୟ ଏହି ସ୍ଥିତିରେ ଅଛନ୍ତି।

–ବନ୍ୟପ୍ରାଣୀ ବିଶେଷଜ୍ଞ, ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡିଶା, ମୋ: ୯୪୩୭୦୯୦୦୧୭

ପ୍ରତିବର୍ଷ ଏପ୍ରିଲ ୨୨ ତାରିଖକୁ 'ବିଶ୍ୱ ଧରିତ୍ରୀ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏ ସମ୍ପର୍କିତ ବିଭିନ୍ନ ବିଷୟକୁ ନେଇ ଉପସ୍ଥାପନା...

# କାହିଁକି ଏ ଶୁକ୍ରଦଶା

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ନିରାପଦ ସୀମା ୩୫୦ପିପିଏମ୍ ଥିବା ବେଳେ ବର୍ତ୍ତମାନ ଏହା ୪୦୦ ପିପିଏମ୍‌କୁ ଛୁଇଁଲାଣି। ୨୦୦୧ ମସିହା ପରେ ଏହି ବାଷ୍ପର ମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇଛି। ପରିସଂଖ୍ୟାନରୁ ଏହା ଜଣାଯାଏ ଯେ ୨୧୦୦ ମସିହା ସୁଦ୍ଧା ଏହି ବାଷ୍ପର ମାତ୍ରା କ୍ରମାନ୍ୱୟ ଭାବେ ବୃଦ୍ଧି ପାଇ ଦ୍ୱିଗୁଣିତ ହୋଇଯାଇପାରେ।

**ଡ. ମାନସ ରଞ୍ଜନ ସେନାପତି**

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି ଓ ତଜ୍ଜନିତ ଜାଗତିକ ଉଷ୍ଣତା ଏବଂ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱବାସୀଙ୍କୁ ଆତଙ୍କିତ କରିଛି। ୧୮୫୦ ମସିହା ପୂର୍ବରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ମାତ୍ରା କମ୍ ଥିଲା। ଏହାପରେ ଆରମ୍ଭ ହୋଇଥିଲା ଶିଳ୍ପ ବିପ୍ଳବ। ୧୯୬୦ ଦଶକରେ ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହୋଇଥିଲା ବ୍ୟାପକ ଶିଳ୍ପାୟନ। ଶିଳ୍ପର ଦ୍ରୁତ ପ୍ରଗତି ପରିବେଶକୁ ଦୂଷିତ କରିଚାଲିଛି। ଜଳ, ସ୍ଥଳ, ବନଗିରି ଓ ଆକାଶକୁ ନେଇ ଆମ ପରିବେଶ ଓ ଆମ ଧରିତ୍ରୀ ଗଠିତ। ଏ ସମସ୍ତ ପ୍ରଦୂଷଣ ବଳୟରେ ଆକ୍ରାନ୍ତ। ଏପରି କି ମହାକାଶ ମଧ୍ୟ ଆଉ ପ୍ରଦୂଷଣମୁକ୍ତ ହୋଇ ରହିନାହିଁ। ଜଳ, ଜମି ଓ ଜଙ୍ଗଲ କ୍ଷୟ ପରିବେଶ ପାଇଁ ବାଧକ ସାଜିଛି। ଶୁକ୍ର ଗ୍ରହର ତାପମାତ୍ରା ୪୬୦ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ମଙ୍ଗଳ ଗ୍ରହର ତାପମାତ୍ରା ୧୪୦ ଡିଗ୍ରୀ ସେଲସିୟସରୁ କମ୍ ରହିଥାଏ। ସୂର୍ଯ୍ୟଠାରୁ ଗ୍ରହମାନଙ୍କର ଦୂରତା ଏହାର ଏକ କାରଣ ହୋଇଥିବା ବେଳେ ଅଙ୍ଗାରକାମ୍ଳ ବାଷ୍ପର ମାତ୍ରା ମଧ୍ୟ ଏହି ତାରତମ୍ୟର ଅନ୍ୟ ଏକ କାରଣ। ଶୁକ୍ର ଗ୍ରହର ବାୟୁମଣ୍ଡଳ ମୁଖ୍ୟତଃ ଅଙ୍ଗାରକାମ୍ଳ ବାଷ୍ପ ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ, ଯାହାକି ଏକ କମ୍ବଳ ସଦୃଶ କାମ କରିଥାଏ ଓ ଶୁକ୍ର ପୃଷ୍ଠରୁ ଫେରିଆସୁଥିବା ଉତ୍ତପ୍ତ ବିକିରଣକୁ ଅଟକାଇ ଦେଇଥାଏ। ଫଳତଃ ଶୁକ୍ର ଗ୍ରହ ଏକ ଉତ୍ତପ୍ତ ପିଣ୍ଡ ସଦୃଶ। ମଙ୍ଗଳ ଗ୍ରହରେ କିନ୍ତୁ ଏପରି ହୋଇ ନ ଥାଏ। କାରଣ ଏହି ଗ୍ରହରେ ଅପେକ୍ଷାକୃତ କମ୍ ଅଙ୍ଗାରକାମ୍ଳ ବାଷ୍ପ ରହିଥାଏ। ପୃଥିବୀ ପୃଷ୍ଠରେ ଠିକ୍ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳରେ ଥିବା ଦ୍ୱାରା ଜୀବଜଗତ ପାଇଁ ଦରକାରୀ ଠିକ୍ ତାପମାତ୍ରା ବଜାୟ ରହିପାରିଛି। ମାତ୍ର ଆଜି ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ନିରାପଦ ସୀମା ୩୫୦ପିପିଏମ୍ ଥିବା ବେଳେ ବର୍ତ୍ତମାନ ଏହା ୪୦୦ ପିପିଏମ୍‌କୁ ଛୁଇଁଲାଣି। ୨୦୦୧ ମସିହା ପରେ ଏହି ବାଷ୍ପର ମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇଛି। ପରିସଂଖ୍ୟାନରୁ ଏହା ଜଣାଯାଏ ଯେ ୨୧୦୦ ମସିହା ସୁଦ୍ଧା ଏହି ବାଷ୍ପର ମାତ୍ରା କ୍ରମାନ୍ୱୟ ଭାବେ ବୃଦ୍ଧି ପାଇ ଦ୍ୱିଗୁଣିତ ହୋଇଯାଇପାରେ। ପରିଣାମ ସ୍ୱରୂପ ପୃଥିବୀ ପୃଷ୍ଠରେ ଆଭ୍ୟନ୍ତରୀଣ ତାପମାତ୍ରାରେ ୩-୫ ଡିଗ୍ରୀ ସେଲସିୟସ ବୃଦ୍ଧି ଘଟିବ। କାଳକ୍ରମେ ପୃଥିବୀ ଶୁକ୍ର ଗ୍ରହରେ ପରିଣତ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପୃଥିବୀ ପୃଷ୍ଠର ବାୟୁମଣ୍ଡଳରେ ୦.୦୪ ପ୍ରତିଶତ ହୋଇଥିବା ବେଳେ ଶୁକ୍ର ଗ୍ରହରେ ୯୬.୪ ପ୍ରତିଶତ। ପୃଥିବୀର ଏହି ଶୁକ୍ର ଦଶା ପାଇଁ ଦାୟୀ ମନୁଷ୍ୟ।

ସାଧାରଣତଃ ଜଙ୍ଗଲ ଏବଂ ସାଗର ଜଳ ୫୦ ପ୍ରତିଶତରୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଶୋଷି ନେଇଥାଏ। ଗବେଷଣାରୁ ଏହା ଜଣାଯାଏ ଯେ ୨୦୦୦ରୁ ୨୦୦୭ ମଧ୍ୟରେ ସାଗରର ଏହି କ୍ଷମତା ହ୍ରାସ ପାଇଛି। ଏଣେ ଜଙ୍ଗଲ କାଟି ଶିଳ୍ପାୟନ ଓ ସହରୀକରଣ ବ୍ୟାପି ଚାଲିଛି। ଯୁକ୍ତରାଷ୍ଟ୍ର ଆମେରିକା ସର୍ବାଧିକ ୫,୭୬୨,୦୫୪.୦ ଟନ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଛାଡି ପ୍ରଥମ ସ୍ଥାନରେ ଥିବା ବେଳେ ଆମ ଦେଶ ଏହି ତାଲିକାରେ ପଞ୍ଚମ ସ୍ଥାନରେ ରହିଛି ଏବଂ ୧,୦୦୭,୯୭୮.୯ ଟନ୍ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ଛାଡୁଛି। ଏହି ପରିପ୍ରେକ୍ଷୀରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହ୍ରାସ ପାଇଁ ଜାତିସଂଘ ଦ୍ୱାରା ଗଠିତ ଆନ୍ତଃ-ସରକାରୀ ଜଳବାୟୁ ପରିବର୍ତ୍ତନ କମିଟି (ଆଇପିସିସି) ପ୍ରସ୍ତାବ ଦେଇଛି। ତେଣୁ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବରେ ଅଣପାରମ୍ପରିକ ଇନ୍ଧନ ଯଥା ସୌର ଶକ୍ତି, ଆଣବିକ ଶକ୍ତି, ପବନ ଶକ୍ତି, ତରଙ୍ଗ ଶକ୍ତି, ଜୈବ ଇନ୍ଧନ (ବାୟୋଡିଜେଲ) ଇତ୍ୟାଦି ବ୍ୟବହାର ପାଇଁ ଗୁରୁତ୍ୱ ଦିଆଯାଉଛି। ବିଦ୍ୟୁତ ସଞ୍ଚୟ ପାଇଁ ସିଏଫଏଲ ବଲ୍‌ବ ବା ଏଲଇଡି ବଲ୍‌ବର ବ୍ୟବହାର କରିବା ଆବଶ୍ୟକ।




୧୯୭୦ ଏପ୍ରିଲ ୨୨ରେ ଧରିତ୍ରୀ ସୁରକ୍ଷା ନେଇ ପ୍ରଥମେ ଅଭିଯାନ ଆରମ୍ଭ ହୋଇଥିଲା। ୧୯୯୦ରେ ୧୪୧ଟି ଦେଶର ୨୦୦ ଲକ୍ଷ ଜନସାଧାରଣଙ୍କୁ ନେଇ ଏକ ବିଶ୍ୱବ୍ୟାପୀ ଅଭିଯାନ ହେବା ପରେ ଏହି ଦିବସକୁ 'ବିଶ୍ୱ ଧରିତ୍ରୀ ଦିବସ' ଭାବରେ ପାଳନ କରାଯାଉଛି। ତେଣୁ ଭବିଷ୍ୟତରେ ଏକ ସବୁଜ ସୁନ୍ଦର ଧରିତ୍ରୀର କାମନା କରି ଆମକୁ ନେତୃତ୍ୱ ନେବା ପାଇଁ ପଡିବ।

–ଡିନ୍, ବିଜ୍ଞାନ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ମୋ : ୯୪୩୭୨୩୭୬୯୭

## ଜନବସତି ମୁହାଁ ତୁଷାର ଭାଲୁ



ଗ୍ଲୋବାଲ ୱାର୍ମିଂ ଯୋଗୁ ମେରୁ ଅଞ୍ଚଳରେ ଥିବା ପ୍ରାଣୀ ତଥା ଉଦ୍ଭିଦ ଜଗତ ପ୍ରଭାବିତ ହେବାରେ ଲାଗିଛି। ଏଠାରେ ଲଗାତର ବରଫ ପାହାଡ଼ ତରଳିବାରେ ଲାଗିଛି। ଫଳରେ ଆବଶ୍ୟକ ତାପମାତ୍ରା ଅଭାବ ଏବଂ ଖାଦ୍ୟ ସଙ୍କଟ ଯୋଗୁ ଏଠାରେ ବାସ କରୁଥିବା ତୁଷାର ଭାଲୁ ସ୍ଥାନାନ୍ତର ହେବାରେ ଲାଗିଛନ୍ତି। ଖାଦ୍ୟ ତଥା ସୁରକ୍ଷା କାରଣରୁ ଏଠାରେ ଥିବା ଜନବସତିଗୁଡ଼ିକରେ ତୁଷାର ଭାଲୁ ପ୍ରବେଶ କରୁଛନ୍ତି। ରୁଷିଆର ଉତ୍ତର-ପୂର୍ବ ଅଞ୍ଚଳରେ ଥିବା ନୋବାୟା ଜେମଲ୍ୟା ଦ୍ୱୀପ ସମୂହରେ ତୁଷାର ଭାଲୁ ଲୋକଙ୍କ ଘରେ ମଧ୍ୟ ପଶୁଛନ୍ତି। ବିଭିନ୍ନ ପ୍ରଦୂଷଣ ଯୋଗୁ ବାୟୁ ମଣ୍ଡଳରେ ସୂର୍ଯ୍ୟ ରଶ୍ମିରୁ ତାପ ଅବଶୋଷ କରୁଥିବା ଗ୍ରୀନ୍ ହାଉସ୍ ଗ୍ୟାସ୍ ମିଥେନ୍, କାର୍ବନ ଡାଇଅକ୍ସାଇଡ୍, ନାଇଟ୍ରସ୍ ଅକ୍ସାଇଡ୍ ବଢ଼ିବାରେ ଲାଗିଛି।

## ଇତିହାସରେ...

ପ୍ରତିବର୍ଷ ଏପ୍ରିଲ ମାସ ୨୨ ତାରିଖକୁ ପୃଥିବୀ ଦିବସ ବା 'ଆର୍ଥ-ଡେ' ଭାବେ ପାଳନ କରାଯାଉଛି। ୧୯୭୦ ମସିହାରେ ପ୍ରଥମେ ଆର୍ଥ-ଡେ ପାଳନ କରାଯାଇଥିଲା। ପରିବେଶବିତ୍ ତଥା ଆମେରିକା ସିନେଟର ଗେଲର୍ଡ ନେଲସନ ପ୍ରଥମେ ଏହି ଦିବସ ପାଳନ କରିଥିଲେ। ପରେ ୧୯୯୦ ମସିହାରେ ପୃଥିବୀର ୧୪୧ଟି ଦେଶରେ ଏହି ଦିବସ ପାଳନ ପାଇଁ ଯୋଜନା ଆରମ୍ଭ ହୋଇଥିଲା।

# ତରଳୁଛି ବରଫ ପାହାଡ଼

ବିଭିନ୍ନ ପ୍ରଦୂଷଣ ଯୋଗୁ ବିପଦ ମାଡି ଆସୁଛି। ମେରୁ ଅଞ୍ଚଳରେ ଥିବା ବରଫ ପାହାଡ଼ ତରଳିବାରେ ଲାଗିଛି। ଏହାଦ୍ୱାରା ବିଭିନ୍ନ ମହାସାଗର ତଥା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ସୁମେରୁ ତୁଷାରହୀନ ହେବାର ଆଶଙ୍କା ବଢ଼ିବାରେ ଲାଗିଛି। ପ୍ରାୟ ୧ ଲକ୍ଷ ବର୍ଷ ପରେ ଏମିତି ଘଟଣା ଘଟିବାକୁ ଯାଉଛି ବୋଲି ପରିବେଶବିଜ୍ଞାନୀ ମତ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ ଯୋଗୁଁ ଏପରି ହେଉଥିବା କୁହାଯାଉଛି। ସୁମେରୁ ତୁଷାରହୀନ ହେଲେ ପୃଥିବୀର ତାପମାତ୍ରା ମଧ୍ୟ ବଢ଼ିଯିବ। ଏବେ ସୁମେରୁର ବରଫହୀନ କେତେକ ଅଞ୍ଚଳରେ ସବୁଜ ଶୈବାଳ ଦେଖାଯାଉଛି। ଏହା ଏକ ବିପଜ୍ଜନକ ପରିସ୍ଥିତିର ପୂର୍ବାଭାସ ଦେଉଛି। ଉପଗ୍ରହ ପଠାଇଥିବା ଚିତ୍ର ଅନୁସାରେ ଆମେରିକାର ରାଷ୍ଟ୍ରୀୟ ତୁଷାର ଓ ବରଫ ତଥ୍ୟ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ସମ୍ପ୍ରତି ସୁମେରୁ ଠାରେ ୧୧.୧ ନିୟୁତ ବର୍ଗ କିମିର ଭାସମାନ ବରଫ ପାହାଡ଼ ରହିଛି। ଏହା ଗତ ୩୦ ବର୍ଷର ହାରାହାରି ପରିମାଣଠାରୁ ପ୍ରାୟ ୧.୫ ନିୟୁତ ବର୍ଗ କିମି କମ। ଗତ ୩୦ ବର୍ଷ ତଳେ ହାରାହାରି ଭାସମାନ ହିମ ପାହାଡ଼ ପରିମାଣ ୧୨.୭ ନିୟୁତ ବର୍ଗ କିମି ଥିଲା। ରୁଷିଆର ଉତ୍ତର ଉପକୂଳରେ ଥିବା ସାମୁଦ୍ରିକ ବରଫ ସୁମେରୁ ହିମ ପାହାଡ଼କୁ ସଂରକ୍ଷିତ ରଖିବାରେ ସହାୟତା କରିଥାଏ। ମାତ୍ର ବିଶ୍ୱ ତାପନ ଯୋଗୁ ତାହା ଦ୍ରୁତଗତିରେ କ୍ଷୟ ହେବାରେ ଲାଗିଛି। ବିଶ୍ୱ ତାପନ ଯୋଗୁଁ ସମୁଦ୍ର ତଳେ ବର୍ଷବର୍ଷ ଧରି ବରଫ ଅବସ୍ଥାରେ ରହିଥିବା ଗ୍ରୀନ୍ ହାଉସ୍ ଗ୍ୟାସ୍ ମିଥେନ ପୁଣି ଗ୍ୟାସ ଅବସ୍ଥାକୁ ଫେରି ସମୁଦ୍ର ଉପରି ଭାଗକୁ ବୁଦ୍‌ବୁଦ୍ ହୋଇ ଫୋଟକା ଭାବେ ଉଠୁଥିବା ପରିବେଶ୍‌ବିତ୍ ଅନୁଧ୍ୟାନ କରିଛନ୍ତି। ଫଳରେ ଜଳର ଉପରି ଭାଗରେ ଥିବା ଭାସମାନ ହିମ ପାହାଡ଼ ତରଳିବାରେ ଲାଗିଛି। ଏହି ପ୍ରକ୍ରିୟା ଜାରି ରହିଲେ ଆଗାମୀ ୧୦ ବର୍ଷ ମଧ୍ୟରେ ବିଶ୍ୱ ତାପମାନ ୧ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ଆଶଙ୍କା ରହିଛି। ସାମୁଦ୍ରିକ ବରଫ ଯୋଗୁଁ ପୃଥିବୀର ଏହି ଅଞ୍ଚଳ ଧଳା ଦେଖାଯାଏ। ଏହା ସୂର୍ଯ୍ୟ କିରଣକୁ ସ୍କାଟରିଂ କରିବାରେ ସହାୟତା ମଧ୍ୟ କରିଥାଏ। ମାତ୍ର ପ୍ରଦୂଷଣ ଯୋଗୁ ଧୀରେଧୀରେ ପୃଥ୍ୱୀର ଏହି ଅଂଶ କଳା ରଙ୍ଗ ଧାରଣ କରିବ। ଫଳରେ ପୃଥିବୀ ପୃଷ୍ଠରେ ଥିବା ମହାସାଗର ଅଧିକ ମାତ୍ରା ଅବଶୋଷ କରିବ। ଏହା ଯୋଗୁ ମଧ୍ୟ ଭାସମାନ ବରଫ ପାହାଡ଼ ଅଧିକ ପରିମାଣରେ ତରଳିବ। ଏହି ଧାରା ଜାରି ରହିଲେ ୨୦୫୦ ସୁଦ୍ଧା ସୁମେରୁ ବରଫ ଶୂନ୍ୟ ହେବାର ଆଶଙ୍କା ଦେଖାଦେଇଛି। ଗତ ବର୍ଷ ଜାନୁଆରୀ ମାସରେ ସୁମେରୁ ଅଂଚଳରେ ସବୁଠୁଁ କମ ବରଫ ଥିଲା। ଫେବୃଆରୀ, ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ମଧ୍ୟ ଏହି ପରିସ୍ଥିତି ଲାଗି ରହିଥିଲା। ତେଣୁ ଏହା ଏକ ଚିନ୍ତାଜନକ ବିଷୟ ଭାବେ ଉଭା ହୋଇଛି ବୋଲି ପରିବେଶବିତ୍ ମତପୋଷଣ କରିଛନ୍ତି।



ବରଫ ପାହାଡ଼ ତରଳିବାରେ ଯୋଗୁ ସମୁଦ୍ର ଜଳସ୍ତର ବଢିଚାଲିଛି। ଏହା ଜାରି ରହିଲେ ଆସନ୍ତା ୨୦୩୦ ସୁଦ୍ଧା ବମ୍ବେ, ବ୍ୟାଙ୍କକ, ଜାକର୍ତ୍ତା, ମାନିଲା ସମେତ ଅନେକ ସହର ଜଳମଗ୍ନ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ବ୍ୟାଙ୍କକ ସହର ଅଧିକ କ୍ଷତିଗ୍ରସ୍ତ ହେବ ବୋଲି କୁହାଯାଉଛି। ୧୨ ବର୍ଷ ପରେ ଏହି ସହରର ପ୍ରାୟ ୪୦ ପ୍ରତିଶତ ଅଂଶ ଜଳମଗ୍ନ ହେବାର ଆଶଙ୍କା ରହିଛି। ଗ୍ରୀନ୍ପିସ ପକ୍ଷରୁ କରାଯାଇଥିବା ଏକ ସର୍ଭେ ଅନୁସାରେ ପ୍ରତିବର୍ଷ ବ୍ୟାଙ୍କକ ସହରର ୨ରୁ୩ ସେମି ଅଂଶ ବୁଡ଼ିବାରେ ଲାଗିଛି। ସମୁଦ୍ର ଜଳସ୍ତର ବୃଦ୍ଧି ଦକ୍ଷିଣ ଏସିଆର ଅନେକ ସହର ପାଇଁ ମଧ୍ୟ ବିପଦ ସୃଷ୍ଟି କରିବାରେ ଲାଗିଛି ବୋଲି ପରିବେଶବିଜ୍ଞାନୀ ସୂଚନା ଦେଇଛନ୍ତି।

# ଆଉ ଅଧିକ ବୋଝ ଦେବା ନାହିଁ

**ଇଂ. ମାୟାଧର ସ୍ୱାଇଁ**

ବିଶ୍ୱରେ ପୃଥିବୀର ସ୍ଥାନ ହେଉଛି ଅନନ୍ୟ। ସମଗ୍ର ବିଶ୍ୱରେ ଅନେକ ଗାଲାକ୍ସି, ନକ୍ଷତ୍ର, ଗ୍ରହ, ଉପଗ୍ରହ ଥିଲେ ସୁଦ୍ଧା କେବଳ ଆମ ପୃଥିବୀରେ ଜୀବଜଗତ ଗଢ଼ି ଉଠିଛି। ଅନ୍ୟ କେଉଁ ଦୂର ଗ୍ରହରେ ଜୀବଜଗତ ଥାଇପାରେ ବୋଲି ଅନୁମାନ କରାଯାଉଛି, କିନ୍ତୁ ଦୀର୍ଘ ୫୦ବର୍ଷର ଚେଷ୍ଟା ପରେ ମଧ୍ୟ ଆମେମାନେ ତାହାର ସନ୍ଧାନ ପାଇପାରି ନାହୁଁ। ଜୀବଜଗତ ପାଇଁ ଅନୁକୂଳ ସମସ୍ତ ପ୍ରକାର ସୁବିଧା ପୃଥିବୀରେ ଥିବାରୁ ଏଠାରେ ଜୀବଜଗତ ତିଷ୍ଠି ରହିଛି। ସୌରଜଗତର ଅନ୍ୟ ସମସ୍ତ ଗ୍ରହ ସହିତ ପୃଥିବୀ ଆଜକୁ ୪୫୪କୋଟି ବର୍ଷ ତଳେ ସୃଷ୍ଟି ହୋଇଛି। ମାତ୍ର ଏଥିରେ ଜୀବନର ଉଦ୍ଭବ ୩୫୦କୋଟି ବର୍ଷ ପୂର୍ବରୁ ହୋଇଛି। ଜୀବଜଗତ ପାଇଁ ପୃଥିବୀ ନିଜକୁ ଦୀର୍ଘ ବର୍ଷ ଧରି ପ୍ରସ୍ତୁତ କରିଥିଲା। ପୃଥିବୀରେ ମନୁଷ୍ୟର ଉଦ୍ଭବ ୧୫-୨୦ଲକ୍ଷ ବର୍ଷ ପୂର୍ବରୁ ହୋଇଛି ଏବଂ ୨ଲକ୍ଷ ବର୍ଷ ପୂର୍ବରୁ ନବ୍ୟ ମନୁଷ୍ୟର ଆବିର୍ଭାବ ହୋଇଛି। ସଭ୍ୟତାର ଆରମ୍ଭ ମାତ୍ର ୬୦୦୦ ବର୍ଷ ପୂର୍ବରୁ ହୋଇଛି।

ଆଦିମାନବ ଜଙ୍ଗଲରେ ବାସ କରୁଥିଲା ଏବଂ ଜଙ୍ଗଲରୁ ଫଳ, ମୂଳ, ଜୀବଜନ୍ତୁଙ୍କ ମାଂସ ଖାଇ ଓ ନଦୀର ଜଳ ପାନ କରି ବଞ୍ଚୁଥିଲା। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଶିଳ୍ପବିପ୍ଳବ ଆରମ୍ଭ ହେଲା। ଏହାପରେ ମନୁଷ୍ୟ କେବଳ ଖାଇ କରି ବଞ୍ଚି ରହିବାକୁ ଚାହିଁଲା ନାହିଁ; ବରଂ ବଞ୍ଚି ରହି ବିଳାସ ବ୍ୟସନରେ ଜୀବନକୁ ଉପଭୋଗ କରିବା ପାଇଁ ଖାଇବାକୁ ଚାହିଁଲା। ଫଳସ୍ୱରୂପ ପ୍ରକୃତି ଓ ପୃଥିବୀ ଉପରେ ଅଧିକ ଚାପ ପଡ଼ିଲା। ବିକାଶ ନାମରେ ମନୁଷ୍ୟର କାର୍ଯ୍ୟକଳାପ ପରିବେଶର କ୍ଷତି କରିବାକୁ ଲାଗିଲା। ଅବଶ୍ୟ ପୃଥିବୀ ସବୁ ସହିଗଲା। ସେ ହେଉଛି ଆମର ଧରିତ୍ରୀ ମାତା। ତାକୁ 'ସର୍ବଂସହା ଧରିତ୍ରୀ' କୁହାଯାଏ। କିନ୍ତୁ ସହିବାର ଗୋଟିଏ ସୀମା ଅଛି। ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର ବୋଝ ନେବା ଲାଗି ବର୍ତ୍ତମାନ ଧରିତ୍ରୀକୁ କଷ୍ଟ ସହିବାକୁ ପଡୁଛି।

କେତୋଟି ଉଦାହରଣ ଦେଖିବା। ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର କୁପ୍ରଭାବରୁ ପୃଥିବୀର ଜୀବଜଗତକୁ ବାୟୁମଣ୍ଡଳର ଟ୍ରପୋସ୍ଫିୟରରେ ଥିବା ଓଜୋନ୍ ସ୍ତର ରକ୍ଷା କରିଥାଏ। କିନ୍ତୁ ମନୁଷ୍ୟର ବିଳାସବ୍ୟସନ ପାଇଁ ବ୍ୟବହୃତ କେତୋଟି ସାମଗ୍ରୀରୁ ଗ୍ୟାସ ବାହାରି ତାହା ଓଜୋନ୍ ସ୍ତରର ସ୍ଥୂଳତାକୁ ହ୍ରାସ କରିଛି, ଯାହା ଯୋଗୁ ପୃଥିବୀର ଜୀବଜଗତ ପ୍ରତି ବିପଦ ସୃଷ୍ଟି ହୋଇଛି। ପ୍ରକୃତିଦତ୍ତ ନଦୀଜଳ ପାନୀୟ ଭାବେ ଆବହମାନ କାଳରୁ ବ୍ୟବହୃତ ହୋଇ ଆସୁଥିଲା। ଏଣୁ ସମସ୍ତ ପ୍ରାଚୀନ ସଭ୍ୟତା ନଦୀକୂଳରେ ଗଢ଼ି ଉଠିଥିଲା। କିନ୍ତୁ ଆଜି କ'ଣ ହୋଇଛି? ନଦୀଜଳ ପାନୀୟ ଉପଯୋଗୀ ନୁହେଁ। ଏପରି କି ଆମର ପବିତ୍ର ଗଙ୍ଗା ନଦୀର କେତେକ ସ୍ଥାନରେ ଏହା ସ୍ନାନୋପଯୋଗୀ ହୋଇନାହିଁ। ଶିଳ୍ପ ସଭ୍ୟତାର ବିକାଶ ଓ ସହରୀକରଣ ହେଉଛି ଏହାର କାରଣ।

ସାଧାରଣ ଭାବରେ ବର୍ଷକୁ ୧-୫ ଭିତରେ ଜୀବଜାତି ଲୁପ୍ତ ହୋଇଥାଏ। କିନ୍ତୁ ଗତ କିଛିବର୍ଷ ମଧ୍ୟରେ ଏହା ୧୦୦୦-୧୦,୦୦୦ ଗୁଣ ବୃଦ୍ଧି ପାଇଛି, ଯାହା ପରିବେଶବିତ୍‌ମାନଙ୍କର ଚିନ୍ତାର କାରଣ ହୋଇଛି।



ଏସବୁରୁ ଆବର୍ଜନା ଯାଇ ନଦୀରେ ମିଶୁଛି। ଜଳ ପାଇଁ ଆଜି ଚାରିଆଡ଼େ ହାହାକାର ପଡ଼ିଛି। ପୃଥିବୀରେ ପ୍ରଚୁର ଜଳ ଅଛି, କିନ୍ତୁ ଆମେ ଶୋଷରେ ରହୁଛେ!

ପୃଥିବୀ ପ୍ରତି ଅନ୍ୟ ଏକ ବିପଦ ହେଉଛି ଜାଗତିକ ଉଷ୍ଣତା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ। ପୃଥିବୀର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମିଥେନ୍ ଓ ଅନ୍ୟ କେତେକ ସବୁଜଗୃହ ଗ୍ୟାସ୍‌ର ପରିମାଣ ବୃଦ୍ଧି ହେଉଛି ଏହାର କାରଣ। ଆମେ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ପରିତ୍ୟାଗ କରୁ। ସେହିପରି ରୋଷେଇ ପାଇଁ ବ୍ୟବହୃତ କାଠ, କୋଇଲା, ଅଙ୍ଗାର ଆଦିରୁ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ ହୋଇଥାଏ। ପୂର୍ବରୁ ଯେତିକି ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ନିର୍ଗତ ହେଉଥିଲା, ତାହା ବୃକ୍ଷଜଗତ ଶୋଷଣ କରି ନେଉଥିବାରୁ ବାୟୁମଣ୍ଡଳରେ ଏହାର ପରିମାଣ ସମାନ ରହୁଥିଲା, ମାତ୍ର ଶିଳ୍ପ ସଭ୍ୟତା ଆରମ୍ଭ ହେବା ପରେ ଅଧିକ ପରିମାଣର କୋଇଲା, ତୈଳ ଓ ପ୍ରାକୃତିକ ଗ୍ୟାସ ଭଳି ଜୀବାଶ୍ମ ଇନ୍ଧନର ଦହନ ଯୋଗୁ ବାୟୁମଣ୍ଡଳକୁ ଅଧିକ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହେଲା, ଯାହାକୁ ବୃକ୍ଷଜଗତ ଶୋଷଣ କରିପାରିଲା ନାହିଁ। ଅଧିକନ୍ତୁ ଜଙ୍ଗଲ ହ୍ରାସ ଏହାକୁ ଅଧିକ କ୍ରାନ୍ତିକ କରି ଦେଇଛି। ପ୍ଲାଷ୍ଟିକ ପ୍ରଦୂଷଣ, କୃଷିରେ କୀଟନାଶକ ଔଷଧର ବ୍ୟବହାର, ସମୁଦ୍ର ଜଳରେ ଜାହାଜରୁ ତେଲ ମିଶିବା ଆଦି ଧରିତ୍ରୀ ମାତା ପ୍ରତି ଅଭିଶାପ ସଦୃଶ ହୋଇଛି।

ପୃଥିବୀକୁ ଏହିସବୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଜନସଚେତନତା ଆବଶ୍ୟକ। ଏଥିପାଇଁ ୧୯୭୦ ମସିହାରୁ ପ୍ରତ୍ୟେକ ବର୍ଷ ଏପ୍ରିଲ ୨୨ ତାରିଖକୁ 'ଧରିତ୍ରୀ ଦିବସ' ଭାବେ ପାଳନ କରାଯାଉଛି ଏବଂ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଲୋଚନା କରାଯାଉଛି। ଏହି ବର୍ଷର ଆଲୋଚିତ ବିଷୟ ହେଉଛି 'ଆମ ଜୀବଜାତିକୁ ସୁରକ୍ଷା ଦିଅ'। ଧରିତ୍ରୀମାତା କୋଳରେ କୋଟି କୋଟି ଜାତିର ଜୀବ ଅଛନ୍ତି ଏବଂ ଆହୁରି ଅନେକ ଆବିଷ୍କାର ହୋଇନାହିଁ। ଜୀବମାନଙ୍କ ମଧ୍ୟରେ ମନୁଷ୍ୟ ନିଃସନ୍ଦେହ ଭାବେ ହେଉଛି ଶ୍ରେଷ୍ଠ ଓ ଚାଲାକ, କିନ୍ତୁ ଏହାର କାର୍ଯ୍ୟକଳାପ ଯୋଗୁ ପୃଥିବୀ ପୃଷ୍ଠରୁ ଅନେକ ଜାତିର ଜୀବ ଲୋପ ପାଇଲାଣି ଓ ଅନେକ ବିପଦାପନ୍ନ ଅବସ୍ଥାରେ ଅଛନ୍ତି। ଜଙ୍ଗଲ କ୍ଷୟ ଯୋଗୁ ବନ୍ୟ ଜନ୍ତୁମାନଙ୍କର ବାସସ୍ଥାନ ଓ ଖାଦ୍ୟରେ ସମସ୍ୟା ଆସିଛି। ଏହା ସାଙ୍ଗକୁ ଶିକାର ଯୋଗୁ ସେମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଲାଣି। ପୃଥିବୀରେ ଆଜି ବଡ଼ ବଡ଼ ଜୀବ ଯଥା ହାତୀ, ବାଘ, ଜିରାଫ, ତିମି ଆଦିଙ୍କ ସଂଖ୍ୟା ଯଥେଷ୍ଟ ପରିମାଣରେ କମି ଯାଇଛି। ପୂର୍ବରୁ ଗାଁ ଗହଳିରେ ବହୁ ସଂଖ୍ୟାରେ ଦେଖାଯାଉଥିବା କାଉ, ବାଇଚଢେଇ, ଶାଗୁଣା, ଚିଲ ଆଦିଙ୍କୁ ଦେଖିବା ଆଜିକାଲି ବିରଳ ହେଲାଣି। ସେହିପରି ଛୋଟ ଛୋଟ କୀଟ ପତଙ୍ଗ ମଧ୍ୟରେ ଅନେକ ଜାତି ଲୁପ୍ତ ହୋଇଗଲାଣି। ପୃଥିବୀର ଜୀବନ ଜାଲକରେ ପ୍ରତ୍ୟେକ ଜୀବର କିଛି ଭୂମିକା ଅଛି।

ସାଧାରଣ ଭାବରେ ବର୍ଷକୁ ୧-୫ ଭିତରେ ଜୀବଜାତି ଲୁପ୍ତ ହୋଇଥାଏ। କିନ୍ତୁ ଗତ କିଛିବର୍ଷ ମଧ୍ୟରେ ଏହା ୧୦୦୦-୧୦,୦୦୦ ଗୁଣ ବୃଦ୍ଧି ପାଇଛି, ଯାହା ପରିବେଶବିତ୍‌ମାନଙ୍କର ଚିନ୍ତାର କାରଣ ହୋଇଛି। ଏକ ହିସାବରୁ ଜଣାଯାଇଛି ଯେ ଜର୍ମାନୀରେ ଗତ ୨୮ବର୍ଷ ମଧ୍ୟରେ କୀଟପତଙ୍ଗ ସଂଖ୍ୟା ୭୫ ପ୍ରତିଶତ ହ୍ରାସ ପାଇଛି। ଏଗୁଡିକ ମଧ୍ୟରେ ମହୁମାଛି ଅନ୍ତର୍ଗତ, ଯାହା ଉପରେ ୮୦ ପ୍ରତିଶତ ବୃକ୍ଷ ପରାଗ ସଙ୍ଗମ ପାଇଁ ନିର୍ଭର କରିଥାଆନ୍ତି।

ଆଜିର ଧରିତ୍ରୀ ଦିବସରେ ଆମେ ସମସ୍ତେ ପ୍ରତିଜ୍ଞା କରିବା ଯେ ଆମେ ଧରିତ୍ରୀ ମାତା ଉପରେ ଆଉ ଅଧିକ ବୋଝ ଦେବା ନାହିଁ ଏବଂ ଏହାର ସମସ୍ତ ସନ୍ତାନସନ୍ତତିଙ୍କୁ ସୁରକ୍ଷା ଦେବା।

–ଡାଇରେକ୍ଟର, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ : ୯୪୩୮୬୯୩୭୨୪

## ସଂକ୍ଷେପରେ

### ସଂଶୋଧିତ ହେବ ଆଇବିସି ନିୟମ

ନୂଆଦିଲ୍ଲୀ,୨୧-୪: ରଣପ୍ରଦାନକାରୀ ଏବଂ ଗ୍ରହୀତାଙ୍କ ମଧ୍ୟରେ ବର୍ତ୍ତମାନ ଦୃଶ୍ୟପଟରେ ମତପାର୍ଥକ୍ୟ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି)ରେ ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହାକୁ ଆସନ୍ତା ଆର୍ଥିକ ବର୍ଷରୁ ଲାଗୁ କରାଯିବ ବୋଲି ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ) ପକ୍ଷରୁ କୁହାଯାଇଛି। ଆଇବିସି, ୨୦୧୬ରେ ସଂଶୋଧନ ନେଇ ଆଇବିବିଆଇ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କଠାରୁ ମତାମତ ଆହ୍ୱାନ କରିଛି। ନିକଟରେ ସୁପ୍ରିମକୋର୍ଟ ଭାରତୀୟ ରିଜର୍ଭ ବ୍ୟାଙ୍କର ଫେବୃୟାରୀ ୧୨ ସର୍କୁଲାରକୁ ରଦ୍ଦ କରିଦେବା ପରେ ଆଇବିସିରେ ସଂଶୋଧନ ଜରୁରୀ ହୋଇପଡିଛି। ଏହି କାରଣରୁ ଆଇବିବିଆଇ ଭଲ୍ୟୁଣ୍ଟାରୀ ଲିକ୍ୟୁଇଡେଶନ ପ୍ରୋସେସ୍, ୨୦୧୭, ଫାଷ୍ଟ ଟ୍ରାକ୍ କର୍ପୋରେଟ ଇନ୍‌ସଲଭେନ୍ସି ରିଜଲ୍ୟୁଶନ ପ୍ରୋସେସ ରେଗୁଲେଶନ, ୨୦୧୭, ଲିକ୍ୟୁଇଡେଶନ ପ୍ରୋସେସ୍, ୨୦୧୬ ଏବଂ ଇନ୍‌ସଲଭେନ୍ସି ରିଜଲ୍ୟୁଶନ ପ୍ରୋସେସ୍ ଫର୍ କର୍ପୋରେଟ ପର୍ସନ୍ସ, ୨୦୧୬ରେ ସଂଶୋଧନ ପ୍ରସ୍ତାବ ରହିଛି।

### ଅତ୍ୟାଧୁନିକ ହେଲା ୧.୫ ଲକ୍ଷ ପୋଷ୍ଟଅଫିସ



ନୂଆଦିଲ୍ଲୀ,୨୧-୪: ଦେଶର ସର୍ବବୃହତ୍ ଆଇଟି ସେବା କମ୍ପାନୀ ଟାଟା କନସଲଟାନ୍ସି(ଟିସିଏସ୍) ଭାରତୀୟ ପୋଷ୍ଟ ଅଫିସଗୁଡ଼ିକୁ ଆଧୁନିକ କରିବାରେ ବଡ଼ ଭୂମିକା ନେଇଛି। ଏହାର ସହାୟତାରେ ଅଦ୍ୟାବଧି ୧.୫ ଲକ୍ଷ ପୋଷ୍ଟଅଫିସକୁ ଅତ୍ୟାଧୁନିକ କରାଯାଇସାରିଛି। କମ୍ପାନୀ ଏଥିଲାଗି ଏକୀକୃତ ସମାଧାନ ସେବା ଉପଲବ୍ଧ କରାଇଛି। ପୋଷ୍ଟଅଫିସର ୨୦୧୩ରେ ଠିକା ଦିଆଯାଇଥିଲା। ଟିସିଏସ୍ ପକ୍ଷରୁ ଏକ ବିବୃତ୍ତି ଜାରି କରି କୁହାଯାଇଛି, ଟିସିଏସ୍ ପ୍ରଣାଳୀର ଏକୀକରଣ(ସିଏସ୍‌ଆଇ) ସମ୍ପୂର୍ଣ୍ଣ ପରିବର୍ତ୍ତନର କେନ୍ଦ୍ରବିନ୍ଦୁରେ ଥିଲା। ଏଥିରେ ଏକୀକୃତ ଉଦ୍ୟମ(ଏଣ୍ଟରପ୍ରାଇଜ ରିସୋର୍ସ ପ୍ଲାନିଂ)ର ଉପଯୋଗ କରିବାକୁ ସାମିଲ କରାଯାଇଥିଲା। ଏହାଦ୍ୱାରା ଡାକ ସେବା, ଅର୍ଥ, ଆକାଉଣ୍ଟ ତଥା ମାନବ ସମ୍ବଳ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିଥିବା ଟିସିଏସ୍ ପକ୍ଷରୁ ୨୪ ହଜାର ପୋଷ୍ଟଅଫିସରେ ୮୦ ଏଏସ୍ ଅଫ୍ ସେଲ୍(ପିଓଏସ୍) ଟର୍ମିନାଲ ଜରିଆରେ ପିଓଏସ୍ ସମାଧାନକୁ କାର୍ଯ୍ୟକାରୀ କରାଯାଇଥିବା। ଏହାସହିତ ଏକ ୱେବ ପୋର୍ଟାଲ ତିଆରି କରାଯାଇଛି, ଯାହାଦ୍ୱାରା ସାମଗ୍ରୀର ଟ୍ରାକିଂ ସହଜରେ କରାଯାଇପାରିବ। ଏହାଛଡ଼ା ଗ୍ରାହକଙ୍କ ସହାୟତା ଲାଗି ଏକ କଲ୍ ସେଣ୍ଟର ସ୍ଥାପନ କରାଯାଇଛି, ଯାହା କି ବିଭିନ୍ନ ଭାଷାରେ କାମ କରୁଛି।

### ଶୀର୍ଷ ୬ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୯୮,୫୦୨ କୋଟି ବୃଦ୍ଧି

ନୂଆଦିଲ୍ଲୀ,୨୧-୪: ଦେଶର ସବୁଠାରୁ ମୂଲ୍ୟବାନ କମ୍ପାନୀଙ୍କ ମଧ୍ୟରେ ୬ଟିର ବଜାର ପୁଞ୍ଜୀକରଣ ଗତ ସପ୍ତାହରେ ୯୮,୫୦୨.୪୭ କୋଟି ଟଙ୍କା ବଢ଼ିଛି। ଏଥିରୁ ଆଇଟି ସେକ୍ଟରରେ ଅଗ୍ରଣୀ କମ୍ପାନୀ ଟିସିଏସ୍ ସବୁଠାରୁ ଲାଭାନ୍ୱିତ ହୋଇଛି। ଗୁରୁବାର ବନ୍ଦ ପରେ ଲାଭରେ ରହିଥିବା ଅନ୍ୟ କମ୍ପାନୀଗୁଡ଼ିକ ହେଲେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆରଆଇଏଲ), ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏଚ୍‌ୟୁଏଲ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କ ରହିଛି। ଅନ୍ୟପକ୍ଷରେ ଆଇଟିସି, ଏଚ୍‌ଡିଏଫ୍‌ସି, ଇନ୍‌ଫୋସିସ୍ ଏବଂ ଏସ୍‌ବିଆଇର ବଜାର ପୁଞ୍ଜୀକରଣ ହ୍ରାସ ପାଇଛି। ମହାବୀର ଜୟନ୍ତୀ ଏବଂ ଗୁଡ଼ ଫ୍ରାଇଡେ କାରଣରୁ ଷ୍ଟକ୍ ମାର୍କେଟ ବୁଧବାର ଏବଂ ଶୁକ୍ରବାର ବନ୍ଦ ରହିଥିଲା। ଆଲୋଚ୍ୟ ସପ୍ତାହରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବଜାର ପୁଞ୍ଜୀକରଣ ୨୫,୭୫୭.୧୮ କୋଟି ବୃଦ୍ଧି ପାଇ ୮,୬୭,୫୮୫.୮୧ କୋଟି ଟଙ୍କା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୬୮୦୮.୨୬ କୋଟି ବଢ଼ି ୬,୨୩,୬୭୬.୦୬ କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆଇସିଆଇସିଆଇ ବ୍ୟାଙ୍କର ମୂଲ୍ୟ ୬୭୩୯.୫୧ କୋଟି ଟଙ୍କା ବଢ଼ି ୨,୬୨,୦୧୮.୩୭ କୋଟି ଟଙ୍କା ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କର ମୂଲ୍ୟ ୫୯୬୬.୪୪ କୋଟି ଟଙ୍କା ବୃଦ୍ଧି ପାଇ ୨,୭୨,୭୮୯.୪୦ କୋଟି ଟଙ୍କା ହୋଇଛି।

---

> ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ଇଣ୍ଡିଆମାର୍ଟ ୨୯% ହାରରେ ବାର୍ଷିକ ଅଭିବୃଦ୍ଧି ହାସଲ କରିବାର ଲକ୍ଷ୍ୟ ରଖିଛି। କାରଣ ଅଧିକ ସଂଖ୍ୟାରେ ସପ୍ଲାୟର ଏବଂ ସାମଗ୍ରୀ କମ୍ପାନୀର ଇ-କମର୍ସ ପ୍ଲାଟଫର୍ମରେ ଯୋଡି ହେଉଛି।
> – ଦିନେଶ ଅଗ୍ରୱାଲ, ପ୍ରତିଷ୍ଠାତା ତଥା ସିଇଓ, ଇଣ୍ଡିଆମାର୍ଟ



> ଭାରତରୁ ଇଲେକ୍ଟ୍ରିକ ଗାଡ଼ିର ଯନ୍ତ୍ରାଂଶ କିଣିବାକୁ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ବିଚାର କରୁଛି। ଭାରତରେ ଇଲେକ୍ଟ୍ରିକ ଗାଡ଼ି ଲଞ୍ଚ କରିବାର ଯୋଜନା କରୁଛି।
> – ଏସ୍.ଏସ୍. କିମ୍, ଏମ୍‌ଡି, ହ୍ୟୁଣ୍ଡାଇ ଇଣ୍ଡିଆ



## ରଣପ୍ରଦାନକାରୀଙ୍କ 'ପ୍ଲାନ-ବି' ପ୍ରସ୍ତୁତ

# ଆଇବିସି ବଦଳରେ ଡିଆରଟି ଆପଣାଯିବ

ନୂଆଦିଲ୍ଲୀ,୨୧-୪

ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜର ଅଂଶଧନ ବିକ୍ରି କରି ବକେୟା ଋଣ ଆଦାୟ ଲାଗି ଉଦ୍ୟମ କରୁଥିବା ଏସ୍‌ବିଆଇ ନେତୃତ୍ୱାଧୀନ ରଣପ୍ରଦାନକାରୀ ବିଡ୍ ପ୍ରକ୍ରିୟା ଆହ୍ୱାନ କରିଛନ୍ତି। ତେବେ ଏହା ସଫଳ ନ ହେଲେ ସେମାନେ ଏଥିପାଇଁ ପ୍ଲାନ-ବି ପ୍ରସ୍ତୁତ କରିଛନ୍ତି। ଦେବାଳିଆ ସମାଧାନ ପ୍ରକ୍ରିୟା(ଆଇବିସି) ବାହାରେ



ମାମଲାର ସମାଧାନ କରିବାକୁ ଡିଆରଟି(ଡେବ୍ଟ ରିକଭରୀ ଟ୍ରିବ୍ୟୁନାଲ) ଆପଣାଇବାକୁ ସେମାନେ ପ୍ରସ୍ତୁତ ହେଲେଣି। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ, ଜେଟ୍‌ର ଅଂଶଧନ ବିକ୍ରି କରିବା ଲାଗି ଯଥାସମ୍ଭବ ପ୍ରୟାସ କରାଯାଉଛି। ତେବେ ଡିଆରଟି ସେମାନଙ୍କ ପାଇଁ ଶେଷ ବିକଳ୍ପ କୁହାଯାଉଛି। ବ୍ୟାଙ୍କିଙ୍ଗ ଶିଳ୍ପ ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଡିଆରଟି ଏକ ସାମାନ୍ୟ ଋଣ ଅସୁଲ ପ୍ରକ୍ରିୟା। କମ୍ପାନୀ ନିକଟରେ ଥିବା ୧୬ ବିମାନ ଏବଂ କିଛି ସମ୍ପତ୍ତି ପୂର୍ବରୁ ହିଁ ବନ୍ଧା ପଡ଼ିଛି। ତେବେ ଡିଆରଟି ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସଂସ୍ଥାକୁ ନିଜ ଋଣଦାତାଙ୍କଠାରୁ ଋଣ ଅସୁଲ କରିବାରେ ସହାୟତା କରିଥାଏ। ବକେୟା ଅସୁଲ ଲାଗି ଜେଟ୍ ଏୟାରୱେଜକୁ ଏନ୍‌ସିଏଲ୍‌ଟି ହାତରେ ଟେକି ଦେବାକୁ ରଣପ୍ରଦାନକାରୀ ଇଚ୍ଛୁକ ଥିବା ପୂର୍ବରୁ କୁହାଯାଉଥିଲା। ବର୍ତ୍ତମାନ ଜେଟ୍ ଉପରେ ପ୍ରାୟ ୮୫୦୦ କୋଟି ଟଙ୍କାର ଋଣ ରହିଛି। ବ୍ୟାଙ୍କ ଦ୍ୱାରା ଜରୁରୀ ପାଣ୍ଠି ଯୋଗାଣ ନ ହେବାରୁ କମ୍ପାନୀ ନିଜ କାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଡିଆରଟି ମାଧ୍ୟମରେ ଜେଟ୍‌ର ବିମାନ ଓ ଅନ୍ୟ ସମ୍ପତ୍ତି ବିକ୍ରିରୁ ଉଚିତ୍ ମୂଲ୍ୟ ମିଳିବାର ସମ୍ଭାବନା ରହିଛି। ୪ଟି କମ୍ପାନୀ ଏତିହାଦ ଏୟାରୱେଜ, ଟିପିଜି କ୍ୟାପିଟାଲ, ଇଣ୍ଡିଗୋ ପାର୍ଟନର୍ସ ଏବଂ ରାଷ୍ଟ୍ରୀୟ ନିବେଶ ଏବଂ ଭିତ୍ତିଭୂମି ଢାଞ୍ଚା ପାଣ୍ଠି(ଏନ୍‌ଆଇଆଇଏଫ୍) ଜେଟ୍‌ର ଅଂଶଧନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରାରମ୍ଭିକ ନିଲାମଧାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ତଥ୍ୟ ମେ ୧୦ରେ ମିଳିବ।

### ରିଫଣ୍ଡ ବାବଦରେ ଫସିଛି ୩,୫୦୦ କୋଟି

ଜେଟ ଏୟାରୱେଜରେ ଅଗ୍ରିମ ବୁକିଂ କରି ଗ୍ରାହକମାନେ ଫସି ଯାଇଛନ୍ତି। ଏହା ଦ୍ୱାରା କମ୍ପାନୀ ନିକଟରେ ପ୍ରାୟ ୩,୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ଫସି ରହିଛି। ଏହା କେବେ ଗ୍ରାହକମାନେ ଫେରି ପାଇବେ ସେ ନେଇ କୌଣସି ଠିକ୍ ଠିକଣା ନାହିଁ। ଅପରପକ୍ଷରେ ସମାନ ଡେଷ୍ଟିନେଶନ ଲାଗି ଯାତ୍ରୀ ଅନ୍ୟ ବିମାନ କମ୍ପାନୀରେ ଅଧିକ ଦରରେ ଟିକେଟ କାଟିବାକୁ ପଡୁଛି। ଅର୍ଥାତ୍ ଯାତ୍ରୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇଛନ୍ତି। କମ୍ପାନୀ ପୁଣି ଥରେ ଚାଲିଲେ ଗ୍ରାହକ ସେମାନଙ୍କ ରିଫଣ୍ଡ ଅର୍ଥ ପୁଣି ଥରେ ଫେରି ପାଇବେ ବୋଲି ଶୁଣା ଯାଉଛି। ଅପରପକ୍ଷରେ ଯଦି ନିଲାମ ପ୍ରକ୍ରିୟା ସମ୍ପନ୍ନ ହୁଏ ତେବେ ଅଂଶଧନ ବିକ୍ରି ବାବଦ ମିଳୁଥିବା ଅର୍ଥ ଯାତ୍ରୀଙ୍କ ରିଫଣ୍ଡ ବାବଦରେ ପ୍ରଦାନ କରାଯାଇ ପାରେ ବୋଲି ଆଲୋଚନା ହେଉଛି।

### ସ୍ପାଇସଜେଟ୍, ଏୟାର ଇଣ୍ଡିଆ ଉଡ଼ାଇବେ ଜେଟ୍‌ର ବିମାନ

ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ପରେ ଏହାର ୪୦ରୁ ୪୫ ବିମାନ ଉଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ସ୍ପାଇସଜେଟ୍ ଏବଂ ଏୟାର ଇଣ୍ଡିଆ ଏଥିପାଇଁ ରାଜି ହୋଇଛନ୍ତି। ସମ୍ଭବତଃ ଆସନ୍ତା ମଙ୍ଗଳବାରରୁ ଏୟାର ଇଣ୍ଡିଆର ବିମାନ ଉଡ଼ିବାର ସମ୍ଭାବନା ରହିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସ୍ପାଇସଜେଟ ୩୦ରୁ ୪୦ ଜେଟ୍ ବିମାନ ଉଡ଼ାଇବାକୁ ସ୍ଥିର କରିଥିବା ବେଳେ ଏୟାର ଇଣ୍ଡିଆ ୫ ବୋଇଂ ୭୭୭ ଏବଂ ବି୭୩୭ ବିମାନ ଉଡ଼ାଇବାକୁ ଆଗ୍ରହ ପ୍ରକାଶ କରିଛି। ଆସନ୍ତା ୧୦ ଦିନ ଭିତରେ ଉକ୍ତ ବିମାନ ଉଡ଼ାଣ ଆରମ୍ଭ କରିବ। ଏହା ହେଲେ ଜେଟ୍‌ର ବହୁ କର୍ମଚାରୀ, କ୍ରୁ ମେମ୍ବରଙ୍କୁ କାମ ମିଳିବ ଏବଂ ବିମାନ ଭଡ଼ାରେ କିଛି ମାତ୍ରାରେ ସ୍ଥିରତା ଆସିବ। ପ୍ରାଥମିକ ସ୍ତରରେ କେବଳ ଘରୋଇ ରୁଟ୍‌ରେ ଏହି ବିମାନକୁ ଉଡାଯିବ। ଏହାପରେ ଲଣ୍ଡନ, ଦୁବାଇ ଓ ସିଙ୍ଗାପୁର ରୁଟ୍‌ରେ ବି୭୭୭ ବିମାନ ଉଡ଼ିବା ମାତ୍ରେ ଅନ୍ତରାଷ୍ଟ୍ରୀୟ ରୁଟ୍‌ରେ ମଧ୍ୟ ଭଡ଼ାରେ କମିବା ଆରମ୍ଭ କରିବ। ଜେଟ୍‌ର ବିକ୍ରି ପ୍ରକ୍ରିୟା ସଫଳ ହେଲେ ପୁନର୍ବାର ଜୋରସୋରରେ ବିମାନ ଉଡ଼ିବା ଆରମ୍ଭ ହେବ।

### ସମସ୍ୟା ଉପରେ ଧ୍ୟାନ ଦେବାକୁ ଅର୍ଥମନ୍ତ୍ରୀଙ୍କ ପ୍ରତିଶ୍ରୁତି: ସିଇଓ

ଜେଟ୍ ଏୟାରୱେଜ ସାମ୍ନା କରୁଥିବା ସମସ୍ୟା ଉପରେ ଧ୍ୟାନ ରଖାଯିବ ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ ପ୍ରତିଶ୍ରୁତି ଦେଇଥିବା କମ୍ପାନୀର ସିଇଓ ବିନୟ ଦୁବେ ଶନିବାର କହିଛନ୍ତି। ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ସୁଧୀର ମୁନଗାଣ୍ଟିୱାର, ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା, କମ୍ପାନୀର ସିଏଫ୍‌ଓ ଅମିତ ଅଗ୍ରୱାଲ , ସିଇଓ ଦୁବେଙ୍କ ସମେତ ଜେଟ୍‌ର ଅନ୍ୟ କର୍ମଚାରୀମାନେ ଜେଟଲୀଙ୍କୁ ଭେଟିଥିଲେ। କର୍ମଚାରୀଙ୍କୁ ବିମାନ କମ୍ପାନୀ ସହ ଜଡ଼ିତ କରି ରଖିବା ଲାଗି ଅନ୍ତତଃ ପକ୍ଷେ ଗୋଟିଏ ମାସର ବେତନ ପ୍ରଦାନ କରିବା ଉପରେ ଦୁବେ ଗୁରୁତ୍ୱାରୋପ କରିଛନ୍ତି।

### ବିମାନ କମ୍ପାନୀକୁ ବୁଡିବାକୁ ଦେବୁନି: କର୍ମଚାରୀ ସଂଘ

ଜେଟ୍ ବିମାନ କମ୍ପାନୀକୁ ବୁଡିବାକୁ ଦେବୁ ନାହିଁ ବୋଲି ଜେଟ୍ କର୍ମଚାରୀ ସଂଘ ରବିବାର କହିଛି। ସେହିଭଳି ବିମାନ କମ୍ପାନୀକୁ ବୁଡିବା ଭଳି କୌଣସି ସ୍ଥିତି କିମ୍ବା କଥାବାର୍ତ୍ତାକୁ ମଧ୍ୟ ବରଦାସ୍ତ କରାଯିବ ନାହିଁ ବୋଲି ସଂଘ ଚେତାଇ ଦେଇଛି। ଜେଟ୍‌ର ଯୋଗ୍ୟ କର୍ମଚାରୀଙ୍କୁ ବିମାନ ଶିଳ୍ପରେ ଅନ୍ୟ କମ୍ପାନୀରେ ନିଯୁକ୍ତି ମିଳିଯିବ ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନ୍ତବ୍ୟ ଦେବା ପରେ ସଂଘ ଏଭଳି ପ୍ରତିକ୍ରିୟା ରଖିଥିବା ଜଣା ପଡିଛି। ବିମାନ କମ୍ପାନୀରେ ୧୬ରୁ ୨୦ ହଜାର ଧରି କାର୍ଯ୍ୟ କରିଥିବାରୁ ଏହାର ଉତ୍ଥାନ ଏବଂ ଅବନତିର ସହ ସାମିଲ ଥିବା କର୍ମଚାରୀ ମାନେ କହିଛନ୍ତି। ଏଣୁ କେନ୍ଦ୍ରମନ୍ତ୍ରୀ ବେପାରୁଆ ଢଙ୍ଗରେ ଏଭଳି ମନ୍ତବ୍ୟ ଦେବାକୁ ସଂଘ ନାପସନ୍ଦ କରିଛି। ଅପରପକ୍ଷରେ କମ୍ପାନୀକୁ ଘରୋଇକରଣ କରିଦେବା ସମସ୍ୟାର ପ୍ରକୃତ ସମାଧାନ ନୁହେଁ ବୋଲି ଏୟାର ଇଣ୍ଡିଆ କର୍ମଚାରୀ ସଂଘର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ୧ଲକ୍ଷ କୋଟି ଟପିବ ଜନଧନ ଜମା

ନୂଆଦିଲ୍ଲୀ,୨୧-୪

ଜନଧନ ଯୋଜନା ଅଧୀନରେ ଖୋଲାଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ ଜମା ରାଶି ଖୁବଶୀଘ୍ର ୧ ଲକ୍ଷ କୋଟି ଟଙ୍କା ପାର୍ କରିଯିବ ବୋଲି ଆଶା କରାଯାଉଛି। ମୋଦି ସରକାରଙ୍କ ଅମଳରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଜମାରାଶି ପରିମାଣ ଦିନକୁ ଦିନ ବଢ଼ିବାରେ ଲାଗିଛି ଓ ଏହା ଏପ୍ରିଲ ୩ ତାରିଖ ସୁଦ୍ଧା ୯୭,୬୬୫,୬୬ କୋଟି ଟଙ୍କାରେ ପହଞ୍ଚଯାଇଛି। ଅନ୍ୟପକ୍ଷରେ ଜନଧନ ଆକାଉଣ୍ଟ ସଂଖ୍ୟା ୩୫.୩୯ କୋଟି ହୋଇଥିବା ବେଳେ ମାର୍ଚ୍ଚ ୨୭ ସୁଦ୍ଧା ଏଥିରେ ଜମା ରାଶିର ପରିମାଣ ୯୬,୧୦୭.୩୫ କୋଟି ଟଙ୍କା ଥିଲା। ଏହାର ସପ୍ତାହକ ପୂର୍ବରୁ ଏହା ୯୫,୩୮୨.୧୪ କୋଟି ଟଙ୍କା ରହିଥିଲା ବୋଲି ଜଣାପଡ଼ିଛି। ଅଦ୍ୟାବଧି ୨୭.୮୯ କୋଟି ଆକାଉଣ୍ଟଧାରୀଙ୍କୁ ରୁପେ ଡେବିଟ କାର୍ଡ ଜାରି କରାଯାଇଛି। ଉଲ୍ଲେଖଥାଉ କି, ୨୦୧୪ ଅଗଷ୍ଟ ୨୮ରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆରମ୍ଭ କରାଯାଇଥିଲା। ସମସ୍ତ ପରିବାରକୁ ବ୍ୟାଙ୍କ ସହିତ ଯୋଡିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଯୋଜନାର ସଫଳତାରେ ଉତ୍ସାହିତ କେନ୍ଦ୍ର ସରକାର ୨୦୧୮ ଅଗଷ୍ଟରେ ନୂଆ ଆକାଉଣ୍ଟଧାରୀଙ୍କୁ ୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ରାଶିକୁ ଦ୍ୱିଗୁଣିତ କରିଥିଲେ। ଏହାସହିତ ଓଭରଡ୍ରାଫ୍ଟ ସୁବିଧାକୁ ବଢ଼ାଇ ୧୦ ହଜାର ଟଙ୍କା କରାଯାଇଥିଲା। ମୋଟ ଜନଧନ ଆକାଉଣ୍ଟ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ମହିଳାଙ୍କ ନାମରେ ରହିଛି। ସେହିପରି ୫୯ ପ୍ରତିଶତ ଆକାଉଣ୍ଟ ଗ୍ରାମାଞ୍ଚଳରେ ଏବଂ ଅର୍ଦ୍ଧ ସହରାଞ୍ଚଳରେ ଖୋଲାଯାଇଛି ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।




### ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ
## ଅଣଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିର ତାଲିକା ପ୍ରସ୍ତୁତ କର

ନୂଆଦିଲ୍ଲୀ,୨୧-୪

କେନ୍ଦ୍ର ସରକାରଙ୍କ ଅଧୀନ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏହି ଉଦ୍ୟୋଗଗୁଡ଼ିକ ସେମାନଙ୍କ ଅଣଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଚିହ୍ନଟ କରି ଏକ ତାଲିକା ପ୍ରସ୍ତୁତ କରିବାକୁ ଅର୍ଥ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଅଣ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିଗୁଡ଼ିକୁ ତୁରନ୍ତ ବିକ୍ରି କରିଦେବା ଲାଗି ସରକାର ସମ୍ପୃକ୍ତ ବିଭାଗମାନଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। କେନ୍ଦ୍ରୀୟ ଉଦ୍ୟୋଗଗୁଡ଼ିକ ସେମାନଙ୍କ ଅଣଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିରୁ ଦୁଇଟି ମାର୍ଗରେ ଦୂରେଇ ଯାଇପାରିବେ। ସେମାନେ ଏହାକୁ ସେଣ୍ଟ୍ରାଲ ପବ୍ଲିକ ସେକ୍ଟର ଉଦ୍ୟୋଗ(ସିପିଏସ୍‌ଇ)କୁ ପ୍ରଦାନ କରିପାରିବେ ଅଥବା ସମ୍ପତ୍ତି ବିକ୍ରି କରି ଅର୍ଥକୁ ଏସକ୍ରୋ ଆକାଉଣ୍ଟକୁ ସ୍ଥାନାନ୍ତର କରିବେ। ସୂଚନାଥାଉ କି, କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାର କରିବାକୁ ଥିବା ୩୫ଟି କେନ୍ଦ୍ରୀୟ ଉଦ୍ୟୋଗକୁ ଚିହ୍ନଟ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ଏୟାର ଇଣ୍ଡିଆ, ପବନ ହଂସ, ବିଇଏମ୍‌ଏଲ୍, ସ୍କୁଟର୍ସ ଇଣ୍ଡିଆ, ଭାରତ ପମ୍ପସ କମ୍ପ୍ରେସର୍ସ, ଭଦ୍ରାବତୀ, ସେଲ୍ ଅଧୀନ ସାଲେମ ଏବଂ ଦୁର୍ଗାପୁର ୟୁନିଟ ରହିଛି।

## ୫ ବର୍ଷରେ ସାରିବାକୁ ହେବ ଆର୍ଥିକ ସଂସ୍କାର: ପାନଗାରିୟା

ନ୍ୟୁୟର୍କ,୨୧-୪



ଭାରତରେ ଭାରି ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ହେଲେ ଗଭୀର ଶ୍ରମ ବିକାଶ ପ୍ରତି ଧ୍ୟାନ ଦେବାକୁ ହେବ। ସରକାରୀ ବ୍ୟାଙ୍କଗୁଡ଼ିକର ଘରୋଇକରଣ କରିବା ସହିତ ଆଗାମୀ ୫ ବର୍ଷ ମଧ୍ୟରେ ଆର୍ଥିକ ସଂସ୍କାର ପ୍ରକ୍ରିୟାକୁ ପୂର୍ଣ୍ଣ କରିବାକୁ ହେବ ବୋଲି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ୨୦୧୫ ଜାନୁୟାରୀରୁ ୨୦୧୭ ଅଗଷ୍ଟ ପର୍ଯ୍ୟନ୍ତ ନୀତି ଆୟୋଗର ଉପାଧ୍ୟକ୍ଷ ରହିଥିବା ପାନଗାରିୟାଙ୍କୁ ସାଧାରଣ ନିର୍ବାଚନ ପରେ ଭାରତରେ ନୂଆ ସରକାରଙ୍କ ପ୍ରାଥମିକତା କ'ଣ ହେବା ଉଚିତ୍ ବୋଲି ପ୍ରଶ୍ନ ହେବାରୁ ସେ ଉକ୍ତ ମତବ୍ୟ ଦେଇଛନ୍ତି। କଲମ୍ବିଆ ବିଶ୍ୱବିଦ୍ୟାଳୟର ରାଜ ସେଣ୍ଟର ଅନ୍ ଇଣ୍ଡିଆନ ଇକୋନୋମିକ ପଲିସିରେ ନିର୍ଦ୍ଦେଶକ ରହିଥିବା ପାନଗାରିୟା କହିଛନ୍ତି ଯେ, ବ୍ୟକ୍ତିଗତ ଭାବେ ତାଙ୍କର ମତଦେଉଛି, ଭାରତକୁ ଆସନ୍ତା ୫ ବର୍ଷ ମଧ୍ୟରେ ଆର୍ଥିକ ସଂସ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉଚିତ ହେବ। ସୂଚନାଥାଉ କି, କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଆଣ୍ଡ ପବ୍ଲିକ ଆଫେୟାର୍ସରେ ଦୀପକ ଏବଂ ନୀରଜ ରାଜ ସେଣ୍ଟରର ନୀତି ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିବା ତଥା ଗବେଷଣା ପାଇଁ ପ୍ରସିଦ୍ଧ। ଏହି ଭାରତର ସମୃଦ୍ଧି ବୃଦ୍ଧିରେ ସହାୟତା କରିବା ସହ ବିଶ୍ୱ ଅର୍ଥନୀତିରେ ଭାରତର ଭୂମିକା ନିର୍ଦ୍ଧାରଣ କରିଥାଏ। ପ୍ରାଥମିକ କ୍ଷେତ୍ର ଗୁଡ଼ିକ ଉପରେ ମାର୍ଗଦର୍ଶନ କରି ପାନଗାରିୟା କହିଛନ୍ତି ଯେ, ଭାରତକୁ ଅଧିକ ମାତ୍ରାରେ ନିଯୁକ୍ତି ସୃଷ୍ଟି କରିବା ଲାଗି ବିଶେଷ କରି ଶ୍ରମ ସୃଷ୍ଟିକାରୀ କ୍ଷେତ୍ର ଯେପରିକି ଆପାରେଲ, ଫୁଟ୍‌ୱେର, ଫର୍ନିଚର, କିଚେନୱେୟାର ଏବଂ ଅନ୍ୟ ଲାଇଟ ମାନୁଫାକଚରିଂ ପ୍ରତି ଧ୍ୟାନ ଦେବାକୁ ହେବ।

## ପୁଞ୍ଜିବଜାର ଉପରେ ବିଦେଶୀ ନିବେଶକଙ୍କ ଭରସା

ନୂଆଦିଲ୍ଲୀ,୨୧-୪

ଭାରତୀୟ ପୁଞ୍ଜି ବଜାର ଉପରେ ବିଦେଶୀ ନିବେଶକଙ୍କ ଭରସା ବଢ଼ୁଛି। ପ୍ରଭାବିତ ବିଶ୍ୱ ବଜାର ସ୍ଥିତିରେ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରେ ଚଳିତ ମାସର ବର୍ତ୍ତମାନ ସମୟ ସୁଦ୍ଧା ୧୧,୦୧୨ କୋଟି ଟଙ୍କା ନିବେଶ କରିଥିବା ବଜାର ସୂତ୍ରରୁ ଜଣାପଡ଼ିଛି। ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମାନେ ଫେବୃୟାରୀରେ ମୋଟ ୧୧,୧୮୨ କୋଟି ଟଙ୍କା ନିବେଶ କରିଥିବା ବେଳେ ଏହା ମାର୍ଚ୍ଚରେ ୪୫,୯୮୧ କୋଟି ଟଙ୍କା ରହିଥିଲା। ଜାନୁୟାରୀରେ ଉଭୟ ଡେଟ୍ ଏବଂ ଇକ୍ୱିଟି ବାବଦରୁ ଏହି ନିବେଶକମାନେ ୫,୩୬୦ କୋଟି ଟଙ୍କାର ପୁଞ୍ଜି କାଢ଼ି ନେଇଥିଲେ।



■ ଗତ ତିନି ମାସ ଧରି ନିବେଶରେ ଉନ୍ନତି
■ ଏପ୍ରିଲରେ ନିବେଶ ହୋଇଛି ୧୧,୦୧୨ କୋଟି

ଏପ୍ରିଲ ୧ରୁ ୧୨ ମଧ୍ୟରେ ଏଫ୍‌ପିଆଇ ମାନେ ୧୪,୩୦୦,୨୨ କୋଟି ଟଙ୍କା ପୁଞ୍ଜି ନିବେଶ କରିଥିବା ବେଳେ ଡେବ୍ଟ ବଜାରରୁ ୩,୨୮୮ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ଏହାକୁ ଧରିଲେ ଏମାନଙ୍କ ପକ୍ଷରୁ ମୋଟ୍ ନେଟ୍ ନିବେଶ ୧୧,୦୧୨ କୋଟି ଟଙ୍କା ରହିଥିବା ଷ୍ଟକ ବଜାର ଡିପୋଜିଟୋରୀ ତଥ୍ୟରୁ ଏହା ସାମ୍ନାକୁ ଆସିଛି। ନିର୍ବାଚନ ପରବର୍ତ୍ତୀ ସମୟରେ ଏକ ସ୍ଥିର ସରକାର ଆସିବା ନେଇ ନିବେଶକମାନେ ବେଶ ଆଶାବାଦୀ ଥିବା ଗ୍ରୋଥଭ୍ୟୁ ନାମକ ନିବେଶ ସଂସ୍ଥା ଆନାଲିଷ୍ଟ ହରିଶ ଜୈନ କହିଛନ୍ତି। ଭାରତ ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଏହାକୁ ଧ୍ୟାନରେ ରଖି ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରେ ଅମିତ ଧାରା ଜାରି ରଖିଥିବା ମର୍ଣ୍ଣିଷ୍ଟାରର ବରିଷ୍ଠ ଆନାଲିଷ୍ଟ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି। ୨୦୧୮ରେ ବଜାରରୁଡ଼ି ସତ୍ତ୍ୱେ ଭାରତ ଭଲ ପ୍ରଦର୍ଶନ କରୁଥିବା ସେ କହିଛନ୍ତି। ଚଳିତ ବର୍ଷ ଏଥିରେ ଉନ୍ନତି ପରିଲକ୍ଷିତ ହୋଇଛି। ଭାରତୀୟ ବଜାରରେ ଏହି ଧାରା ଲାଗି ରହିବ ବୋଲି ଶ୍ରୀବାସ୍ତବ କହିଛନ୍ତି।

## ଆପୋଲୋରେ ଏଏସ୍‌ଏର ସଫଳ ଚିକିତ୍ସା

ଭୁବନେଶ୍ୱର,୨୧-୪

ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର କାର୍ଡିଆକ୍ ସାଇନ୍ସ ବିଭାଗ ପକ୍ଷରୁ ଆଲ୍‌କୋହଲ ସେପ୍ଟାଲ ଆବ୍‌ଲେଶନ (ଏଏସ୍‌ଏ) ପଦ୍ଧତିରେ ସଫଳ ଚିକିତ୍ସା କରାଯାଇଛି। ଗତ ଦୁଇ ମାସ ଧରି ହାର୍ଟରେ ସମସ୍ୟା ଭୋଗୁଥିବା ଜଣେ ୩୫ ବର୍ଷ ବୟସ୍କ ରୋଗୀଙ୍କ ଚିକିତ୍ସା କରିବାରେ ହସ୍ପିଟାଲର ବରିଷ୍ଠ କନସଲଟାଣ୍ଟ ଡକ୍ଟର ବ୍ରଜରାଜ ଦାସ, ଡକ୍ଟର ଗୋବିନ୍ଦ ପ୍ରସାଦ ନାୟକ ଏବଂ ତାଙ୍କ ଟିମ୍ ସଫଳ ହୋଇଛନ୍ତି। ଏଭଳି ଏକ ଚିକିତ୍ସା ରାଜ୍ୟରେ ପ୍ରଥମଥର ପାଇଁ ହୋଇଥିବା ଡକ୍ଟର ଦାସ କହିଛନ୍ତି। ହାଇପରଟ୍ରୋଫିକ କାର୍ଡିଓମିଓପାଥି (ଏଚ୍‌ସିଏମ) ଏବଂ ଗୁରୁତର ଭାବେ ସିମଟୋମାଟିକ ଭଳି ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ରୋଗୀଙ୍କ ଚିକିତ୍ସା ଲାଗି ଏଭଳି ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଥାଏ। ଏହି ସ୍ୱାସ୍ଥ୍ୟ ସମସ୍ୟା ସାଧାରଣତଃ ବଂଶାନୁକ୍ରମିକ। ଜିନ ମ୍ୟୁଟେଶନଜନିତ ହାର୍ଟର ମାଂସପେଶୀ ଫୁଲିଯିବା କିମ୍ବା ମୋଟା ହେବା ଯୋଗୁ ରକ୍ତ ବର୍ଦ୍ଧିଷ୍ଣୁତାରେ ଏହା ସମସ୍ୟା ସୃଷ୍ଟି କରିଥାଏ।

## ୨୦୫ ରେଳ ପ୍ରକଳ୍ପର ଖର୍ଚ୍ଚ ବଢୁଛି

ନୂଆଦିଲ୍ଲୀ,୨୧-୪

■ ପ୍ରକଳ୍ପରେ ବିଳମ୍ବ ଯୋଗୁ ସମସ୍ୟା
■ ୨.୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ହେବ
■ ତୃତୀୟରେ ଶକ୍ତି , ଚତୁର୍ଥରେ ରାଜପଥ ପ୍ରକଳ୍ପ



ବିଭିନ୍ନ କାରଣ ଯୋଗୁ ଦେଶର ରେଳ ପ୍ରକଳ୍ପଗୁଡ଼ିକ ଆଗେଇ ପାରୁ ନାହିଁ। ଏଥି ଲାଗି ରେଳୱେର ମୋଟ ୩୪୫ ପ୍ରକଳ୍ପ ମଧ୍ୟରୁ ଏକ ପଞ୍ଚମାଂଶ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଖର୍ଚ୍ଚ ବଢ଼ୁଥିବା ଜଣାପଡ଼ିଛି। ଏଭଳି ସମସ୍ୟା ଯୋଗୁ ୨୦୫ ରେଳ ପ୍ରକଳ୍ପର ଖର୍ଚ୍ଚ ୨.୨୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପିଆଇ)ର ରିପୋର୍ଟରୁ ଏହା ସାମ୍ନାକୁ ଆସିଛି। ୧୫୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ଖର୍ଚ୍ଚକୁ ଏମ୍‌ଓଏସ୍‌ପିଆଇ ମନିଟରିଂ କରିଥାଏ। ୨୦୧୮ ଡିସେମ୍ବର ସୁଦ୍ଧା ୨୦୫ ରେଳ ପ୍ରକଳ୍ପର ପ୍ରକୃତ ଖର୍ଚ୍ଚ ୧.୬୮ ଲକ୍ଷ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପଗୁଡ଼ିକରେ ଖର୍ଚ୍ଚ ୩.୮୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିବ ବୋଲି ଅନୁମାନ କରାଯାଉଛି। ଏହି ମୋଟ ଖର୍ଚ୍ଚ ଧାର୍ଯ୍ୟ ଖର୍ଚ୍ଚର ୧୩୧.୩୧% ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୮ ଡିସେମ୍ବରରେ ମନ୍ତ୍ରଣାଳୟ ୩୬୭ ରେଳୱେ ପ୍ରକଳ୍ପ ମନିଟରିଂ କରିଛି। ଏହା ମଧ୍ୟରେ ୯୪ଟି ପ୍ରକଳ୍ପ ଅଧିକ ସମୟ ଲାଗିଥିବା ବେଳେ ପ୍ରକଳ୍ପଗୁଡ଼ିକ ଗୋଟିଏ ମାସରୁ ୩୨୪ ମାସ ପର୍ଯ୍ୟନ୍ତ ବିଳମ୍ବ ଘଟୁଥିବା ଜଣା ପଡ଼ିଛି। ରେଳୱେ ବାଦ୍ ଶକ୍ତି କ୍ଷେତ୍ରର ପ୍ରକଳ୍ପଗୁଡ଼ିକରେ ମଧ୍ୟ ଖର୍ଚ୍ଚ ବୃଦ୍ଧି ଘଟୁଥିବା ଜଣାପଡ଼ିଛି। ଶକ୍ତି କ୍ଷେତ୍ରର ମୋଟ ୯୫ ପ୍ରକଳ୍ପ ମଧ୍ୟରୁ ୪୦ଟି ପ୍ରକଳ୍ପରେ ଧାର୍ଯ୍ୟ ଅର୍ଥଠାରୁ ୬୩,୩୩ ହଜାର କୋଟି ଟଙ୍କା ଅଧିକ ଖର୍ଚ୍ଚ ବଢ଼ିଥିବା ଆକଳନ କରାଯାଇଛି। ଏହି ୪୦ ପ୍ରକଳ୍ପର ପ୍ରକୃତ ବ୍ୟୟ ଖର୍ଚ୍ଚ ୨.୦୨ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ବର୍ଦ୍ଧିତ ବ୍ୟୟ ୨.୬୩ ଲକ୍ଷ କୋଟି ଟଙ୍କା ଛୁଇଁବା ନେଇ ରିପୋର୍ଟରେ ଉଲ୍ଲେଖ ରହିଛି। ମୋଟ ୯୫ ଶକ୍ତି ପ୍ରକଳ୍ପ ମଧ୍ୟରୁ ୫୬ଟି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବା ଜଣାପଡ଼ିଛି। ତୃତୀୟରେ ପରିବହନ ଏବଂ ରାଜପଥ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ବିଳମ୍ବ ହେଉଥିବା ଜଣାପଡ଼ିଛି। ଏହାର ୬୦୫ ପ୍ରକଳ୍ପ ମନିଟରିଂ କରାଯାଇଥିବା ବେଳେ ୪୯ଟିରେ ଖର୍ଚ୍ଚ ବଢ଼ିଥିବା ଉଲ୍ଲେଖ ରହିଛି। ଏହି ପ୍ରକଳ୍ପଗୁଡ଼ିକ ଅଧିକ ୧୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାଯାଇଛି। ୪୯ ପ୍ରକଳ୍ପ ବାବଦକୁ ୨୯,୬୪୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଥିଲେ ମଧ୍ୟ ଏହା ୪୪, ୬୬୪ କୋଟି ଟଙ୍କା ରହିବ ବୋଲି ଆକଳନ ହୋଇଛି। ଏହି ପ୍ରକଳ୍ପର ମୋଟ ୧୧୨ ପ୍ରକଳ୍ପ ଶେଷ ହେବାକୁ ସମୟ ଲାଗୁଥିବା ଜଣାପଡ଼ିଛି।

"ମୋତେ ଯେତେବେଳେ ସୁଯୋଗ ମିଳେ ମୁଁ ମୋ ଦାୟିତ୍ୱ ଠିକ୍ ରୂପେ ତୁଲାଇବାକୁ ଚେଷ୍ଟା କରିଥାଏ।
–ସନ୍ଦୀପ ଲାମିଚାନେ, ନେପାଳର ଯୁବ ସ୍ପିନର



"ପରବର୍ତ୍ତୀ ସିଜନରେ ମୋର ଜୁଭେଣ୍ଟସ ଦଳରେ ରହିବା ନିଶ୍ଚିତ। ଏଥିପାଇଁ ମୁଁ ୧,୦୦୦ ପ୍ରତିଶତ ପ୍ରତିଶ୍ରୁତିବଦ୍ଧ।
–କ୍ରିଷ୍ଟିଆନୋ ରୋନାଲ୍ଡୋ, ବିଶିଷ୍ଟ ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ

### ସୁମିତ ବୋଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**କଟକ ଅଫିସ,୨୧।୪:** ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରବିବାରଠାରୁ ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୪ ଉଇକେଟରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଛି । ଜୁଭେନାଇଲ ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ସମସ୍ତ ଉଇକେଟ ହରାଇ ରାଇଜିଂ ଦଳ ମାତ୍ର ୧୪୪ରନ କରିଥିଲା । ପ୍ରିନ୍ସ ସଙ୍କେତ ବେହେରା, ପ୍ରତ୍ୟୁଷ ପ୍ରଧାନ ସର୍ବାଧିକ ୨୮ରନ ଲେଖାଏ କରିଥିଲେ । ଜୁଭେନାଇଲ ପକ୍ଷରୁ ସୋହେଲ ଖାନ ସର୍ବାଧିକ ୪ ଉଇକେଟ ଦଖଲ କରିଥିଲେ । ୬ ଉଇକେଟ ହରାଇ ଜୁଭେନାଇଲ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସାଇଦୀପ ମହାପାତ୍ର ସର୍ବାଧିକ ୬୭ରନ କରିଥିଲେ । ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ପ୍ରତ୍ୟୁଷ ପ୍ରଧାନ ୪ଟି ଉଇକେଟ ନେଇଥିଲେ। ଜୁଭେନାଇଲର ସୋହେଲ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ପୂର୍ବତନ କ୍ରିକେଟ ନିରଞ୍ଜନ ବେହେରା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱଭାରତୀ କ୍ଲବ ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ସୌମିତ୍ର ଚୌଧୁରୀ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସଞ୍ଜୟ ରାଉଳ, ଏସ୍‌ସିବି ମେଡ଼ିକାଲ କଲେଜର କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଟୁର୍ଣ୍ଣାମେଣ୍ଟରେ କଟକର ୫ଟି କ୍ଲବ ଅଂଶ ଗ୍ରହଣ କରିଛନ୍ତି ।

### ସନ୍ତୋଷ ଟ୍ରଫି ଜିତିଲା ସର୍ଭିସେସ୍

**ଲୁଧିଆନା, ୨୧।୪ (ପି.ଟି.):** ସର୍ଭିସେସ୍ ୬ଷ୍ଠ ଥର ପାଇଁ ସନ୍ତୋଷ ଟ୍ରଫି ହାସଲ କରିଛି। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ପଞ୍ଜାବ ବିପକ୍ଷରେ ୧-୦ ଗୋଲ୍‌ରେ ବିଜୟ ହାସଲ କରିଛି। ସର୍ଭିସେସ୍ ତରଫରୁ ବିକାଶ ଥାପା ଦ୍ୱିତୀୟାର୍ଦ୍ଧରେ ଗୋଲଟିକୁ ସ୍କୋର କରିଥିଲେ। ପ୍ରତିଯୋଗିତାରେ ଦଳ ଗୋଟିଏ ହେଲେ ମ୍ୟାଚ ନ ହାରି ତା'ର ଅଭିଯାନ ଶେଷ କରିଛି। ଘଟଣାକ୍ରମେ ଏହା ପୂର୍ବରୁ ୨୦୧୫ ସନ୍ତୋଷ ଟ୍ରଫି ଫାଇନାଲ ଦୁଇ ଦଳ ମଧ୍ୟରେ ଏହି ଭେନ୍ୟୁରେ ଖେଳାଯାଇଥିଲା। ସେତେବେଳେ ନିର୍ଦ୍ଧାରିତ ସମୟ ଏବଂ ଅତିରିକ୍ତ ସମୟ ଖେଳ ପରେ ମଧ ମ୍ୟାଚ ଗୋଲ ଶୂନ୍ୟ ରହିଥିଲା। ସର୍ଭିସେସ୍ ୫-୪ ପେନାଲ୍ଟି ଶୁଟ୍ ଆଉଟ୍‌ରେ ମ୍ୟାଚ ଜିତିଥିଲା। ମ୍ୟାଚ ଆରମ୍ଭରେ ଉଭୟ ଦଳ ସତର୍କତା ଅବଲମ୍ବନ କରି ପରସ୍ପରକୁ ପରଖିବାରେ ଲାଗିଥିଲେ। ତେବେ ପଞ୍ଜାବ ଗୋଲ ପୋଷ୍ଟକୁ କେତୋଟି ଶଟ୍ ମାରିଥିଲା।

■ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍

# ଜାତୀୟ ରେକର୍ଡ ସହ ସେମିରେ ଦୂତୀ

**ଭୁବନେଶ୍ୱର, ୨୧।୪(କ୍ରୀଡ଼ା ପ୍ରତିନିଧି)** ଦୋହାଠାରେ ରବିବାର ଆରମ୍ଭ ହୋଇଥିବା ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ କମାଲ ଦେଖାଇଛନ୍ତି ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ମହିଳା ୧୦୦ ମିଟର ହିଟ୍‌ରେ ସେ ୧୧.୨୮ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ଭାଙ୍ଗିବା ସହ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ଦୂତୀ ୧୧.୨୯ ସେକେଣ୍ଡ ସମୟ ସହ ଜାତୀୟ ରେକର୍ଡର ଅଧିକାରିଣୀ ଥିଲେ। ଏହି ଟାଇମିଂ ସେ ୨୦୧୮ରେ ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ସିନିୟର ଆନ୍ତଃ ରାଜ୍ୟ ଆଥଲେଟିକ୍ସ ମିଟ୍‌ରେ ହାସଲ କରିଥିଲେ। ତେବେ ଦୂତୀ ୧୧.୨୪ ସେକେଣ୍ଡ ଯୋଗ୍ୟତା ପର୍ଯ୍ୟାୟ ଟାଇମିଂ ସ୍ପର୍ଶ କରିପାରି ନ ଥିବାରୁ ଆଗାମୀ ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ପାଇପାରି ନାହାନ୍ତି।

ଯାଜପୁର ଚକା ଗୋପାଳପୁରର ଦୂତୀ ଦୋହାରେ ହିଟ୍-୪ରେ ରେସ୍ କରିଥିଲେ। ଏଥିରେ ସେ ୧୧.୨୮ ସେକେଣ୍ଡ ସହ ପ୍ରଥମସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଜାଖସ୍ତାନର ଆନା ମୁଲାନୋଭା ୧୧.୫୫, ବାହାରିନର ହାଜାର ଆଲ୍‌ଖାଲ୍‌ଡି ୧୧.୮୧, କାଜାଖସ୍ତାନର ରିମା କାଶାଫୁଡିନୋଭା ୧୧.୯୫, ଲାଓସର ସିଲିନା ଫାୟ ଆଫାୟ ୧୨.୫୨ ଓ ବାଂଲାଦେଶର ଶିରିନ ଅଖତର ୧୨.୭୨ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲା ୪ ହିଟ୍‌ରୁ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୧୬ ପ୍ରତିଯୋଗୀଙ୍କ ମଧ୍ୟରେ ଦୂତୀ ଟାଇମିଂରେ ଶୀର୍ଷସ୍ଥାନ ଅଧିକାର କରିଥିଲେ। ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ୧୫ ପ୍ରତିଯୋଗୀ ହେଲେ କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା(୧୧.୩୦), ଚାଇନାର ୟଙ୍ଗଲି ୱେଇ(୧୧.୩୬), ଜିଆଓଜିଙ୍ଗ ଲିଆଙ୍ଗ(୧୧.୩୭), ଉଜବେକିସ୍ତାନର ନିଗିନା ଶାରିପୋଭା(୧୧.୪୭), ବାହାରିନର ଇମାନ ଜାସିମ(୧୧.୫୦), କାଜାଖସ୍ତାନର ଆନା ବୁଲାନୋଭା(୧୧.୫୫), ସିଙ୍ଗାପୁରର ଶାନ୍ତି ଭେରୋନିକା ପେରେରା, ହଂକଂର ଲାମ୍ ଅନ୍ କି(୧୧.୬୨), ଭିଏତନାମର ଚିନ୍ ଲି ଟୁ(୧୧.୬୭), ଫିଲିପାଇନ୍ସର କ୍ରିଷ୍ଟିନାମାରି ନଟ୍(୧୧.୭୦), ଥାଇଲାଣ୍ଡର ସୁପଓ୍ୱନ ଥିପାଟ(୧୧.୭୩), ଲେବାନନର ଅଜିଜା ସବାଇତି(୧୧.୭୮), ଥାଇଲାଣ୍ଡର ଅନ-ଉମା ଚଟ୍‌ହା(୧୧.୭୯), ବାହାରିନର ହାଜାର ଅଲ୍‌ଖାଲ୍‌ଡି(୧୧.୮୧) ଓ ଜାପାନର ଚିସାତୋ ଫୁକୁଶିମା(୧୧.୯୨ ସେକେଣ୍ଡ)।

ପ୍ରକାଶ ଯୋଗ୍ୟ ଯେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୨୦୧୭ ଜୁନ୍ ୬ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ୨୨ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟରରେ ଦୂତୀ ବ୍ରୋଞ୍ଜ ପଦକ ପାଇଥିଲେ। ସେଠାରେ ଦୂତୀ ୧୧.୫୨ ସେକେଣ୍ଡ ସମୟ ନେଇଥିଲେ। ଜାତୀୟ ରେକର୍ଡ ଭାଙ୍ଗିଥିବାରୁ ଦୂତୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



କୋଚ ନାଗାପୁରୀ ରମେଶଙ୍କ ସହ ଦୂତୀ ଚାନ୍ଦ ।

### ସ୍ୱର୍ଣ୍ଣ ପଦକ ମୁଖ୍ୟ ଲକ୍ଷ୍ୟ

"ଭାରତୀୟ ପରିବେଶ ଏବଂ ଏଠାକାର ପରିବେଶ ମଧ୍ୟରେ ବିଶେଷ କିଛି ଫରକ ରହି ନ ଥିଲା । ତେଣୁ ଏହା ମୋତେ ବେଶ୍ ସୁହାଇଥିଲା । ମୁଁ ହିଟ୍-୪ରେ ରେସ୍ କରିଥିଲି। ସେଥିରେ କାଜାଖସ୍ତାନର ଆନା ବୁଲାନୋଭା, ରିମା କାଶାଫୁଡିନୋଭା, ବାହାରିନର ହାଜାର ଆଲଖାଲ୍‌ଡି ପ୍ରମୁଖ ଟପ୍ ଫାଇଟର ରହିଥିଲେ । ତେଣୁ ରେସ୍‌ରେ କଡ଼ା ମୁକାବିଲା ହୋଇଥିଲା । ଏଥିରୁ ମୋତେ ଫାଇଦା ମିଳିଥିଲା ଏବଂ ମୁଁ ସମସ୍ତଙ୍କୁ ପଛରେ ପକାଇ ଦେବାରେ ସକ୍ଷମ ହୋଇଥିଲି। ୧୧.୨୮ ସେକେଣ୍ଡ ସମୟ ନେଇ ଟାଇମିଂରେ ଜାତୀୟ ରେକର୍ଡ ଭାଙ୍ଗିଥିବାରୁ ମୁଁ ବହୁତ ଖୁସି। ୨୦୧୮ରେ ଗୁଆହାଟୀରେ ଅନୁଷ୍ଠିତ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ମିଟ୍‌ରେ ୧୧.୨୯ ସେକେଣ୍ଡ ସମୟ ନେଇ ମୁଁ ଜାତୀୟ ରେକର୍ଡର ଅଧିକାରୀ ଥିଲି। ଏବେ ଏଥିରେ ୧ ସେକେଣ୍ଡ ଉନ୍ନତି ଆସିଛି। ମୋର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ହେଉଛି ୧୧.୨୪ ସେକେଣ୍ଡ। ଆଗକୁ କିପରି ଏହି ଟାଇମିଂ ସ୍ପର୍ଶ କରି ପାରିବି ଏବଂ ଏହି ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବି ତାହା ମୋର ମୁଖ୍ୟ ଲକ୍ଷ୍ୟ" ଦୋହାରେ ୧୦୦ ମିଟର ହିଟ୍‌ପରେ ଦୂତୀ ପ୍ରକାଶ କରିଛନ୍ତି। କୋଚ୍ ନାଗାପୁରୀ ରମେଶ ମୋ ପ୍ରଦର୍ଶନରେ ବେଶ୍ ଖୁସି ଅଛନ୍ତି। ତେବେ ହିଟ୍‌ରେ କଡ଼ା ମୁକାବିଲା ହୋଇଥିବାରୁ ସେମିଫାଇନାଲ ଏବଂ ଫାଇନାଲରେ ଏହା ଆହୁରି ଜୋରଦାର ହେବା ନିଶ୍ଚିତ। ଅନ୍ୟ ୩ଟି ହିଟ୍‌ରେ ବହୁ ନାମୀ ଆଥଲେଟ୍ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ତେଣୁ ସେମାନଙ୍କ ସହ ସଫଳ ମୁକାବିଲା କରି କିପରି ପଦକ ହାସଲ କରିପାରିବି ତା ଉପରେ ଫୋକସ କରୁଛି ବୋଲି ଦୂତୀ କହିଛନ୍ତି।

## ଓଡ଼ିଆ ଝିଅ ଝିଲ୍ଲୀଙ୍କୁ ରୌପ୍ୟ

**ନିଙ୍ଗ୍‌ବୋ (ଚାଇନା), ୨୧।୪(ପି.ଟି.)** ପ୍ରାକ୍ତନ ବିଶ୍ୱ ବିଜୟିନୀ ମୀରାବାଇ ଚାନୁ ଏଠାରେ ଚାଲିଥିବା ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ମଧ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ତେବେ ଓଡ଼ିଆ ଝିଅ ଝିଲ୍ଲୀ ଦଳବେହେରା ପ୍ରତିଯୋଗିତାରେ ନିଜ ଚମକ୍ ଛାଡ଼ିବାରେ ସଫଳ ହୋଇଛନ୍ତି। ମହିଳା ୪୫ କିଗ୍ରା ବର୍ଗରେ ପ୍ରତିନିଧିତ୍ୱ କରୁଥିବା ଝିଲ୍ଲୀ ରୌପ୍ୟ ପଦକ ହାସଲ କରି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟିନୀ ଝିଲ୍ଲୀ ସ୍ନାଚରେ ୭୧ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୯୧ କିଗ୍ରା ସହ ମୋଟ୍ ଉପରେ ୧୬୨ କିଗ୍ରା ଭାର ଉଠାଇ ୨ୟ ସ୍ଥାନରେ ରହିବା ସହ ରବିବାର ଭାରତ ପାଇଁ ପଦକ ଖାତା ଖୋଲିଥିଲେ। ଭିଏତ୍‌ନାମର ଭୋଉଙ୍ଗ୍ ଥି ହ୍ୟୁନ୍ (୭୬+୯୨=୧୬୮) ଏହି ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଏହି ଓଜନ ବର୍ଗ ଅଲିମ୍ପିକ୍ସରେ ସାମିଲ ନାହିଁ।

୪୯ କିଗ୍ରା ଓଜନ ବର୍ଗରେ ଲଢୁଥିବା ୨୪ ବର୍ଷୀୟା ମୀରାବାଇ ସ୍ନାଚରେ ୮୬ କିଗ୍ରା ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୩ କିଗ୍ରା ସହ ମୋଟ୍ ଉପରେ ୧୯୯ କିଗ୍ରା ଭାର ଉଠାଇଥିଲେ। ମୀରାବାଇଙ୍କ ମୋଟ୍ ଉପରେ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥିପୂର୍ବରୁ ସେ ଚଳିତ ବର୍ଷ ଥାଇଲାଣ୍ଡରେ ଅନୁଷ୍ଠିତ ଏଗଟ୍ କପ୍‌ର ୪୯ କିଗ୍ରା ବର୍ଗରେ ୧୯୨ କିଗ୍ରା ଭାର ଉଠାଇଥିଲେ। ଚାଇନାର ଝାଙ୍ଗ୍ ରୋଙ୍ଗ ସମାନ ୧୯୯ (୮୮+୧୧୧) କିଗ୍ରା ଭାର ଉଠାଇଥିଲେ ମଧ ନୂତନ ନିୟମ ଅନୁଯାୟୀ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ନିୟମ ଅନୁଯାୟୀ ଯେଉଁ ପ୍ରତିଯୋଗୀଙ୍କର କ୍ଲିନ୍ ଆଣ୍ଡ୍ ଜର୍କରେ କମ୍ ରେଜଲ୍ଟ ଥିଲେ ମଧ ଯଦି ସେ ସ୍ନାଚରେ ଅଧିକ ଭାର ଉଠାଇଥାନ୍ତି ତେବେ ତାଙ୍କ ର୍‍ୟାଙ୍କ୍ ପ୍ରତିପକ୍ଷଙ୍କ ଉପରେ ରହିବ। ଚାଇନାର ହୋଉ ଝିହୁଇ ୨୦୮ (୯୨+୧୧୬) କିଗ୍ରା ସହ ସ୍ୱର୍ଣ୍ଣ ଏବଂ ନର୍ଥ କୋରିଆର ରି ସଙ୍ଗ୍-ଗମ୍ ୨୦୦ (୮୬+୧୧୪) କିଗ୍ରା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ମଣିପୁର ତାରକା ମୀରାବାଇ କିନ୍ତୁ କ୍ଲିନ୍ ଆଣ୍ଡ୍ ଜର୍କରେ ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଓ ମହାଦେଶୀୟ ପ୍ରତିଯୋଗିତା ଗୁଡ଼ିକରେ ସ୍ନାଚ ଓ କ୍ଲିନ୍ ଆଣ୍ଡ୍ ଜର୍କର ପ୍ରଦର୍ଶନକୁ ଦେଖି ବ୍ୟକ୍ତିଗତ ଭାବେ ପଦକ ପ୍ରଦାନ କରାଯାଇଥାଏ। ଅଲିମ୍ପିକ୍ସରେ କିନ୍ତୁ ପ୍ରତିଯୋଗୀ ଉଠାଇଥିବା ମୋଟ୍ ଓଜନକୁ ହିସାବକୁ ନେଇ ପଦକ ଦିଆଯାଇଥାଏ।।

**ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍**



ଝିଲ୍ଲୀ ଦଳବେହେରା

## ସ୍କୁଲ ଚେସ୍: ପ୍ରଭାଂଶୁ ଚାମ୍ପିୟନ

**ଭୁବନେଶ୍ୱର, ୨୧।୪(କ୍ରୀଡ଼ା ପ୍ରତିନିଧି)** କଳିଙ୍ଗ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ରବିବାର ୧୭ତମ ସ୍କୁଲ ଓପନ ଚେସ୍ ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୭.୫ ପଏଣ୍ଟ ସହିତ ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଭାଂଶୁ ଦାଶ ଚାମ୍ପିୟନ ହୋଇଛନ୍ତି। ଶାଶ୍ୱତ ସାହୁ, ଦୀପ୍ତିମୟୀ ସାହୁ, ଜଗଦୀଶ କୁମାର ଘଡ଼େଇ, ଆଦି ମନନ ନାୟକ(୬ ପଏଣ୍ଟ ଲେଖାଏ), କୁମାର ଅଭିଜିତ, ସ୍ୱସ୍ତିକ ପରିଡ଼ା, କୁମାର ସାଇଦୀପ ପାତ୍ର(୫.୫ ପଏଣ୍ଟ ଲେଖାଏ), ଅନ୍‌ସୁଲ ପଣ୍ଡା, ଅନନ୍ୟା ଅପରିମିତା, ସାଇ ଅମୃତ ପରିଜା, ହର୍ଷନ ନାୟକ, ଅର୍ନେଶ ବାରିକ, ଶ୍ରୀୟାଂଶ ମହାପାତ୍ର ଓ ରିଶିତ ଦେବନାଥ (ସମସ୍ତେ ୫ ପଏଣ୍ଟ) କ୍ରମାନ୍ୱୟରେ ରହି ଟପ୍-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୪ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ନଗର ଡିଏଭି ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ବିନିନ କୁମାର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ କର୍ମକର୍ତ୍ତା ଦୀପାଞ୍ଜଳି ସାହୁ, ଜଗଦୀଶ ଦାସ ଅଧିକାରୀ, ଆର. ରବିଶଙ୍କର, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍କୁଲ ଚେସ୍: ଟ୍ରଫି ଓ ମାନପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

## ଛତିଶଗଡ଼କୁ ହରାଇଲା ଓଡ଼ିଶା

**କଟକ ଅଫିସ,୨୧।୪**

ମହାରାଷ୍ଟ୍ରର କୋହ୍ଲାପୁରଠାରେ ରବିବାର ଅନୁଷ୍ଠିତ ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପର ଏକ ମ୍ୟାଚରେ ଓଡ଼ିଶା ୩-୧ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି । ପ୍ରତିଯୋଗିତାରେ ଓଡ଼ିଶାର ଏହାଥିଲା ପ୍ରଥମ ମ୍ୟାଚ୍ । ଓଡ଼ିଶା ପକ୍ଷରୁ ମନୀଷା ନାୟକ ୨୪, ଜ୍ୟୋତି କୁମାରୀ ୫୬ ଓ ବର୍ଷା ମହାକୁଡ଼ ୮୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ ।





ଅତିଥିଙ୍କ ଗହଣରେ ପୁରସ୍କାର ସହ କୃତୀ ଚେସ୍ ପ୍ରତିଯୋଗୀ ।

■ ସର୍ବଭାରତୀୟ ଓପନ ଚେସ୍

## ଲକ୍ଷ୍ମଣ ଚାମ୍ପିୟନ, ରାକେଶ ରନର୍ସଅପ

**କଟକ ଅଫିସ,୨୧।୪** ଟ୍ରିପଲ ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଓପନ ଚେସ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଟପ୍‌ସିଡ ତଥା ଗ୍ରାଣ୍ଡମାଷ୍ଟର ଆର୍.ଆର୍. ଲକ୍ଷ୍ମଣ ୮ ପଏଣ୍ଟ ପାଇବା ସହିତ ଚାମ୍ପିୟନ ହୋଇଛନ୍ତି। ଶନିବାର ୮ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଲକ୍ଷ୍ମଣ ୭ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ଥିଲେ । ରବିବାର ଖେଳାଯାଇଥିବା ଅନ୍ତିମ ତଥା ୯ମ ରାଉଣ୍ଡରେ ଲକ୍ଷ୍ମଣ ତାମିଲନାଡୁର ଏନ୍ ସୁରେନ୍ଦ୍ରନଙ୍କୁ ପରାସ୍ତ କରି ଶୀର୍ଷକୁ ଫେରିଥିଲେ । ଅନ୍ୟପକ୍ଷରେ ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର ରାକେଶ କୁମାର ଜେନା ୮ ରାଉଣ୍ଡ ଶେଷ ସୁଦ୍ଧା ସର୍ବାଧିକ ୭.୫ ପଏଣ୍ଟ ହାସଲ କରି ଅଗ୍ରଣୀ ରହିଥିଲେ। ରବିବାରର ଅନ୍ତିମ ରାଉଣ୍ଡରେ ରାକେଶଙ୍କର ମୁକାବିଲା ହୋଇଥିଲା ରେଲୱେର ଇଣ୍ଟରନ୍ୟାଶନାଲ ମାଷ୍ଟର ଗୁସେନ ହିମାଲଙ୍କ ସହ । ମ୍ୟାଚ୍‌ଟି ଅମୀମାଂଶିତ ରହିବା ଯୋଗୁଁ ରାକେଶ ୦.୫ ପଏଣ୍ଟ ହାସଲ କରିଥିଲେ । ଟାଇବ୍ରେକର ପଦ୍ଧତିରେ ଲକ୍ଷ୍ମଣ ଚାମ୍ପିୟନ ହୋଇଥିଲେ। ରାକେଶ ରନର୍ସଅପ ହୋଇଥିଲେ । ଗୁସେନ ୭.୫ ପଏଣ୍ଟ ପାଇବା ସହ ଦ୍ୱିତୀୟ ରନର୍ସଅପ ହୋଇଛନ୍ତି । ୭ ପଏଣ୍ଟ ଲେଖାଏ ହାସଲ କରି ଓଡ଼ିଶାର ଅନ୍ୟତମ ପ୍ରତିଯୋଗୀ ଅଂଶୁମାନ ସାମଲ ୫ମ ସ୍ଥାନରେ ଓ ବୈଭବ ମିଶ୍ର ୭ମ ସ୍ଥାନରେ ରହିଥିଲେ। ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ୬.୫ ପଏଣ୍ଟ ସହ ୧୭ତମ ସ୍ଥାନରେ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରୋଟାରୀର ଗଭର୍ନର ସୌମ୍ୟରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଲ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଟ, ଟ୍ରିପଲ ସି ଚେସ୍ କ୍ଲବ ସଭାପତି ବିଶ୍ୱଜିତ ରାୟ, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପସଭାପତି ବିଶ୍ୱଜିତ ରାୟ, ଯୁଗ୍ମ ସମ୍ପାଦକ ଅର୍ଘ୍ୟ ଅର୍ପଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମିନି ନ୍ୟାଶନାଲ ଭଲିବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୧।୪(କ୍ରୀଡ଼ା ପ୍ରତିନିଧି)** ମହାରାଷ୍ଟ୍ରର ଚଇରନ୍ୟପୁରସ୍ଥିତ ଆମ୍ରାମାଲିକ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ମିନି ନ୍ୟାଶନାଲ ଭଲିବଲ ଚାମ୍ପିୟନଶିପ୍ ଚଳିତମାସ ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ପାଇଁ ରବିବାର ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷିତ ହୋଇଛି। ଦଳ ଚୟନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୧୪ରୁ ୧୯ ପର୍ଯ୍ୟନ୍ତ ଏକ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ମନୋନୀତ ଖେଳାଳିମାନଙ୍କୁ ଓଡ଼ିଶା ଭଲିବଲ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶ ଶୁଭେଚ୍ଛା ଜଣାଇଛନ୍ତି।

ବାଳିକା ଦଳ: ସନ୍ତୋଷି ଝୋଡ଼ିଆ, ରଶ୍ମିତା ସିଂ, ଗଙ୍ଗା ନାଏକ, ଅନିତା ମାଝି, ପିଙ୍କି ନାଏକ, ସଞ୍ଜୁକ୍ତା ହେମ୍ବ୍ରମ, ଲାସ୍ୟମୟୀ ମହାନ୍ତ, ଆଲିଶା ଲିମା, ସ୍ଥିତପ୍ରଜ୍ଞା ଜେନା, ସୋନାଲି ଦାସ, ଶୁଚିସ୍ମିତା ଦିଣ୍ଡା, ରିତା ଭୁଇ।

ବାଳକ ଦଳ: ନବୀନ କାଣ୍ଡୁଲିନା, ପଙ୍କଜ ସାହୁ, ଧନୁ ବଡନାୟକ, ମାର୍କୁସ ଲୁଗୁନ୍, ଦୀପକ ବିଲିଙ୍ଗ, ଆଶିଷ କୁମାର ସ୍ୱାଇଁ, ଶଙ୍କର ପଡିଆମି, ଭୀମ କୁଞ୍ଜ, ବିକୁ ସୋଡି, ଶତ୍ରୁଘ୍ନ ପାଙ୍ଗି, ଆଶୁତୋଷ ଦାସ, ସୁମିତ କୁମାର ସେଠୀ।



କର୍ମକର୍ତ୍ତାଙ୍କ ସହ ଓଡ଼ିଶା ବାଳିକା ଭଲିବଲ ଦଳ ।

## ଭାରତୀୟ ଏସିଆନ ଆଥ୍‌ଲେଟିକ୍ସ ଦଳକୁ ଶକ୍ତ ଧକ୍କା

**ଦୋହା,୨୧।୪(ପିଟି)** ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ଅଭିଯାନକୁ ଶକ୍ତ ଧକ୍କା ଲାଗିଛି। ବହୁଦେଶୀୟ ଇଭେଣ୍ଟରୁ ଦେଶର ନୂଆ ସ୍ପ୍ରିଣ୍ଟ ସେନସେଶନ ହିମା ଦାସ ବାଦ୍ ପଡ଼ିଛନ୍ତି। ରବିବାର ଅନୁଷ୍ଠିତ ୪୦୦ ମିଟର ଦୌଡ଼ ଇଭେଣ୍ଟ ହିଟ୍ ରେସ୍ ବେଳେ ହିମାଙ୍କ ଅଣ୍ଟାରେ ଆଘାତ ଲାଗିଛି। ଏପରି କି ୧୯ ବର୍ଷୀୟ ବିଶ୍ୱ ଜୁନିୟର ଚାମ୍ପିୟନ ଓ ଜାତୀୟ ରେକର୍ଡ ଅଧିକାରୀ ଦୌଡ଼ ଶେଷ କରିପାରି ନ ଥିଲେ। ଉପସ୍ଥିତ ଥିବା ଡାକ୍ତର କହିଛନ୍ତି, ହିମାଙ୍କ ଅବସ୍ଥା ଚିନ୍ତାଜନକ ବିଷୟ ନୁହେଁ। ଦିନେ କିମ୍ବା ଦୁଇଦିନରେ ସେ ଭଲ ହୋଇଯିବେ । କିନ୍ତୁ ଭାରତୀୟ ମହିଳା ଦଳର ୪ ଗୁଣା ୪୦୦ ମି. ଓ ମିକ୍ସଡ୍ ୪୦୦ ରିଲେ ଇଭେଣ୍ଟରେ ହିମାଙ୍କ ଅଂଶଗ୍ରହଣ କରିବା ଉପରେ ସନ୍ଦେହ ସୃଷ୍ଟି ହୋଇଛି।

ଭାଗ୍ୟ ଆମ ହାତରେ । ଆଗକୁ ଭଲ ଖେଳି ଆମେ ଆଇପିଏଲ ପ୍ଲେ-ଅଫ୍‌କୁ ଯାଇପାରିବୁ।
-ମାଇକ୍ ହେସନ, କିଙ୍ଗ୍ସ ଇଲେଭେନ ପଞ୍ଜାବ କୋଚ୍



ରିୟାନ ପରାଗ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ କରୁଛନ୍ତି, ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ମନେ ହେଉଛି।
-ଷ୍ଟିଭ ସ୍ମିଥ୍, ରାଜସ୍ଥାନ ରୟାଲ୍ସର ନୂଆ ଅଧିନାୟକ



## ଆଜିର ମ୍ୟାଚ

ରାଜସ୍ଥାନ ରୟାଲ୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ



ପ୍ରସାରଣ
ସ୍ଥାନ : ଜୟପୁର
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ବାଙ୍ଗାଲୋର ୧ ରନରେ ବିଜୟୀ

**ବେଙ୍ଗାଲୁରୁ, ୨୧।୪**

ଧୋନୀ ଧମାକା ସତ୍ତ୍ୱେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ୧ ରନରେ ଚେନ୍ନାଇ ସୁପରକିଙ୍ଗ୍ସକୁ ପରାସ୍ତ କରିଛି। ବାଙ୍ଗାଲୋର ପକ୍ଷରୁ ଧାର୍ଯ୍ୟ ୧୬୨ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୬୦ ରନ କରିବାକୁ ସକ୍ଷମ ହୋଇଥିଲା। ଶେଷ ଓଭରରୁ ବିଜୟ ପାଇଁ ୨୬ ରନ ଆବଶ୍ୟକ ହେଉଥିବାବେଳେ ଚେନ୍ନାଇ ୨୪ ରନରେ ସୀମିତ ରହିଥିଲା। ଏଥିସହ ବାଙ୍ଗାଲୋର ବିପକ୍ଷରେ ଚେନ୍ନାଇର କ୍ରମାଗତ ୭ ବିଜୟରେ ବ୍ରେକ୍ ଲାଗିଛି। ଅନ୍ୟପକ୍ଷରେ ୨୦୧୮ରେ ଆଇପିଏଲକୁ ପ୍ରତ୍ୟାବର୍ତ୍ତନ ପରେ ଚେନ୍ନାଇ ପ୍ରଥମଥରପାଇଁ କ୍ରମାଗତ ୨ଟି ମ୍ୟାଚରେ ପରାଜିତ ହୋଇଛି।



ମ୍ୟାନ୍ ଅଫ୍ ଦି ମ୍ୟାଚ ପାର୍ଥିବ ପଟେଲ ।

## ଆଇପିଏଲ୍ ୧୨

ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇ ଥିବା ଚେନ୍ନାଇ ପ୍ରଥମ ଓଭରରେ ଡବଲ ଝଟ୍‌କା ଖାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଡେଲ୍ ଷ୍ଟେଇନ୍ ଇନିଂସର ଏବଂ ନିଜ ପ୍ରଥମ ଓଭରର ୫ ବଲ୍‌ରେ ଶେନ ୱାଟସନ(୫) ଓ ୬ଷ୍ଠ ବଲ୍‌ରେ ସୁରେଶ ରାଇନା(୦)ଙ୍କୁ ଆଉଟ କରି ରୟାଲ ଚ୍ୟାଲେଞ୍ଜର୍ସ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ଚେନ୍ନାଇକୁ ତୃତୀୟ ଝଟ୍‌କା ଦେଇଥିଲେ ଉମେଶ ଯାଦବ। ସେ ୪ର୍ଥ ଓଭରର ଅନ୍ତିମ ବଲ୍‌ରେ ଫାଫ୍ ଡୁପ୍ଲେସି(୫)ଙ୍କୁ ଆଉଟ କରିଥିଲେ। କେଦାର ଯାଦବ ମଧ୍ୟ ଏଠାରେ ସଫଳ ହୋଇ ନ ଥିଲେ। ସେ ୯ ବଲ୍‌ରୁ ୯ ରନ କରିଥିବାବେଳେ ଉମେଶଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଫଳରେ ଚେନ୍ନାଇ ସ୍କୋର ୫.୫ ଓଭରରେ ୨୮/୪ ହୋଇ ଯାଇଥିଲା। ଅମ୍ବାତି ରାୟୁଡୁଙ୍କ ସହ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ରିଜରେ ଯୋଗଦେଇ ପ୍ରଥମେ ଇନିଂସ ଗଢ଼ିବାରେ ମନୋନିବେଶ କରିଥିଲେ। ଦୁହେଁ ୫ମ ଉଇକେଟରେ ୫୫ ରନର ଭାଗୀଦାରି ଗଢ଼ିବାପରେ ରାୟୁଡୁଙ୍କୁ ଆଉଟ କରି ରୟାଲ ଚ୍ୟାଲେଞ୍ଜର୍ସଙ୍କୁ ବ୍ରେକ୍ ଥ୍ରୁ ଦେଇଥିଲେ ୟୁଜବେନ୍ଦ୍ର ଚହଲ। ରାୟୁଡୁ ୨୯ବଲ୍‌ରୁ ୨୯(୨ ଚୌକା, ୧ ଛକା) ରନ କରିଥିଲେ। ରବୀନ୍ଦ୍ର ଜାଡେଜା ୧୨ ବଲ୍‌ରୁ ୧୧ ରନ କରି ରନଆଉଟ ହେବାରୁ ଚେନ୍ନାଇ ୧୦୮ରେ ୬ଷ୍ଠ ଉଇକେଟ ହରାଇଥିଲା। ଧୋନୀ କିନ୍ତୁ ଲଢ଼ିଥିଲେ। ଶେଷ ୩ ଓଭରରୁ ୪୯ ରନ ଆବଶ୍ୟକ ହେଉଥିବାବେଳେ ଷ୍ଟେଇନଙ୍କ ୧୮ତମ ଓଭରରୁ ୧୩ ରନ ସଂଗ୍ରହ କରିଥିଲା ଚେନ୍ନାଇ। ୧୯ତମ ଓଭରରୁ ୧୦ ରନ ସଂଗ୍ରହ ହେବାରୁ ଅନ୍ତିମ ଓଭରରେ ୬ ବଲ୍‌ରୁ ବିଜୟ ପାଇଁ ୨୬ ରନ ଆବଶ୍ୟକ ଥିଲା। ଉମେଶ ଯାଦବଙ୍କ ପ୍ରଥମ ବଲ୍‌କୁ ଚୌକା, ଦ୍ୱିତୀୟ ବଲ୍‌କୁ ଛକା, ତୃତୀୟ ବଲ୍‌କୁ ଛକା, ୪ର୍ଥ ବଲ୍‌ରୁ ୨ ରନ ଏବଂ ୫ ବଲକୁ ଧୋନୀ ଛକା ମାରିବାରୁ ଶେଷ ବଲ୍‌ରୁ ମାତ୍ର ୨ ରନ ଆବଶ୍ୟକ କରୁଥିଲା। ମାତ୍ର ଉମେଶ ପକାଇଥିବା ସ୍ଲୋ ଲେଗ୍ କଟର ଧୋନୀଙ୍କ ବ୍ୟାଟ୍‌ରେ ବାଜି ନ ଥିଲା। ସିଙ୍ଗଲ୍ ରନ ନେଇ ମ୍ୟାଚକୁ ଟାଇ କରିବାକୁ ଉଦ୍ୟମ ଧୋନୀ ଉଦ୍ୟମ କରିଥିବାବେଳେ ପାର୍ଥିବ ପଟେଲଙ୍କ ଡାଇରେକ୍ଟ ଥ୍ରୋରେ ରନଆଉଟ ହୋଇଥିଲେ ଶାର୍ଦ୍ଦୁଳ ଠାକୁର। ଫଳରେ ଚେନ୍ନାଇ ଇନିଂସ ୨୦ ଓଭରରେ ୧୬୦/୮ରେ ଅଟକି ଯାଇଥିଲା। ୪୮ଟି ବଲ୍ ଖେଳିଥିବା ଧୋନୀ ୫ ଚୌକା ଓ ୭ ଛକା ସହାୟତାରେ ୮୪ ରନ କରି ଅପରାଜିତ ରହିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ମାତ୍ର ୧୧ ରନରେ ଅଧିନାୟକ ବିରାଟ କୋହଲିଙ୍କ ଉଇକେଟ ହରାଇ ଶକ୍ତ ଧକ୍କା ପାଇଥିଲା। କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ବାଙ୍ଗାଲୋର ପାର୍ଥିବଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ପାର୍ଥିବ ୩୭ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ଦ୍ରୁତ ୫୩ ରନ କରିଥିବାବେଳେ ମିଡଲ ଅର୍ଡରରେ ଆକାଶଦୀପ ନାଥ ୨୪(୨୦ ବଲ, ୧ ଚୌକା, ୧ ଛକା), ମାର୍କୁସ ଷ୍ଟୋଇନ୍ସ ୧୪(୧୩ ବଲ, ୧ ଛକା) ଓ ମୋଇନ ଅଲୀ ୨୬(୧୬ ବଲ, ୫ ଚୌକା) ରନର ଉପଯୋଗୀ ଇନିଂସ ଖେଳିଥିଲେ।

### ସଂକ୍ଷିପ୍ତ ସ୍କୋର

- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୧/୭(ପାର୍ଥିବ-୫୩, ମୋଇନ-୨୬, ଡିଭିଲର୍ସ-୨୫, ଆକାଶଦୀପ-୨୪, ଚହର-୨/୨୫, ଜାଡେଜା-୨/୨୯, ବ୍ରାଭୋ-୨/୩୪, ତାହିର-୧/୩୧)।
- ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୬୦/୮(ଧୋନୀ-୮୪*, ରାୟୁଡୁ-୨୯, ଷ୍ଟେଇନ-୨/୨୯, ଉମେଶ-୨/୪୭, ସଇନୀ-୧/୨୪, ଚହଲ-୧/୨୪)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୦ | ୭ | ୩ | ୧୪ | ୦.୦୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୧୨ | ୦.୧୬୦ |
| ସନ୍‌ରାଇଜର୍ସ | ୯ | ୫ | ୪ | ୧୦ | ୦.୭୩୭ |
| କିଙ୍ଗ୍ସ ଇଲେଭେନ | ୧୦ | ୫ | ୫ | ୧୦ | -୦.୦୪୪ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | -୦.୦୧୩ |
| ରାଜସ୍ଥାନ ରୟାଲ୍ସ | ୯ | ୩ | ୬ | ୬ | -୦.୪୭୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୩ | ୭ | ୬ | -୦.୮୩୬ |



ହାଇଦ୍ରାବାଦ - କୋଲକାତା ମ୍ୟାଚ ଉପଭୋଗ କରୁଛନ୍ତି ଟେନିସ ତାରକା ସାନିଆ ମିର୍ଜା ।

## ସଂକ୍ଷେପରେ

### 'କୋହଲିଙ୍କୁ ଦଳରେ ନେବା ସପକ୍ଷରେ ନ ଥିଲେ ଧୋନୀ- କର୍ଷ୍ଟେନ'

**ମୁମ୍ବାଇ,୨୧।୪(ପିଟି):** ଜାତୀୟ ଦଳରେ ବିରାଟ କୋହଲିଙ୍କ ଖେଳିବା ସପକ୍ଷରେ ନ ଥିଲେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ମୁଖ୍ୟ କୋଚ୍ ଗ୍ୟାରୀ କର୍ଷ୍ଟେନ। ଏଭଳି କହିଛନ୍ତି ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ଦିଲୀପ ଭେଙ୍ଗସରକାର। କୋହଲିଙ୍କୁ ଜାତୀୟ ଦଳରେ ଖେଳାଇବା ନେଇ ମୁଁ ପ୍ରଥମେ ପ୍ରସ୍ତାବ ଦେଇଥିଲି। ହେଲେ ଧୋନୀ ଓ କର୍ଷ୍ଟେନ ମୋ କଥା କର୍ଣ୍ଣପାତ କରି ନ ଥିଲେ ବୋଲି ରବିବାର 'ହାଓ୍ୱଜାଟ' ନାମକ ଏକ ପୁସ୍ତକ ଉନ୍ମୋଚନ ଅବସରରେ ସେ କହିଛନ୍ତି। ଦେଶର ଉଦୀୟମାନ ଖେଳାଳିଙ୍କୁ ଜାତୀୟ ଦଳରେ ସୁଯୋଗ ଦିଆଯାଏ। ସେତେବେଳେ ମୁଁ ଚୟନ କମିଟି ମୁଖ୍ୟ ପଦରେ ଥିଲି। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ କୋହଲିଙ୍କ ପ୍ରଦର୍ଶନ ଦେଖିବା ପରେ ମୁଁ ତାଙ୍କୁ ଜାତୀୟ ଦଳରେ ଚୟନ କରିବାକୁ ପ୍ରସ୍ତାବ ଦେଇଥିଲି। ହେଲେ ଅଧିନାୟକ ଧୋନୀ ଓ କୋଚ୍ କର୍ଷ୍ଟନ ଅଲଗା ମତ ଦେଇଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ପରେ କୋହଲିଙ୍କୁ ଆହୁରି ମ୍ୟାଚ୍ ଖେଳିବାର ଆବଶ୍ୟକ ଥିବା ଉଭୟେ କହିଥିଲେ। କିନ୍ତୁ ମୁଁ କୋହଲିଙ୍କୁ ଜାତୀୟ ଦଳକୁ ଆଣିବା ସପକ୍ଷରେ ଥିଲି। ଏଣୁ ଏସ୍. ବଦ୍ରିନାଥଙ୍କୁ ଦଳରୁ ବାଦ୍ ଦିଆଯାଇ କୋହଲିଙ୍କୁ ଦଳରେ ସାମିଲ କରାଯାଇଥିଲା ବୋଲି ଭେଙ୍ଗସରକାର କହିଛନ୍ତି। ୨୦୦୮ ଅଗଷ୍ଟ ୧୮ ତାରିଖରେ କୋହଲି ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ପୂର୍ବତନ କ୍ରିକେଟ ପ୍ରଶାସକ ଆହୁରି କହିଛନ୍ତି, ତାଙ୍କ ଯୋଗୁ ସଚିନ ତେନ୍ଦୁଲକରଙ୍କୁ ବମ୍ବେ (ଏବେ ମୁମ୍ବାଇ) ଦଳରେ ସ୍ଥାନ ମିଳିଥିଲା। ସଚିନ ବହୁତ ଯୁବ ଥିବାରୁ ତାଙ୍କ ନିଷ୍ପତ୍ତିକୁ କେହି ସମର୍ଥନ କରି ନ ଥିଲେ। ଉଲ୍ଲେଖଥାଉ କି, ଭେଙ୍ଗସରକାର ବମ୍ବେ ଦଳର ଅଧିନାୟକ ଥିବାବେଳେ ସଚିନ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ।

### ଫଗ୍‌ନିନିଙ୍କୁ ମଣ୍ଟେକାର୍ଲୋ ମାଷ୍ଟର୍ସ ଟାଇଟଲ

**ମଣ୍ଟେକାର୍ଲୋ, ୨୧।୪ (ଏଏଫ୍‌ପି):** ଇଟାଲୀର ଫାବିଓ ଫଗ୍‌ନିନି ମଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସର୍ବୀୟାର ଡୁସାନ ଲାଜୋଭିଚ୍‌ଙ୍କୁ ୬-୩, ୬-୪ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଦୀର୍ଘ ୫୧ବର୍ଷ ପରେ ଇଟାଲୀର ଜଣେ ଖେଳାଳି ଏଠାରେ ଟାଇଟଲ ଜିତିଛନ୍ତି। ପୂର୍ବରୁ ନିକୋଲା ପିଟ୍ରାଞ୍ଜେଲି ଏଠାରେ ୧୯୬୧, ୧୯୬୭ ଏବଂ ୧୯୬୮ରେ ମଣ୍ଟେକାର୍ଲୋ ମାଷ୍ଟର୍ସ ଟାଇଟଲ ଜିତିପାରିଥିଲେ।



ଶିଖର ଧାଓ୍ୱନଙ୍କ ପୁଅ ଜୋରଭର (ବାମ) ଓ ରିକି ପଣ୍ଟିଂଙ୍କ ୩ ସନ୍ତାନଙ୍କ ସହ ଦିଲ୍ଲୀ କ୍ୟାପିଟାଲ୍ସର ପୃଥ୍ୱୀ ଶ' ଏକ ବିଶେଷ ମୁହୂର୍ତ୍ତରେ ।

### ଇଂଲଣ୍ଡ ସିରିଜ୍‌ରୁ ବାଦ୍ ପଡ଼ିଲେ ସଦାବ

**ଲାହୋର,୨୧।୪(ପିଟି)**

ପାକିସ୍ତାନର ଉଦୀୟମାନ ଲେଗ ସ୍ପିନର ସଦାବ ଖାଁ ଆଗାମୀ ମାସରେ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ସିରିଜ୍‌ରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି। ସେ ଏବେ ଜ୍ୱରରେ ଆକ୍ରାନ୍ତ। ଏଥିଯୋଗୁ ଇଂଲଣ୍ଡ ସିରିଜ୍ ପରେ ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍‌ରେ ତାଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ୨୦ ବର୍ଷୀୟ ସ୍ପିନର ପାକିସ୍ତାନ ଦଳର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଇଂଲଣ୍ଡରେ ତାଙ୍କର ଉପଚାର କରାଯିବ ବୋଲି ପିସିବି ପକ୍ଷରୁ କୁହାଯାଇଛି। ସଦାବଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ୪ ସପ୍ତାହ ବିଶ୍ରାମ ଦରକାର ଥିବା ଡାକ୍ତର କହିଛନ୍ତି। ଏଣୁ ସେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଓ ଗୋଟିଏ ଟି୨୦ ମ୍ୟାଚ୍‌ରେ ଖେଳିପାରିବେ ନାହିଁ।

## କୋଲକାତାର କ୍ରମାଗତ ପରାଜୟ

**ହାଇଦ୍ରାବାଦ, ୨୧।୪(ପି.ଟି.)**


ଓପନିଂ ଯୋଡି ଜନୀ ବେୟାରଷ୍ଟୋ ଓ ଡେଭିଡ୍ ୱାର୍ନରଙ୍କ ଚମକ ପୁଣି ଥରେ ଦେଖିବାକୁ ମିଳିଛି। ୧୩୧ ରନର ଭାଗୀଦାରି ସ୍ଥାପନ କରି ଏହି ଦୁଇ ବ୍ୟାଟ୍ସମ୍ୟାନ ରବିବାର ଅନୁଷ୍ଠିତ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ଆଇପିଏଲ୍‌ର ୩୮ତମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୯ ଉଇକେଟରେ ବିଜୟ ହାସଲ କରଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ୮ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ୧୫ ଓଭରରେ ଗୋଟିଏ ଉଇକେଟ ହରାଇ ୧୬୧ ରନ କରି ବିଜୟୀ ହୋଇଥିଲା। ୩ ଉଇକେଟ ଅକ୍ତିଆର କରିଥିବା ହାଇଦ୍ରାବାଦ ଦ୍ରୁତ ବୋଲର ଖଲିଲ ଅହମ୍ମଦ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହ ୯ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇ ହାଇଦ୍ରାବାଦ ଗୋଟିଏ ସ୍ଥାନ ଉପରକୁ ଉଠି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଏଥି ସହ କୋଲକାତା କ୍ରମାଗତ ପଞ୍ଚମ ପରାଜୟ ବରଣ କରିଛି। ଚତୁର୍ଥଥର ପାଇଁ ବେୟାରଷ୍ଟୋ ଓ ୱାର୍ନର ଯୋଡି ଦମ୍‌ଦାର ବ୍ୟାଟିଂ କରି ଚଳିତ ସେସନରେ ହାଇଦ୍ରାବାଦକୁ ଜିତାଇଛନ୍ତି। ୧୬୦ ରନ ଆଭରେଜ୍ ଟାର୍ଗେଟର ପିଛା କରିଥିବା ହାଇଦ୍ରାବାଦ ତରଫରୁ ୱାର୍ନର ଓ ବେୟାରଷ୍ଟୋ ଓପନିଂ ଯୋଡିରେ ୭୪ଟି ବଲର ସମ୍ମୁଖୀନ ହୋଇ ୧୩୧ ରନ କରି ଦଳର ବିଜୟକୁ ସହଜ କରିଥିଲେ। ୩୮ଟି ବଲ ଖେଳି ୱାର୍ନର ୩ ଚୌକା ଓ ୫ ଛକା ସହ ୬୭ ରନ କରି ୟାରା ପୃଥ୍ୱୀରାଜଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ଜନୀ ବେୟାରଷ୍ଟୋ ୪୩ଟି ବଲ୍ ଖେଳି ୭ ଚୌକା ଓ ୪ ଛକା ସହ ଦ୍ରୁତ ୮୦ ରନ କରି ଅପରାଜିତ ରହି ଦଳ ବିଜୟରେ ମୁଣ୍ଡି ମାରିଥିଲେ। ଅଧିନାୟକ କେନ୍ ୱିଲିୟମସନ ୮ ରନ କରି ଅପରାଜିତ ରହିଥିଲେ।

ପୂର୍ବରୁ ଟସ୍‌ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଓପନର କ୍ରିସ୍ ଲିନ୍ ସର୍ବାଧିକ ୫୧ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଙ୍କୁ ସିଂ ୩୦, ସୁନୀଲ ନାରିନ ୨୫ ରନ କରି ଆଉଟ ହୋଇଥିଲେ। ଆନ୍ଦ୍ରେ ରସେଲ ୧୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ନୀତୀଶ ରାଣା ୧୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଇନ୍‌ଫର୍ମ ବ୍ୟାଟ୍ସମ୍ୟାନମାନେ ଫେଲ୍ ମାରିବା ଫଳରେ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଶୁବମନ ଗିଲ ୩, ଅଧିନାୟକ ଦୀନେଶ କାର୍ତ୍ତିକ ୬, ପୀୟୁଷ ଚାଓ୍ୱଲା ୪ ରନ କରି ଆଉଟ ହୋଇଥିଲେ। କେ.ସି. କାରିଆପ୍ପା ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଅହମ୍ମଦ ୩, ଭୁବନେଶ୍ୱର କୁମାର ୨ ଉଇକେଟ ନେଇଥିଲେ।

## ଅଶ୍ୱିନଙ୍କୁ ଜରିମାନା

**ନୂଆଦିଲ୍ଲୀ,୨୧।୪(ପିଟି)**

ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ଧିମା ବୋଲିଂ ହାର ଲାଗି ତାଙ୍କୁ ଦଣ୍ଡିତ କରାଯାଇଛି। ଏ ନେଇ ଆଇପିଏଲ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଚଳିତ ସଂସ୍କରଣର ୪ର୍ଥ ଅଧିନାୟକ ଭାବେ ଅଶ୍ୱିନ ଧିମା ବୋଲିଂ ପାଇଁ ଦଣ୍ଡିତ ହୋଇଛନ୍ତି। ତାଙ୍କ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ବିରାଟ କୋହଲି ଓ ରାଜସ୍ଥାନ ରୟାଲ୍ସର ଅଜିଙ୍କ୍ୟ ରାହାନେ ଏହି ତ୍ରୁଟି କରିଥିଲେ। ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବକୁ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ୫ ଉଇକେଟରେ ପରାସ୍ତ କରିଥିଲା।




# ଟର୍ନର, ଗିଲମୋର ସଫଳ ବ୍ୟାଟ୍ସମ୍ୟାନ, ବୋଲର

୧

୯୭୫ରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡର ଗ୍ଲେନ୍ ଟର୍ନର ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ସେହିପରି ବୋଲିଂରେ ଅଷ୍ଟ୍ରେଲିଆର ଗ୍ୟାରୀ ଗିଲମୋର ସଫଳ ବୋଲର ଭାବେ ସାବ୍ୟସ୍ତ ହୋଇଥିଲେ। ଉଇକେଟକିପିଂରେ ଅଷ୍ଟ୍ରେଲିଆର ରୋଡ ମାର୍ଶ ଓ ଫିଲ୍ଡିଂରେ ୱେଷ୍ଟଇଣ୍ଡିଜ୍‌ର କ୍ଲାଇଭ ଲୟଡ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଟୁର୍ନାମେଣ୍ଟରେ ଇଂଲଣ୍ଡ ଗୋଟିଏ ଇନିଂସରେ ସର୍ବାଧିକ ସ୍କୋର କରିବାର ରେକର୍ଡ ମଧ୍ୟ ହାସଲ କରିଥିଲା।

ବ୍ୟାଟିଂରେ ଗ୍ଲେନ ଟର୍ନର ୪ଟି ମ୍ୟାଚ୍ ଖେଳି ୩ଟି ଇନିଂସରେ ୬୮.୫୧ ଷ୍ଟ୍ରାଇକ୍ ରେଟ୍‌ରେ ଓ ୧୬୬.୫୦ ରନ ହାରରେ ୩୩୩ ରନ ସଂଗ୍ରହ କରିଥିଲେ। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ଅପରାଜିତ ୧୭୧। ଟୁର୍ନାମେଣ୍ଟରେ ସେ ୨ଟି ଶତକ ସହ ୩୩ଟି ଚୌକା ଓ ୨ଟି ଛକା ମାରିଥିଲେ। ସେହିପରି ଇଂଲଣ୍ଡର ଡେନିସ୍ ଏମିସ୍ ୪ଟି ମ୍ୟାଚ୍ ଖେଳି ୪ଟି ଇନିଂସରେ ୮୪.୩୭ ଷ୍ଟ୍ରାଇକ୍‌ରେଟ୍‌ରେ ଓ ୧୩୭ ରନ ହାରରେ ୨୪୩ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟରେ ସେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ୧୩୭ ତାଙ୍କର ଉଚ୍ଚତମ ବ୍ୟକ୍ତିଗତ ସ୍କୋର ଥିଲା। ସେ ୨୮ଟି ଚୌକା ମାରିଥିଲେ। ଟୁର୍ନାମେଣ୍ଟରେ ବ୍ୟାଟିଂରେ ପାକିସ୍ତାନର ମାଜିଦ୍ ଖାଁ ତୃତୀୟ ସଫଳତମ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ସେ ୩ଟି ମ୍ୟାଚ୍ ଖେଳି ୩ଟି ଇନିଂସରୁ ୬୯.୬୬ ରନ ହାରରେ ୨୦୯ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ଥିଲା ୭୫.୪୫ ଓ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୮୪। ସେ ୩ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ ଓ ଟୁର୍ନାମେଣ୍ଟରେ ୨୬ଟି ଚୌକା ଓ ୧ ଛକା ମାରିଥିଲେ। ସେହିପରି ଇଂଲଣ୍ଡର କେଇଥ୍ ଫ୍ଲେଚର ଓ ଅଷ୍ଟ୍ରେଲିଆର ଆଲାନ ଟର୍ନର ଟୁର୍ନାମେଣ୍ଟରେ ଯଥାକ୍ରମେ ୨୦୭ ଓ ୨୦୧ ରନ ସଂଗ୍ରହ କରି ତାଲିକାର ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଟର୍ନର ଓ ଅମିସ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଫ୍ଲେଚର ୧୩୧ ରନ କରି ତୃତୀୟ, ଟର୍ନର ଅପରାଜିତ ୧୧୪ ରନ କରି ଚତୁର୍ଥ ଓ କ୍ଲାଇଭ୍ ଲଏଡ ୧୦୨ ରନ ସଂଗ୍ରହ କରି ପଞ୍ଚମ ସ୍ଥାନରେ ରହିଛନ୍ତି।


ସର୍ବାଧିକ ଦଳୀୟ ସ୍କୋର ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଇଂଲଣ୍ଡ ସର୍ବାଗ୍ରେ ରହିବ। ଭାରତ ବିପକ୍ଷରେ ଇଂଲଣ୍ଡ ୪ ଉଇକେଟ ହରାଇ ସର୍ବାଧିକ ୩୩୪ ରନ ସଂଗ୍ରହ କରିଥିଲା। ସେହିପରି ଶ୍ରୀଲଙ୍କା ବିପକ୍ଷରେ ୬ ଉଇକେଟ ହରାଇ ୩୩୦ ରନ କରି ଦ୍ୱିତୀୟ, ଅଷ୍ଟ୍ରେଲିଆ ଶ୍ରୀଲଙ୍କା ବିପକ୍ଷରେ ୫ ଉଇକେଟ ହରାଇ ୩୨୮ ରନ କରି ତାଲିକାର ତୃତୀୟ, ନ୍ୟୁଜିଲାଣ୍ଡ ଇଷ୍ଟ ଆଫ୍ରିକା ବିପକ୍ଷରେ ୫ ଉଇକେଟ ହରାଇ ୫ ଉଇକେଟ ହରାଇ ୩୦୯ ରନ କରି ଚତୁର୍ଥ ସ୍ଥାନରେ ରହିଥିଲା। ଏହି କ୍ରମରେ ଦେଖିବାକୁ ଗଲେ ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ପଛକୁ ପଛ ରହିବେ।

ପାର୍ଟନରଶିପ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲୀୟ ଓପନିଂ ଯୋଡି ରିକ୍ ମୋମୋସ୍କର ଓ ଆଲାନ ଟର୍ନର ଶ୍ରୀଲଙ୍କା ବିପକ୍ଷରେ ୧୮୨ ରନ କରି ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି ଇଂଲଣ୍ଡର ଡେନିସ ଆମିଶ ଓ କେଇଥ୍ ଫ୍ଲେଚର ଭାରତ ବିପକ୍ଷରେ ଦ୍ୱିତୀୟ ଉଇକେଟ ଯୋଡିରେ ୧୭୬ ରନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ନ୍ୟୁଜିଲାଣ୍ଡର ଗ୍ଲେନ୍ ଟର୍ନର ଓ ଜନ୍ ପାର୍କର ତୃତୀୟ ଉଇକେଟ ଯୋଡିରେ ୧୪୯ ରନ କରି ତୃତୀୟ ସ୍ଥାନରେ ରହିଥିଲେ।


ବୋଲିଂରେ ଦେଖିବାକୁ ଗଲେ ଅଷ୍ଟ୍ରେଲିଆର ଗିଲମୋର ୨ଟି ମ୍ୟାଚ୍ ଖେଳି ୫.୬୩ ରନ ହାରରେ ସର୍ବାଧିକ ୧୧ଟି ଉଇକେଟ ହାସଲ କରିଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍‌ର ବର୍ନାଡ ଜୁଲିଏନ୍ ୫ଟି ମ୍ୟାଚ୍ ଖେଳି ୧୭.୭୦ ରନ ହାରରେ ୧୦ଟି ଉଇକେଟ ହାସଲ କରି ଦ୍ୱିତୀୟ, ୱେଷ୍ଟଇଣ୍ଡିଜ୍‌ର କେଇଥ୍ ବୋଏସ ୫ଟି ମ୍ୟାଚ୍ ଖେଳି ୧୮.୫୦ ରନ ହାରରେ ୧୦ଟି ଉଇକେଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ବୋଲିଂ ଫିଗରରେ ଗିଲମୋର ପ୍ରଥମ ସ୍ଥାନରେ ରହିଥିଲେ। ସେ ଇଂଲଣ୍ଡ ବିପକ୍ଷରେ ୧୨ ଓଭର ବୋଲିଂ କରି ୧୪ ରନ ଦେଇ ୬ ଉଇକେଟ ହାସଲ କରିଥିଲେ। ସେହିପରି ଅଷ୍ଟ୍ରେଲିଆର ଡେନିସ ଲିଲି ପାକିସ୍ତାନ ବିପକ୍ଷରେ ୧୨ ଓଭର ବୋଲିଂ କରି ୫/୪୮, ଅଷ୍ଟ୍ରେଲିଆର ଗ୍ୟାରୀ ଗିଲମୋର ୧୨ ଓଭର ବୋଲିଂ କରି ୫/୪୮ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଏହିକ୍ରମରେ ଇଂଲଣ୍ଡର ଜନ୍ ସ୍ନୋ ୪/୧୧ ଓ ୱେଷ୍ଟଇଣ୍ଡିଜ ବର୍ନାଡ ଜୁଲିଏନ୍ ୪/୨୦ ବୋଲିଂ ଫିଗର ସହ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ଉଇକେଟକିପିଂରେ ଅଷ୍ଟ୍ରେଲିଆର ରୋଡ ମାର୍ଶ ୫ଟି ମ୍ୟାଚ୍ ଖେଳି ୯ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ ସହ ମୋଟ ୧୦ଟି ଡିସ୍‌ମିଶାଲ କରିଥିଲେ ଓ ଶ୍ରେଷ୍ଠ ଉଇକେଟକିପର ସାବ୍ୟସ୍ତ ହୋଇଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍‌ର ଡେରିକ୍ ମୁରେ ୫ଟି ମ୍ୟାଚ୍ ଖେଳି ୯ଟି କ୍ୟାଚ୍ ନେଇ ତାଲିକାର ଦ୍ୱିତୀୟ, ପାକିସ୍ତାନ ୱସିମ ବାରି ୩ଟି ମ୍ୟାଚ୍ ଖେଳି ୬ଟି କ୍ୟାଚ୍ ନେଇ ତୃତୀୟ, ନ୍ୟୁଜିଲାଣ୍ଡର କେନ୍ ୱାଡ୍ସୱର୍ଥ ୩ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ ସହ ୪ଟି ଡିସ୍‌ମିସାଲ ସହ ଚତୁର୍ଥ, ଭାରତର ଫାରୁକ ଇଞ୍ଜିନିୟର ୩ଟି ମ୍ୟାଚ୍ ଖେଳି ୨ଟି କ୍ୟାଚ୍ ନେବା ସହ ପଞ୍ଚମ ସ୍ଥାନରେ ରହିଥିଲେ।

### ୧୯୭୫ ବିଶ୍ୱକପ୍



ଗ୍ଲେନ୍ ଟର୍ନର



ଗ୍ୟାରୀ ଗିଲମୋର



# ନାସାର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

## ମହାକାଶ ସମ୍ବନ୍ଧୀୟ ଆନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ଅନୁଷ୍କା ବିଜୟୀ



ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ନାସାରୁ ଫେରିଥିବା ଛାତ୍ରୀଛାତ୍ର।

**ବାଲେଶ୍ୱର ଅଫିସ, ୨୧।୪**

ବାଲେଶ୍ୱର ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲର ୧୩ଜଣ ଛାତ୍ରୀଛାତ୍ର ଆମେରିକା କେନେଡ଼ି ସ୍ପେଶ୍ ସେଣ୍ଟର ନାସାରେ ଆୟୋଜିତ ଅନ୍ତର୍ଜାତିକ ଅନ୍ତରୀକ୍ଷ ବିଜ୍ଞାନ ସମ୍ମିଳନୀରେ ଗତ ଏପ୍ରିଲ ୧୩, ୧୪ ଓ ୧୫ତାରିଖରେ ଯୋଗଦେଇଥିଲେ। ମହାକାଶ ସମ୍ବନ୍ଧୀୟ ଅନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ନବମ ଶ୍ରେଣୀର ଛାତ୍ରୀ ଅନୁଷ୍କା ରାୟ ବିଜୟୀ ହୋଇଛନ୍ତି। ଏହି ସଫଳତା କେବଳ ଜିଲା ପାଇଁ ନୁହେଁ ରାଜ୍ୟ ତଥା ଦେଶ ପାଇଁ ଗୌରବ ବୋଲି ରବିବାର ଅପରାହ୍ନ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ସିଷ୍ଟର କ୍ରିପା କହିଛନ୍ତି। ଛାତ୍ରୀଛାତ୍ରମାନେ ନାସା ପରିଦର୍ଶନ କରି ମହାକାଶଚାରୀ ଡ. ୱିନ୍‌ସ୍‌ଟନ୍ ସ୍କଟ, ଫ୍ଲୋରିଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ନିର୍ଦ୍ଦେଶକ ଡ. ନାଥାଲିୟନ୍ ମିଲର ଓ ଅନ୍ୟାନ୍ୟ ବୈଜ୍ଞାନିକଙ୍କ ସହିତ ସାକ୍ଷାତ୍ କରି ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ କରିଥିବା ପ୍ରକାଶ କରିଛନ୍ତି। ନବମ ଶ୍ରେଣୀର ଛାତ୍ରୀ ଅନୁଷ୍କା ରାୟ ମହାକାଶ ସମ୍ବନ୍ଧୀୟ ଅନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ବିଜେତା ଘୋଷିତ ହୋଇ ୧୦ହଜାର ଡଲାର ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ସୁସ୍ଥ ପରିବେଶ, ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ଉତ୍ତମ ଶିକ୍ଷାଦାନ ଏବଂ ଅନୁଶାସନ ଛାତ୍ରୀଛାତ୍ରମାନଙ୍କୁ ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇଥାଏ ବୋଲି ଅଭିଭାବକମାନେ ମତ ରଖିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷୟିତ୍ରୀ ମମତା ଦାସ ଉପସ୍ଥିତ ଥିଲେ। ଏକାଦଶ ଶ୍ରେଣୀ ଛାତ୍ର କ୍ରୀଷ୍ଣା ବେହେରା, ଆୟୁଷ ଖଣ୍ଡେଲୱାଲ, ଦଶମ ଶ୍ରେଣୀ ଛାତ୍ରୀ ଦୀକ୍ଷା ଗୁପ୍ତା, ଆଦିତି ବିଶ୍ୱାଳ, ଛାତ୍ର ରାଘବ ଖଣ୍ଡେଲୱାଲ, ହାର୍ଦ୍ଦିକ ମହାପାତ୍ର, ସୌମ୍ୟଦର୍ଶନ କମିଳା, ନବମ ଶ୍ରେଣୀ ଛାତ୍ରୀ ଶିବାଙ୍ଗୀ ଶାହା, ଛାତ୍ର ରୁଦ୍ର ଗୁପ୍ତା, ଛାତ୍ର କ୍ରୀଶୟ ଅଗ୍ରୱାଲ, ନିଲାଞ୍ଜନ ଜେନା, ଅଷ୍ଟମ ଶ୍ରେଣୀ ଛାତ୍ରୀ ବନଜା ବନଶ୍ରୀ ଉପସ୍ଥିତ ରହି ନିଜ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ରେମୁଣା, ୨୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ସେରଗଡ଼ ଫାଣ୍ଡି ସମ୍ମୁଖରେ ରବିବାର ପୂର୍ବାହ୍ନ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ଚରମ୍ପା ନିକଟ ପଥରଆଡ଼ି ଗ୍ରାମର ମୁକ୍ତିକାନ୍ତ ସାମନ୍ତଙ୍କ ପୁଅ ସୌମ୍ୟରଞ୍ଜନ (୩୦)। ଶେରଗଡ଼ ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବାଲେଶ୍ୱର ସଦର ହସ୍‌ପିଟାଲକୁ ପଠାଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ସୌମ୍ୟରଞ୍ଜନ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ସାମନ୍ତ ନିଜ ବୁଲେଟ୍ (ନଂ.ଓଡ଼ି୨୨ଜେ-୯୨୨୨)ରେ ବାହାରିଥିଲେ। ଜାତୀୟ ରାଜପଥ ସେରଗଡ଼ ଟୋଲ୍‌ଗେଟ୍ ପୂର୍ବରୁ ଫାଣ୍ଡି ସମ୍ମୁଖରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଟ୍ରେଲର୍ (ନଂ.ଏନ୍‌ଏଲ୍୦୧କ୍ୟୁ-୯୦୦୭) ତାଙ୍କୁ ପଛପଟରୁ ଧକ୍କା ଦେବାରୁ ସୌମ୍ୟରଞ୍ଜନ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଫାଣ୍ଡି ଅଧିକାରୀ ଉଭୟ ଟ୍ରେଲର ଓ ବାଇକ୍‌କୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ସଦର ହସ୍‌ପିଟାଲକୁ ପଠାଇଛି।

Admission Open 2019 for UG & PG Courses
Scholarship for meritorious students
BGU BIRLA GLOBAL UNIVERSITY Bhubaneswar
Web: www.bgu.ac.in
Ph. No.: 9776129900
Tollfree Helpline:
1-800-212-3001




For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.

*Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits are applicable only on select variants of 2019 manufacturing. Additional offers available on select stocks only. The abovementioned offers are valid till 30th April, 2019. ^^0% Rate of Interest is calculated on a loan amount of ₹ 205 312/- for a tenure of 18 months. Rate of interest may vary based on loan amount and tenure. Finance at sole discretion of Renault Finance. **Warranty of 4 years include (Manufacturer Warranty of 2 Years or 50 000 km + Extended Warranty of 2 Years or 50 000 km). ##Price mentioned is ex-showroom price for the RxE Petrol. Offers mentioned are for Diesel versions only. ^0% Rate of Interest is calculated on a loan amount of ₹ 727 000/- for a period of 18 months. Rate of interest may vary based on loan amount and tenure. Finance at sole discretion of Renault Finance. ^^^Insurance through Renault Assured only. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India, and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in

SHOWROOMS: ODISHA: SAMBALPUR: RENAULT Sambalpur Mob: +91 8860048351. BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +91 7290055349. ROURKELA: RENAULT Rourkela Mob: + 91 8860875802.

L&K | SAATCHI & SAATCHI




Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ